ଧରିତ୍ରୀ
DHARITRI
ଧରିତ୍ରୀ 50 Years
ପୃଷ୍ଠା-୧୨+୮
ଭୁବନେଶ୍ୱର, ରବିବାର, ଏପ୍ରିଲ ୨୮/୨୦୨୪ (୧୨+୮=୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, April 28/2024 Page 20 ₹ 7.00 | SAMBALPUR
୫୦ଶ ଭାଗ ୧୫୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 154 ମୂଲ୍ୟ ₹୭/-





## ପ୍ରେମିକ ଶାନ୍ତନୁଙ୍କ ସହ ଶ୍ରୁତିଙ୍କ ବ୍ରେକ୍‌ଅପ୍

ଏକ ରିପୋର୍ଟ ଅନୁଯାୟୀ ଅଭିନେତ୍ରୀ ଶ୍ରୁତି ହାସନ ଓ ତାଙ୍କ ଦୀର୍ଘ ଦିନର ବୟଫ୍ରେଣ୍ଡ ଶାନ୍ତନୁ ହଜାରିକାଙ୍କ ମଧ୍ୟରେ ବ୍ରେକ୍‌ଅପ୍ ହୋଇଛି। ୦୨

୧୨ ## ଜ୍ୟୋତି ସୁରେଖାଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ସାଂଘାଇରେ ଆର୍ଚେରୀ ବିଶ୍ୱକପ୍‌ର ଷ୍ଟେଜ୍-୧ରେ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ଜିତିଛନ୍ତି ଭାରତୀୟ ମହିଳା ତୀରନ୍ଦାଜ ଜ୍ୟୋତି ସୁରେଖା ଭେନମ।




# ଭାରତୀୟ ମସଲାକୁ ଆମେରିକାର ସନ୍ଦେହ

**ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ ଭଳି ଭାରତୀୟ ମସଲାରେ କ୍ୟାନ୍‌ସର ସୃଷ୍ଟିକାରୀ କେମିକାଲ ମିଶୁଥିବା କହି ହଂକଂ ଓ ସିଙ୍ଗାପୁର କିଛିଦିନ ହେଲା ଏହାର ବିକ୍ରି ଉପରେ ରୋକ ଲଗାଇଛନ୍ତି। ଏହାପରେ ଭାରତର କୋଣ ଅନୁକୋଣରେ ପ୍ୟାକେଟ ମସଲା ବ୍ୟବହାରକୁ ନେଇ ଲୋକଙ୍କ ମନରେ ଭୟ ପଶିଛି। ସରକାରଙ୍କ ପକ୍ଷରୁ ମସଲା ନମୁନାର ଉପଯୁକ୍ତ ଯାଞ୍ଚ ହେଉ ନ ଥିବାରୁ ସେଥିରେ ମିଶୁଥିବା ବିଷାକ୍ତ ପଦାର୍ଥ ସମ୍ପର୍କରେ ଲୋକେ ଜାଣିପାରୁ ନାହାନ୍ତି। କମ୍ପାନୀଗୁଡ଼ିକ ଏହାର ଫାଇଦା ନେଇ ଚାଲିଥିବା ସମ୍ପର୍କିତ ରିପୋର୍ଟ ଧରିତ୍ରୀରେ ଚଳିତ ମାସ ୨୫ରେ ପ୍ରକାଶ ପାଇଛି। ଇତିମଧ୍ୟରେ ଭାରତୀୟ ମସଲାର ଚାହିଦା ରହିଥିବା ଅନେକ ଦେଶକୁ ଆତଙ୍କ ବ୍ୟାପିଲାଣି। ଆମେରିକା ନିଜ ନାଗରିକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଦୃଷ୍ଟିରୁ ଭାରତୀୟ ମସଲାଗୁଡ଼ିକ ଉପରେ ସନ୍ଦେହ କରି ତନାଘନା ଆରମ୍ଭ କରିଛି।**







ହାଇଦ୍ରାବାଦ/ୱାଶିଂଟନ୍,୨୭।୪

ଭାରତୀୟ କମ୍ପାନୀ ଏମ୍‌ଡିଏଚ୍‌ର ୩ଟି ଏବଂ ଏଭରେଷ୍ଟର ଗୋଟିଏ ମସଲାରେ ଇଥାଇଲିନ୍ ଅକ୍ସାଇଡ୍ ମାତ୍ରା ଅନୁମୋଦନ ସୀମାଠାରୁ ଅଧିକ ରହିଥିବା ହଂକଂ ଏବଂ ସିଙ୍ଗାପୁରର ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ସତର୍କ କରାଇବା ପରେ ଭାରତୀୟ ମସଲା ଉପରେ ଆମେରିକାର ସନ୍ଦେହ ଘନୀଭୂତ ହୋଇଛି। ଉକ୍ତ ମସଲାରେ କ୍ୟାନ୍‌ସର ସୃଷ୍ଟିକାରୀ କୀଟନାଶକ ଅଧିକ ପରିମାଣରେ ରହିଥିବା ଦର୍ଶାଇ ହଂକଂ ଏବଂ ସିଙ୍ଗାପୁର ଏହାର ବିକ୍ରି ବନ୍ଦ କରିଦେଇଥିବାରୁ ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ଭାରତୀୟ ମସଲାଗୁଡ଼ିକ ଉପରେ ଅତିରିକ୍ତ ତଥ୍ୟ ସଂଗ୍ରହ କରୁଛି।

ଅନ୍ତର୍ଜାତୀୟ କ୍ୟାନ୍‌ସର ଗବେଷଣା ସଂସ୍ଥା ଇଥାଇଲିନ୍ ଅକ୍ସାଇଡ୍‌କୁ ଗ୍ରୁପ୍-୧ କ୍ୟାନ୍‌ସର ସୃଷ୍ଟିକାରୀ ଉପାଦାନ ଭାବେ ସ୍ଥାନିତ କରିଛି। ଏମ୍‌ଡିଏଚ୍‌ର ମାଦ୍ରାସ କରି ପାଉଡର, ସମ୍ବର ମସଲା ଏବଂ କରି ପାଉଡର ସମେତ ଏଭରେଷ୍ଟର ଫିଶ୍ କରି ମସଲାରେ ଇଥାଇଲିନ୍ ଅକ୍ସାଇଡ୍ ରହିଥିବା ଗତ ୫ ତାରିଖରେ ହଂକଂର ଖାଦ୍ୟ ସୁରକ୍ଷା କେନ୍ଦ୍ର (ସିଏଫ୍‌ଏସ୍) ୱେବ୍‌ସାଇଟ୍‌ରେ ପୋଷ୍ଟ କରିଥିଲା। ଏଥିସହିତ ଉପରୋକ୍ତ ମସଲାଗୁଡ଼ିକର ବିକ୍ରି ତୁରନ୍ତ ବନ୍ଦ କରିବା ସହ ଏହାକୁ ଦୋକାନରୁ ହଟାଇବା ପାଇଁ ସିଏଫ୍‌ଏସ୍ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲା। ଅନୁରୂପ କାରଣ ପାଇଁ ସିଙ୍ଗାପୁର ଫୁଡ୍ ଏଜେନ୍ସିଜ୍ (ଏସ୍‌ଏଫ୍‌ଏ) ମଧ୍ୟ ଏଭରେଷ୍ଟ ଫିଶ୍ କରି ମସଲାକୁ ପ୍ରତ୍ୟାହାର କରିନେବା ପାଇଁ ଆମଦାନିକାରୀ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲା। ଇଥାଇଲିନ୍ ଅକ୍ସାଇଡ୍ ମାନବ ଖାଦ୍ୟ ପାଇଁ ଅନୁପଯୁକ୍ତ ଏବଂ ଏହାକୁ ଦୀର୍ଘଦିନ ଖାଇଲେ କ୍ୟାନ୍‌ସର ସୃଷ୍ଟି ହେବା ଆଶଙ୍କା ରହିଛି ବୋଲି ଏସ୍‌ଏଫ୍‌ଏ କହିଥିଲା। ଅନ୍ୟପକ୍ଷରେ ଏଭରେଷ୍ଟ ଏହାର ମସଲାକୁ ଖାଇବା ପାଇଁ ନିରାପଦ ବୋଲି ୪ ଦିନ ପୂର୍ବରୁ ଦାବି କରିଥିଲା। ଭାରତର ସ୍ପାଇସ୍ ବୋର୍ଡ ଲାବରେଟୋରିଗୁଡ଼ିକର ଆବଶ୍ୟକ ମଞ୍ଜୁରୀ ଏବଂ ଅନୁମୋଦନ ପରେ ମସଲାକୁ ରପ୍ତାନି ପାଇଁ ପଠାଯାଇଥାଏ ବୋଲି ଏଭରେଷ୍ଟ କହିଥିଲା। ତେବେ ଏମ୍‌ଡିଏଚ୍ ଏହାର ଉତ୍ପାଦ ଉପରେ କୌଣସି ପ୍ରଶ୍ନର ଜବାବ ଦେଇନାହିଁ।

ଭାରତରେ ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ ମସଲା ବେଶ୍ ଲୋକପ୍ରିୟ ହୋଇଥିବାବେଳେ ଏହା ୟୁରୋପ, ଏସିଆ ଏବଂ ଉତ୍ତର ଆମେରିକାରେ ମଧ୍ୟ ବିକ୍ରି ହେଉଛି। ୨୦୨୨-୨୩ ବର୍ଷରେ ଉକ୍ତ ଦେଶଗୁଡ଼ିକୁ ମୋଟ ୪ ବିଲିୟନ ଡଲାର ମୂଲ୍ୟର ଏଭରେଷ୍ଟ ଏବଂ ଏମ୍‌ଡିଏଚ୍ ମସଲା ରପ୍ତାନି ହୋଇଥିବା ସ୍ପାଇସ୍ ବୋର୍ଡ ତଥ୍ୟରୁ ଜଣାପଡ଼ିଛି। ହଂକଂ ଏବଂ ସିଙ୍ଗାପୁରର ଅଭିଯୋଗ ପରେ ଭାରତର ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ (ଏଫ୍‌ଏସ୍‌ଏସ୍‌ଏଆଇ) ଉକ୍ତ ଦୁଇ କମ୍ପାନୀର ବିଭିନ୍ନ ମସଲାର ମାନ ଯାଞ୍ଚ କରୁଛି। ମସଲା ରପ୍ତାନି ପାଇଁ ଥିବା ଭାରତର ସ୍ପାଇସ୍ ବୋର୍ଡ ଗତ ବୁଧବାର ହଂକଂ ଏବଂ ସିଙ୍ଗାପୁର କର୍ତ୍ତୃପକ୍ଷଙ୍କଠାରୁ ଏମ୍‌ଡିଏଚ୍ ଏବଂ ଏଭରେଷ୍ଟ ମସଲା ରପ୍ତାନିର ତଥ୍ୟ ମାଗିଛି। ମସଲା ମାନ ଖରାପ ହେବାର ମୂଳ କାରଣ ଜାଣିବା ପାଇଁ ସ୍ପାଇସ୍ ବୋର୍ଡ ମସଲା କମ୍ପାନୀ ସହ କାମ କରୁଛି। ସୂଚନାଯୋଗ୍ୟ, ୨୦୧୯ରେ ଏମ୍‌ଡିଏଚ୍ ମସଲାରେ ସଲ୍‌ମୋନେଲା ନାମକ ବ୍ୟାକ୍ଟେରିଆ ମିଶିଥିବା ଜଣାପଡ଼ିବା ପରେ ଆମେରିକାରୁ ଏହାକୁ ପ୍ରତ୍ୟାହାର କରାଯାଇଥିଲା। ୨୦୨୦ ସେପ୍ଟେମ୍ବରରୁ ୨୦୨୪ ଏପ୍ରିଲ ମଧ୍ୟରେ ୫୨୭ ପ୍ରକାର ଭାରତୀୟ ଖାଦ୍ୟରେ କ୍ୟାନ୍‌ସର ସୃଷ୍ଟିକାରୀ ଇଥାନଲ ଅକ୍ସାଇଡ ମିଳିଥିବା ୟୁରୋପୀୟ ସଂଘ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ ଯାଞ୍ଚବେଳେ ଜାଣିବାକୁ ପାଇଛନ୍ତି। ତେବେ ଭାରତରେ ପ୍ରସ୍ତୁତ ହେଉଥିବା ମସଲା ଓ ଅନ୍ୟ ଖାଦ୍ୟ ସାମଗ୍ରୀଗୁଡ଼ିକର ମାନକୁ ନେଇ କେନ୍ଦ୍ର ସରକାର ଉପଯୁକ୍ତ ପଦକ୍ଷେପ ନେଉ ନ ଥିବାରୁ ଦେଶବାସୀଙ୍କ ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ଆଶଙ୍କା ଉପୁଜିଛି।

## ୪ ଦିନ ତାତିରୁ ନିସ୍ତାର ନାହିଁ

ଭୁବନେଶ୍ୱର, ୨୭।୪
(ଅସମାପିକା ସାହୁ)

ଜଳୁଛି ସାରା ଓଡ଼ିଶା। ପଶ୍ଚିମା ଓ ଉତ୍ତର-ପଶ୍ଚିମା ଶୁଷ୍କ ବାୟୁ ପ୍ରବାହ ଯୋଗୁ ରାଜ୍ୟରେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆସନ୍ତା ୪ଦିନ ରାଜ୍ୟରେ ତାତିରୁ ନିସ୍ତାର ନାହିଁ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପ୍ରବଳ ଗ୍ରୀଷ୍ମ ପ୍ରବାହ ନେଇ ବିଭିନ୍ନ ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଶନିବାର ୪୪.୭ ଡିଗ୍ରୀ ସେଲ୍‌ସିୟସ୍ ସହ ଅନୁଗୋଳ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ଥିବାବେଳେ ୪୪.୬ ଡିଗ୍ରୀ ସହିତ ଭୁବନେଶ୍ୱର ଦ୍ୱିତୀୟ ଏବଂ ୪୪.୨ ଡିଗ୍ରୀ ସହିତ ବାରିପଦା ତୃତୀୟ ଉତ୍ତପ୍ତ ସହର ରହିଥିଲା। ୩୩ ସହରରେ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ କିମ୍ବା ଅଧିକ ରେକର୍ଡ କରାଯାଇଥିବା ବେଳେ ୧୪ ସହରରେ ୪୩ ଡିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ର ସୂଚନାନୁଯାୟୀ, ବୌଦ୍ଧ, ଢେଙ୍କାନାଳ ଓ ଭବାନୀପାଟଣାରେ ୪୩.୭, ନୂଆପଡ଼ା ଓ ଝାରସୁଗୁଡ଼ାରେ ୪୩.୬, ବଲାଙ୍ଗୀର, ଯାଜପୁର, ତାଳଚେର ଓ ନୟାଗଡ଼ରେ ୪୩.୫, କଟକ ୪୩.୪, ଟିଟିଲାଗଡ଼ ୪୩, ସୁନ୍ଦରଗଡ଼ ଓ ପାରଳାଖେମୁଣ୍ଡିରେ ୪୨.୮, ମାଲକାନଗିରି ଓ ରାଉରକେଲାରେ ୪୨.୭, ଜଗତସିଂହପୁର ୪୨.୫, ଚାନ୍ଦବାଲି ୪୨.୪, ସମ୍ବଲପୁର, ଭଦ୍ରକ ଓ କେନ୍ଦ୍ରାପଡ଼ାରେ ☞ପୃଷ୍ଠା-୫


ଆଜିର ସମ୍ପାଦକୀୟ
ହିନ୍ଦୁତ୍ୱର ସଙ୍କେତ





## ୨ ବିଜେଡି ବିଧାୟକଙ୍କ ଟିକେଟ କଟିଲା

ଭୁବନେଶ୍ୱର,୨୭।୪
(ଅନିଲ ଦାସ)

| ବିଧାନସଭା ପ୍ରାର୍ଥୀ | |
|---|---|
| ଖୋର୍ଦ୍ଧା | ରାଜେନ୍ଦ୍ର ସାହୁ |
| ବେଗୁନିଆ | ପ୍ରଦୀପ ସାହୁ |
| ଭୋଗରାଇ | ଗୌତମବୁଦ୍ଧ ଦାସ |

ବିଜୁ ଜନତା ଦଳ ଅଷ୍ଟମ ପର୍ଯ୍ୟାୟରେ ଆଉ ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଶନିବାର ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛନ୍ତି। ଭୋଗରାଇରୁ ନବାଗତ ଗୌତମବୁଦ୍ଧ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଥିବା ବେଳେ ବେଗୁନିଆରୁ ପ୍ରଦୀପ ସାହୁ ଓ ଖୋର୍ଦ୍ଧାରୁ ରାଜେନ୍ଦ୍ର ସାହୁ ପ୍ରାର୍ଥୀ ହୋଇଛନ୍ତି। ତେବେ ଭୋଗରାଇ ବିଧାୟକ ଅନନ୍ତ ଦାସ ଓ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କର ଟିକେଟ କଟିଛି। ଜ୍ୟୋତିରିନ୍ଦ୍ରଙ୍କ ବଦଳରେ ବିଜେଡି ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି। ରାଜେନ୍ଦ୍ର ସାହୁ ୨୦୧୪ରେ ଖୋର୍ଦ୍ଧାରୁ ପ୍ରାର୍ଥୀ ହୋଇଥିବାବେଳେ ୨୦୧୯ରେ ବିଜେଡି ତାଙ୍କୁ ବେଗୁନିଆରୁ ପ୍ରାର୍ଥୀ କରିଥିଲା। ତେବେ ବିଜେଡିରୁ ବହିଷ୍କୃତ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କୁ ଭାଜପା ଖୋର୍ଦ୍ଧାରେ ପ୍ରାର୍ଥୀ କରିଛି। ଏହି ଆସନରେ ଦୁଇ ପୁରୁଖା ନେତାଙ୍କ ମଧ୍ୟରେ ଲଢ଼େଇ ଜୋରଦାର ହେବା ନେଇ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୨୦୧୯ରେ ଭାଜପାରୁ ଖୋର୍ଦ୍ଧା ପ୍ରାର୍ଥୀ ହୋଇଥିବା କାଳୁଚରଣ ଖଣ୍ଡେଇତିରାୟ ବିଜେଡି ପ୍ରାର୍ଥୀ ଜ୍ୟୋତିରିନ୍ଦ୍ରଙ୍କୁ କଡ଼ା ଟକ୍କର ଦେଇଥିଲେ। ଜ୍ୟୋତିରିନ୍ଦ୍ର ୮୪,୫୫୩ ଖଣ୍ଡ ଭୋଟ ପାଇଥିବା ବେଳେ କାଳୁଚରଣ ୭୪,୫୧୦ ଖଣ୍ଡ ଭୋଟ ପାଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ କାଳୁଚରଣ ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ତାଙ୍କ ସମର୍ଥକମାନେ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଆସି ପ୍ରଶାନ୍ତ ଜଗଦ୍ଦେବଙ୍କ ☞ପୃଷ୍ଠା-୫

## ଖୋର୍ଦ୍ଧାରୁ ପ୍ରଶାନ୍ତ, ସାଲେପୁରରୁ ଅରିନ୍ଦମ ଭାଜପା ପ୍ରାର୍ଥୀ

ଭୁବନେଶ୍ୱର,୨୭।୪
(ଅନିଲ ଦାସ)

| ବିଧାନସଭା ପ୍ରାର୍ଥୀ | |
|---|---|
| ତେଲକୋଇ | ଫକୀର ମୋହନ ନାଏକ |
| ଚମ୍ପୁଆ | ମୁରଲୀ ମନୋହର ଶର୍ମା |
| ବସ୍ତା | ରବୀନ୍ଦ୍ର ଅଣ୍ଡିଆ |
| ବାସୁଦେବପୁର | ବାଣୀକଲ୍ୟାଣ ମହାନ୍ତି |
| ହିନ୍ଦୋଳ | ସୀମାରାଣୀ ନାୟକ |
| ସାଲେପୁର | ଅରିନ୍ଦମ ରାୟ |
| କେନ୍ଦ୍ରାପଡ଼ା | ଗୀତାଞ୍ଜଳି ସେଠୀ |
| ଖୋର୍ଦ୍ଧା | ପ୍ରଶାନ୍ତ କୁମାର ଜଗଦ୍ଦେବ |

ଭାଜପା ଶନିବାର ଆଉ ୮ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ଦଳ ଖୋର୍ଦ୍ଧାରୁ ପ୍ରଶାନ୍ତ ଜଗଦ୍ଦେବଙ୍କୁ ପ୍ରାର୍ଥୀ କରିଥିବାବେଳେ ତେଲକୋଇରୁ ଫକୀର ମୋହନ ନାଏକ, ଚମ୍ପୁଆରୁ ମୁରଲୀ ମନୋହର ଶର୍ମା, ବସ୍ତାରୁ ରବୀନ୍ଦ୍ର ଅଣ୍ଡିଆ, ବାସୁଦେବପୁରରୁ ବାଣୀକଲ୍ୟାଣ ମହାନ୍ତି, ହିନ୍ଦୋଳରୁ ସୀମାରାଣୀ ନାୟକ, ସାଲେପୁରରୁ ଅରିନ୍ଦମ ରାୟ ଏବଂ କେନ୍ଦ୍ରାପଡ଼ାରୁ ଗୀତାଞ୍ଜଳି ସେଠୀଙ୍କୁ ପ୍ରାର୍ଥୀ କରିଛି।

ବିଜେଡି ଛାଡ଼ି ଭାଜପାରେ ଯୋଗ ଦେଇଥିବା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଅରିନ୍ଦମ ରାୟ ଏବଂ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକଙ୍କୁ ଟିକେଟ ମିଳିଛି। ଖୋର୍ଦ୍ଧାରେ ପ୍ରଶାନ୍ତ ଜଗଦ୍ଦେବଙ୍କ ସହିତ ବିଜେଡି ପ୍ରାର୍ଥୀ ତଥା ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ମଧ୍ୟରେ କଡ଼ା ଟକ୍କର ହେବ। ଉଭୟ ପୂର୍ବରୁ ଗୋଟିଏ ଦଳରେ ଥିଲେ। ଏବେ ଦୁଇ ଅଭିଜ୍ଞ ନେତାଙ୍କ ମଧ୍ୟରେ କଡ଼ା ମୁକାବିଲା ହେବ। ଅନ୍ୟପକ୍ଷରେ ୨୦୧୯ରେ ଖୋର୍ଦ୍ଧାରେ ଭାଜପା ପ୍ରାର୍ଥୀ ହୋଇଥିବା କାଳୁଚରଣ ଖଣ୍ଡେଇତିରାୟ ପ୍ରଶାନ୍ତଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରନ୍ତି। ସେ ପୁଣି ଖୋର୍ଦ୍ଧାରୁ ☞ପୃଷ୍ଠା-୫




## ନ୍ୟୁୟର୍କ ଯିବ ଦମନ, ପ୍ରତୀକ୍ଷା

ଭୁବନେଶ୍ୱର, ୨୭।୪
(ଶର୍ମିଷ୍ଠା ପାଣିଗ୍ରାହୀ)







ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏକ ଖୁସି ଓ ଗର୍ବର ଖବର। ନିକଟରେ ଓଡ଼ିଆ ସିନେମାରେ ଚର୍ଚ୍ଚାରେ ଥିବା ଦୁଇଟି ଚଳଚ୍ଚିତ୍ର 'ଦମନ' ଓ 'ପ୍ରତୀକ୍ଷା' ନ୍ୟୁୟର୍କ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। ପ୍ରଥମ ଥର ପାଇଁ ଦୁଇଟି ଓଡ଼ିଆ ସିନେମା ଏହି ଫେଷ୍ଟିଭାଲ ନିମନ୍ତେ ମନୋନୀତ ହୋଇଥିବାରୁ ସବୁଠି ଖୁସିର ଲହରି ଖେଳିଯାଇଛି। ମେ' ୧ରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ଏହି ଫେଷ୍ଟିଭାଲ ନ୍ୟୁୟର୍କର ଭିଲେଜ ଇଷ୍ଟ ବାଏ ଆଞ୍ଜେଲିକାରେ ଅନୁଷ୍ଠିତ ହେବ। ୟୁନାଇଟେଡ୍ ଷ୍ଟେଟ୍‌ସରେ ଏହା ସବୁଠୁ ବଡ଼ ଫିଲ୍ମ ଫେଷ୍ଟିଭାଲ। ଓଡ଼ିଆ ସିନେମାକୁ ୮୯ ବର୍ଷ ହୋଇଥିବା ବେଳେ ଏଭଳି ଖବର ପୂରା ଇଣ୍ଡଷ୍ଟ୍ରି ଓ ସିନେପ୍ରେମୀଙ୍କ ପାଇଁ ଏକ ବଡ଼ ଭେଟି ଆଣିଦେଇଛି।

ଏ ସମ୍ପର୍କରେ 'ପ୍ରତୀକ୍ଷା'ର ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକ କହିଛନ୍ତି, ବହୁତ ଖୁସିର କଥା 'ପ୍ରତୀକ୍ଷା' ମନୋନୀତ ହୋଇଛି। କେବଳ 'ପ୍ରତୀକ୍ଷା' ନୁହେଁ ଅନ୍ୟ ଏକ ଓଡ଼ିଆ ଚଳଚ୍ଚିତ୍ର 'ଦମନ' ମଧ୍ୟ ମନୋନୀତ ହୋଇଛି। ପୂରା ଓଡ଼ିଆ ଇଣ୍ଡଷ୍ଟ୍ରି ପାଇଁ ଏହା ଖୁସିର କଥା ଓ ଗର୍ବର ବିଷୟ। ☞ପୃଷ୍ଠା-୫

**ପୁନମ୍‌ଙ୍କ ସ୍ଥାନରେ ଉଜ୍ଜ୍ୱଳ ନିକମ ଭାଜପା ପ୍ରାର୍ଥୀ**

ବର୍ତ୍ତମାନର ଏମ୍‌ପି ପୁନମ୍ ମହାଜନଙ୍କୁ ଭାଜପା ମୁମ୍ବାଇ ଉତ୍ତର କେନ୍ଦ୍ରୀୟ ଆସନରୁ ବାଦ୍ ଦେଇ ତାଙ୍କ ସ୍ଥାନରେ ଖ୍ୟାତନାମା ଆଇନଜୀବୀ ଉଜ୍ଜ୍ୱଳ ଦେଓରାଓ ନିକମ୍‌ଙ୍କୁ ପ୍ରାର୍ଥୀ କରିଛି। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ମାମଲାରେ ନିକମ ସରକାରଙ୍କ ଓକିଲ ଥିଲେ। ଭାଜପାର ଦିବଂଗତ ନେତା ପ୍ରମୋଦ ମହାଜନଙ୍କ ଝିଅ ପୁନମ୍ ଏହି ଆସନରୁ ୨୦୧୪ ଏବଂ ୨୦୧୯ରେ ନିର୍ବାଚିତ ହୋଇଥିଲେ।

## ସଂକ୍ଷେପରେ

### ମଣିପୁରରେ ଉଗ୍ରପନ୍ଥୀଙ୍କ ଆକ୍ରମଣ: ୨ ଯବାନ ନିହତ

ନୂଆଦିଲ୍ଲୀ,୨୭।୪

ମଣିପୁରରେ ସନ୍ଦିଗ୍ଧ କୁକି ଉଗ୍ରପନ୍ଥୀଙ୍କ ଆକ୍ରମଣରେ ସିଆର୍‌ପିଏଫ୍‌ର ୨ ଯବାନ ନିହତ ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି। ରାଜଧାନୀ ଇମ୍ଫାଲଠାରୁ ୪୫ କି.ମି. ଦୂର ବିଷ୍ଣୁପୁର ଜିଲାର ନାରନସେଇନା ଗ୍ରାମରେ ଥିବା ଇଣ୍ଡିଆନ ରିଜର୍ଭ ବାଟାଲିୟନ୍ ଉପରେ ଶନିବାର ଉଗ୍ରପନ୍ଥୀମାନେ ଆକ୍ରମଣ କରିଥିଲେ। ସେମାନେ ଯବାନଙ୍କ କ୍ୟାମ୍ପଠାରୁ ଅଳ୍ପ ଦୂରରେ ରହି ଗୁଳି ଚଳାଇଥିଲେ ବୋଲି ପୋଲିସ କହିଛି। ଆକ୍ରମଣରେ ସେମାନେ ପମ୍ପି ଗନ୍ ଏବଂ ମୋର୍ଟାର ମଧ୍ୟ ବ୍ୟବହାର କରିଥିଲେ। ପାହାଡ଼ରେ ଲୁଚି ରହିଥିବା ଉଗ୍ରପନ୍ଥୀମାନେ ଆଗକୁ ଅଧିକ ଆକ୍ରମଣ କରିପାରନ୍ତି ବୋଲି ପୋଲିସ ସୂତ୍ରରୁ କୁହାଯାଇଛି।

### ନୈନିତାଲରେ ବ୍ୟାପୁଛି ଜଙ୍ଗଲ ନିଆଁ: ବାୟୁସେନା ହେଲିକପ୍ଟର ନିୟୋଜିତ

ଡେରାଡୁନ୍,୨୭।୪

ଉତ୍ତରାଖଣ୍ଡର ନୈନିତାଲ ଜିଲାରେ ଜଙ୍ଗଲ ନିଆଁ ବ୍ୟାପିଚାଲିଥିବାବେଳେ ଏହାକୁ ଲିଭାଇବାରେ ସହାୟତା ପାଇଁ ବାୟୁସେନା ହେଲିକପ୍ଟରକୁ ନିୟୋଜିତ କରାଯାଇଛି। ଶୁକ୍ରବାର ଜଙ୍ଗଲ ନିଆଁ ପାଇନ୍ସ ଅଞ୍ଚଳର ହାଇକୋର୍ଟ କଲୋନି ନିକଟରେ ପହଞ୍ଚିଥିବାବେଳେ ସରକାରଙ୍କ ଚିନ୍ତା ବଢ଼ାଇ ଦେଇଛି। ଏମ୍‌ଆଇ-୧୭ ହେଲିକପ୍ଟର ନିକଟସ୍ଥ ହ୍ରଦରୁ ଜଳ ସଂଗ୍ରହ କରି ଏହାକୁ ଜଳୁଥିବା ଜଙ୍ଗଲରେ ପକାଉଛି। ନିଆଁ ଲିଭାଇବା ପାଇଁ ସବୁ ପ୍ରକାର ଉଦ୍ୟମ ଜାରି ରହିଥିବା ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି କହିଛନ୍ତି। ସେ ହାଲଦ୍ୱାନିଠାରେ ଜଙ୍ଗଲ ବିଭାଗ ଅଧିକାରୀମାନଙ୍କ ସହ ବୈଠକରେ ସ୍ଥିତି ସମୀକ୍ଷା କରିଛନ୍ତି। ନୈନିତାଲର ୩୧ଟି ସ୍ଥାନରେ ନିଆଁ ଲାଗିଥିବାବେଳେ ୩୩.୩୪ ହେକ୍ଟର ଜଙ୍ଗଲ ନଷ୍ଟ ହୋଇଗଲାଣି।

### ବଡ଼ବାପାଙ୍କ ଅନ୍ତ୍ୟେଷ୍ଟିରେ ଯୋଗଦେବାକୁ ସୋରେନଙ୍କୁ ମିଳିଲାନି ଜାମିନ



ରାଞ୍ଚି,୨୭।୪

ଜମି ଦୁର୍ନୀତି ମାମଲାରେ ଜେଲରେ ଥିବା ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ତାଙ୍କ ବଡ଼ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟାରେ ଯୋଗଦେବା ପାଇଁ ୧୩ ଦିନ ଅନ୍ତରୀଣ ଜାମିନରେ ଯିବା ଲାଗି ଆବେଦନ କରିଥିଲେ। ତେବେ ରାଞ୍ଚିର ସ୍ୱତନ୍ତ୍ର ପିଏମ୍‌ଏଲ୍‌ଏ କୋର୍ଟ ତାଙ୍କୁ ଜାମିନ ଦେବାକୁ ମନା କରିଦେଇଛି। ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା (ଜେଏମ୍‌ଏମ୍) ପ୍ରତିଷ୍ଠାତା ଶିବୁ ସୋରେନଙ୍କ ବଡ଼ଭାଇ ରାଜାରାମ ସୋରେନଙ୍କର ଶନିବାର ପରଲୋକ ହୋଇଛି।

ଗତ ବୁଧବାର ସୁପ୍ରିମକୋର୍ଟରେ ସୋରେନ୍‌ଙ୍କ ମନିଲଣ୍ଡରିଂ ମାମଲାର ଶୁଣାଣି ବେଳେ ଆଇନଜୀବୀ କପିଲ ସିବଲ କହିଥିଲେ, ଫେବୃଆରୀ ୨୮ରୁ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲାବେଳେ ଏପର୍ଯ୍ୟନ୍ତ ନିଷ୍ପତ୍ତି ଶୁଣାଉ ନାହାନ୍ତି।

# ଥମୁନି ଇସ୍ରାଏଲ୍ ବିରୋଧୀ ବିକ୍ଷୋଭ

## ଆମେରିକାରେ ୫୫୦ ଛାତ୍ରୀଛାତ୍ର ଗିରଫ

ନ୍ୟୁୟର୍କ,୨୭।୪

ଗାଜାରେ ଇସ୍ରାଏଲ୍ ଆକ୍ରମଣକୁ ବିରୋଧ କରି ଆମେରିକାରେ ଛାତ୍ର ଆନ୍ଦୋଳନ ଜାରି ରହିଛି। ଶୀର୍ଷ ବିଶ୍ୱବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଏହି ଆନ୍ଦୋଳନରେ ସାମିଲ ହୋଇ ଇସ୍ରାଏଲ୍‌ରେ ପୁଞ୍ଜିନିବେଶ ଓ ଅସ୍ତ୍ରୋଯୋଗାଣ ବନ୍ଦ କରିବାକୁ ଦାବି କରିଛନ୍ତି। ସେମାନଙ୍କ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଛାତ୍ରୀଛାତ୍ର ଜିଦ୍‌ରେ ଅଟଳ ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୫୫୦ରୁ ଊର୍ଦ୍ଧ୍ୱ ଆନ୍ଦୋଳନରତ ଛାତ୍ରୀଛାତ୍ର ଗିରଫ ହେଲେଣି। ହାର୍ଭର୍ଡ, କଲମ୍ବିଆ, ୟାଲେ, ୟୁସି ବେର୍କେଲେ ଓ ଅନ୍ୟ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଇସ୍ରାଏଲ୍ ବିରୋଧରେ ବ୍ୟାପକ ଆନ୍ଦୋଳନ ଜାରି ରହିଛି।



ଆମେରିକାର ଏକ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

ଅନ୍ୟପକ୍ଷରେ ଅନଧିକୃତ ଭାବେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଥିବା ଅଭିଯୋଗ କରି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସେମାନଙ୍କୁ ହଟାଇଦେବା ପାଇଁ ପୋଲିସର ସହାୟତା ନେଉଛନ୍ତି। ଗତ ୨ ଦିନ ହେଲା ଆଇନ ପ୍ରବର୍ତ୍ତନକାରୀ ସଂସ୍ଥା ଆଟଲାଣ୍ଟାର ଏମୋରି ୟୁନିଭର୍ସିଟିରେ ଆନ୍ଦୋଳନରତ ଛାତ୍ରୀଛାତ୍ରଙ୍କ ହଟାଇବା ପାଇଁ ଟେସର ବ୍ୟବହାର କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କରୁଛି। ସେହିପରି ଅଷ୍ଟିନସ୍ଥିତ ଟେକ୍ସାସ ୟୁନିଭର୍ସିଟିରେ ବିକ୍ଷୋଭକାରୀଙ୍କୁ ଘୋଡ଼ା ସବାର ପୋଲିସ ଗୋଡ଼ାଇ ଘଉଡ଼ାଇଥିଲେ। ଏମୋରି ୟୁନିଭର୍ସିଟିରେ ପୋଲିସ ଜଣେ ପ୍ରଫେସରଙ୍କୁ ତଳେ ପକାଇଦେବା ପରେ ତାଙ୍କୁ ଗିରଫ କରୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ଗାଜାର ୩୪,୩୦୫ ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ସମର୍ଥନରେ ଛାତ୍ରୀଛାତ୍ର ଆନ୍ଦୋଳନ ଚଳାଇଛନ୍ତି।

# ଇଡି ଅଭିଯୋଗ ଭିତ୍ତିହୀନ

## ସୁପ୍ରିମକୋର୍ଟଙ୍କୁ ଜଣାଇଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୨୭।୪



ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସତ୍ୟପାଠର ଜବାବରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଶନିବାର ସୁପ୍ରିମକୋର୍ଟରେ କାଉଣ୍ଟର ଆଫିଡାଭିଟ୍ ଦାଖଲ କରିଛନ୍ତି। ତାଙ୍କୁ ଗିରଫ କରାଯିବାର ତରିକା ଓ ସମୟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ମନମାନି ସମ୍ପର୍କରେ ବହୁତ କିଛି କହୁଛି ବୋଲି କେଜ୍‌ରିୱାଲ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଛନ୍ତି। ତାଙ୍କ ଗିରଫଦାରି ପଛରେ ରାଜନୈତିକ ଷଡ଼ଯନ୍ତ୍ର ରହିଛି। ଇଡିର ଅଭିଯୋଗ ଅସ୍ପଷ୍ଟ ଓ ଭିତ୍ତିହୀନ। ଲୋକ ସଭା ନିର୍ବାଚନ ତାରିଖ ଘୋଷଣା ହେବା ଓ ନିର୍ବାଚନ ଆଚରଣ ବିଧି ଲାଗୁହେବା ପୂର୍ବରୁ ତାଙ୍କୁ ହାଜତକୁ ନିଆଯାଇଛି। ନିର୍ବାଚନ ସମୟରେ ରାଜନୈତିକ କାର୍ଯ୍ୟ ସର୍ବାଧିକ ହୋଇଥିବାବେଳେ କେଜ୍‌ରିୱାଲଙ୍କୁ ବେଆଇନ ଭାବେ ଗିରଫ କରାଯାଇ ତାଙ୍କ ଦଳ ପ୍ରତି ଅତ୍ୟନ୍ତ ପକ୍ଷପାତ କରାଯାଇଛି। ଲୋକ ସଭା ନିର୍ବାଚନ ବେଳେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ଅନୈତିକ ଭାବେ ସୁବିଧା ଦିଆଯାଉଛି। ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ସବୁ ଦଳଙ୍କୁ ସମାନ ସୁବିଧା ସୁଯୋଗ ଦିଆଯିବା ଜରୁରୀ ହୋଇଥିବାବେଳେ ତାଙ୍କୁ ବେଆଇନ ଭାବେ ଗିରଫ କରାଯାଇ ଏହା ସହ ସାଲିସ୍ କରାଯାଇଥିବା କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

ବିରୋଧୀ ଦଳ ଆମ୍ ଆଦ୍‌ମୀ ପାର୍ଟି ଓ ଏହାର ନେତାମାନଙ୍କୁ ତଳିତଳାନ୍ତ କରିଦେବା ପାଇଁ କେନ୍ଦ୍ର ସରକାର ଇଡି ଏବଂ ପିଏଲ୍‌ଏଲ୍‌ଏରେ ଏହାର ବ୍ୟାପକ କ୍ଷମତାର ଦୁରୁପଯୋଗ କରୁଛି। ଦକ୍ଷିଣ ଭାରତର ମଦ ବ୍ୟବସାୟୀମାନଙ୍କଠାରୁ ଆମ୍ ଆଦ୍‌ମୀ ପାର୍ଟି ଲାଞ୍ଚ ନେଇଥିବାର କୌଣସି ପ୍ରମାଣ ନାହିଁ। ଏପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା ଟଙ୍କାଟିଏ ମଧ୍ୟ ଜବତ କରିପାରି ନାହିଁ। ତେଣୁ ଇଡିର ଅଭିଯୋଗ ଭିତ୍ତିହୀନ ବୋଲି କେଜ୍‌ରିୱାଲ ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି।

# ଭାରତ ଆସୁଥିବା ଜାହାଜରେ କ୍ଷେପଣାସ୍ତ୍ର ମାଡ଼

ନୂଆଦିଲ୍ଲୀ,୨୭।୪

ଲୋହିତ ସାଗର ଦେଇ ରୁଷିଆରୁ ତେଲ ଆଣି ଭାରତ ଆସୁଥିବା ଏକ ଜାହାଜ ଉପରେ କ୍ଷେପଣାସ୍ତ୍ର ଆକ୍ରମଣ ହୋଇଛି। ୟେମେନ୍‌ର ହୁତି ଆତଙ୍କବାଦୀ ଏହି ଆକ୍ରମଣ କରିଥିବା କହିଛନ୍ତି। ଆଣ୍ଡ୍ରୋମେଡା ଷ୍ଟାର ନାମକ ଏହି ତୈଳବାହୀ ଜାହାଜ ପୂର୍ବରୁ ବ୍ରିଟିଶ ମାଲିକାନାରେ ଥିବାବେଳେ ବର୍ତ୍ତମାନ ସିଚେଲ୍ସ ନାଗରିକ ଏହାର ମାଲିକ ବୋଲି ଜଣାପଡ଼ିଛି। ଇସ୍ରାଏଲ୍-ହମାସ୍ ଯୁଦ୍ଧ ଆରମ୍ଭରୁ ପାଲେଷ୍ଟାଇନ୍‌କୁ ସମର୍ଥନ କରୁଥିବା ହୁତି ବିଦ୍ରୋହୀମାନେ ଆମେରିକା ଓ ବ୍ରିଟେନ୍ ଜାହାଜଗୁଡ଼ିକୁ ଟାର୍ଗେଟ କରିଆସୁଛନ୍ତି। କିଛିଦିନ ହେଲା ଆକ୍ରମଣ ବନ୍ଦ ଥିଲାବେଳେ ପୁଣିଥରେ ଏକ ତୈଳବାହୀ ଜାହାଜ ଉପରେ ଆକ୍ରମଣ ହୋଇଛି। କ୍ଷେପଣାସ୍ତ୍ର ମାଡ଼ରେ ଜାହାଜ କ୍ଷତିଗ୍ରସ୍ତ ହୋଇଥିବା ଏହାର ମାଲିକ ଦାବି କରିଛନ୍ତି। ଉକ୍ତ ଜାହାଜ ରୁଷିଆର



ତୈଳ ବ୍ୟବସାୟରେ ସାମିଲ ଥିଲା। ଏହା ରୁଷିଆର ପ୍ରିମୋର୍ସ୍କରୁ ଭାରତର ଭାଦିନାରକୁ ଆସୁଥିଲା ବୋଲି ବ୍ରିଟିଶ ସାମୁଦ୍ରିକ ସୁରକ୍ଷା ସଂସ୍ଥା ଆମ୍ବ୍ରେ ପକ୍ଷରୁ କୁହାଯାଇଛି।

ଇସ୍ରାଏଲ୍-ହମାସ୍ ଯୁଦ୍ଧ ଯୋଗୁ ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଲାଗି ରହିଥିବାବେଳେ ଇରାନ ସମର୍ଥିତ ହୁତି ଆତଙ୍କବାଦୀମାନେ ଗତ ନଭେମ୍ବରରୁ ଲୋହିତ ସାଗର ଏବଂ ଗଲ୍ଫ ଅଫ୍ ଆଡେନ୍‌ରେ ବିଭିନ୍ନ ଦେଶର ବାଣିଜ୍ୟିକ ଜାହାଜ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ ଜାରି ରଖିଛନ୍ତି। ୟେମେନ୍‌ର ସାଦା ପ୍ରୋଭିନ୍ସ ବାୟୁସୀମାରେ ଆମେରିକାର ଏମ୍‌କ୍ୟୁ-୯ ଡ୍ରୋନ୍‌କୁ ହୁତି ଆତଙ୍କବାଦୀ ଖସାଇଦେଇଥିବା ଶୁକ୍ରବାର ଦାବି କରିଥିଲେ।

## ଆମେରିକାରେ କାର୍ ଦୁର୍ଘଟଣା: ୩ ଭାରତୀୟ ମହିଳା ମୃତ

ୱାଶିଂଟନ, ୨୭।୪

ଆମେରିକାରେ ଏକ ସଡ଼କ ଦୁର୍ଘଟଣାରେ ୩ ଜଣ ଭାରତୀୟ ମହିଳାଙ୍କର ମୃତ୍ୟୁ ଘଟିଛି। ଶନିବାର ସାଉଥ କାରୋଲିନା ପ୍ରଦେଶର ଗ୍ରୀନଭିଲ୍ଲେ ହାଇୱେରେ ୪ ଜଣ ବସିଥିବା ଏକ କାର ଦ୍ରୁତ ଗତିରେ ଯାଉଥିବାବେଳେ ଭାରସାମ୍ୟ ହରାଇ ଏକ ଡିଭାଇଡର ସହ ଧକ୍କା ହୋଇଥିଲା। ଫଳରେ କାର୍‌ଟି ବ୍ରିଜ୍‌ରୁ ୨୦ ଫୁଟ୍ ତଳକୁ ଖସି ଏକ ଗଛରେ ମାଡ଼ ହୋଇଥିଲା। ଦୁର୍ଘଟଣାରେ ୩ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ମୃତ ୩ ମହିଳା ଗୋଟିଏ ପରିବାରର ହୋଇଥିବାବେଳେ ସେମାନେ ଗୁଜରାଟର ଆନନ୍ଦ ଜିଲା ଅନ୍ତର୍ଗତ ବୋର୍‌ସଦ ତହସିଲର ବାସିନ୍ଦା ବୋଲି ସ୍ଥାନୀୟ ମିଡିଆରେ ଖବର ପ୍ରକାଶ ପାଇଛି।

# ବିହାରରୁ ଚାଲାଣ ୯୫ ନାବାଳକ ଉଦ୍ଧାର

ଅଯୋଧ୍ୟା, ୨୭।୪

ଉତ୍ତରପ୍ରଦେଶ ଶିଶୁ ଆୟୋଗ ଶନିବାର ୯୫ ଜଣ ନାବାଳକଙ୍କୁ ଅଯୋଧ୍ୟାରୁ ଉଦ୍ଧାର କରିଛି। ଏହି ନାବାଳକମାନଙ୍କୁ ସେମାନଙ୍କ ଅଭିଭାବକଙ୍କ ବିନା ଅନୁମତିରେ ବିହାରରୁ ଉତ୍ତରପ୍ରଦେଶ ଅଣାଯାଉଥିବାବେଳେ ଏହି ମାମଲା ଶିଶୁ ଚାଲାଣ ସହ ସମ୍ବନ୍ଧିତ ଥିବା ଉତ୍ତରପ୍ରଦେଶ ଶିଶୁ ଆୟୋଗର ସଦସ୍ୟା ସୁଚିତ୍ରା ଚତୁର୍ବେଦୀ ସୂଚନା ଦେଇଛନ୍ତି। ବିହାରରୁ ୯୫ ଜଣ ନାବାଳକଙ୍କୁ ବେଆଇନ ଭାବେ ୟୁପିର ସାହାରନପୁର ନିଆଯାଉଥିବା ନେଇ ଶନିବାର ସକାଳେ ୟୁପି ଶିଶୁ ଆୟୋଗକୁ ଖବର ମିଳିଥିଲା। ଖବର ମୁତାବକ ଅଯୋଧ୍ୟାରେ ସମସ୍ତ ନାବାଳକଙ୍କୁ ଉଦ୍ଧାର କରାଯିବା ସହ ସେମାନଙ୍କୁ ଖାଦ୍ୟ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ସୁଚିତ୍ରା କହିଛନ୍ତି। ଉଦ୍ଧାର ହୋଇଥିବା ନାବାଳକଙ୍କ ବୟସ ୪ରୁ ୧୨ ବର୍ଷ ମଧ୍ୟରେ ରହିଥିବା ସେ କହିଛନ୍ତି। ତେବେ ସେମାନଙ୍କୁ କେଉଁଠାକୁ ନିଆଯାଉଥିଲା ବୋଲି ଏହି ନାବାଳକମାନେ କିଛି କହିପାରୁ ନ ଥିବା ବେଳେ ସେମାନଙ୍କ ଅଭିଭାବକଙ୍କ ସହ ସମ୍ପର୍କ କରାଯାଉଥିବା ସୂଚନା ମିଳିଛି।

# ହେଲିକପ୍ଟରରେ ପଡ଼ିଗଲେ ମମତା

କୋଲକାତା,୨୭।୪

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ରାଲିକୁ ଯିବା ପାଇଁ ଶନିବାର ଅପରାହ୍ନରେ ଦୁର୍ଗାପୁରଠାରେ ହେଲିକପ୍ଟରରେ ଉଠୁଥିବାବେଳେ ସନ୍ତୁଳନ ହରାଇ ପଡ଼ିଯାଇଛନ୍ତି। ସିଟ୍‌ରେ ବସିବାକୁ ଗଲାବେଳେ ଟିଏମ୍‌ସି ସୁପ୍ରିମୋ ପଡ଼ିଯାଇଥିଲେ। ଏହା ସତ୍ତ୍ୱେ ସେ ରାଲିରେ ଯୋଗଦେବା ପାଇଁ ଆସାନସୋଲ ଯାଇଛନ୍ତି। ସୂଚନାଯୋଗ୍ୟ, ମାସେ ପୂର୍ବରୁ ମମତା ନିଜ ଘରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ଜାନୁଆରୀ ୨୪ରେ ପୂର୍ବ ବର୍ଦ୍ଧମାନ ଯାଉଥିବାବେଳେ ସେ ଏକ କାର୍ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ। ତଥାପି ତାଙ୍କ ମୁଣ୍ଡ କାର୍ ଡ୍ୟାସ୍‌ବୋର୍ଡରେ ମାଡ଼ ହୋଇଥିଲା।

# ଇସିଙ୍କୁ ଫେରାଦ ହେଲା ଟିଏମ୍‌ସି

## ଭୋଟ ଦିନ ସନ୍ଦେଶଖାଲିରେ ସିବିଆଇ ଚଢ଼ାଉ

କୋଲକାତା,୨୭।୪

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଦିନ ସିବିଆଇ ଅଧିକାରୀମାନେ ସନ୍ଦେଶଖାଲିରେ ଚଢ଼ାଉ କରିବା ଘଟଣାକୁ ନେଇ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନିର୍ବାଚନ କମିଶନ (ଇସି)ଙ୍କୁ ଫେରାଦ ହୋଇଛି। ନିର୍ବାଚନ ବେଳେ ଦଳର ଭାବମୂର୍ତ୍ତି କ୍ଷୁଣ୍ଣ କରି ଏହାକୁ ଏକ ଆତଙ୍କବାଦୀ ସଂଗଠନର ରୂପ ଦେବା ଲାଗି ଭାଜପା ନେତୃତ୍ୱାଧୀନ ସରକାର ଜାଣିଶୁଣି ସନ୍ଦେଶଖାଲିର ଏକ ଖାଲି ଘର ଉପରେ ନିର୍ଲଜ ଭାବେ ଚଢ଼ାଉ କରାଇଛି। ସେଠାରେ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍‌ଏସ୍‌ଜି) କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଇଛି। ତେବେ ପ୍ରକୃତରେ ଉକ୍ତ ଘରୁ ଅସ୍ତ୍ରଶସ୍ତ୍ର ଜବତ ହୋଇଛି, ନା ସେଗୁଡ଼ିକୁ ସବିଆଇ କିମ୍ବା ଏନ୍‌ଏସ୍‌ଜି ପକ୍ଷରୁ ଗୋପନରେ ରଖାଯାଇଥିଲା ବୋଲି ଟିଏମ୍‌ସି ପ୍ରଶ୍ନ କରିଛି।

ସୂଚନାଯୋଗ୍ୟ, ଗତ ଜାନୁଆରୀରେ ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ମାମଲାରେ ସିବିଆଇ ସନ୍ଦେଶଖାଲିରେ ଶୁକ୍ରବାର ଚଢ଼ାଉ କରିଥିବାବେଳେ ସେଠାରେ ବିଦେଶୀ ଅସ୍ତ୍ର, ପୋଲିସ ସର୍ଭିସ ରିଭଲଭର ଓ ଗୁଳିଗୋଳା ଜବତ ହୋଇଥିଲା। ଆକ୍ରମଣର ମୁଖ୍ୟ ଅଭିଯୁକ୍ତ ଶେଖ୍ ଶାହାଜାହାନଙ୍କୁ ଫେବୃଆରୀ ୨୯ରେ ପଶ୍ଚିମବଙ୍ଗ ପୋଲିସ ଗିରଫ କରିଥିଲା।

# ଇଚ୍ଛାଶକ୍ତି ଆଗରେ ହାର୍ ମାନିଛି ବୟସ

## ୬୦ ବର୍ଷ ବୟସରେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ

ବୁଏନ୍ସ ଏୟାର୍ସ, ୨୭।୪

ସଫଳତା ପଛରେ ବୟସର କୌଣସି ପ୍ରତିବନ୍ଧକ ନ ଥାଏ। ଆର୍ଜେଣ୍ଟିନାର ୬୦ ବର୍ଷ ବୟସ୍କା ଆଲେଜାଣ୍ଡ୍ରା ମାରିଶା ରୋଡ୍ରିଗ୍ୟୁଜ ଏହା ପ୍ରମାଣିତ କରିଛନ୍ତି। ଶନିବାର ସେ ମିସ୍ ୟୁନିଭର୍ସ ବୁଏନ୍ସ ଏୟାର୍ସ ଟାଇଟଲ ଜିତି ଇତିହାସ ରଚିଛନ୍ତି। ସବୁଠାରୁ ଅଧିକ ବୟସରେ ଏହି ଟାଇଟଲ ଜିତିଥିବାର ରେକର୍ଡ ମଧ୍ୟ ଆଲେଜାଣ୍ଡ୍ରା କରିଛନ୍ତି। କମ୍ ବୟସର ମହିଳାମାନେ ହିଁ



ଆଲେଜାଣ୍ଡ୍ରା ମାରିଶା ରୋଡ୍ରିଗ୍ୟୁଜ

ଏପରି ପ୍ରତିଯୋଗିତା ଜିତିପାରିବା ନେଇ ରହିଥିବା ଚିନ୍ତାଧାରାକୁ ଆଲେଜାଣ୍ଡ୍ରା ବଦଳାଇପାରିଛନ୍ତି। ସମସ୍ତ ପ୍ରକାରର ବାଧାବିଘ୍ନକୁ ପଛରେ ପକାଇ ସେ ଫାଇନାଲରେ ୩୪ ପ୍ରତିଯୋଗୀଙ୍କୁ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି। ଗତବର୍ଷ ମିସ୍ ୟୁନିଭର୍ସ ପ୍ରତିଯୋଗିତା ପାଇଁ ସର୍ବୋଚ୍ଚ ବୟସ ସୀମା ହଟାଇ ଦିଆଯାଇଥିବା ବେଳେ ଆଲେଜାଣ୍ଡ୍ରାଙ୍କ ଏହି ସଫଳତା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏହି ଅବସରରେ ଆଲେଜାଣ୍ଡ୍ରା କହିଛନ୍ତି, ସଫଳତା ପାଇଁ କୌଣସି ବୟସ ସୀମା ନ ଥାଏ। ସାହସର ସହ ସମସ୍ତ ବାଧାବିଘ୍ନକୁ ଭାଙ୍ଗି ଦିଆଯାଇ ପାରିବ। ସେହିପରି ମିସ୍ ୟୁନିଭର୍ସ ପ୍ରତିଯୋଗିତା ଏକ ନୂତନ ସ୍ତରରେ ପହଞ୍ଚିଛି, ଯେଉଁଥିରେ ଶାରୀରିକ ସୌନ୍ଦର୍ଯ୍ୟତା ସହ ଜୀବନର ମୂଲ୍ୟକୁ ମଧ୍ୟ ବିଚାର କରାଯାଉଛି। ୬୦ ବର୍ଷ ବୟସରେ ମିସ୍ ୟୁନିଭର୍ସ ପ୍ରତିଯୋଗିତାରେ ଭାଗ ନେବାକୁ ପରିବାର ଓ ଅନେକ ବନ୍ଧୁଙ୍କ ପକ୍ଷରୁ ତାଙ୍କୁ ଉତ୍ସାହିତ କରାଯାଇଥିବା ଆଲେଜାଣ୍ଡ୍ରା କହିଛନ୍ତି।

୧୯୬୪ରେ ବୁଏନ୍ସ ଏୟାର୍ସର ଲା ପ୍ଲାଟାଠାରେ ଆଲେଜାଣ୍ଡ୍ରା ଜନ୍ମ ଗ୍ରହଣ କରିଥିଲେ। ପେସାରେ ଜଣେ ଓକିଲ ଓ ସାମ୍ବାଦିକା ଥିବା ଆଲେଜାଣ୍ଡ୍ରା ନିଜ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ଦ୍ୱାରା ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ବିଭିନ୍ନ ସାମାଜିକ ବନ୍ଧନକୁ ଭାଙ୍ଗି ନିଜ ସ୍ୱପ୍ନକୁ ପୂରଣ କରିପାରିଥିବାରୁ ତାଙ୍କୁ ଚାରିଆଡ଼ୁ ପ୍ରଶଂସା କରାଯାଉଛି। ଆସନ୍ତା ମାସ ହେବାକୁ ଥିବା ମିସ୍ ୟୁନିଭର୍ସ ଆର୍ଜେଣ୍ଟିନାର ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ସେ ବୁଏନ୍ସ ଏୟାର୍ସର ପ୍ରତିନିଧିତ୍ୱ କରିବେ।

## ଫୁର୍‌ସତ

# ୨ ହାତୀଙ୍କ ନିବିଡ଼ ବନ୍ଧୁତ୍ୱ



**ଚେନ୍ନାଇ:** ତାମିଲନାଡୁ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସୁପ୍ରିୟା ସାହୁ ନିଜ ଏକ୍ସ' ଆକାଉଣ୍ଟରେ ୨ ହାତୀଙ୍କ ହୃଦୟସ୍ପର୍ଶୀ କାହାଣୀକୁ ଶେୟାର କରିଛନ୍ତି। ସୁପ୍ରିୟାଙ୍କ ପୋଷ୍ଟରେ ଏହି କାହାଣୀକୁ ଶୁଣିବା ପରେ ଅନେକ ଏକ୍ସ' ୟୁଜର୍ସଙ୍କ ସହ ବନ୍ୟଜନ୍ତୁ ପ୍ରେମୀମାନେ ଖୁସିରେ ଭାବ ବିହ୍ୱଳ ହୋଇପଡ଼ିଛନ୍ତି। ଏହି ପୋଷ୍ଟରେ ସୁପ୍ରିୟା ୨ ହାତୀ ଭାମା ଏବଂ କାମାଚିଙ୍କ ଭିଡିଓ ଶେୟାର କରି, ସେମାନେ ଗତ ୫୫ ବର୍ଷ ଧରି ଭଲ ବନ୍ଧୁ ଥିବା ଦର୍ଶାଇଛନ୍ତି।

ମଣିଷ ପରି ଏହି ୨ ହାତୀ ମଧ୍ୟ ବନ୍ଧୁତ୍ୱର ମଧୁର ବନ୍ଧନକୁ ପାଳନ କରୁଥିବା ଭିଡିଓରେ ଆଇଏଏସ୍ ଅଧିକାରୀ ସୁପ୍ରିୟା ସାହୁ କହିଛନ୍ତି। ତାମିଲନାଡୁର ମୁଦୁମଲାଇ, ଥେପାକାଡୁର ଏକ ହାତୀ ଶିବିରରେ ରହୁଥିବା ୨ ହାତୀ ଭାମା (୭୫) ଏବଂ କାମାଚି (୬୫) ଗତ ୫୫ ବର୍ଷ ଧରି ବନ୍ଧୁତ୍ୱର ନିବିଡ଼ ସମ୍ପର୍କକୁ ପାଳନ କରି ଆସୁଥିବା ସେ କହିଛନ୍ତି। ଉଭୟ ଭାମା ଏବଂ କାମଚି ପ୍ରକୃତରେ ସାହସୀ, ବିଶ୍ୱସ୍ତ ଏବଂ ସ୍ନେହୀ ହୋଇଥିବା ସୁପ୍ରିୟା ନିଜ ପୋଷ୍ଟରେ କହିଛନ୍ତି।

ଏକଦା ଉଭୟ ହାତୀଙ୍କୁ ଦେଖାଶୁଣା କରୁଥିବା ମାହୁନ୍ତ ଥିରୁ ଗୋପନ୍ ଭାମାକୁ ଜଙ୍ଗଲ ଚରାଇବା ପାଇଁ ନେଇଥିବା ବେଳେ ଚିତାବାଘ ଥିରୁଙ୍କୁ ଆକ୍ରମଣ କରିଥିଲା। ସେତେବେଳେ ଭାମା ଏକାକୀ ଚିତାବାଘକୁ ତଡ଼ି ଦେଇ ଥିରୁଙ୍କ ଜୀବନ ରକ୍ଷା କରିପାରିଥିବା ସୁପ୍ରିୟା କହିଛନ୍ତି। ସେହିପରି କାମାଚିକୁ ମଧ୍ୟ ଏକଦା ଏକ ଶିକାରୀ ଆକ୍ରମଣ କରିଥିଲା। ଏହି ଆକ୍ରମଣରେ କାମାଚିର କ୍ଷତ ଭଲ ହେବା ପାଇଁ ଅନେକ ବର୍ଷ ସମୟ ଲାଗି ଯାଇଥିଲା। ତେବେ ପାଖରେ ବନ୍ଧୁ ଭାମା ଥିବାରୁ ସେ ସବୁକିଛି ସହିଯାଇଥିବା ସୁପ୍ରିୟା କହିଛନ୍ତି। ସେହିପରି ଶିବିରରେ ଭୋଜନ ସମୟରେ ମଧ୍ୟ ଉଭୟ ଭାମା ଏବଂ କାମାଚି ପରସ୍ପର ପାଖରେ ଛିଡା ହୋଇ ଖାଇଥାନ୍ତି। ଉଭୟ ହାତୀଙ୍କୁ ଆଖୁ ଖାଇବାକୁ ବେଶ୍ ପସନ୍ଦ। ତେବେ ୨ ହାତୀ ସବୁବେଳେ ଏକାଠି ରହୁଥିବାରୁ ଉଭୟଙ୍କୁ ଗୋଟିଏ ଆଖୁ ଦେବାକୁ ଶିବିରର କେହି ମଧ୍ୟ ସାହସ କରିପାରନ୍ତି ନାହିଁ। ଉଭୟ ଭାମା ଓ କାମାଚିଙ୍କୁ ଅଲଗା ଅଲଗା ଆଖୁ ଦେବାକୁ ପଡିବ ବୋଲି ସମସ୍ତେ ଜାଣିଥିବା ସୁପ୍ରିୟା କହିଛନ୍ତି। ମୁଦୁ ମଲାଇରେ ଥିବା ଏହି ହାତୀ ଶିବିର ଏସିଆର ସର୍ବ ପୁରାତନ ହାତୀ ଶିବିର ମଧ୍ୟରୁ ଅନ୍ୟତମ ହୋଇଥିବା ସୁପ୍ରିୟା କହିଛନ୍ତି। ଏହି ଶିବିରରେ ଭାମା ଓ କାମାଚିଙ୍କ ସମେତ ସମୁଦାୟ ୨୭ଟି ହାତୀଙ୍କର ଠିକ୍ ଭାବେ ଯତ୍ନ ନିଆଯାଉଥିବାରୁ କ୍ୟାମ୍ପ ପରିଚାଳନା କର୍ତ୍ତୃପକ୍ଷଙ୍କୁ ସେ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆ ୟୁଜର୍ସମାନେ ଭାମା ଏବଂ କାମାଚିଙ୍କ ବନ୍ଧୁତ୍ୱ ବିଷୟରେ ଜାଣି ବେଶ୍ ଖୁସିବ୍ୟକ୍ତ କରିଛନ୍ତି।

# ପ୍ରେମିକ ଶାନ୍ତନୁଙ୍କ ସହ ଶ୍ରୁତିଙ୍କ ବ୍ରେକ୍‌ଅପ୍



ଶ୍ରୁତି ହାସନ

**ମୁମ୍ବାଇ:** ସାଉଥ୍ ଏବଂ ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣାଶୁଣା ଅଭିନେତ୍ରୀ ହେଉଛନ୍ତି ଶ୍ରୁତି ହାସନ। ନିଜ ଦମଦାର ଅଭିନୟ ମାଧ୍ୟମରେ ସେ ବହୁବାର ଦର୍ଶକଙ୍କ ମନ ଜିଣିବାକୁ ସକ୍ଷମ ହୋଇଛନ୍ତି। ତେବେ ଏବେ ଶ୍ରୁତି ନିଜ ବୃତ୍ତିଗତ ଜୀବନ ନୁହେଁ ବରଂ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏକ ରିପୋର୍ଟ ଅନୁଯାୟୀ ସେ ନିଜର ଦୀର୍ଘ ଦିନର ବୟଫ୍ରେଣ୍ଡ ଶାନ୍ତନୁ ହଜାରିକାଙ୍କ ସହ ବ୍ରେକ୍‌ଅପ୍ କରିଛନ୍ତି। ଏହି ଖବର ଶ୍ରୁତିଙ୍କ ପ୍ରଶଂସକଙ୍କୁ ବଡ଼ ଝଟ୍‌କା ଦେଇଛି। ତେବେ ଏନେଇ ଉଭୟ ଶ୍ରୁତି ଓ ଶାନ୍ତନୁଙ୍କ ପକ୍ଷରୁ କୌଣସି ଆଧିକାରିକ ପ୍ରତିକ୍ରିୟା ମିଳିପାରିନାହିଁ।

ଭେଟେରାନ୍ ଅଭିନେତା କମଲ ହାସନଙ୍କ ଝିଅ ଶ୍ରୁତି ଏବେ ନିଜ ପର୍ସନାଲ ଲାଇଫକୁ ନେଇ ଚାରିଆଡ଼େ ଚର୍ଚ୍ଚାରେ ରହିଛନ୍ତି। ସେ ୪ ବର୍ଷ ଧରି ତାଙ୍କ ବୟଫ୍ରେଣ୍ଡ ଶାନ୍ତନୁଙ୍କୁ ଡେଟ୍ କରୁଥିଲେ। କିନ୍ତୁ ଦୁହେଁ କିଛି ବ୍ୟକ୍ତିଗତ ସମସ୍ୟା ଯୋଗୁ ପରସ୍ପରଠାରୁ ଅଲଗା ହେବାକୁ ନିଷ୍ପତ୍ତି ନେଇଛନ୍ତି। ସୋସିଆଲ ମିଡିଆରେ ଦୁହେଁ ପରସ୍ପରକୁ ଅନ୍‌ଫଲୋ କରିଛନ୍ତି। ସେହିପରି ଶ୍ରୁତି ମଧ୍ୟ ନିଜ ଆକାଉଣ୍ଟରୁ ଶାନ୍ତନୁଙ୍କ ସହ ରହିଥିବା ଫଟୋ ଓ ଭିଡିଓକୁ ଡିଲିଟ୍ କରିଛନ୍ତି। ପୂର୍ବରୁ ଉଭୟ ଶ୍ରୁତି ଓ ଶାନ୍ତନୁ ଅନେକ ଥର ବିଭିନ୍ନ ଇଭେଣ୍ଟରେ ଏକାଠି ନଜର ଆସୁଥିବାବେଳେ ଗତ କିଛି ଦିନ ଧରି ଦୁହିଁଙ୍କୁ ଏକାଠି ଦେଖିବାକୁ ମିଳୁ ନ ଥିଲା। ଶ୍ରୁତି ହାସନଙ୍କୁ ଶେଷ ଥର ପାଇଁ 'ସାଲାର' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରରେ ସେ ଅଭିନେତା ପ୍ରଭାସ ଏବଂ ପୃଥ୍ୱୀରାଜ ସୁକୁମାରନ୍‌ଙ୍କ ସହ ମୁଖ୍ୟ ଭୂମିକାରେ ନଜର ଆସିଥିଲେ। ଏହି ଫିଲ୍ମ ବିଶ୍ୱବ୍ୟାପୀ ୭୦୦ କୋଟିରୁ ଅଧିକ ଆୟ କରି ବକ୍ସ ଅଫିସରେ ଧମାଲ ମଚାଇଥିଲା। ଏହାର ସିକ୍ୱେଲ 'ସାଲାର ୨' ମଧ୍ୟ ଖୁବ୍‌ଶୀଘ୍ର ରିଲିଜ ହେବାକୁ ଯାଉଛି।

## ମୋବାଇଲ ଦୋକାନରୁ ଚୋରି ଘଟଣା, ୨ ଗିରଫ

ରେଢ଼ାଖୋଲ, ୨୭।୪(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ମୋବାଇଲ ଦୋକାନ କାନ୍ଥ ଭାଙ୍ଗି ଗତ ମାର୍ଚ୍ଚ ୧୯ ରାତିରେ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ରାଉରକେଲା ପ୍ଲାଣ୍ଟସାଇଟ ଥାନା ଅଞ୍ଚଳର ୨ଜଣଙ୍କୁ ଗିରଫ ହୋଇଛନ୍ତି। ସେମାନେ ହେଲେ ସୁନୀଲ ମୁଣ୍ଡା (୧୯) ଓ ତାଙ୍କ ଭିଣୋଇ ବିକ୍ରମ ଡଙ୍ଗୋ(୩୭)। ଏହି ଘଟଣାରେ ସମ୍ପୃକ୍ତି ଜଣେ ନାବାଳକଙ୍କୁ ପୋଲିସ ଧରିଛି। ଦଫା ୪୫୭, ୩୮୦ରେ ଏକ ମାମଲା(୧୮/୨୪) ରୁଜୁ କରି ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ଆବେଦନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଧରା ପଡିଥିବା ନାବାଳକଙ୍କୁ ସମ୍ବଲପୁର ଜୁଭେନାଇଲ କୋର୍ଟକୁ ପଠାଯାଇଛି। ଅଭିଯୁକ୍ତ ମାନଙ୍କଠାରୁ ଚୋରି ବିଭିନ୍ନ କମ୍ପାନୀର ୧୨ଟି ମୋବାଇଲ ଓ କାନ୍ଥଭଙ୍ଗାନ୍‌ରେ ବ୍ୟବହୃତ ଗଇନ୍ତି ଜବତ କରିଛି। ଅଭିଯୁକ୍ତମାନେ ରେଢ଼ାଖୋଲ ସହରରେ ରଙ୍ଗମିସ୍ତ୍ରୀଭାବେ କାମ କରୁଥିବା ବେଳେ ଛୋଟ ବଡ ଚୋରି କରୁଥିବା ଥାନା ଅଧିକାରୀ ସବିତାଲତା ସେଠୀ କହିଛନ୍ତି। ଏହି ଦୋକାନରୁ ଦେଢ ବର୍ଷ ମଧ୍ୟରେ ୩ ଥର ଚୋରି ହୋଇଛି।

# ବକେୟା ଟଙ୍କା ପାଇଁ ହତ୍ୟା କରିଥିଲେ ସହଯୋଗୀ

**ଅଇଁଠାପାଲି କୁଲି ହତ୍ୟା ଘଟଣା**

- ଅଭିଯୁକ୍ତ ଗିରଫ, ହତ୍ୟାରେ ବ୍ୟବହୃତ ଲୁହା ପାଇପ ଜବତ
- ମୃତକଙ୍କ ମୋବାଇଲ ଫୋନ ଜବତ କଲା ପୋଲିସ

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଅଇଁଠାପାଲି ଥାନା ଅନ୍ତର୍ଗତ କାଇଁଶିର ରୋଡ ଦୈନିକ ହାଟ ଗୋଦାମ ନିକଟରେ ଶୁକ୍ରବାର ଘଟିଥିବା କୁଲି ରଣଜିତ ସାହା(୫୦) ହତ୍ୟା ଘଟଣାର ପର୍ଦ୍ଦାଫାଶ ହୋଇଛି। ବକେୟା ଟଙ୍କା ନଦେବାରୁ ରଜିତ୍‌ଙ୍କୁ ତାଙ୍କ ସହଯୋଗୀ ବୌଦ୍ଧ ଜିଲା ନାରାୟଣପୁରର ମୂଳନିବାସୀ ତଥା ସୁନ୍ଦରପଙ୍କସ୍ଥିତ ବଡ଼ଭଉଣୀଙ୍କ ଘରେ ରହୁଥିବା ଗୋପବନ୍ଧୁ ବେହେରା ଓରଫ ଜିତେନ(୨୫) ଲୁହା ପାଇପରେ ପିଟି ହତ୍ୟା କରିଥିଲେ। ପ୍ରମାଣ ଲୁଚାଇବାକୁ ହତ୍ୟାରେ ବ୍ୟବହୃତ ଲୁହା ପାଇପ ଓ ରଣଜିତଙ୍କ ମୋବାଇଲକୁ ଲୁଚାଇ ଦେଇଥିଲେ। ଆଉ କିଛି ନ ଜାଣିବାର ଅଭିନୟ କରି ଗୋଦାମରେ ରଣଜିତଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପଡିଥିବା ନେଇ ପୋଲିସ ଓ ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ଶେଷରେ ଗଠିତ ୩ଟିକିଆ ତଦନ୍ତକାରୀ ଟିମ୍ ହତ୍ୟାକାରୀଙ୍କୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ଲୁହାପାଇପ ଓ ମୃତକଙ୍କ ମୋବାଇଲ ଫୋନକୁ ଜବତ କରିଛି ପୋଲିସ। ହତ୍ୟା କରିଥିବା ନେଇ ସ୍ୱୀକାର କରିଛନ୍ତି ଅଭିଯୁକ୍ତ ଗୋପବନ୍ଧୁ।


ଖବରଦାତା ସମ୍ମିଳନୀରେ ହତ୍ୟାକାରୀଙ୍କୁ ପୋଲିସ ହାଜର କରିଛି।

ଶନିବାର ସଦର ଏସ୍‌ଡିପିଓ ତୋଫାନ ବାଗ ତାଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସବିଶେଷ ସୂଚନା ଦେଇଛନ୍ତି।

ତାଙ୍କ ସୂଚନା ଅନୁସାରେ ମୃତ କୁଲି ରଣଜିତ ସାହା ଓ ସହଯୋଗୀ ଗୋପବନ୍ଧୁ ବିଭିନ୍ନ ବସ୍‌ରେ ଆସୁଥିବା ସାମଗ୍ରୀ ସଂଗ୍ରହ କରି ଲୋକଙ୍କ ନିକଟରେ ପହଞ୍ଚାଉଥିଲେ। ଶୁକ୍ରବାର ସକାଳେ ବିଭିନ୍ନ ସ୍ଥାନରୁ ଆସିଥିବା ବସ୍‌ଗୁଡ଼ିକ ସମ୍ବଲପୁରରେ ପହଞ୍ଚିଲା ପରେ ଛକରେ କେହି ନ ଥିଲେ। ଏଥିପାଇଁ ବସ୍ କର୍ମଚାରୀ କାହାକୁ ନ ପାଇ ଫୋନ କରିଥିଲେ। ରଣଜିତ ଫୋନ ନ ଉଠାଇବାରୁ ଗୋପବନ୍ଧୁଙ୍କ ସହ ଯୋଗଯୋଗ କରି ବସ୍ ଜିନିଷପତ୍ର ସଂଗ୍ରହ କରି ଗୋଦାମ ଘରକୁ ଯାଇଥିଲେ। ଏହାରେ ସେଠାରେ ରଣଜିତଙ୍କୁ କେହି ହତ୍ୟା କରି ପକାଇ ଦେଇଥିବା କହି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ମୃତକଙ୍କ ସ୍ତ୍ରୀର ଏତଲା କ୍ରମେ ଅଇଁଠାପାଲି ଥାନାରେ ଦଫା ୩୦୨ରେ ଏକ ମାମଲା(୧୪୦/୨୪)ରୁଜୁ କରିଥିଲା ପୋଲିସ। ଜିଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଅପରାଧୀକୁ ଧରିବା ପାଇଁ ତିନୋଟି ଟିମ ଗଠନ କରାଯାଇଥିଲା। ସନ୍ଦେହରେ ପୋଲିସ ଗୋପବନ୍ଧଙ୍କୁ ଅଟକ ରଖି ପଚାରଉଚରା କରିଥିଲା। ରଣଜିତଙ୍କ ଉପରେ ଥିବା ବକେୟା ଟଙ୍କା ମାଗିବାରୁ ଶୁକ୍ରବାର ପାହାନ୍ତିଆ ସମୟରେ ଉଭୟଙ୍କ ବଚସା ଓ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଗୋପବନ୍ଧୁ ଏକ ଲୁହା ପାଇପ୍‌ରେ ରଣଜିତଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତଥିଲା। ଏହା ପରେ ରଣଜିତଙ୍କ ମୋବାଇଲ ଫୋନ ନେଇ ଗୋପବନ୍ଧୁ ସେଠାରୁ ଚାଲିଯାଇଥିବା ପୋଲିସ କହିଛି।



ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ କୃପାସିନ୍ଧୁ


@ ଶ୍ରୀରାମ


@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ନିର୍ବାଚନୀ ବ୍ୟୟ ଯାଞ୍ଚ ପ୍ରକ୍ରିୟା ତାଲିମ କାର୍ଯ୍ୟକ୍ରମ

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ନିର୍ବାଚନ ବ୍ୟୟ ଯାଞ୍ଚ ପ୍ରକ୍ରିୟା ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏଥିରେ ଅଧ୍ୟକ୍ଷତା କରିଥଇଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଫ୍ଲାଇଂସ୍କ୍ୱାଡ, ଷ୍ଟାଟିକ୍ ସର୍ଭେଲାନ୍ସ ଦଳ, ଭିଡିଓ ସର୍ଭେଲାନ୍ସ ଦଳ, ହିସାବ ବିଭାଗ ଓ ପ୍ରବର୍ତ୍ତନ ବିଭାଗ କର୍ମଚାରୀଙ୍କୁ ନେଇ ଗଠିତ ନିର୍ବାଚନୀ ବ୍ୟୟ ଯାଞ୍ଚକାରୀ ଦଳରେ ନିୟୋଜତ ଅଧିକାରୀମାନଙ୍କୁ ତାଲିମ ଦିଆଯାଇଥିଲା। ନିର୍ବାଚନ ଆଇନ ବ୍ୟବସ୍ଥା ଆଧାରରେ ନିର୍ବାଚନ ଖର୍ଚ୍ଚ, ଜନପ୍ରତିନିଧି ଆଇନ ୧୯୫୧ ଅନୁଯାୟୀ ପ୍ରମୁଖ ଆଇନଗତ ବ୍ୟବସ୍ଥା, ନିର୍ବାଚନ ବ୍ୟୟ-ମାମଲା ଆଇନ, ବ୍ୟୟର ଯାଞ୍ଚ ବ୍ୟବସ୍ଥା ଆଦି ହିସାବ ଯାଞ୍ଚକାରୀ ଦଳର ବିଭିନ୍ନ ପଦକ୍ଷେପ ସହିତ ଫ୍ଲାଇଂସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭିଲାନ୍ସ ଦଳର ଦାୟିତ୍ୱ, ଜିପିଏସ୍ ସକ୍ଷମ ଫ୍ଲାଇଂ ସ୍କ୍ୱାଡ୍ ଯାନ, ମୋବାଇଲ୍ ଟ୍ରାକିଂ, ଭିଡିଓ ସର୍ଭେଲାନ୍ସ ଟିମ୍, ଛାୟା ପର୍ଯ୍ୟବେକ୍ଷଣ ରେଜିଷ୍ଟର ଓ ଫୋଲ୍ଡର ପ୍ରମାଣ ଆଦି ବିଭିନ୍ନ ପ୍ରକ୍ରିୟା ଉପରେ ଆଲୋଚନା ହୋଇଥିଲା। ଏଥିରେ ସିଡିଓ-କମ-ଇଓ ଧର୍ମେନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲାପାଳ(ସାଧାରଣ) ସୁଚାରୁ କୁମାର ବଳ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ସଦର ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, କୁଚିଣ୍ଡା ଉପଜିଲାପାଳ ହେମସାଗର ଭୋଇ, ରେଢ଼ାଖୋଲ ଉପଜିଲାପାଳ ରଶ୍ମି ରଞ୍ଜନ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।


ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

# ତାଲିମ ନେଲେ ସ୍ୱେଚ୍ଛାସେବୀ



ତାଲିମ କାର୍ଯ୍ୟକ୍ରମ ପାଇଁ ମନୋନୀତ ଯୁବ ସ୍ୱେଚ୍ଛାସେବୀ, ଶିକ୍ଷକ ଓ ଅଧିକାରୀ।

**ନିର୍ବାଚନ ପରିଚାଳନାରେ ସହାୟତା କରିବେ ଜିଲାର ୮୪୮ ସ୍ୱେଚ୍ଛାସେବୀ**

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଆସନ୍ତା ମେ ୨୫ରେ ହବାକୁ ଥିବା ସାଧାରଣ ନିର୍ବାଚନରେ ନାଗରିକ, ଭିନ୍ନକ୍ଷମ ଓ ବରିଷ୍ଠ ନାଗରିକଙ୍କୁ ଭୋଟଦାନରେ ସହାୟତା ପ୍ରଦାନ କରିବେ ଯୁବ ସ୍ୱେଚ୍ଛାସେବୀ। ଏଥିପାଇଁ ମନୋନୀତ ହୋଇଥିବା ମୋଟ ୮୪୮ସ୍ୱେଚ୍ଛାସେବୀଙ୍କୁ ଜିଲାର ବିଭିନ୍ନ ମତଦାନ କେନ୍ଦ୍ରରେ ନିୟୋଜିତ କରାଯିବ। ଏହିକ୍ରମରେ ଧନକଉଡ଼ାସ୍ଥିତ ଶେଭାସମା ସ୍କୁଲରେ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ମନୋନୀତ ସ୍ୱେଚ୍ଛାସେବୀଙ୍କର ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଜନିତ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ସଦୃଢ଼ କରବା ଲକ୍ଷ୍ୟରେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଭୋଟରଙ୍କୁ ହ୍ୱିଲ୍ ଚେୟାର ଯୋଗାଣଠାରୁ ଆରମ୍ଭ କରି ବିଭିନ୍ନ ବୁଥକୁ ଭୋଟଦାନ ପାଇଁ ଆସିଥିବା ଭୋଟରଙ୍କ ଧାଡ଼ି ପରିଚାଳନା ଆଦିରେ ଏହି ସ୍ୱେଚ୍ଛାସେବୀମାନେ କିପରି ସହାୟତା ଯୋଗାଇବା ସେ ନେଇ ତାଲିମ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ମାନେଶ୍ୱର ଓ ରେଙ୍ଗାଲି ବ୍ଲକ ସହିତ ମହାନଗର ଅଞ୍ଚଳର ପ୍ରାୟ ୮୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଇଥିଲେ। ଏଥିରେ ଧନକଉଡ଼ା ବିଡିଓ ଜୟନ୍ତ ସାହୁ, ସହକାରୀ ଜିଲାପାଳ ସୁଶାନ୍ତ ନାୟକ, ଏସ୍‌ଏସ୍‌ଏସ୍‌ଓ ଚେତାବାଣୀ ବଡ଼େଇକ ଓ ସ୍କୁଲର ଶିକ୍ଷକମାନେ ଯୋଗ ଦେଇଥିଲେ।

## ବାପାଙ୍କୁ ଆକ୍ରମଣ କରି ପୁଅ ଗିରଫ

କୁଚିଣ୍ଡା,୨୭।୪(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ସାନଜଟିଆପାଲି ଗ୍ରାମରେ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରି ପୁଅ ଗିରଫ ହୋଇଛନ୍ତି। ଗିରଫ ପୁଅ ହେଲେ ରୋଶନ ପଟେଲ(୨୪)। ବାପା କିଶୋର ପଟେଲ(୫୫)ଙ୍କ ଅଭିଯୋଗ ଆଧାରରେ ପୋଲିସ ଦଫା ୨୯୪, ୩୦୭, ୫୦୬ରେ ଏକ ମାମଲା(୨୧୨/୨୪) ରୁଜୁ କରି ଅଭିଯୁକ୍ତ ପୁଅ ରୋଶନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଏକ ଭୁଜାଲି ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ସାନଜଟିଆପାଲି ଗ୍ରାମର ଏହି ବାପପୁଅଙ୍କ ମଧ୍ୟରେ ପ୍ରାୟତଃ ଝଗଡା ଲାଗି ରହୁଥିଲା। ଶୁକ୍ରବାର କୌଣସି କାରଣକୁ ନେଇ ରୋଶନ ଏକ ଭୁଜାଲରେ ବାପାଙ୍କୁ ଆକ୍ରମଣ କରିଥିଲେ।

## ଅସହ୍ୟ ତାତି, ଜନଜୀବନ ଅସ୍ତବ୍ୟସ୍ତ

ଡୁଙ୍ଗୁରିପାଲି, ୨୭।୪(ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲିରେ ଏବେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବା ସାଙ୍ଗକୁ ଅସହ୍ୟ ତାତି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ପୂର୍ବାହ୍ନ ୧୦ଟାରୁ ରାସ୍ତା ଜନଶୂନ୍ୟ ହୋଇଯାଉଛି। ବାହାରୁ ଆସୁଥିବା ଲୋକଙ୍କ ପାଇଁ ସହର ତଥା ଛକ ଗୁଡିକରେ କୌଣସି ବିଶ୍ରାମ ଗୃହ ନ ଥିବାରୁ ଲୋକେ ଖରାରେ ଡହଳବିକଳ ହେଉଛନ୍ତି। ଡୁଙ୍ଗୁରିପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ରାସ୍ତାର ପ୍ରଶସ୍ତୀକରଣ ପାଇଁ ପୁରୁଣା ଓ ନୂଆଗଛ ସବୁ କଟା ଯାଇଥିବାରୁ ପଥାଚାରୀଙ୍କୁ ଛାଇ ମଳୁନାହିଁ। ଆରଏମସି ଛକ, ସହଲା କେନାଲ ଛକ, ବସ୍‌ଷ୍ଟାଣ୍ଡ, ଚାରିଛକ, ଡେଲି ମାର୍କେଟ, ହସ୍ପିଟାଲ ପ୍ରମୁଖ ଗହଳି ସ୍ଥାନଗୁଡିକ ଲୋକଶୂନ୍ୟ ଦେଖା ଯାଉଛି। ଶନିବାର ଡୁଙ୍ଗୁରିପାଲି ସହର ତାପମାତ୍ରା ବେସରକାରୀ ଭାବେ ୪୩ ଡିଗ୍ରୀ ଉପରେ ରେକର୍ଡ କରାଯାଇଛି। ରବିବାର ତାତି ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରୁଛି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଜେଡିରେ ମିଶିଲେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ

ରେଙ୍ଗାଲି, ୨୭।୪(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବିଜେଡି କାର୍ଯ୍ୟାଳୟରେ ଶନିବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାୟ ୨୬୫ ଜଣ ଭାଜପା ଓ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ଯୋଗଦାନ କରିଥିଲେ। ଗତ ସାଧାରଣ ନିର୍ବାଚନରେ ରେଙ୍ଗାଲି ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବାଳକୃଷ୍ଣ ରୋହିଦାସ ଏହି ଅବସରରେ ବିଜେଡିରେ ଯୋଗଦେଇଥିଲେ। ତାଙ୍କ ସହ ଘିଚାମୁରା ପଞ୍ଚାୟତର ପୂର୍ବତନ ସରପଞ୍ଚ ବୀରେନ୍ଦ୍ର କିଷାନ, ତବଡାବାହାଲ ପଞ୍ଚାୟତ ସମିତି ସଭ୍ୟା ପୂର୍ଣ୍ଣମୀ ଓରାମ, ପୂର୍ବତନ ସମିତି ସଭ୍ୟ ସୂର୍ଯ୍ୟ ଓରାମଙ୍କ ନେତୃତ୍ୱରେ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏମାନଙ୍କ ସହ ରେଙ୍ଗାଲି ବ୍ଲକର ଘୁଚାମୁରା, ବୋମାଲୋଇ, କତରବଗା ପଞ୍ଚାୟତ ଓ ଧନକଉଡ଼ା ବ୍ଲକର ଶାସନ ଓ ତବଲା ଗ୍ରାମ ପଞ୍ଚାୟତର ଶତାଧିକ କଂଗ୍ରେସ ଓ ଭାଜପା କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଏହି ଅବସରରେ ଯୁବ ବିଜେଡି ନେତା ବିଶାଳ ଦାସ, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ, ଧନକଉଡ଼ା ଜୋନ ୧ ଜିଲା ପରିଷଦ ସଭ୍ୟ ସୁନିଲ ମିଶ୍ର, ରେଙ୍ଗାଲି ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ଗାନ୍ଧୀ ବେହେରା, ଦେବେନ ପତି, ସୀମନ୍ତ ହୋତା, ଚୋଳଶ୍ରି ମହାନନ୍ଦ, ସନ୍ତୋଷ ବର୍ମା, ନାରାୟଣ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।


ମିଶ୍ରଣ ପର୍ବରେ ବିଜେଡିରେ ଯୋଗଦେଇଥିବା କଂଗ୍ରେସ ଓ ଭାଜପାର କର୍ମୀମାନେ।

# ଜଳାଶୟ, ସବୁଜ ବଳୟ ସୃଷ୍ଟି ଜରୁରୀ

**ସୁବର୍ଣ୍ଣପୁରକୁ ଭୟ ଅସହ୍ୟ ତାତି**

ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାରେ ମହାନଦୀ, ତେଲନଦୀ, ଅଙ୍ଗନଦୀ ଭଳି ବଡ ନଦୀ ଥିବା ସତ୍ତ୍ୱେ ସୁବର୍ଣ୍ଣପୁର ସହର ଦେଶର ଅନ୍ୟତମ ଉତ୍ତପ୍ତ ସହରଭାବେ ପରିଗଣିତ ହେଉଛି। ଏଠାରେ ଏପ୍ରିଲ ମାସ ଆରମ୍ଭରୁ ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ଅସହ୍ୟ ଗ୍ରୀଷ୍ମପ୍ରବାହ ଜିଲାବାସୀଙ୍କୁ ଆଉଟୁପାଉଟୁ କରୁଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ ୩୦ତାରିଖ ପର୍ଯ୍ୟନ୍ତ ଅସହ୍ୟ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ଆଗାମୀ ୨୪ ଘଣ୍ଟା ପାଇଁ ଏହି ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ଏହାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିବା ସହିତ କଂକ୍ରିଟ୍‌କରଣ, ଅବାଧ ଗଛକଟା ଓ ଜଳାଶୟ ପୋତିହେବାକୁ ଦାୟୀ କରୁଛନ୍ତି।

ସୁବର୍ଣ୍ଣପୁର ସହରକୁ ତିନି ପଟୁ ମହାନଦୀ ଓ ତେଲନଦୀ ଘେରି ରହିଛି। ତେବେ ଗ୍ରୀଷ୍ମଋତୁରେ ନଦୀରେ ଜଳସ୍ତର କମ୍ ରହୁଛି। ନଦୀଶଯ୍ୟାରେ ବିରାଟ ପଥର ଖଣ୍ଡ ଓ ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟା ଯୋଗୁ ଚତୁଃପାର୍ଶ୍ୱରେ ଗ୍ରୀଷ୍ମର ତାତି ବଢ଼ିବାରେ ଲାଗିଛି। ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରି ପାରୁନାହାନ୍ତି। ସୁବର୍ଣ୍ଣପୁର ଜିଲା ଏକପ୍ରକାର ଜଳୁଛି। ତାପମାତ୍ରା ବୃଦ୍ଧିକୁ ନେଇ ସହରବାସୀ ଚିନ୍ତାରେ ପଡିଛନ୍ତି। ପ୍ରଚଣ୍ଡ ରୌଦ୍ରତାପରୁ ମୁକ୍ତି ପାଇବା ପାଇଁ ତତ୍କାଳୀନ ମହାରାଜା ସହରରେ ଅନେକ ଜଳାଶୟ ଖୋଳି ତାତିକୁ ନିୟନ୍ତ୍ରଣ କରୁଥିଲେ। ସହରରେ ବିସାଗର ବନ୍ଧ, ନୂଆବନ୍ଧ, ଗୋବିନ୍ଦ ବନ୍ଧ, ବୁଢାରଜା ବନ୍ଧ, ଭଗବତୀ ବାମ୍ପ, ବୁଢୀସମଲେଇ ବନ୍ଧ, ଦୁଷି ବନ୍ଧ, ଗୁଲା ନଗର ବନ୍ଧ, ପାଣିନାଗର ବନ୍ଧ, ସିଙ୍ଗଡା ବନ୍ଧ, କାନକଟା ବନ୍ଧ ଭଳି ୪୬ଟି ଜଳାଶୟ ରହିଥିଲା। ବାୟୁମଣ୍ଡଳ ଉତ୍ତପ୍ତ ହେବା ପରେ ଜଳାଶୟ ସଂସ୍ପର୍ଶରେ ଆସି ବାହାରୁଥିବା ବାଷ୍ପ ସହରକୁ ଶୀତଳ କରିଥାଏ। ଜଳାଶୟଗୁଡିକ ଏବେ ପୋତି ହୋଇଗଲାଣି। ସେଗୁଡିକୁ ପୁନଃରୁଦ୍ଧାର କରାଯାଉନି। ମାତ୍ର ଲୋକଙ୍କ ଆମୋଦ ପ୍ରମୋଦ ପାଇଁ ଯେଉଁ ଗୋଟିଏ ଦୁଇଟି ପୋଖରୀର ପୁନରୁଦ୍ଧାର ଓ ଉନ୍ନତୀକରଣ ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯାଇଛି ତାହା ଧନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ନେଇ ପରିବେଶବିତ୍‌ମାନେ ଆଶଙ୍କା ପ୍ରକାଶ କରିଛନ୍ତି।


ସ୍ୱେଚ୍ଛାସେବୀମାନେ ସୁବର୍ଣ୍ଣପୁର ସହରରେ ବାଟୋଇଙ୍କୁ ଥଣ୍ଡା ପାଣି ଦେଉଛନ୍ତି।

ଜଳାଶୟର ପଙ୍କ ଜଳକୁ ଶୀତଳ କରିବା ସହ ଜଳଧାରଣ କ୍ଷମତା ବଢାଇଥାଏ। ସେହିପରି ନଦୀର ଆଡିବନ୍ଧ ଜବରଦଖଲ କରି ପକ୍କାଗୃହ ନିର୍ମାଣ ଓ ପୋଖରୀ ବନ୍ଧ କଂକ୍ରିଟ୍ କରାଯିବା ଦ୍ୱାରା ଜଳସ୍ତର କମିଯିବା ଅନ୍ୟତମ କାରଣ ବୋଲି ପରିବେଶବିତ୍ ମଧୁସୂଦନ ପ୍ରଧାନ କହିଛନ୍ତି। ସହର ମଧ୍ୟ ଦେଇ ଯାଇଥିବା ଛୋଟବଡ ନାଳ, ଖାଲଖମା ଓ ଜଳାଶୟକୁ ପୋତି ଦିଆଯାଇ କୋଠା ଘର ନିର୍ମାଣ କରାଯାଉଛି। ଅନ୍ୟପକ୍ଷେ ସହର ମଧ୍ୟରେ ଥିବା ରାସ୍ତାଗୁଡିକ ପ୍ରଶସ୍ତୀକରଣ କରିବା ଉଦ୍ଦେଶ୍ୟରେ ବଡବଡ ବୃକ୍ଷକୁ କଟାଯିବା, ଜନସଂଖ୍ୟା ବୃଦ୍ଧି ଯୋଗୁ ସହରରେ ଶତାଧିକ ବୋରୱେଲ ଖୋଳାଯିବା, ମାଟି ଉପରେ କଂକ୍ରିଟ୍ ଓ ସିମେଣ୍ଟ ଟାଇଲ ବସାଯିବା, ଗାଁ ଗଣ୍ଡାରେ ଥିବା ଜଙ୍ଗଲ ଧ୍ୱଂସ କରିବା ଓ ଜଳସ୍ତର ନିମ୍ନଗାମୀ ହେବା ଯୋଗୁ ତାପମାତ୍ରା ବୃଦ୍ଧି ପାଇବାର ଅନ୍ୟ ଏକ କାରଣ ବୋଲି ପରିବେଶବିତ୍ କହିଛନ୍ତି।

ସାମାଜିକ କର୍ମୀ ଘାସିରାମ ପଣ୍ଡା କହିଛନ୍ତି, ସହର ତଥା ଆଖପାଖ ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି କରାଯାଇ ଜଳାଶୟଗୁଡିକରେ ଜଳଧାରଣ କ୍ଷମତା ବୃଦ୍ଧିକୁ ଗୁରୁତ୍ୱ ଦିଆଗଲେ ତାପମାତ୍ରା ନିୟନ୍ତ୍ରଣ ହୋଇପାରିବ। ଏଥିପାଇଁ ଯୁବପିଢି ସଚେତନ ହୋଇ ଜୀବନ ରକ୍ଷାକାରୀ ବୃକ୍ଷ ପ୍ରତି ସଜାଗ ରହି ସବୁଜବନାନୀ ସୃଷ୍ଟି କରିବା ଅତ୍ୟନ୍ତ ଜରୁରି ବୋଲି ସେ କହିଛନ୍ତି। ପୂର୍ବରୁ ରାସ୍ତାପାର୍ଶ୍ୱରେ ସହର ଓ ଗାଁ ମାନଙ୍କରେ ଥିବା ବଡ ଗଛ ଆଉ ଦେଖିବାକୁ ମିଳୁନାହିଁ। ଗାଁ ଓ ସହର ରାସ୍ତା କଂକ୍ରିଟ୍ ନିର୍ମାଣ ହେବା ଦ୍ୱାରା ମାଟିକୁ ପାଣି ପହଞ୍ଚିବା ପୂର୍ବରୁ ଡ୍ରେନ୍ ଦେଇ ନଦୀରେ ମିଶିବା ପରେ ତାହା ସମୁଦ୍ରକୁ ଚାଲିଯାଉଛି। ଫଳରେ ମାଟି ପାଇଁ ଜଳଧାରଣ କ୍ଷମତା ଥିବା ସତ୍ତ୍ୱେ ଜଳସ୍ତର ନିମ୍ନଗାମୀ ହେବାରେ ଲାଗିଛି । ଜିଲାରେ ବୃକ୍ଷରୋପଣ କରାଯାଇଛି ସତ, ମାତ୍ର ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଉଛି। ପ୍ରାକୃତିକଭାବେ ଯେଉଁଠି ଉଠୁଛି, ସେଇଠି ସବୁ ଗଛ ବଢ଼ିବାରେ ଲାଗିଛି। କିନ୍ତୁ ଯେଉଁଠି ରୋପଣ କରାଯାଉଛି ସେଠି ନୂଆ ଗଛଗୁଡିକ ନଷ୍ଟ ହେବାରେ ଲାଗିଛି। ବୃକ୍ଷରୋପଣ ସାଙ୍ଗକୁ ରକ୍ଷଣାବେକ୍ଷଣର ବ୍ୟବସ୍ଥା କରା ନ ଗଲେ ତାପମାତ୍ରାକୁ ରୋକାଯାଇପାରିବ ନାହିଁ। ଜଳ ସଂରକ୍ଷଣକୁ ଗୁରୁତ୍ୱ ଦିଆଯାଇ ସରକାରୀସ୍ତରରେ ପଦକ୍ଷେପ ନେବା ଜରୁରୀ ହୋଇପଡିଛି ବୋଲି ପରିବେଶବିତ୍ ଶମ୍ଭୁପ୍ରସାଦ ନନ୍ଦ କହିଛନ୍ତି।

**ଆଜିର ମନ୍ତବ୍ୟ**

ବେରୋଜଗାରୀ ଦେଶର ବଡ଼ ସମସ୍ୟା। ୬୫ ପ୍ରତିଶତ ଶିକ୍ଷିତଙ୍କ ହାତରେ କାମ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମିଛ ଫ୍ୟାକ୍ଟ୍ରି ଆଉ କାମ କରିବ ନାହିଁ। **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୬ତମ ଜୟନ୍ତୀ, ସ୍ଥାନ: ରାଜଭବନସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା। ଓ ଜୟନ୍ତୀ ସମାରୋହ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକନଗର, କାଳ ୯ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ ଦିବସ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ମଧୁକଥା ସମାରୋହ, ସ୍ଥାନ: ଆଶାଏଁ ପ୍ଲଟ ନଂ. ୮୩୯, ମହାବୀରନଗର, ଖାରପଡ଼ା, ସମୟ: ଅପରାହ୍ନ ୩ଟା ୩୦।
- ଫିଲ୍ମ ତେଜସ୍ୱିନୀର ସ୍କ୍ରିନିଂ, ସ୍ଥାନ: ସ୍ତୁତି ସିନେମା ହଲ୍, ସମୟ: ଅପରାହ୍ନ ୩ଟା ୩୦।
- 'ସମ୍ବାଦ' ଓ 'ଆମ ଓଡ଼ିଶା' ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସ୍ୱାଭିମାନ ଦିବସ, ସ୍ଥାନ: ୪ ଆର୍ ୧/୨, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ୩୦।
- ଉନ୍ମୋଚନ ଉତ୍ସବ 'ଅଳ୍ପ ଗଳ୍ପ', ସ୍ଥାନ: ରେଡକ୍ରସ ଭବନ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଚଳଚ୍ଚିତ୍ରର ଭବିଷ୍ୟତ ସମ୍ପର୍କରେ ଆଲୋଚନା ଓ ସମ୍ମାନ ସମାରୋହ, ସ୍ଥାନ: ବୁଦ୍ଧ ମନ୍ଦିର, ୟୁନିଟ୍-୩, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ସରସ୍ୱତୀ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନରେ ରକ୍ତଦାନ ଶିବିର ଓ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଅନୁଷ୍ଠାନ ପରିସର, ବେଲଗଛିଆ, ତ୍ରିଶୁଳିଆ, ସମୟ: ସକାଳ ୮ଟା।
- ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କଟକସ୍ଥିତ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୩ୟ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶିଶୁ ସାହିତ୍ୟ ଲେଖକ ସମ୍ମେଳନର ସମାବର୍ତ୍ତନ ଉତ୍ସବ, ସ୍ଥାନ: ଖାନ୍‌ନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ପୁରୀ

- ସତ୍ୟବାଦୀ ଆଇନଜୀବୀ ସଂଘର ଆଇନଜୀବୀ ସଂଘ ଦିବସ ପାଳନ, ସ୍ଥାନ: ସଂଘ କାର୍ଯ୍ୟାଳୟ, ତହସିଲ କ୍ୟାମ୍ପସ, ସମୟ: ସକାଳ ୮ଟା ୩୦।
- ବିଜୁ ଜନତା ଦଳର ମୋଟର ସାଇକେଲ ରାଲି, ସ୍ଥାନ: ହରିପୁର, ନିମାପଡ଼ା, ସମୟ: ଅପରାହ୍ନ ୩ଟା।
- ମା'ସପ୍ତମାତୃକା ବିଜେସ୍ଥଳୀ ପରିସରରେ ଶ୍ରୀଶ୍ରୀ ଅଷ୍ଟପ୍ରହର ନାମଯଜ୍ଞ ଅଧିବାସ, ସ୍ଥାନ: ସର୍ବପଡ଼ା, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପରିସର, ସାକ୍ଷୀଗୋପାଳ, ସମୟ : ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଶ୍ରୀରାମଚରିତ ନବାହ୍ନ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀ ନୃସିଂହ ଦେବଙ୍କ ପୀଠ, ପଣ୍ଡାଳମ, ବେଗୁନିଆ ଉପକଣ୍ଠ, ସମୟ: ସନ୍ଧ୍ୟା ୭ଟା।
- ଜଟଣୀ ବାର୍ ଆସୋସିଏଶନ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ଓକିଲ ଦିବସ ସମାରୋହ, ସ୍ଥାନ: ଜଟଣୀ ସିଭିଲଜଜ୍ କୋର୍ଟ ପରିସର, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାଖରାବାଦ ଗ୍ରାମରେ ଅନୁଷ୍ଠିତ ଗଙ୍ଗାନାରାୟଣ ବାର୍ଷିକ ପୂଜା ଉତ୍ସବର ଉଦ୍‌ଯାପନୀ ପର୍ବ, ପୂର୍ଣ୍ଣାହୁତି ଏବଂ ବିସର୍ଜନ, ସ୍ଥାନ: ବାଖରାବାଦ କୈବର୍ତ୍ତ ସାହି ପୂଜା ମଣ୍ଡପ, ରୂପସା, ସମୟ: ସକାଳ ୬ଟା।
- ସୀମାନ୍ତ ସହାବାଜିପୁର ସାଗର ସାଥୀ କ୍ଲବ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବର୍ଡ଼ର୍, ଭୋଗରାଇ, ସମୟ: ସକାଳ ୮ଟା।
- ହଜ୍ ପ୍ରଶିକ୍ଷଣ ଶିବିର, ସ୍ଥାନ: ବସନ୍ତ କନଭେନସନ୍, ସରସ୍ୱତୀପୁର, ବାଲେଶ୍ୱର, ସମୟ: ସକାଳ ୯ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ରୟାଲ କୁଇନ୍ କଲ୍ୟାଣମଣ୍ଡପ ସମ୍ମିଳନୀ କକ୍ଷ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ସକାଳ ୯ଟା ୩୦ମିନିଟ୍।
- ଓଡ଼ିଶା ସ୍ୱାଭିମାନ ପରିଷଦ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ଶ୍ରୀଜଗନ୍ନାଥ ମଣ୍ଡପ ସମ୍ମିଳନୀ କକ୍ଷ, ରୂପସା, ସମୟ: ଅପରାହ୍ନ ୫ଟା ୩୦।
- ମସୁସୂଦନ ଦାସଙ୍କର ୧୭୭ତମ ଜୟନ୍ତୀ ସମାରୋହ ଏବଂ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ବିଏଡ଼ି କଲେଜ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।
- ଜିଲା କଂଗ୍ରେସର ନିର୍ବାଚନୀ ସାଧାରଣ ସଭା, ସ୍ଥାନ: କୁରୁଡ଼ା ଛକ ହାଟ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା ୩୦।

## ଭଦ୍ରକ

- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଏଡ଼ତାଳ, ବାସୁଦେବପୁର, ସମୟ: ସକାଳ ୯ଟା।
- ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ: ବାସୁଦେବପୁର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା ହସ୍ତଶିଳ୍ପୀ ଓ ବୁଣାକାର ସମାବେଶ, ସ୍ଥାନ: ସୀତାରାମ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଅଣିଜୋ, ବନ୍ତ, ସମୟ: ଅପରାହ୍ନ ୪ଟା।
- ବିଜେଡିର କର୍ମୀ ସମାବେଶ, ସ୍ଥାନ: ଚୁଡ଼ାମଣି, ବାସୁଦେବପୁର, ସମୟ: ଅପରାହ୍ନ ୫ଟା।
- ବିଜେଡିର କର୍ମୀ ସମାବେଶ, ସ୍ଥାନ: ଚାରିଗାଁ, ବନ୍ତ, ସମୟ: ଅପରାହ୍ନ ୫ଟା।
- ଜଗବନ୍ଧୁ ମେମୋରିଆଲ ଫ୍ଲଡଲାଇଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଅଟଳ ବିହାରୀ ହାଇସ୍କୁଲ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆଇନଜୀବୀ ଦିବସ, ସ୍ଥାନ: କେନ୍ଦୁଝର ଜିଲା ଓକିଲ ସଂଘ, ସମୟ: ସକାଳ ୮ଟା।
- ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବଡ଼ବିଲ ମଧୁସୂଦନ ଛକ, ସମୟ: ସକାଳ ୭ଟା ୩୦।
- ମଧୁସୂଦନ ଦାସଙ୍କ ଜୟନ୍ତୀ ଓ ମଧୁ ସମ୍ମାନ ଉତ୍ସବ, ସ୍ଥାନ: ବଡ଼ବିଲ ବାର ଆସୋସିଏଶନ, ଜେଏମ୍‌ଏଫ୍‌ସି କୋର୍ଟ ପରିସର, ସମୟ: ସକାଳ ୮ ଟା ୩୦।
- କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ, ସ୍ଥାନ: ଟୋଲଙ୍କପଡ଼ା ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ନ ୪ ଟା।
- ବାଦୀପାଲା ଅନୁଷ୍ଠିତ, ସ୍ଥାନ: ଭୋଳ ନୂଆଗାଁ, ତରୁଆଁ, ଘସିପୁରା: ସମୟ ସନ୍ଧ୍ୟା ୫ଟା ୩୦।
- ସତ୍ୟ ନାରାୟଣ ବାଦିପାଲା, ସ୍ଥାନ: ସଦର ବ୍ଲକ ସେଣ୍ଡକାପ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟପ୍ରହରୀ ନାମ ସଙ୍କୀର୍ତ୍ତନ, ସ୍ଥାନ: ଆଗର୍ଦା ଖଲଣା, ଘସିପୁରା, ସମୟ: ସନ୍ଧ୍ୟା ୬ ଟା।
- ଶନିଶ୍ଚର ପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସାଇଁକୁଲ, ଘସିପୁରା, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: କଚେରି ପରିସର, ବାରିପଦା, ସମୟ: ସକାଳ ୮ଟା ୩୦।
- ଆଇନଜୀବୀ ଦିବସ ପାଳନ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ସକାଳ ୯ଟା।
- 'ଆମେ ୮୦' ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲୁଡି ଅଫିସ ସମ୍ମୁଖ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମା' ଶୀତଳାଙ୍କ ପୂଜା, ସ୍ଥାନ: ଶୀର୍ଷାପାଳ, ମୋରଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ମୋରଡ଼ା ଓ ଧଡ଼ାସାହି, ସମୟ: ଅପରାହ୍ନ ୪ଟା।
- ଭଞ୍ଜସେନାର ମିଶ୍ରଣ ପର୍ବ, ସ୍ଥାନ: ଶୀର୍ଷାପାଳ, ଚିତ୍ରଡ଼ା, ସମୟ: ସନ୍ଧ୍ୟା ୬ଟା।

## ବ୍ରହ୍ମପୁର

- ଭାଜପାର ବିଜୟ ସଂକଳ୍ପ ସମାବେଶ, ସ୍ଥାନ: ବିବେକ ବିହାର, ଆମ୍ବପୁଆ, ସମୟ: ସନ୍ଧ୍ୟା ୫ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ:ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା ୩୦।
- ଯୋଗଧାମ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର, ସ୍ଥାନ: ଯୋଗଧାମ, ଗାନ୍ଧୀନଗର ତୃତୀୟ ଗଳି (ପୂର୍ବ),ସମୟ: ସକାଳ ୬ଟା ୩୦।

## ଗଞ୍ଜାମ

- ମଧୁବାବୁଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ:ଭଞ୍ଜନଗର ବାର୍ ଆସୋସିଏଶନ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ଭଞ୍ଜନଗର ବ୍ଲକ ରାଇଗୋଚ୍ଛା,ସମୟ:ସକାଳ ୯ଟା।
- ମଧୁବାବୁଙ୍କ ଜୟନ୍ତି ପାଳନ, ସ୍ଥାନ:ବୁଗୁଡା ପିପୁଲ୍ସ କଲେଜ, ସମୟ:ସକାଳ ୯ଟା ୩୦ ମିନିଟ୍ ।
- ବିକ୍ଷିପ୍ତା ସାହିତ୍ୟ ସମ୍ମିଳନୀ, ସ୍ଥାନ:ବୁଗୁଡା,ନିୟୁ ଏରା ପବ୍ଲିକ ସ୍କୁଲ,ସମୟ:ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ଆଇନ ଦିବସ ପାଳନ,ସ୍ଥାନ: ବୁଗୁଡ଼ା ଓକିଲ ସଙ୍ଘ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା ୩୦ ମିନିଟ୍।

## କନ୍ଧମାଳ

- ଠାକୁରାଣୀ ଯାତ୍ରାର ପଞ୍ଚମ ସନ୍ଧ୍ୟାରେ ଘଟ ପରିକ୍ରମା,ସ୍ଥାନ:ଡୁଡୁକିବାଡ଼ି ସାହି, ସମୟ:ସନ୍ଧ୍ୟା ୬ଟା।
- ଦେବ ସଭା,ସ୍ଥାନ:ଗବାଟବାଡ଼ି ଗ୍ରାମ,ସମୟ:ଅପରାହ୍ନ ୪ଟା ୩୦ରେ ଶୁଭାରମ୍ଭ।

## ଢେଙ୍କାନାଳ

- ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ହୋଟେଲ ଆରକେ ରିଜେନ୍ସି, ସମୟ: ସକାଳ ୮ଟା।
- ମଧୁସୂଦନ ଜୟନ୍ତୀ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଇସ୍କନ ପକ୍ଷରୁ ହରେକୃଷ୍ଣ ଉତ୍ସବ, ସ୍ଥାନ:ଗୋପବନ୍ଧୁ ଟାଉନହଲ ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

## ଅନୁଗୋଳ

- ନିର୍ବାଚନ ଜନିତ ସମୀକ୍ଷା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳ, ତାଳଚେର, ପାଲଲହଡ଼ା, ଆଠମଲ୍ଲିକ, ସମୟ: ସକାଳ ୯ଟା।
- ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏକ ଦିବସୀୟ ଟ୍ୟାକ୍ସ ସମ୍ମିଳନୀ, ସ୍ଥାନ: ଅନୁଗୋଳ, ସମୟ :ପୂର୍ବାହ୍ନ ୧୦ଟା।
- ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା୩୦।
- ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ସଭାଘର, ସମୟ: ପୂର୍ବାହ୍ନ ୧୧ଟା୩୦।
- ଅନୁଗୋଳ ଓକିଲ ସଂଘ ପକ୍ଷରୁ ନାଟକ ପରିବେଷଣ, ସ୍ଥାନ: ସଭାଘର, ସମୟ: ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ବିଜେଡି ପାରାଦୀପ ନଗର ପକ୍ଷରୁ କର୍ମୀ ସମାବେଶ, ସ୍ଥାନ: ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ନାଟ୍ୟକାର ସୁଧାକର ଦ୍ୱିବେଦୀଙ୍କ ୭୪ ତମ ଜୟନ୍ତୀ ସମାରୋହ, ସ୍ଥାନ: ରଘୁନାଥପୁର ବ୍ଲକ ରେଢୁଆ ପଞ୍ଚାୟତ ଗହ୍ଲାପୁର, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ, ସ୍ଥାନ: ପ୍ରେସ କ୍ଲବ, କେନ୍ଦ୍ରାପଡ଼ା ସହର, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି କର୍ମୀ ସମ୍ମିଳନୀ, ସ୍ଥାନ:କୁତରଙ୍ଗ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ବିଜେଡି ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ:ଅଣ୍ଡରା, ପଟ୍ଟାମୁଣ୍ଡାଇ,ସକାଳ ୯ଟା।
- ବିଜେଡି ପଦଯାତ୍ରା କାର୍ଯ୍ୟକ୍ରମ, ସ୍ଥାନ:ଭୂଇଁପୁର, ଆଳି, ସମୟ:ସକାଳ ୯ଟା।
- ମା'ବୁଢ଼ୀ ଜାଗୁଳାଇଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ପଦନପୁର, ଆଳି, ସମୟ: ଅପରାହ୍ନ ୪ଟା।

## ଯାଜପୁର

- ମାଗଣା ମଧୁମେହ ରୋଗ ପରୀକ୍ଷା ଓ ପରାମର୍ଶ ଶିବିର, ସ୍ଥାନ ଧର୍ମଶାଳା ବ୍ଲକ ଶାନ୍ତିବଜାରସ୍ଥିତ ସାର୍ଥକ ହସପିଟାଲ ପରିସର, ସମୟ: ସକାଳ ୮ଟା।
- ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଧର୍ମଶାଳା ବ୍ଲକର ଜାରକା ହାଇସ୍କୁଲ, ସମୟ: ସକାଳ ୮ଟା୩୦।
- ଧର୍ମଶାଳା ମଧୁବୈଶ୍ୟ ସମାଜର ବାର୍ଷିକ ସମ୍ମିଳନୀ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବରୀ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କ ନିର୍ବାଚନୀ ବୈଠକ, ସ୍ଥାନ: ଝାଲପଡା ପଞ୍ଚାୟତ ଓ ସାନବାଗସାହିସ୍ଥିତ ରବୀନ୍ଦ୍ର କ୍ଲବ ପରିସର, ସମୟ ଅପରାହ୍ନ ୫ଟା।
- ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ ପକ୍ଷରୁ ଜିଲାସ୍ତରୀୟ ଆଇନଜୀବୀ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସ ଜୟନ୍ତୀ ପାଳନ, ସ୍ଥାନ: ବ୍ୟାସନଗର ହୋଟେଲ ଯଯାତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ବିଜେଡିର କର୍ମୀ ସମ୍ମିଳନୀ, ସ୍ଥାନ: ଯାଜପୁର ପୌର ପରିଷଦ ୧୧ ନମ୍ବର ୱାର୍ଡର ମାନସାପୋଲ ନିକଟ, ସମୟ: ସନ୍ଧ୍ୟା ୭ଟା।
- ଜଗତ୍‌ସିଂହପୁର ପୋକପୁର ମଠର ମହନ୍ତ ତ୍ରିଲୋଚନ ଦାଶଜୀ ମହାରାଜଙ୍କ ଦ୍ୱାରା ଶ୍ରୀରାମ ଚଳିତ ମାନସ, ସ୍ଥାନ: ଯାଜପୁର ରୋଡ ମହତାବନଗର ଦେବେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା୩୦।

## ରାୟଗଡ଼ା

- ମଧୁସୂଦନ ଦାସଙ୍କ ଜନ୍ମଦିବସ ପାଳନ, ସ୍ଥାନ: ୟୁଜିଏମଆଇଟି କଲେଜ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ରାୟଗଡା ଡିଭିଜନାଲ ଡାକ ବିଭାଗର ପ୍ରତିଷ୍ଠା ଦିବସ, ସ୍ଥାନ: ତେଜସ୍ୱୀ ହୋଟେଲ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୧ଟା ।
- ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ: ଗୁଣପୁର ଓକିଲ ସଂଘ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଓକିଲ ଦିବସ ଉପଲକ୍ଷେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ବିଚାର ବିଭାଗ ଅଦାଲତ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ଟା ୫୫।

## ନବରଙ୍ଗପୁର

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ନବରଙ୍ଗପୁର ଭାଜପା କାର୍ଯ୍ୟାଳୟ, ସମୟ: ସକାଳ ୮ ଟା।

## କୋରାପୁଟ

- ମଧୁବାବୁ ଜୟନ୍ତୀ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା।
- ଇଗ୍ନୋ ପକ୍ଷରୁ ଛାତ୍ରୀଛାତ୍ର ଅଧିଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସଭା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଷ୍ଟ୍ରଦୀପ ପ୍ରସାର ସମିତି ପକ୍ଷରୁ ମହାବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: ମୁକ୍ତାକାଶ ରଙ୍ଗମଞ୍ଚ, ନାଲକୋ ଟାଉନସିପ ଦାମନଯୋଡ଼ି, ସମୟ: ସନ୍ଧ୍ୟା: ୭ଟା।

## ସମ୍ବଲପୁର

- ମହାନଦୀ ସାହିତ୍ୟ ଉତ୍ସବ, ସ୍ଥାନ : ବୁଢ଼ାରଜାସ୍ଥିତ ଗ୍ରାଣ୍ଡ ଶିବା ସମ୍ମିଳନୀ କକ୍ଷ, ସମୟ ପୂର୍ବାହ୍ନ :୧୦ଟା।
- ମୋର ଭାଷାର ମହକ ସମ୍ବଲପୁରୀ ଅନୁଷ୍ଠାନ ପକ୍ଷରୁ ରାଜ୍ୟସ୍ତରୀୟ କବି ସମ୍ମିଳନୀ, ସ୍ଥାନ :ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଆଇଆଇଏମ ସମ୍ବଲପୁରର ଅଷ୍ଟମ ସମାବର୍ତ୍ତନ ଉତ୍ସବ, ସ୍ଥାନ : ବସନ୍ତପୁର ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ ସକାଳ ୯ଟା।
- ଲୟର୍ସ ଡେ କାର୍ଯ୍ୟକ୍ରମ, ସ୍ଥାନ : ଜିଲା ଓକିଲ ସଂଘ ସଭାକକ୍ଷ, ସମୟ: ରାତି ୭ଟା।
- ଶ୍ରୀରାମ ନବମୀ ଉତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ, ସ୍ଥାନ : କବରାପାଲି ଗ୍ରାମ, ସମୟ : ରାତି ୧୦ଟା ୩୦।

## ବଲାଙ୍ଗୀର

- ଗ୍ରୀଷ୍ମକାଳୀନ ଅସି ଚାଳନା ନବମ ଦିବସ ତାଲିମ ଶିବିର, ସ୍ଥାନ: ଆର.ଏନ୍. ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା।
- ବଲାଙ୍ଗୀରରେ ମିଳିତ ଚିତ୍ରକଳା ପ୍ରଦର୍ଶନୀ ଚତୁର୍ଥ ଦିନ, ସ୍ଥାନ: ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥପଡା ପ୍ରସିଦ୍ଧ ରାମଲୀଳା ଦଶମ ରଜନୀ, ସ୍ଥାନ: ଜଗନ୍ନାଥ ମନ୍ଦିର, ଜଗନ୍ନାଥପଡା, ବଲାଙ୍ଗୀର,
- ସମୟ: ରାତି ୧୦ଟା ୩୦ ମିନିଟ ।

## ସୁବର୍ଣ୍ଣପୁର

- ଅଷ୍ଟପ୍ରହର ନାମଯଜ୍ଞର ଶୁଭାରମ୍ଭ, ସ୍ଥାନ: ମୁଣ୍ଡାପଡା, ସାଗଯୋରୀ, ବୀରମହାରାଜପୁର ବ୍ଲକ, ସମୟ : ସକାଳ ୮ ଟା।
- ୧୬ପ୍ରହର ନାମଯଜ୍ଞ ଉଦ୍‌ଯାପିତ, ସ୍ଥାନ: ଡୁଙ୍ଗୁରିପାଲି ଗାଁ, ସମୟ: ଅପରାହ୍ନ ୨ଟା।
- ସଙ୍କୀର୍ତ୍ତନ ଓ ସତ୍‌ସଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଭାଲୁଡୁଙ୍ଗୁରିସ୍ଥିତ ଶୃଙ୍ଗଦର ମଠ, ବୀରମହାରାଜପୁର, ସମୟ: ଅପରାହ୍ନ ୪ଟା ।
- ଶ୍ରୀରାମଲୀଳା ନାଟକ ସୀତା ଠାବ ପରିବେଷଣ, ସ୍ଥାନ : ଚମ୍ପାମାଳ, ବୀରମହାରାଜପୁର, ସମୟ: ରାତ୍ରି ୧୧ଟା।
- ରାମଲୀଳା ନାଟକରେ ଲକ୍ଷ୍ମଣ ଶକ୍ତିଭେଦ ପରିବେଷଣ, ସ୍ଥାନ: ତିକୁଡା,ଉଲୁଣ୍ଡା ବ୍ଲକ, ସମୟ :ରାତ୍ରୀ ୧୧ ଟା।
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ : ପୁଲେଶ୍ୱର, ବୀରମହାରାଜପୁର ବ୍ଲକ, ସମୟ : ରାତ୍ରୀ ୧୧ଟା ।
- ରାମଲୀଳା ନାଟକ ଇନ୍ଦ୍ରଜିତ ବଧ, ସ୍ଥାନ : ବାଗବର,ବୀରମହାରାଜପୁର ବ୍ଲକ, ସମୟ : ରାତ୍ରୀ ୧୧ଟା
- ଶ୍ରୀରାମଲୀଳା ନାଟକ ପରିବେଷଣ, ସ୍ଥାନ: ମୁର୍ଷୁଣ୍ଡି,ବୀରମହାରାଜପୁର ବ୍ଲକ, ସମୟ: ରାତ୍ରି ୧୧ଟା।

## ରାଉରକେଲା

- ରାଉରକେଲା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ, ସ୍ଥାନ: ଉଦିତନଗରର ନୂତନ କୋର୍ଟ, ସମୟ: ସକାଳ ସାଢେ ୭ଟା।
- ଡିପିଏସ୍ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା, ସ୍ଥାନ: ସେକ୍ଟର-୬ ବସ୍ତିଆଭବନ, ସମୟ: ସକାଳ ସାଢେ ୯ଟା।
- ପ୍ରଥମ ରୟାଲ କରାଟେ ଚାମ୍ପିୟନଶିପ୍ ଦ୍ୱିତୀୟ ଦିନ, ସ୍ଥାନ: ସେକ୍ଟର-୫ ଭଞ୍ଜଭବନ, ସମୟ: ସକାଳ ସାଢ଼େ ୯ଟା।
- ପ୍ରଗତି ଉତ୍କଳ ସଂଘ ପକ୍ଷରୁ ମଧୁସୂଦନଙ୍କ ଜନ୍ମ ଜୟନ୍ତି ପାଳିତ, ସ୍ଥାନ: ସେକ୍ଟର-୭ ସଂଘ କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୭ଟା ।
- ହନୁମାନ ମନ୍ଦିରର ରୌପ୍ୟ ଜୟନ୍ତୀ, ସ୍ଥାନ: କୋଏଲ ନଗର, ସମୟ: ସନ୍ଧ୍ୟା ୭ଟା।

## ବରଗଡ଼

- ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ବିଜୁ ପଟ୍ଟନାୟକ ଇନଡ଼ୋର ଷ୍ଟାଡ଼ିୟମ, ବରଗଡ଼, ସମୟ: ସକାଳ ୯ଟା।
- ଭାରତ ବିକାଶ ପରିଷଦର ଶପଥ ଗ୍ରହଣ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ନ ୫ଟା ୩୦।

## କଳାହାଣ୍ଡି

- ସାଇକେଲ ଶୋଭାଯାତ୍ରାରେ ଭୋଟର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପରମାନନ୍ଦପୁର ବିକାଶ ଡିଗ୍ରୀ କଲେଜ ଛକଠାରୁ ଭବାନୀପାଟଣା ଗାନ୍ଧୀ ଛକ, ସମୟ: ସକାଳ ୬ଟା।

## ନୂଆପଡ଼ା

- ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ, ସ୍ଥାନ: ନୂଆପଡ଼ା କୋର୍ଟ କାର୍ଯ୍ୟଳୟ: ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଜୟନ୍ତୀ, ସ୍ଥାନ: ନୂଆପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ: ସମୟ ଅପରାହ୍ନ ୫ଟା।

## ବୌଦ୍ଧ

- ବହିରାରେ ଶ୍ରୀରାମଲୀଳା ଉତ୍ସବର ଦ୍ୱାଦଶ ସନ୍ଧ୍ୟାରେ ନାଟକ ଇନ୍ଦ୍ରଜିତ ବଧ ଓ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ:ବହିରା ରାମଲୀଳା ମଣ୍ଡପ, ବୌଦ୍ଧ , ସମୟ: ରାତି ୯ଟା।
- ଘଣ୍ଟାପଡା ଶ୍ରୀରଘୁନାଥ ନାଟ୍ୟ ସଂସଦର ରାମାୟଣ ପାରାୟଣ ଦ୍ୱାଦଶ ଦିବସ ନାଟକ ବିଭୀଷଣ ଶରଣ ଓ କୁମ୍ଭ କର୍ଣ୍ଣବଧ, ସ୍ଥାନ: ଘଣ୍ଟାପଡା ରଘୁନାଥଜୀଉ ମନ୍ଦିର,କନ୍ଧମାଳ , ସମୟ: ରାତି ୯ଟା।
- ଘଣ୍ଟାପଡାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦର ଦ୍ୱାଦଶ ଦିବସ ନାଟକ ଇନ୍ଦ୍ରଜିତ ବଧ ଓ ଲକ୍ଷ୍ମଣ ଶକ୍ତିଭେଦ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ମଣ୍ଡପ,କନ୍ଧମାଳ, ସମୟ: ରାତି ୯ଟା।
- ବରଗାଁ ପଞ୍ଚାୟତର ମଲିକୁଦର ରାମାୟଣ ନାଟକର ଦ୍ୱାଦଶ ଦିବସ ନାଟକ ମହୀରାବଣ ବଧ, ସ୍ଥାନ: ମଲିକୁଦ ରାମଲୀଳା ମଣ୍ଡପ,କନ୍ଧମାଳ, ସମୟ: ରାତି ୯ଟା।
- ବୌଦ୍ଧ ସହରର ଶ୍ରୀରାମଲୀଳା ଯାତ୍ରାର ଦ୍ୱାଦଶ ଦିବସର ନାଟକ ତରଣୀସେନ ବଧ, ସ୍ଥାନ: ଶ୍ରୀରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ : ରାତି ୧୦ଟା।
- ବାଉଁଶୁଣୀ ଶ୍ରୀରାମଲୀଳା ମହୋତ୍ସବର ଦ୍ୱାଦଶ ଦିବସର ନାଟକ ବିରବାହୁ ଓ ତରଣୀସେନ ବଧ,ସ୍ଥାନ: ବାଉଁଶୁଣୀ ଛକ,ବୌଦ୍ଧ , ସମୟ: ରାତି ୧୦ଟା।

## ଝାରସୁଗୁଡ଼ା

- ଶୀତଳା ଠାକୁରାଣୀଙ୍କ ପୂଜା, ସ୍ଥାନ: ଝାରସୁଗୁଡା ସଦର ବ୍ଲକ ରେଲୱେ କଲୋନୀ ପଡ଼ିଆ, ସମୟ: ସକାଳ ୮ଟା।
- ଭାଜପାର ବିଶାଳ ଜନସମାବେଶରେ ଯୋଗ ଦେବେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ, ସ୍ଥାନ ଝାରସୁଗୁଡା ସହରସ୍ଥିତ ମନମୋହନ ସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୫ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ନିଜ ରାଶି ଓ ଦ୍ୱାଦଶ ସ୍ଥାନରେ ଏକାଧିକ ଗ୍ରହ ଅବସ୍ଥାନ କରୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ରହିବ। ଅଫିସ୍ କାମରୁ ଜମା ଫୁରୁସତ୍ ପାଇବେ ନାହିଁ। ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇ କୃତକାର୍ଯ୍ୟ ହେବେ। ପାରିବାରିକ ଅଶାନ୍ତି ଲାଗି ରହିଥିଲେ ମଧ ମନକୁ ବୁଝାଇ ରହିବାକୁ ବାଧ ହୋଇପାରନ୍ତି।

**ବୃଷ** ବ୍ୟୟସ୍ଥ ଗ୍ରହ ପ୍ରଭାବରୁ ଖର୍ଚ୍ଚ ବୃଦ୍ଧି ପାଇଲେ ବି ସମସ୍ୟାର ଆଶୁ ସମାଧାନ କରିପାରିବେ। ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହେବାକୁ ପଡ଼ିପାରେ। ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା ଓ ରାଜନୈତିକ କ୍ଷେତ୍ରରେ ସଫଳତା ପାଇବେ।

**ମିଥୁନ** କର୍ମକ୍ଷେତ୍ରରେ ପଦାଧିକାରୀଙ୍କ ସାହାଯ୍ୟ ଏବଂ ପଡ଼ୋଶୀଙ୍କ ସହୃଦୟତା ଚେଷ୍ଟା କରୁଥିବା କାମ ପାଇଁ ସହାୟକ ହେବ। ଘର ଭିତରେ କିମ୍ବା ପାଖରେ ନଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ପଡ଼ୋଶୀମାନେ କଥା କହି କାର୍ଯ୍ୟ ହାସଲ କରିବେ, ଯାହାକି ପରେ ପରିବାରରେ ସେଥିପାଇଁ କଳହର ଆଶଙ୍କା ରହିଛି।

**କର୍କଟ** କର୍ମଭାବସ୍ଥ ଗ୍ରହର ପ୍ରଭାବ ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରାଇବାର ପଥ ପରିଷ୍କାର କରିଦେବେ। ଯାହାକୁ ଯାହା କହିବେ ସେହି ବ୍ୟକ୍ତି ଆଜ୍ଞାଧୀନ ଭାବରେ କାମ କରିବେ। ଆଜିର ପ୍ରତ୍ୟାବର୍ତ୍ତନ ପଥରେ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଖୁସି ବ୍ୟାହତ ହେବ।

**ସିଂହ** ଆପଣଙ୍କ ଲୋକପ୍ରିୟତା ପୂର୍ବପରି ଅକ୍ଷୁଣ୍ଣ ରହିବ ଏବଂ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆତ୍ମୀୟ ମାନଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ପ୍ରଶାସନିକ ସ୍ତରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** କର୍ମାଧିପଙ୍କ ଦୁର୍ବଳତା କାରଣରୁ ଆଜି ସହଜରେ କାମ ହାସଲ କରିପାରିବେ ନାହିଁ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ସ୍ଥଗିତ କାମରେ ସାହାଯ୍ୟ କରିବା ସକାଶେ ପ୍ରିୟ ବନ୍ଧୁଟିର ପ୍ରତିଶ୍ରୁତି ପାଣିରଗାର ପରି ମନେହେବ। ଆନୁଷ୍ଠାନିକ କାମ, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ।

**ତୁଳା** ଉଚ୍ଚସ୍ଥ ରବି ହେତୁ ସଫଳତା ଅବଶ୍ୟମ୍ଭାବୀ ହେଲେ ମଧ ସମସ୍ୟାର ବଳୟରୁ ବାଦ୍ ପଡ଼ିବେ ନାହିଁ। କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପାରସ୍ପରିକ ଉତ୍ତମ ବୁଝାମଣା ମଧ୍ୟରେ ସୁପ୍ରତିଷ୍ଠିତ ହେବ। କେତେକ କ୍ଷେତ୍ରରେ ପରୋକ୍ଷ ଶତ୍ରୁତା ବାଧା ସୃଷ୍ଟି କରିପାରେ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ବିଛା** ଗୁରୁଦୃଷ୍ଟିରେ ଚନ୍ଦ୍ର ହେତୁ ଆଜି ଆପଣଙ୍କ ଚିନ୍ତାଧାରା ଓ ମନ ଚାହୁଁଥିବା ସମସ୍ତ କାମ ଯଥାବିଧି ହୋଇଯିବ। ସାଙ୍ଗସାଥୀଙ୍କ ସହ ନୂଆ ସ୍ଥାନକୁ ଯାଇପାରନ୍ତି। ଶନିଙ୍କ କୁପ୍ରଭାବ ଜନିତ ଅନ୍ୟମନସ୍କତାରୁ ଟଙ୍କା ପଇସା ହଜି ଯାଇପାରେ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ସଙ୍ଗଲାଭ କରିପାରନ୍ତି।

**ଧନୁ** କୋଣଭାବସ୍ଥ ଶୁଭଗ୍ରହ ଜନିତ ବିବାଦୀୟ ଘଟଣାରେ, ବାଣିଜ୍ୟ, ବ୍ୟବସାୟରେ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରୁ ପ୍ରଶଂସା ପାଇବେ। ପରିବାରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେଇପାରନ୍ତି। ଆର୍ଥିକ ଅନଟନ ଲାଗି ରହିବ, ମାତ୍ର ଆବଶ୍ୟକତା ପୂରଣ ହୋଇଯିବ। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ନୀରବ ରହିବାକୁ ବାଧ ହେବେ।

**ମକର** ଶୁକ୍ର ସହ ଗୁରୁଙ୍କ ସଂଯୋଗରୁ ଆପଣଙ୍କ ଦୂରଦର୍ଶିତା ଓ ବୁଦ୍ଧିମତ୍ତା ପ୍ରଭାବରୁ ସମସ୍ୟା ସମାଧାନ ହୋଇଯିବ। ଭଲ କଥା କହିଲେ ମଧ ବନ୍ଧୁ ତାହାକୁ ଭୁଲ୍ ବୁଝିବେ। କାର୍ଯ୍ୟହାନି ହେତୁକ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। କଳା, ସାହିତ୍ୟ, ଗବେଷଣା, ଆଇନ ଅଦାଲତ ଓ ସାମ୍ବାଦିକତା କ୍ଷେତ୍ର ମଧ୍ୟମ ପ୍ରକାରର ରହିବ।

**କୁମ୍ଭ** ଷଷ୍ଠାଧିପତିଙ୍କ ପ୍ରଭାବରେ ପାରିବାରିକ ଅଶାନ୍ତି ସାଙ୍ଗକୁ ବନ୍ଧୁଙ୍କ ସହ ମତାନ୍ତର ହେତୁ ମନ ଭଲ ରହିନପାରେ। ଅବଶ୍ୟ ଆପଣ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ସାମାଜିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇ ପାରନ୍ତି।

**ମୀନ** କର୍ମ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଦେଖାଦେଲେ ମଧ ପର କ୍ଷଣରେ ସବୁ ଠିକ୍ ହୋଇଯିବ। କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିପାରେ। ପ୍ରକୃତ ଘଟଣା ନ ବୁଝି ସହକର୍ମୀ ରାଗରେ ଗରଗର ହୋଇପାରନ୍ତି। ବନ୍ଧୁମିଳନ, ଦେବଦର୍ଶନ, ସତ୍‌ସଙ୍ଗ, ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ସନ୍ତାନହେତୁକ ଚିନ୍ତା ଟଳିବ।

ଆଜି ଏପ୍ରିଲ ୨୮ ତାରିଖ, ଓକିଲ ଦିବସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ୫ମୀଯୁକ୍ତ ଷଷ୍ଠୀ ରବିବାର, ରାଶି ନକ୍ଷତ୍ର- ମୂଳା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ବ୍ରତୋପନୟନ ଓ ବିଦ୍ୟାରମ୍ଭ ପାଇଁ ଶୁଭ। ସକାଳ ଘ.୦୫।୨୩ ଗତେ ଘ.୦୯।୩୭ ମଧ୍ୟେ, ଘ.୦୧।୧୯ ଗତେ ଘ.୦୧।୫୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୩୦ ଗତେ ଘ.୦୬।୦୫ ମଧ୍ୟେ ରାହୁକାଳ।

## ଦୈନିକ ୨ ଥର ଇନ୍‌ସୁଲିନ ନେବାକୁ କେଜ୍‌ରିୱାଲଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୨୭।୪**

ଦିଲ୍ଲୀ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୫ ଜଣିଆ ଡାକ୍ତରୀ ଟିମ୍ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ତାଙ୍କୁ ଦୈନିକ ୨ଟି କମ୍ ଡୋଜ୍‌ର ଇନ୍‌ସୁଲିନ୍ ନେବାକୁ ବିଶେଷଜ୍ଞ ଡାକ୍ତର ପରାମର୍ଶ ଦେଇଛନ୍ତି। ଭର୍ଚୁଆଲ କନ୍‌ଫରେନ୍ସ ପରେ ମେଡିକାଲ ବୋର୍ଡ ଏହା ଜଣାଇଛି। କେଜ୍‌ରିୱାଲ ସୁସ୍ଥ ଥିବାରୁ ଔଷଧ ପରିବର୍ତ୍ତନ କରିବା ଆବଶ୍ୟକ ନାହିଁ ବୋଲି ବୋର୍ଡ କହିଛି। ତିହାର ଜେଲରେ ଥିବା କେଜ୍‌ରିୱାଲଙ୍କୁ ଗତ ସୋମବାର ପ୍ରଥମ ଇନ୍‌ସୁଲିନ୍ ଦିଆଯାଇଥିଲା।

## ଶତାବ୍ଦୀ ମଧ୍ୟଭାଗ ସୁଦ୍ଧା ଜୈବ ବିବିଧତା ହ୍ରାସ ପାଇବ

**ଜଳବାୟୁ ପରିବର୍ତ୍ତନର ପ୍ରଭାବ**

**ନୂଆଦିଲ୍ଲୀ,୨୭।୪ (ପି.ଟି.)**

ଚଳିତ ଶତାବ୍ଦୀ ମଧ୍ୟଭାଗ ସୁଦ୍ଧା ଜୈବ ବିବିଧତାରେ ଅବନତି ପାଇଁ ଜଳବାୟୁ ପରିବର୍ତ୍ତନ ମୁଖ୍ୟ ଚାଳକ ଶକ୍ତି ହେବ ବୋଲି ଏକ ନୂତନ ଗବେଷଣାରୁ ଜଣାପଡ଼ିଛି। ଜମି ବ୍ୟବହାର ଢାଞ୍ଚାରେ ପରିବର୍ତ୍ତନ ଏବଂ ଜୈବ ବିବିଧତା ଉପରେ ଏହାର ପ୍ରଭାବକୁ ନେଇ ଏକ ଅନ୍ତର୍ଜାତୀୟ ଗବେଷକ ଟିମ୍ ଅଧ୍ୟୟନ ଚଳାଇଥିଲା। ସାରା ବିଶ୍ୱରେ ବାୟୋ ଡାଇଭର୍ସିଟି ୨ରୁ ୧୧ ପ୍ରତିଶତ ହ୍ରାଇପାଇଥାଇପାରେ ବୋଲି ଏହି ଅଧ୍ୟୟନରୁ ଜଣାପଡ଼ିଛି। ଆମ



ମଡେଲରେ ସାରା ବିଶ୍ୱର ଅଞ୍ଚଳକୁ ସାମିଲ କରାଯାଇଥିଲା ବୋଲି ଜର୍ମାନ ସେଣ୍ଟର ଫର୍ ଇଣ୍ଟିଗ୍ରେଟିଭ୍ ବାୟୋଡାଇଭର୍ସିଟି ରିସର୍ଚ୍ଚର ଗବେଷଣା ମୁଖ୍ୟ ହେନ୍‌ରିକ୍ ପେରେଇରା କହିଛନ୍ତି। ଏହି ଗବେଷଣା 'ସାଇନ୍ସ' ପତ୍ରିକାରେ ପ୍ରକାଶ ପାଇଛି। ଭବିଷ୍ୟତରେ ଜୈବ ବିବିଧତା ଏବଂ ପରିବେଶରେ ବିବର୍ତ୍ତନ କିପରି ଆସିବ, ତାହା ଉପରେ ପରୀକ୍ଷା ନିରୀକ୍ଷା କଲାବେଳେ ଗବେଷକମାନେ ଜାଣିବାକୁ ପାଇଥିଲେ ଯେ, ଉତ୍ସର୍ଜନ ପରିଦୃଶ୍ୟକୁ ବାଦ୍ ଦେଇ ଜମି ବ୍ୟବହାରରେ ପରିବର୍ତ୍ତନ ଏବଂ ଜଳବାୟୁ ପରିବର୍ତ୍ତନର ମିଳିତ ପ୍ରଭାବ ସାରା ବିଶ୍ୱରେ ଜୈବ ବିବର୍ତ୍ତନକୁ କ୍ଷତି ପହଞ୍ଚାଇବ। ପରିବେଶ ସେବା ଓ ଜୈବ ବିବିଧତା ପାଇଁ ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ବିପଦ ଭାବେ ଉଭାହୋଇଥିବାବେଳେ ଜମି ବ୍ୟବହାରରେ ପରିବର୍ତ୍ତନ ମଧ ଏଥିରେ ଏକ ବଡ଼ ଫ୍ୟାକ୍ଟର ହେବାକୁ ଯାଉଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସଞ୍ଜ-ସକାଳେ ଯେ ପୋଖରୀ ଯାଏ**
**ତା' କଉଡି କି ବଇଦ ଖାଏ ?**

ନିର୍ଦ୍ଦିଷ୍ଟ ସମୟରେ ନିତ୍ୟକର୍ମ କରିବା ଉଚିତ। ସଞ୍ଜ ଏବଂ ସକାଳ ବେଳା ଯାହାର ମଳତ୍ୟାଗ ଠିକ ଭାବେ ହେଉଥାଏ, ସେହି ବ୍ୟକ୍ତି ଅତି ସହଜରେ କୌଣସି ବ୍ୟାଧିର ସମ୍ମୁଖୀନ ହୋଇ ନ ଥାନ୍ତି ବୋଲି ଏଠାରେ ପ୍ରକାଶ କରାଯାଇଛି।

**ସଜ କାଠଚମ୍ପା ଫୁଲ ଆଣିବ**
**ପ୍ରଭାତ କାଳେ ଘଡ଼ିଏ ଶୁଙ୍ଘିବ**
**ମାସ ଦଶଦିନ ଏପରି କଲେ**
**ଚାଳିଶା ଦୋଷ ଛାଡିଯାଏ ଭଲେ।**

ଚାଳିଶା ଦୋଷ ଛାଡିବାର ଏହା ଏକ ସହଜ ଉପାୟ। ସଜ କାଠଚମ୍ପା ଫୁଲକୁ ସକାଳ ବେଳା ଚାଳିଶ ଦିନ ପର୍ଯ୍ୟନ୍ତ ଶୁଙ୍ଘିଲେ ଚାଳିଶା ଦୋଷ ଛାଡିଯାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟ୍ରକ୍ ଧକ୍କାରେ ୩ ଯୁବକ ମୃତ

**ଅନୁଗୋଳ,୨୭।୪ (ଅମିତ କୁମାର ସାମଲ)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ସଦର ଥାନା ପଞ୍ଚମହଲା ଠାରେ ଶନିବାର ସକାଳ ୬ଟାରେ ଏକ ଦୁର୍ଘଟଣାରେ ୩ ଯୁବକଙ୍କ ଜୀବନ ଯାଇଛି। ଦ୍ରୁତଗତିରେ ଆସୁଥିବା ଏକ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ବାଇକ୍‌ରେ ଥିବା ୩ ଯୁବକଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଡେରଜାଙ୍ଗ ଗ୍ରାମର ରାଜେନ୍ଦ୍ର ପ୍ରଧାନ(୨୨), ସୁବ୍ରତ ପ୍ରଧାନ(୧୬) ଓ କୃପାସିନ୍ଧୁ ଦେହୁରୀ(୪୮)। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ପ୍ରାୟ ୪ ଘଣ୍ଟା ଧରି ରାଜପଥ ଅବରୋଧ କରିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିବା ପରେ ପୋଲିସ ରାଜପଥ ଉପରୁ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଥିଲା। ଏ ନେଇ ମୃତକଙ୍କ ପରିବାର ପକ୍ଷରୁ ସଦର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ନଂ. ୨୮୫/୨୪ରେ ଏକ ମାମଲା ରୁଜୁ କରି ଟ୍ରକ୍ ଚାଳକଙ୍କୁ ଅଟକ ରଖିବା ସହ ତଦନ୍ତ କରୁଥିବା ଥାନା ଅଧିକାରୀ ଅନୁପ ତିର୍କି ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଡେରଜାଙ୍ଗ ଗ୍ରାମର କୃପାସିନ୍ଧୁ ଓ ରାଜେନ୍ଦ୍ର ମାଛ ବ୍ୟବସାୟ ପାଇଁ ଘରୁ ଏକ ବାଇକ୍ (ନଂ. ଓଡି୧୯ ଏଚ୍ ୬୮୮୧)ରେ ବାହାରିଥିଲେ। ତାଙ୍କ ସହିତ ଛାତ୍ର ସୁବ୍ରତ ମଧ୍ୟ ଥିଲେ। ୩ ଜଣ ବାଇକ୍‌ରେ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ସମ୍ବଲପୁର ପଟୁ ଆସୁଥିବା ଏକ ଟ୍ରକ୍ (ନଂ. ଏମ୍‌ପି ୦୯ ଏଚ୍‌ଏସ୍ ୮୭୬୬) ପଛପଟୁ ସେମାନଙ୍କୁ ଧକ୍କା ଦେଇ ୩ ଶହ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଏହାପରେ ଟ୍ରକ୍‌ଟି ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ବାଇକ୍‌ରେ ଥିବା ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ୍ ଚାଳକ ଜରୁରିକାଳୀନ ନମ୍ବରକୁ ଦୁର୍ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ମୃତକଙ୍କ ପରିବାର ଓ ଗାଁ ଲୋକେ ପହଞ୍ଚି ରାଜପଥ ଅବରୋଧ କରିଥିଲେ। ଖବରପାଇ ଛେଣ୍ଡିପଦା ଭାଜପା ବିଧାୟକ ପ୍ରାର୍ଥୀ ଅଗସ୍ତି ବେହେରା, ଅନୁଗୋଳ ଅତିରିକ୍ତ ଏସ୍‌ପି ସତ୍ୟଜିତ୍ ମହାନ୍ତି, ଏସ୍‌ଡିପିଓ ରମାକାନ୍ତ ମାହାଳିକ, ଅନୁଗୋଳ ତହସିଲଦାର, ଥାନା ଅଧିକାରୀ ଅନୁପ ତିର୍କି ପ୍ରମୁଖ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପା ରାଶି ରେଡକ୍ରସ୍ ପକ୍ଷରୁ ପ୍ରଦାନ କରାଯାଇଥିଲା। ପରେ ମୃତଦେହ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଥିଲା।



ବାଇକ୍‌କୁ ଧକ୍କା ଦେବା ପରେ ଟ୍ରକ୍ ଗଛରେ ପିଟି ହୋଇଯାଇଛି।

# ଅଂଶୁଘାତରେ ବୃଦ୍ଧାଙ୍କ ମୃତ୍ୟୁ ଅଭିଯୋଗ

**ରାୟଗଡ଼ା/ଟିକିରି,୨୭।୪(ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ପଞ୍ଚାୟତର ଜଣେ ବୃଦ୍ଧା ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ମୃତ ବୃଦ୍ଧା ଝୋଡ଼ିଆପଡ଼ାର ଅର୍ଜୁନ ମାଝିଙ୍କ ସ୍ତ୍ରୀ ପଅଁଳା (୬୦) ବୋଲି ଜଣାପଡ଼ିଛି।

ମିଳିଥିବା ସୂଚନାନୁସାରେ, ପଅଁଳା ଶନିବାର ସକାଳୁ ଛେଳି ଚରାଇବା ପାଇଁ ପାଖ ଅଞ୍ଚଳକୁ ଯାଇଥିଲେ। ସେଠାରୁ ଫେରିବା ପରେ ଘରେ ବାସନ ମାଜିବା ସମୟରେ ଅଚେତ ହୋଇପଡ଼ିଥିଲେ। ଅର୍ଜୁନ ତାଙ୍କୁ ଟିକିରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ପଅଁଳାଙ୍କୁ ଉଷାପଡ଼ା ମେଡିକାଲ ନେବା ପାଇଁ ପରାମର୍ଶ ଦେଇଥିଲେ। ଅର୍ଜୁନ ସ୍ତ୍ରୀଙ୍କୁ ଉଷାପଡ଼ା ମେଡିକାଲ ନେଇଯାଇଥିଲେ। ତେବେ ସେଠାରେ ଡାକ୍ତର ପଅଁଳାଙ୍କୁ ମୃତ ଘୋଷଣା କରିଥିଲେ। ଅତ୍ୟଧିକ ଖରା ଯୋଗୁ ପଅଁଳା ଅଂଶୁଘାତର ଶିକାର ହୋଇ ମୃତ୍ୟୁବରଣ କରିଥିବା ପରିବାରବର୍ଗ ସନ୍ଦେହ କରୁଛନ୍ତି । ତେବେ ପଅଁଳାଙ୍କ ମୃତ୍ୟୁକୁ ନେଇ ପରିବାରବର୍ଗ ଟିକିରି ଥାନାରେ ଏତଲା ଦେବା ପରେ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସରପଞ୍ଚ ଜଗବନ୍ଧୁ ମାଝି କହିଛନ୍ତି। କୋରାପୁଟ ଲୋକ ସଭା ବିଜେଡି ପ୍ରାର୍ଥୀ କୌଶଲ୍ୟା ହିକକା ଏବଂ ହର ପ୍ରସାଦ ନାୟକ ମୃତକଙ୍କ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇଛନ୍ତି।

# ପୂର୍ବତନ ସମିତି ସଭ୍ୟଙ୍କୁ ହତ୍ୟା

**ମାଲକାନଗିରି,୨୭।୪(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ରେ କଂଗ୍ରେସ ନେତା ତଥା ପୂର୍ବତନ ସମିତି ସଭ୍ୟଙ୍କୁ ଶନିବାର କେହି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ଏଥିରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ କରାଯାଉଛି। ମୃତକ ହେଲେ ଜଗା ପୋଡିୟମ। ମାଲକାନଗିରି ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡ଼ା ଜିଲାରେ ଏପରି ଘଟଣା ଘଟିଛି। ଆରାନପୁର ଥାନା ଅନ୍ତର୍ଗତ ପୋଟାଲି ସିଏଏଫ୍ କ୍ୟାମ୍ପଠାରୁ ମାତ୍ର ୫୦୦ ମିଟର ଦୂରରେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି। ଜଗା ଘରେ ଶୋଇଥିବା ସମୟରେ ଦୁର୍ବୃତ୍ତମାନେ ସେଠାରେ ପହଞ୍ଚି ଧାରୁଆ ଅସ୍ତ୍ରରେ ତାଙ୍କର ଗଳା କାଟି ହତ୍ୟା କରିଛନ୍ତି। ପ୍ରାୟ ୨୦ ରୁ ୩୦ ଦୁର୍ବୃତ୍ତ ଗ୍ରାମରେ ଆସି ଏହି ହତ୍ୟାକାଣ୍ଡ ଘଟାଇଥିବା ଗ୍ରାମବାସୀ କହିଛନ୍ତି। ସୂଚନାଯୋଗ୍ୟ, ୧୦ ବର୍ଷ ପୂର୍ବେ ତାଙ୍କ ପୁଅଙ୍କୁ ମାଓବାଦୀମାନେ ହତ୍ୟା କରିଥିଲେ। ଜଗା ଲୋକଙ୍କୁ ଭୋଟ ଦେବା ଲାଗି ଉତ୍ସାହିତ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣା ପରେ ଦାନ୍ତେୱାଡ଼ା ପୋଲିସ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିବା ଜଣାପଡ଼ିଛି।

# ବଜ୍ରପାତରେ ମା'ପୁଅ ମୃତ

**ଡେରାବିଶ,୨୭।୪ (ବେବର୍ତ୍ତା ଅଜୟ ଦାସ)**

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଖମୋଲ ପଞ୍ଚାୟତ ଅଧୀନ ଜହ୍ନିମୂଳ ଗ୍ରାମରେ ଶନିବାର ସନ୍ଧ୍ୟାରେ ବଜ୍ରପାତରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶଶିରେଖା ବାରିକ(୫୫) ଓ ପୁଅ ରବୀନ୍ଦ୍ର ବାରିକ(୨୫)। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଉଭୟେ ବିଲରେ ମୁଗ ଗୋଟାଉଥିବା ସମୟରେ ବଜ୍ରପାତ ଘଟିଥିଲା। ଘଟଣାସ୍ଥଳରେ ଶଶିରେଖା ଓ ରବୀନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ଡେରାବିଶ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କ ମୃତଦେହକୁ ଜବତକରି କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସୂଚନାଯୋଗ୍ୟ, ରବୀନ୍ଦ୍ର ପଞ୍ଚାୟତର ୧୪ ନମ୍ବର ୱାର୍ଡ ସଭ୍ୟ ଥିଲେ।

# ଧରିତ୍ରୀ ଫିଚର ସମ୍ପାଦକଙ୍କ ମାତୃ ବିୟୋଗ

**ହାଟଡ଼ିହୀ,୨୭।୪(ଶୁଭକାନ୍ତ ନାୟକ/ପାର୍ଥ ସୌରଭ ସା)**


ସୀତାରାଣୀ ବିଶ୍ୱାଳ

ଧରିତ୍ରୀର ଫିଚର ସମ୍ପାଦକ ବୀରଭଦ୍ର ବିଶ୍ୱାଳଙ୍କ ମା' ସୀତାରାଣୀ ବିଶ୍ୱାଳ(୮୫)ଙ୍କ ଶନିବାର ଅପରାହ୍ନରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ ଅଧୀନ ଶାସଙ୍ଗ ବାସଭବନରେ ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ସେ ସ୍ଥାନୀୟ ଅଞ୍ଚଳରେ ଜଣେ ମେଳାପୀ ଏବଂ ଧର୍ମପରାୟଣ ମହିଳା ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଗାଁ ପରିକ୍ରମା କରାଯାଇଥିଲା। ଶେଷ ସମୟରେ ପୁଅ, ବୋହୂ, ନାତୁଣୀ, ନାତି, ଝିଅ, ଜ୍ୱାଇଁ, ଆତ୍ମୀୟସ୍ୱଜନ ନିରଞ୍ଜନ ବିଶ୍ୱାଳ, ବୀରଭଦ୍ର ବିଶ୍ୱାଳ, କଳ୍ପତରୁ ବିଶ୍ୱାଳ, ସଞ୍ଜୟ ବିଶ୍ୱାଳ, ଆଶିଷ ରଞ୍ଜନ ବିଶ୍ୱାଳ, ଅନିଲ ବିଶ୍ୱାଳ, ଭର୍ଗଦୀପ୍ତି ବିଶ୍ୱାଳ, କୃତିନନ୍ଦନ ବିଶ୍ୱାଳ, ଅରୁଣପ୍ରଭା ବିଶ୍ୱାଳ, ସ୍ୱର୍ଣ୍ଣଲକ୍ଷ୍ମୀ ବିଶ୍ୱାଳ, ଜାନକୀଲତା ବିଶ୍ୱାଳ, ରୋଜାଲିନ ବିଶ୍ୱାଳ, ନିରଞ୍ଜନ ସାମଲ, ସରୋଜିନୀ ସାମଲ, ପୀତାମ୍ବର ମଲିକ, କନକଲତା ବିଶ୍ୱାଳ, ଅନିତାରାଣୀ ବିଶ୍ୱାଳ, ବିଶ୍ୱଜିତ ରାଉତ, ତୁଷାର ସାମଲ, ପ୍ରେମ କୁମାର ବିଶ୍ୱାଳ, ଶିଶିର ବିଶ୍ୱାଳ, ସୁଧୀର ବିଶ୍ୱାଳ, ସୁନୀଲ ବିଶ୍ୱାଳ, ରାକ୍ଷୀ ବିଶ୍ୱାଳ, କୁନ୍ଦୁଲ ବିଶ୍ୱାଳ ପ୍ରମୁଖ ପୁଅ, ବୋହୂ, ନାତୁଣୀ, ନାତି, ଝିଅ, ଜ୍ୱାଇଁ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନକରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ଭିଜିଲାନ୍ସ କୋର୍ଟରେ ପୂର୍ବତନ ସରପଞ୍ଚ ଦଣ୍ଡିତ

**ଭବାନୀପାଟଣା,୨୭।୪ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅଡ୍ରି ପଞ୍ଚାୟତର ପୂର୍ବତନ ସରପଞ୍ଚ ଫୁଲମତି ମାଝି ଶନିବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ୨୦୧୪ ମସିହାରେ ପଞ୍ଚାୟତରେ ଯୋଗାଣ ସହାୟକ ନିଯୁକ୍ତି ପାଇଁ ଫୁଲମତି ଆବେଦନ କାରୀଙ୍କଠାରୁ ୧୫ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଥିଲେ। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଭବାନୀପାଟଣା ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଶ୍ରୀକାନ୍ତ ମିଶ୍ର ପୂର୍ବତନ ସରପଞ୍ଚ ଫୁଲମତିଙ୍କୁ ଦୋଷୀ ସାବ୍ୟସ୍ତ କରି ୧୩ ପିସି ଆକ୍ଟରେ ୧ ବର୍ଷ ଓ ୭ ପିସି ଆକ୍ଟରେ ୬ମାସ ଜେଲ ଦଣ୍ଡାଦେଶ ଶୁଣାଇବା ସହ ଉପରୋକ୍ତ ୨ଟି ଆକ୍ଟରେ ୩ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ଏହି ମାମଲାକୁ କୋରାପୁଟ ଭିଜିଲାନ୍ସ ବିଭାଗର ପୂର୍ବତନ ଡିଏସ୍‌ପି ସତ୍ୟବାନ ମହାନନ୍ଦ ଓ ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ପିପି ଅଶ୍ୱିନୀ କୁମାର ସାହୁ ପରିଚାଳନା କରିଥିଲେ।

# ଝିଅଙ୍କ କାଠଫାଳିଆ ମାଡ଼ରେ ମା' ମୃତ

**ଭୁବନ,୨୭।୪(ବିପିନ ବିହାରୀ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ଥାନା ମଝିପାଳ ଗ୍ରାମରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ମାନସିକ ବିକାରଗ୍ରସ୍ତ ଝିଅ ଆଶାଲତା ଦାଶ (୫୪)ଙ୍କ କାଠ ଫାଳିଆ ମାଡ଼ରେ ମା' ଦୁର୍ଗାବତୀ ଦାଶ (୮୬)ଙ୍କ ମୃତ୍ୟୁ ହୋଇଛି। ଖବରପାଇ ଢେଙ୍କାନାଳ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ପୋଲିସ କହିଛି, ମଝିପାଳ ଗ୍ରାମର ବିଭୂତି ଭୂଷଣ ଦାଶଙ୍କ ସ୍ତ୍ରୀ ଦୁର୍ଗାବତୀ ଦାଶଙ୍କ ସହିତ ବିବାହିତ ମାନସିକ ବିକାରଗ୍ରସ୍ତ ଝିଅ ଆଶାଲତା ରୁହୁଥିଲେ। ୨୦୦୭ରୁ ଆଶାଲତା ମାନସିକ ରୋଗଗ୍ରସ୍ତ ହେବାରୁ ଶାଶୁ ଘର ଲୋକେ ତାଙ୍କୁ ବାପ ଘରେ ମା' ପାଖରେ ଛାଡ଼ି ଦେଇଥିଲେ। ଶୁକ୍ରବାର ରାତିରେ ଆଶାଲତା କୌଣସି କାରଣକୁ ନେଇ ମା'ଙ୍କୁ କାଠ ଫାଳିଆରେ ପିଟି ପିଟି ହତ୍ୟା କରି କବାଟ ବନ୍ଦ କରି ରଖିଥିଲେ। ଦୁର୍ଗାବତୀଙ୍କ ପୁଅ ଆଲୋକ ତାଳଚେରରେ ରହୁଥିବା ବେଳେ ଶନିବାର ସକାଳେ ମା'ଙ୍କ ଫୋନକୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଫଳରେ ସେ ଗ୍ରାମର ଜଣେ ବ୍ୟକ୍ତିଙ୍କ ସହାୟତାରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ଗ୍ରାମବାସୀଙ୍କଠାରୁ ମା'ଙ୍କ ମୃତ୍ୟୁ ଖବରପାଇ ଆଲୋକ ଘରକୁ ଆସିଥିଲେ। ଭୁବନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ପୋଲିସ ନଂ. ୨୧୨/୨୪ ଏକ ମାମଲା ରୁଜୁ କରି ଅଭିଯୁକ୍ତା ଆଶାଲତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

# ପୁଅର ମୃତ୍ୟୁ ଖବର ଶୁଣି ମା' ମୃତ

**ରାଜଗାଙ୍ଗପୁର,୨୭।୪(ଅଶୋକ ପାଣି)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ବ୍ଲକ ବୁଡାମ୍ବ ପଞ୍ଚାୟତ ଡେଙ୍ଗୁରପାଣି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପୁଅର ମୃତ୍ୟୁ ଖବର ଶୁଣି ମା' ଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ, ଜନ ଅମିତ କୁଜୁରଙ୍କ ପୁଅ ଗ୍ୟାନଦିପ କୁଜୁର(୬) ଶୁକ୍ରବାର ସନ୍ଧ୍ୟାରେ ଘର ପାଖରେ ଖେଳୁଥିବା ସମୟରେ ଏକ ସାପ ତାଙ୍କୁ କାମୁଡି ଥିଲା। ପରିବାର ଲୋକେ ତାଙ୍କୁ ଝଡାଫୁଙ୍କା କରାଇବା ପରେ ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅର ମୃତ୍ୟୁ ଖବର ଶୁଣି ମା' ସୁକାନ୍ତି କୁଜୁର ଅଚେତ ହୋଇପଡିଥିଲେ। ତାଙ୍କୁ ରାଜଗାଙ୍ଗପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ରାଜଗାଙ୍ଗପୁର ବିଧାୟକ ଡ. ସିଏସ ରାଜନ ଏକ୍କା, ବିଜେଡି ବିଧାନସଭା ପ୍ରାର୍ଥୀ ଅନିଲ ବରୁଆ ପ୍ରମୁଖ ଚିକିତ୍ସାଳୟରେ ପହଞ୍ଚି ମୃତ ପରିବାରକୁ ସମବେଦନା ଜଣାଇଥିଲେ। ରାଜଗାଙ୍ଗପୁର ଥାନାଧିକାରୀ ମନୋରଞ୍ଜନ ପ୍ରଧାନ ଏହି ଘଟଣାରେ ପୃଥକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି।

# ପାଉଁରୁଟି ବ୍ୟବସାୟୀ ମୃତ, ଅଂଶୁଘାତ ସନ୍ଦେହ

**ମଙ୍ଗୁଳି- ଜଗତ୍‌ପୁର, ୨୭।୪(ମାନସ ସାମଲ)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କାନପୁର ଗ୍ରାମର ଜଣେ ପାଉଁରୁଟି ବ୍ୟବସାୟୀଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କ ନାମ ବସନ୍ତ ତରାଇ(୫୫)। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ସୂଚନା ମୁତାବକ, ପ୍ରତିଦିନ ଭଳି ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ବସନ୍ତ ନିଜ ବାଇକରେ ପାଉଁରୁଟି ଧରି ଟାଙ୍ଗୀ ଓସିଏଲ୍ ବଜାରକୁ ବିକ୍ରି କରିବା ପାଇଁ ଯାଇଥିଲେ। ଏକାଧିକ ଦୋକାନରେ ପାଉଁରୁଟି ବିକ୍ରି କରିବା ପରେ ଅପରାହ୍ନ ପ୍ରାୟ ୨ଟାରେ ସେଠାରୁ ଆସି କୁଷପଡ଼ା ଛକ ଦେଇ ଗରୁଡଗାଁ ବଜାରକୁ ଯାଉଥିବାବେଳେ ବାଟରେ ଚେତାଶୂନ୍ୟ ହୋଇ ତଳେ ପଡିଯାଇଥିଲେ। ଚିକିତ୍ସାଲାଗି ତାଙ୍କୁ ପ୍ରଥମେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଶନିବାର ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପରେ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

## ପ୍ରଥମ ପୃଷ୍ଠାରୁ...

### ୨ ବିଜେଡି ବିଧାୟକଙ୍କ...

ପ୍ରଥମ ପୃଷ୍ଠାରୁ...

ପ୍ରାର୍ଥିତ୍ୱକୁ କଡ଼ା ବିରୋଧ କରିଥିଲେ। ଜଗଦେବଙ୍କୁ ପ୍ରାର୍ଥୀ କରାଯାଇଥିବାରୁ କାଳୁଚରଣ ଭାଜପା ପାଇଁ ଚିନ୍ତାର କାରଣ ହୋଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

ସେହିପରି ବିଜେଡି ବେଗୁନିଆରେ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି। ୨୦୧୯ ନିର୍ବାଚନରେ ପ୍ରଦୀପ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେବା ପରେ ଦଳ ତାଙ୍କ ଉପରେ ଭରସା କରିଛି। ଭୋଗରାଇ ବିଧାୟକ ଅନନ୍ତ ଦାସ ବୟସାଧିକ୍ୟ କାରଣରୁ ନିଜ ପୁଅକୁ ପ୍ରାର୍ଥୀ କରିବା ପାଇଁ ଦୀର୍ଘଦିନ ଧରି ଲବି ଚଳାଇ ଆସୁଥିଲେ। କିଛିଦିନ ପୂର୍ବରୁ ସେ ନବୀନ ନିବାସ ଆସି ପୁଅକୁ ଟିକେଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଶେଷରେ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଭୋଗରାଇରୁ ନବାଗତ ଗୌତମବୁଦ୍ଧ ଦାସଙ୍କୁ ବିଜେଡି ଟିକେଟ ଦେଇ ନିର୍ବାଚନୀ ବୈତରଣୀ ପାରହେବାକୁ ଲକ୍ଷ୍ୟ ରଖିଛି। ମୋଟ ୧୪୭ ବିଧାନସଭା ଆସନରୁ ବିଜେଡି ଏ ପର୍ଯ୍ୟନ୍ତ ୧୪୪ ଆସନରେ ପ୍ରାର୍ଥୀ ଘୋଷଣା କରିଛି। ଆଉ ୩ ଆସନ ଖଣ୍ଡପଡ଼ା, ନୀଳଗିରି ଓ କୋରେଇ ପାଇଁ ପ୍ରାର୍ଥୀ ଘୋଷଣା ବାକି ରହିଛି। ଶେଷ ପର୍ଯ୍ୟାୟରେ ଏକାଧିକ ଆଶାୟୀ ଥିବାରୁ ବିଜେଡି ସତର୍କତାର ସହ ପ୍ରାର୍ଥୀ ଘୋଷଣା କରୁଛି। ଏ ପର୍ଯ୍ୟନ୍ତ ରାଜ୍ୟର ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ ୧୩୮ ବିଧାନସଭା ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ଭାଜପା ୧୪୦ ଘୋଷଣା କରିଛି।

### ଖୋର୍ଦ୍ଧାରୁ ପ୍ରଶାନ୍ତ, ...

ଲଢ଼ିବାକୁ ଚାହୁଁଥିଲେ। ଟିକେଟ ମିଳି ନ ଥିବାରୁ ସେ ଦଳ ବିରୋଧରେ ଯାଇପାରନ୍ତି। ଯଦି ଦଳ କାଳୁଚରଣଙ୍କୁ ବୁଝାଇବାରେ ସଫଳ ନ ହୁଏ ତେବେ ବିଜେଡି ପ୍ରାର୍ଥୀ ସହଜରେ ବିଜୟୀ ହୋଇଯିବେ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଚଳଚ୍ଚିତ୍ର ଅଭିନେତା ଅରିନ୍ଦମ ରାୟ ବିଜେଡି ଛାଡ଼ି ଭାଜପାରେ ଯୋଗଦେବା ପରେ ଦଳ ତାଙ୍କୁ କେଉଁଠି ପ୍ରାର୍ଥୀ କରିବ ସେନେଇ ନାନା ଆଲୋଚନା ହେଉଥିଲା। ଶେଷରେ ଦଳ ତାଙ୍କୁ କେନ୍ଦ୍ରାପଡ଼ା ଲୋକ ସଭା ଆସନ ଅଧୀନ କଟକ ଜିଲାର ସାଲେପୁର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଚୟନ କରିଛି। ଏଠାରେ ୨୦୧୯ରେ ପୂର୍ବତନ ବିଧାୟକ ପ୍ରକାଶ ବେହେରା ଭାଜପାରୁ ପ୍ରାର୍ଥୀ ହୋଇଥିଲେ। ତେବେ ବେହେରା ବିଜେଡିରେ ମିଶିବା ପରେ ବାରବାଟୀ-କଟକ ଆସନରେ ପ୍ରାର୍ଥୀ ହୋଇଛନ୍ତି। ଢେଙ୍କାନାଳ ଜିଲାର ହିନ୍ଦୋଳ ବିଧାନସଭା ଆସନରେ ବିଧାୟିକା ସୀମାରାଣୀ ନାୟକଙ୍କୁ ବିଜେଡି ଟିକେଟରୁ ବଞ୍ଚିତ କରିବା ପରେ ସେ ଭାଜପାରେ ଯୋଗଦେଇଥିଲେ। ଭାଜପା ତାଙ୍କୁ ହିନ୍ଦୋଳରୁ ପ୍ରାର୍ଥୀ କରିଛି। ସେ ଏହି ଆସନରେ ବିଜେଡି ପ୍ରାର୍ଥୀ ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ପ୍ରତିଦ୍ୱନ୍ଦ୍ୱିତା କରିବେ। ସେହିପରି କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ବିଜେଡି ଛାଡ଼ି ନିକଟରେ ଭାଜପାରେ ସାମିଲ ହୋଇଥିଲେ। ଭାଜପା ତାଙ୍କୁ କେନ୍ଦ୍ରାପଡ଼ା ବିଧାନସଭା ଆସନରୁ ପ୍ରାର୍ଥୀ କରିଛି। ସେ ଏହି ଆସନରେ ବିଜେଡି ପ୍ରାର୍ଥୀ ଗଣେଶ୍ୱର ବେହେରା ଏବଂ କଂଗ୍ରେସ ପ୍ରାର୍ଥୀ ସିପ୍ରା ମଲ୍ଲିକଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ। ଭାଜପାର ବରିଷ୍ଠ ନେତା ମୁରଲୀ ଶର୍ମାଙ୍କୁ ଦଳ କେନ୍ଦୁଝର ଜିଲାର ଚମ୍ପୁଆ ବିଧାନସଭା ଆସନ ନିମନ୍ତେ ପ୍ରାର୍ଥୀ କରିଛି। ଏଠାରେ ବିଜେଡି ପ୍ରାର୍ଥୀ ସନାତନ ମହାକୁଡ଼ଙ୍କ ସହ ତାଙ୍କର ଟକ୍କର ହେବ। ବର୍ତ୍ତମାନ ଯାଏ ଭାଜପା ୧୪୦ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଆହୁରି ୭ ସିଟ୍ ପାଇଁ ପ୍ରାର୍ଥୀ ଘୋଷଣା ବାକି ରହିଛି।

### ୪ ଦିନ ତାତିରୁ ...

୪୨.୨, ହୀରାକୁଦ ୪୨.୧, ସୁବର୍ଣ୍ଣପୁର ୪୧.୮, ବାଲେଶ୍ୱର ୪୧.୭, କେନ୍ଦୁଝରେ ୪୧.୫, ରାୟଗଡ଼ା ୪୧.୪, ଫୁଲବାଣୀ ୪୦.୮, ଖୋର୍ଦ୍ଧା ଓ ବରଗଡ଼ରେ ୪୦.୫, ଛତ୍ରପୁର ଏବଂ ଦେବଗଡ଼ରେ ୪୦ଡିଗ୍ରୀ ସେଲସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ଶନିବାର ଚଳିତ ସିଜିନରେ ପ୍ରଥମ ଥର ପାଇଁ ଦ୍ୱୈତ ନଗରୀରେ ଯୁଗ୍ମ ଭାବେ ଗୋଟିଏ ଦିନରେ ତାପମାତ୍ରା ୪୩ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଛି। ଭୁବନେଶ୍ୱରରେ ଦିନ ତାପମାତ୍ରା ସ୍ୱାଭାବିକ ତୁଳନାରେ ୬.୮ ଡିଗ୍ରୀ ଅଧିକ ରେକର୍ଡ ହୋଇଥିବାବେଳେ କଟକରେ ୬.୩ ଡିଗ୍ରୀ ଅଧିକ ରେକର୍ଡ କରାଯାଇଛି। ତେବେ ରାଜ୍ୟରେ ୨୦୦୩ରେ ଟିଟିଲାଗଡ଼ରେ ସର୍ବାଧିକ ଦିନ ତାପମାତ୍ରା ୫୦.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ଅପର ପକ୍ଷେ ରବିବାର ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, କଟକ, ସମ୍ବଲପୁର, ବଲାଙ୍ଗୀର ଓ ନୂଆପଡ଼ା ଆଦି ୧୩ ଜିଲାକୁ ଭୀଷଣ ଗ୍ରୀଷ୍ମ ପ୍ରବାହ ନେଇ ରେଡ୍ ୱାର୍ନିଂ ଜାରି କରାଯାଇଛି। ସେହିଭଳି ଦେବଗଡ଼, ସୁବର୍ଣ୍ଣପୁର, କଳାହାଣ୍ଡି, କନ୍ଧମାଳ, ନୟାଗଡ଼, ରାୟଗଡ଼ା, ଭଦ୍ରକ, ବାଲେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ମାଲକାନଗିରି, ଗଞ୍ଜାମ, ଗଜପତି, ନବରଙ୍ଗପୁର ଓ ବରଗଡ଼ ଜିଲାକୁ ଗ୍ରୀଷ୍ମ ପ୍ରବାହ ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବା ବେଳେ କୋରାପୁଟ ଓ ପୁରୀ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଆସନ୍ତା ୨ ତାରିଖରେ କିଛିଜିଲାରେ କାଳବୈଶାଖୀ ସହ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

### ନ୍ୟୁୟର୍କ ଯିବ ଦମନ, ...

ଅଲଗା ଜାତୀୟ ଚଳଚ୍ଚିତ୍ର ସହ ଆମ ସିନେମା ପ୍ରଦର୍ଶନ ହେବ, ଯାହା ଆଗାମୀ ଦିନରେ ଆହୁରି କିଛି ଭଲ କରିବାକୁ ପ୍ରେରଣା ଦେବ। ଆମ ଲୋକେ ତ ଏହି ଫିଲ୍ମକୁ ଗ୍ରହଣ କରିଥିଲେ, ଏବେ ବାହାରେ ମଧ୍ୟ ଆମ ସିନେମାକୁ ଦର୍ଶକ ଗ୍ରହଣ କରୁଛନ୍ତି। ତାହା ହିଁ ବେଶି ଖୁସି ଦେଉଛି। ଭଲ ସିନେମା କଲେ ଭଲପାଇବା ମିଳିବ ଓ କମର୍ସିଆଲି ମଧ୍ୟ ଭଲ ଚାଲିବ। 'ପ୍ରତୀକ୍ଷା' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଛି ଓ ଅନେକ ଫେଷ୍ଟିଭାଲରେ ମନୋନୀତ ମଧ୍ୟ ହୋଇଛି। ଆଶା, ଆଗକୁ ଏମିତି ଓଡ଼ିଆ ସିନେମା ବାହାରକୁ ଯାଉ ବୋଲି ଅନୁପମ କହିଛନ୍ତି। ସେହିପରି 'ଦମନ'ର ନିର୍ଦ୍ଦେଶକ ଦେବୀପ୍ରସାଦ ଲେଙ୍କା କହିଛନ୍ତି, ନିହାତି ଭାବେ ଏହା ଏକ ଖୁସିର କଥା। ଓଡ଼ିଶାରୁ ୨ଟି ଚଳଚ୍ଚିତ୍ର ନ୍ୟୁୟର୍କ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। ୨୦୨୨ରେ 'ଦମନ' ତିଆରି ହୋଇଥିଲା। ଆଜି ଯାଏ ଦମନ ଚର୍ଚ୍ଚା ସବୁଠି। ଜୁନ୍ ୨ରେ ଏହା ପ୍ରଦର୍ଶନ ହେବ। ପ୍ରଥମ ଥର ପାଇଁ ୨ଟି ଓଡ଼ିଆ ସିନେମା ଏହି ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। ଆଗକୁ ଜାତୀୟ ଓ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଁ ମଧ୍ୟ ଆବେଦନ କରିସାରିଛୁ। ଓଡ଼ିଆ ଚଳଚ୍ଚିତ୍ର ପାଇଁ 'ଦମନ' ଏକ ନୂଆ ଧାରା ଆଣିଥିଲା। ଏହା ପୂରା ଟିମ୍‌ର ପ୍ରଚେଷ୍ଟା। ଦର୍ଶକଙ୍କ ସମ୍ପୂର୍ଣ୍ଣ ଭଲପାଇବା ଥିଲା ବୋଲି ରାଜ୍ୟ ତଥା ବାହାରେ ମଧ୍ୟ ଚର୍ଚ୍ଚାର ପରିସରକୁ ଆସିଥିଲା।

ଉଲ୍ଲେଖଯୋଗ୍ୟ, ବାପା ଓ ପୁଅର ଏକ ନିଆରା ସମ୍ପର୍କ 'ପ୍ରତୀକ୍ଷା' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମକୁ ଖୁବ୍ ପ୍ରଶଂସା ମିଳିଥିଲା। ଦର୍ଶକମାନେ ଏହାକୁ ପସନ୍ଦ କରିଥିଲେ। ଅମିୟ ପ୍ରଡକ୍ସନ ପକ୍ଷରୁ ଏହି ଚଳଚ୍ଚିତ୍ର ନିର୍ମାଣ ହୋଇଥିବାବେଳେ କଥାକାର ଗୌରହରି ଦାସଙ୍କ କ୍ଷୁଦ୍ରଗଳ୍ପ 'ବାପା' ଉପରେ ଆଧାରିତ। ଏହି ଚଳଚ୍ଚିତ୍ରର ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଥିଲେ ରୋଶନ ବିଶୋଇ। ବର୍ଷା ପଟ୍ଟନାୟକ ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜିକା ରହିଛନ୍ତି। ଏହି ଚଳଚ୍ଚିତ୍ରରେ ଦୀପନ୍ୱିତ ଦାଶମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ବର୍ଷା ପଟ୍ଟନାୟକ, ସିଦ୍ଧାନ୍ତ ମହାପାତ୍ର, ଶ୍ରୀଲା ତ୍ରିପାଠୀ, ଅବକାଶ ମିଶ୍ର, ସୁଶୀଲ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ଉକ୍ତ ସିନେମା ୬୯ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇବା ସହ ୫୩ତମ ଇଣ୍ଟରନ୍ୟାଶନାଲ ଫିଲ୍ମ ଫେଷ୍ଟିଭାଲ ଅଫ୍ ଇଣ୍ଡିଆ(ଆଇଏଫ୍‌ଏଫ୍‌ଆଇ)ର ଭାରତୀୟ ପାନୋରମା ବିଭାଗରେ ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର ଭାବେ ସ୍ଥାନ ପାଇଥିଲା। ସେହିପରି ଦମନ ଜାତୀୟ ସ୍ତରରେ ଢେର ପ୍ରଶଂସା ସାଉଣ୍ଟିଥିଲା। ଇଣ୍ଟରନେଟ୍ ମୁଭି ଡାଟାବେସ୍ (ଆଇଏମ୍‌ଡିବି)ର ଟପ୍ ୧୦ ଲିଷ୍ଟରେ ଦମନ ରହିଥିଲା। ଦୀପେନ୍ଦ୍ର ସାମଲ ଏହାର ପ୍ରଯୋଜନା କରିଥିବାବେଳେ ବିଶାଲ ମୌର୍ଯ୍ୟ ଓ ଦେବୀପ୍ରସାଦ ଲେଙ୍କା ନିର୍ଦ୍ଦେଶନା ଦେଇଥିଲେ। ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନେତା ବାବୁଶାନ ମହାନ୍ତି ଓ ଦୀପନ୍ୱିତ ଦାଶ ମହାପାତ୍ର ଅଭିନୟ କରିଥିଲେ।

କୌଣସି ସମାଜରେ ଇତର ଭାବେ ବଞ୍ଚିରହିବା ପାଇଁ ସାଧାରଣ ଉପାଦାନ ଆଉ ପରିବେଶ ସବୁ ଥାଏ । କିନ୍ତୁ ଜୀବନ ଯଦି ବିରାଟ ଆଶା, ଅଭୀପ୍ସା ଓ ଆଦର୍ଶରେ ଉର୍ଦ୍ଧ୍ୱଗାମୀ ନ ହୁଏ, ତା'ହେଲେ ଆମେ କହିବା–ସେ ସମାଜ ପ୍ରକୃତରେ ବଞ୍ଚିନାହିଁ । ମାନବାତ୍ମାର ଯେଉଁ ମହାନ୍ ବୈଶିଷ୍ଟ୍ୟ, ତାହା ସେଠାରେ ଅସଂପୂର୍ଣ୍ଣ । –ଶ୍ରୀଅରବିନ୍ଦ



# ହିନ୍ଦୁତ୍ୱର ସଙ୍କେତ



ଆକାର ପଟେଲ

ଭାଷଣରେ ଲୋକ ପ୍ରତିନିଧିତ୍ୱ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗ ପ୍ରଧାନମନ୍ତ୍ରୀଙ୍କ ଉପରେ ଲଗାଯାଇଛି । ଏହି ଭାଷଣକୁ ବିରୋଧୀ ସାମ୍ପ୍ରଦାୟିକ ବୋଲି କହିଛି । ତାଙ୍କୁ ଅଯୋଗ୍ୟ ଘୋଷଣା କରିବା ପାଇଁ ନିର୍ବାଚନ କମିଶନ ଏବଂ କୋର୍ଟରେ ଏକ ଅଭିଯୋଗ ଦାଖଲ କରାଯାଇଛି । ଏହି ଆଇନ ଅନୁଯାୟୀ, ଜଣେ ପ୍ରାର୍ଥୀ ଭୋଟରଙ୍କୁ ଧର୍ମ ଆଧାରରେ ଭୋଟ ଦେବା କିମ୍ବା ଭୋଟ ଦେବାକୁ ରୋକିବାର ନିବେଦନ କରିବା ଏକ ଭ୍ରଷ୍ଟ ଆଚରଣ । ଏହା ଉପରେ ସୁପ୍ରିମକୋର୍ଟ ଦୁଇଟି ରାୟ ଦେଇଛନ୍ତି । କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ହିନ୍ଦୁତ୍ୱକୁ ବାଦ୍ ଦିଆଯାଇଛି । ପ୍ରଥମଟି ୧୧ ଡିସେମ୍ବର ୧୯୯୫ରେ ଶିବସେନାର ଡ. ରମେଶ ଯଶୱନ୍ତ ପ୍ରଭୋ ବନାମ ପ୍ରଭାକର କାଶୀନାଥ କୁଣ୍ଟେ ଏବଂ ଅନ୍ୟଟି ମନୋହର ଜୋଷୀ(ଯିଏ ପରେ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ହୋଇଥିଲେ)ଙ୍କ ମାମଲାର ରାୟ । ପ୍ରଥମ ମାମଲାଟି ଥିଲା ଲୋକ ପ୍ରତିନିଧି ଆଇନ ଉଲ୍ଲଂଘନ ଅଭିଯୋଗ । ପ୍ରଭୋଙ୍କ ପାଇଁ ପ୍ରଚାର ସକାଶେ ୧୯୮୭ ନଭେମ୍ବର ଓ ଡିସେମ୍ବରରେ ବାଲ୍ ଠାକ୍‌ରେ ସର୍ବସାଧାରଣରେ ଦେଇଥିବା ତିନୋଟି ଭାଷଣକୁ ଆଧାରକରି ଅଭିଯୋଗ କରାଯାଇଥିଲା । ବମ୍ବେ ହାଇକୋର୍ଟ ଜାଣିବାକୁ ପାଇଲେ ଯେ ଠାକ୍‌ରେଙ୍କ ଭାଷଣ ଅତ୍ୟନ୍ତ ଅସଂଯମୀ ଏବଂ ଉସୁକାଇବା ପ୍ରବୃତ୍ତିର ଥିଲା । ପ୍ରଭୋ ଜଣେ ହିନ୍ଦୁ ଥିଲେ ଓ ସେହି ଧର୍ମ ଆଧାରରେ ତାଙ୍କୁ ଭୋଟ ଦେବାକୁ ଭୋଟରଙ୍କୁ ଭାଷଣରେ ନିବେଦନ କରାଯାଇଥିଲା । ଏହି ଭାଷଣ ମଧ୍ୟ ଶତ୍ରୁତା ଓ ଧର୍ମ ଆଧାରରେ ଭାରତର ନାଗରିକଙ୍କ ମଧ୍ୟରେ ଘୃଣାକୁ ପ୍ରୋତ୍ସାହିତ କରିଥିଲା । ଠାକ୍‌ରେଙ୍କ ଭାଷଣରେ ରହିଥିଲା: 'ଆମେ ହିନ୍ଦୁଧର୍ମର ସୁରକ୍ଷା ପାଇଁ ଏହି ନିର୍ବାଚନ ଲଢ଼ୁଛୁ । ତେଣୁ ମୁସଲମାନଙ୍କ ଭୋଟ ଉପରେ ଆମେ ଧ୍ୟାନ ଦେଉନାହୁଁ । ଏହି ଦେଶ ହିନ୍ଦୁମାନଙ୍କର ଏବଂ ତାହା ହୋଇ ରହିବ ।' ଆଉ ମଧ୍ୟ କହିଥିଲେ ଯେ, 'ଯଦିଓ ଏହି ଦେଶ ହିନ୍ଦୁମାନଙ୍କର, ତଥାପି ଏଠାରେ ରାମ ଏବଂ କୃଷ୍ଣ ଅପମାନିତ ହେଉଛନ୍ତି । ବିରୋଧୀମାନେ ତୁମ ଭୋଟ ଅପେକ୍ଷା ମୁସଲମାନ ଭୋଟର ମୂଲ୍ୟ ଅଧିକ ମଣୁଛନ୍ତି ; ଆମେ ମୁସଲମାନ ଭୋଟ ଚାହୁଁନାହୁଁ । ଜନତା ପାର୍ଟିରେ ସାପ ଭଳି ଶାହାବୁଦ୍ଦିନ ବସିଛନ୍ତି, ନିହାଲ ଅହମ୍ମଦ ବି ଜନତା ପାର୍ଟିରେ ଅଛନ୍ତି । ତେଣୁ ଭିଲେ ପାର୍ଲର ବାସିନ୍ଦାମାନେ ଏହି ପାର୍ଟିକୁ ସମାଧି ଦେବା ଉଚିତ ।' ସୁପ୍ରିମକୋର୍ଟ ଉଦ୍ଧୃତ କରିଥିବା ଭାଷଣର ଆଉ ଏକ ପାରା ଥିଲା– 'କିନ୍ତୁ ଏଠାରେ ଖଲିସ୍ତାନ ଏବଂ ମୁସଲମାନ ରୂପକ ସାପ ଉପରେ କୌଣସି ସମୟରେ କେହି ବି କିଛି କରିପାରିବେ ନାହିଁ... ସମଗ୍ର ଦେଶ ନଷ୍ଟ ହୋଇଯାଇଛି । ସେଥିପାଇଁ ଆମେ ହିନ୍ଦୁତ୍ୱର ଆଭିମୁଖ୍ୟ ଗ୍ରହଣ କରିଛୁ ଏବଂ ଏହି ଆଭିମୁଖ୍ୟକୁ ନେଇ ଆମେ ବିଧାନସଭାରେ ପ୍ରବେଶ କରିବୁ... । ହିନ୍ଦୁତ୍ୱର ସ୍ୱରର ଅତ୍ୟଧିକ ଆବଶ୍ୟକତା ଅଛି ଏବଂ ସେଥିପାଇଁ ଦୟାକରି ଶିବସେନାକୁ ବିଧାନସଭାକୁ ପଠାନ୍ତୁ ।'

ହାଇକୋର୍ଟ ରାୟକୁ ସୁପ୍ରିମକୋର୍ଟ ରଦ୍ଦକରି କହିଛନ୍ତି, ଏହିସବୁ ଭାଷଣ ଲୋକ ପ୍ରତିନିଧି ଆଇନ ଉଲ୍ଲଂଘନ କରି ନ ଥିଲା । କାରଣ ହିନ୍ଦୁତ୍ୱକୁ ଅନ୍ୟ ଧାର୍ମିକ ବିଶ୍ୱାସ ପ୍ରତି ବିରୋଧତା, ଶତ୍ରୁତା କିମ୍ବା ଅସହିଷ୍ଣୁତା ଭାବେ ଚିତ୍ରଣ କରିବା କିମ୍ବା ସାମ୍ପ୍ରଦାୟିକତା ବୋଲି କହିବା, ପ୍ରକୃତ ଅର୍ଥରେ ଏକ ଅନୁଚିତ ବିଚାର । କାରଣ ହିନ୍ଦୁତ୍ୱକୁ ଜୀବନର ଏକ ମାର୍ଗ ଭାବରେ ବର୍ଣ୍ଣନା କରାଯାଇପାରେ, ଏହା ବ୍ୟତୀତ ଆଉ କିଛି ନୁହେଁ । ୧୯୯୫ରେ ସମାନ ଦିନରେ ଦ୍ୱିତୀୟ ରାୟ ପ୍ରକାଶ ପାଇଥିଲା । ମାମଲା ଥିଲା ମନୋହର ଜୋଷୀ ବନାମ ନୀତିନ୍ ଭାଉରାଓ ପାଟିଲ । ଠାକ୍‌ରେ ଏବଂ ଅନ୍ୟମାନଙ୍କ ଭାଷଣ ଯୋଗୁ ଜୋଷୀଙ୍କୁ ବମ୍ବେ ହାଇକୋର୍ଟ ଅଯୋଗ୍ୟ ଘୋଷିତ କରିଥିଲେ ଏବଂ ସୁପ୍ରିମକୋର୍ଟ ଏହି ରାୟକୁ ରଦ୍ଦ କରିଦେଇଥିଲେ । ମନୋହର ଜୋଷୀ ନିଜେ ୨୪ ଫେବୃଆରୀ ୧୯୯୦ରେ ଶିବାଜୀ ପାର୍କରେ ଅନୁଷ୍ଠିତ ଏକ ସଭାରେ କହିଥିଲେ, ମହାରାଷ୍ଟ୍ରରେ ପ୍ରଥମ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ହେବ । ଅନ୍ୟ ବକ୍ତାମାନେ କହିଥିଲେ, ଜୋଷୀ ନିର୍ବାଚିତ ହୋଇ ଭାଜପା–ସେନାର ଏକ ମେଣ୍ଟ ହିନ୍ଦୁ ସରକାର ପ୍ରତିଷ୍ଠା ହେଲେ ସମସ୍ତ ହିନ୍ଦୁଙ୍କୁ ଚାକିରି ଦିଆଯିବ । ଅନ୍ୟ ସବୁ ବିଶ୍ୱାସକୁ ଭାରତର ଦେଶଦ୍ରୋହୀ ତଥା ବିଶ୍ୱାସଘାତକ ବୋଲି କୁହାଯାଇଥିବା ଭିଡିଓଗୁଡ଼ିକ ଦର୍ଶାଇଥିଲା । ଏହାର ଉତ୍ତରରେ କୋର୍ଟ କହିଛନ୍ତି: 'ଆମ ମତରେ, ମହାରାଷ୍ଟ୍ରରେ ପ୍ରଥମ ହିନ୍ଦୁ ରାଜ୍ୟ ପ୍ରତିଷ୍ଠା ହେବ ବୋଲି କେବଳ ଏଭଳି ଏକ ବିବୃତି ଧର୍ମ ଆଧାରରେ ଭୋଟ ପାଇଁ ଆହ୍ୱାନ ନୁହେଁ, ବରଂ ଏଭଳି ବିବୃତି କେବଳ ଏକ ଆଶାର ଅଭିବ୍ୟକ୍ତି । ତଥାପି ଏପରି ବିବୃତି ଯେତେ ଘୃଣ୍ୟ ହେଲେ ବି ଏହା ଧର୍ମ ଆଧାରରେ ଭୋଟ ପାଇଁ ଏକ ଆବେଦନ ବୋଲି କୁହାଯାଇପାରିବ ନାହିଁ । ତତ୍କାଳୀନ ପ୍ରଧାନ ବିଚାରପତି ଜେ.ଏସ୍. ବର୍ମାଙ୍କ ରାୟର ପ୍ରତିକ୍ରିୟାରେ ଏ.ଜି. ନୁରାନୀ ଲେଖିଛନ୍ତି, ବର୍ମାଙ୍କ ଅତ୍ୟଧିକ ଅସନ୍ତୋଷ ପରିପ୍ରକାଶ ପ୍ରାସଙ୍ଗିକ କିମ୍ବା ପ୍ରଭାବଶାଳୀ ନୁହେଁ । ଏହା ହେଉଛି ଆଇନ ଉପରେ ତାଙ୍କର ରାୟ ଏବଂ ତାଙ୍କ ମନଗଢ଼ା ତଥ୍ୟଗୁଡ଼ିକର ହେଉଛି ସମସ୍ୟା । ଉଭୟ ସ୍ପଷ୍ଟତଃ ଭୁଲ୍ ।' ସେ ଆହୁରି କହିଛନ୍ତି ; 'ନିର୍ବାଚନରେ ପ୍ରାର୍ଥୀମାନେ ଭୋଟରଙ୍କୁ ଖୁସିକରି ସମୟ ନଷ୍ଟ କରନ୍ତି ନାହିଁ । ସେମାନେ ଜାଣନ୍ତି ଯେ ଏହାର ଭୋଟ ପ୍ରତିଶ୍ରୁତି ଏବଂ ବଚନକୁ ନେଇ ଦିଆଯିବ । ପ୍ରଥମ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ହେବ ଏହା ଆଶାର ଅଭିବ୍ୟକ୍ତି ନୁହେଁ, ବରଂ ଏକ ହିନ୍ଦୁ ବହୁଳ ଅଞ୍ଚଳରେ ଏକ ବୈଠକରେ ଶିବସେନା ନେତାଙ୍କ ପ୍ରତିଶ୍ରୁତି । ଏହା ତାଙ୍କ ଧର୍ମ ଆଧାରରେ ଭୋଟ ପାଇବା ପାଇଁ ଉଦ୍ଦିଷ୍ଟ ନୁହେଁ ତ ଆଉ କ'ଣ ? ଏଭଳି ଏକ ପ୍ରଶ୍ନର ଉତ୍ତର ମିଳିନାହିଁ ।

ପ୍ରଭୋ ଏବଂ ଜୋଷୀଙ୍କ ରାୟକୁ ୨୦୧୬ରେ ଚ୍ୟାଲେଞ୍ଜ କରି ଆବେଦନକାରୀମାନେ କହିଥିଲେ, ହିନ୍ଦୁତ୍ୱ 'ଜୀବନର ଧାରା' ହିନ୍ଦୁତ୍ୱ ଧାରାର ଜୀବନରେ ସଂଖ୍ୟାଲଘୁ, ଦଳିତ ଏବଂ ଆଦିବାସୀଙ୍କର ସମନ୍ୱୟ ଓ ଏକତା ଦାବି କରିଥିଲା । ସେମାନେ ଆବେଦନରେ ଦର୍ଶାଇଥିଲେ ଯେ, ହିନ୍ଦୁତ୍ୱ ଜାତୀୟତା ଏବଂ ନାଗରିକତ୍ୱର ଚିହ୍ନ ପାଲଟିଛି । ଏହାର ଉପସ୍ଥାପନା ଧର୍ମ ନିରପେକ୍ଷତା ଉପରେ ବିଶ୍ୱାସକୁ ହ୍ରାସ କରିଛି' । ଏହି ଚ୍ୟାଲେଞ୍ଜ ବିଫଳ ହୋଇଥିଲା । କାରଣ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ମନାକରିଛନ୍ତି । ଏହାସହ ହିନ୍ଦୁତ୍ୱ ରାୟଗୁଡ଼ିକ ଲଗାତର ଭାବେ ଆର୍‌ଏସ୍‌ଏସ୍ ଏବଂ ଭାଜପାକୁ ଶକ୍ତି ଦେଇଛି, ଯାହାଫଳରେ ସେମାନେ ସେମାନଙ୍କ କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇ ପାରିଛନ୍ତି ।

Email:aakar.patel@gmail.com

# ଖଣ୍ଡିଏ ଭୋଟ୍‌ର ମୂଲ୍ୟ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ନିର୍ବାଚନ ପାଇଁ ଆଉ ମାତ୍ର ଦିନ କେଇଟାର ଅପେକ୍ଷା । ଭାରତ ଭଳି ଏକ ବିଶାଳ ଗଣତନ୍ତ୍ରର ଭାଗ୍ୟଡୋରି ହାତକୁ ନେବା ପାଇଁ ବଳ କଷାକଷିର ପର୍ବ ଆରମ୍ଭ ହୋଇଗଲାଣି କେବେଠୁଁ । ନିର୍ବାଚନରେ ଭୋଟ ଦେଇ ନାଗରିକର ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରି ପାଞ୍ଚବର୍ଷ ହେଲା ନିଘୋଡ଼ ନିଦରେ ଶୋଇ ପଡ଼ିଥିବା ଜନତା କଡ଼ ଲେଉଟାଇଲେଣି ପୁଣି ଥରେ ଭୋଟ କେନ୍ଦ୍ର ଧାଡ଼ିରେ ଛିଡ଼ା ହେବା ପାଇଁ । ରାଲି, ରୋଡ୍ ଶୋ, ସାଧାରଣ ସଭା ସାଙ୍ଗକୁ ଘରକୁ ଘର ବୁଲି ନିଜ ପ୍ରାର୍ଥିତ୍ୱ ସପକ୍ଷରେ ପ୍ରଚାର କରୁଥିବା ପ୍ରାର୍ଥୀଙ୍କ ବିନମ୍ର ପ୍ରଣାମରେ ବୈଶାଖର ପ୍ରଚଣ୍ଡ ରୌଦ୍ରତାପ ବି ଭିଜିଗଲାଣି ଏକ ଅଭିନବ ପ୍ରତିବେଦନରେ । କାଣି କଉଡ଼ିରେ ତଉଲା ହେଉ ନ ଥିବା ଭୋଟର ବାପୁଡ଼ା ନିଜ ବହୁମୂଲ୍ୟ ଭୋଟଖଣ୍ଡକ ପାଇଁ ନିଜକୁ ମହାରାଜା ମଣିଲେଣି ।

ଏଇ ନିର୍ବାଚନ ପ୍ରଥମ ନିର୍ବାଚନ ନୁହେଁ । ଆମ ଦେଶ ସ୍ୱାଧୀନତା ଲାଭ କଲାପରଠୁ ଏମିତି କେତେ ନିର୍ବାଚନ ଆସିଛି ଓ ଯାଇଛି । ରାଜନୀତିରେ ରୁଚି ରଖୁଥିବା ଓ ନିର୍ବାଚନ ଜରିଆରେ ନିଜ ନେତୃତ୍ୱ ନିର୍ମାଣ କରୁଥିବା ଅଳ୍ପ କେଇଜଣଙ୍କୁ ଛାଡ଼ିଦେଲେ ବାକି ଲୋକଙ୍କ ପାଇଁ ଏହା ଯେମିତି ମହତ୍ତ୍ୱହୀନ, ସେମିତି ଅନୁଭବଶୂନ୍ୟ । ବାସ୍, କେବଳ ଏକ ରୁଟିନବନ୍ଧା ନାଗରିକ ଅଧିକାର, ଯାହା ପାଞ୍ଚବର୍ଷରେ ଥରେ ଆସେ ଓ ରାମରାଜ୍ୟ, ଗରିବୀ ହଟାଅ ଓ ମହିଳା ସଶକ୍ତୀକରଣ ଆଦି ଶ୍ରୁତିମଧୁର ସ୍ଲୋଗାନର କୋଳାହଳ ମଧ୍ୟରେ ଗୁଞ୍ଜରିତ ହୋଇ ପୁଣି ନିଃଶବ୍ଦରେ ମିଳାଇଯାଏ ଆଉ ପାଞ୍ଚବର୍ଷ ପାଇଁ । ପ୍ରକୃତରେ ବଡ଼ ବିଚିତ୍ର ନିର୍ବାଚନ ପୂର୍ବର ଅବସ୍ଥା । ଗୋଟିଏ ପଟେ ଆଉ ଥରେ କ୍ଷମତାସୀନ ହେବାକୁ ସରକାରୀ ଦଳର ଆକାଶଛୁଆଁ ପ୍ରତିବଦ୍ଧତା, ଅନ୍ୟପଟେ ତାଙ୍କୁ କ୍ଷମତାରୁ ହଟାଇ ନିଜେ ଗାଦିରେ ବସିବାକୁ ବିରୋଧୀ ଦଳର ସୁପ୍ତ ବ୍ୟାକୁଳତା ଓ ମଝିରେ 'ସବୁ ସରକାର ତା' ପାଇଁ ସମାନ' ବିଚାରି ନିସ୍ପୃହରେ ଗୋଟିଏ ସାମ୍ବିଧାନିକ ପର୍ବର ସମାପ୍ତିକୁ ଅପେକ୍ଷା କରୁଥିବା ସାଧାରଣ ଭୋଟରଙ୍କ ଉଦାସୀନ ମାନସିକତା !

ଭୋଟରଙ୍କୁ ସାଧାରଣ କହିଲେ ତାଙ୍କ ମହତ୍ତ୍ୱର ଅପମାନ ହେବ । ଅନ୍ୟ ବେଳେ ଯେତେ ସାଧାରଣ ହେଲେ ବି ନିର୍ବାଚନ ବେଳେ ଭୋଟରଟିଏ ଅତ୍ୟନ୍ତ ଅସାଧାରଣ । କେବଳ ଖଣ୍ଡିଏ ଭୋଟ୍‌ର ମୂଲ୍ୟ ପାଇଁ ଭୋଟରଙ୍କ ମୁଣ୍ଡର ମୂଲ୍ୟ ଦୁର୍ମୂଲ୍ୟ ହୀରାନୀଳାର ମୂଲ୍ୟଠାରୁ ମଧ୍ୟ ଶତଗୁଣ ମୂଲ୍ୟବାନ୍ ହୋଇଯାଏ । ଅଥଚ ସମୟର ଦୁର୍ଭାଗ୍ୟ, ଭୋଟର ଜଣେ ତାଙ୍କ ମୁଣ୍ଡର ମୂଲ୍ୟ ନିଜେ ନିର୍ଦ୍ଧାରଣ କରିପାରନ୍ତି ନାହିଁ । ଗତ ପାଞ୍ଚବର୍ଷ ଭିତରେ ଥରେ ବି କେବେ ତା' ମୁଣ୍ଡକୁ କାଣି କଉଡ଼ିରେ ପଚାରି ନ ଥିବା ସେଇ ନେତା ନାମଧାରୀ କ୍ରେତା ଅଚାନକ ତା' ମୁଣ୍ଡ କିଣିବାକୁ ତା' ଆଗରେ ଆବିର୍ଭୂତ ହୁଅନ୍ତି ଓ ବେଶ୍ ଚଢ଼ା ଦାମ୍‌ରେ କିଣିନିଅନ୍ତି ତା' ମୁଣ୍ଡକୁ । ହଁ, ଚଢ଼ା ମୂଲ୍ୟ ନୁହେଁ ତ ଆଉ କ'ଣ ! ଗାଁ ଆଖଡ଼ା ଘରେ ଅବା ସହରର କ୍ଲବ ଘରେ ଚିକେନ୍ ମିଲ୍‌ର ଭୂରି ଭୋଜନ, ଦେଶୀ ଅବା ବିଦେଶୀ ଅବକାରୀ ପାନୀୟ ସେବନ ସାଙ୍ଗକୁ ଚାରିଟି ଖଡ଼ଖଡ଼ିଆ ପାଞ୍ଚଶ ଟଙ୍କିଆ ନୋଟ୍‌ର ଅନୁଦାନକୁ କ'ଣ ଚଢ଼ା ନ କହି ମାମୁଲି ବୋଲି କୁହାଯାଇପାରେ !

ପ୍ରତ୍ୟେକ ନିର୍ବାଚନ ଆସେ ରାମରାଜ୍ୟାର ପ୍ରତ୍ୟୟ ଓ ପ୍ରତିଶ୍ରୁତି ନେଇ । ଅଥଚ ନିର୍ବାଚନ ସରିଗଲା ପରେ ରାମ ବୋଲି ସେଇ କଳ୍ପିତ ପୁଣ୍ୟପୁରୁଷ ଜଣକ ନିର୍ବାସନରେ କେଉଁଆଡ଼େ ଚାଲିଯାଆନ୍ତି ଯେ ଯେତେ ଖୋଜିଲେ ତାଙ୍କର ପତ୍ତା ମିଳେନା । ବଦଳରେ ପ୍ରତିଭାତ ହୁଅନ୍ତି ରକ୍ତଶୋଷା ରାବଣ । ନିନ୍ଦୁକମାନେ କୁହନ୍ତି ନିର୍ବାଚନର ଅନ୍ୟ ନାମ ପରା ପ୍ରତିଶ୍ରୁତି ଓ ପ୍ରତାରଣାର ପର୍ବ । ତାହା ହିଁ ହେଉ । ନିର୍ବାଚିତ ହେଲା ପରେ ତଥାକଥିତ ରାମମାନେ ରାବଣ ପାଲଟିଯାଆନ୍ତୁ । ପ୍ରତିଜ୍ଞା, ପ୍ରତିଶ୍ରୁତି ସହିତ ଅଦୃଶ୍ୟ ଭାବେ ମିଶି ରହିଥିବା ମିଥ୍ୟାଚାର ଓ ପ୍ରତାରଣାକୁ ନେଇ ତଥାପି ସମୃଦ୍ଧ ହୋଇ ରହିଥାଉ ଆମ ଗଣତନ୍ତ୍ର । ନିଜ ମୁଣ୍ଡକୁ ଦୁଇହାର ଟଙ୍କା ସହ ଚିକେନ ମିଲ୍ ଓ ଗ୍ଲାସେ ନାଲିପାଣି ବିନିମୟରେ ବିକିଥିବା ଭୋଟର ବାପୁଡ଼ାକୁ କାହୁଁ ବା ଉପଲବ୍ଧ ହୁଅନ୍ତେ ସମାଜ କଲ୍ୟାଣ ପାଇଁ ସମର୍ପିତ, ମର୍ଯ୍ୟାଦାମଣ୍ଡିତ ରାମଚନ୍ଦ୍ର ! ମାତ୍ର ନିର୍ବାଚନ ପୂର୍ବରୁ ପ୍ରତାରଣା ଓ ମିଥ୍ୟାଚାର ଯଦି ସେମାନଙ୍କର କାୟାବିସ୍ତାର କରନ୍ତି, ତେବେ କେମିତି ହୁଅନ୍ତା ଗଣତନ୍ତ୍ରର ଅନୁଭବ !

ଏଥର ନିର୍ବାଚନ ତିଥି ଘୋଷଣା ହେବା ପୂର୍ବରୁ ଓ ପରେ ସଂଘଟିତ ହୋଇ ଚାଲିଛି ଏହି ମିଥ୍ୟାଚାରର ପର୍ବ । ଗୋଟିଏ ଦଳ ସହ ଦୀର୍ଘ ବର୍ଷ ଧରି ସଂପୃକ୍ତ ରହି, ସେଇ ଦଳର ବିଜୟବାନା ହାତରେ ଧରି ଓ ତାହାର ଆଦର୍ଶର ଜୟଗାନ କରି ପୁଣି ପରଦିନ ସେହି ଦଳ ତ୍ୟାଗ କରି ତାହା ବିରୋଧରେ ବିଷୋଦ୍‌ଗାର କରିବାର ନାମ ମିଥ୍ୟାଚାର ଭିନ୍ନ ଅନ୍ୟ କ'ଣ ହୋଇପାରେ ! କେବଳ ଶାସକ ଦଳ ନୁହେଁ, ବିରୋଧୀ ଦଳଗୁଡ଼ିକ ମଧ୍ୟ ଏ ପ୍ରକାର ମିଥ୍ୟାଚାରରୁ ମୁକ୍ତ ନୁହେଁ । କାଲିଯାଏଁ ନେତା ଜଣେ ଗୋଟିଏ ଦଳରେ ରହି ସେହି ଦଳର ଆଦର୍ଶରେ ଅଭିମନ୍ତ୍ରିତ କରିବେ ନିଜକୁ । ସେହି ଦଳର ଜୟଗାନ ତାଙ୍କ ପାଇଁ ପାଲଟି ଯାଇଥିବ ସନ୍ଧ୍ୟା ସକାଳର ପ୍ରାର୍ଥନା ସଙ୍ଗୀତ । ଅଥଚ ସେଇ ଦଳର ନିର୍ବାଚନ ଲଢ଼ିବା ପାଇଁ ଟିକେଟ ନ ମିଳିଲେ ଅବା ସେହି ଦଳର ବିଜୟ ସମ୍ଭାବନା ହ୍ରାସ ପାଇଥିଲେ ରାତାରାତି ବିପକ୍ଷ ଦଳରେ ଯୋଗଦେଇ ସେ ପାଲଟିଯିବେ ମୂଳ ଦଳର ସବୁଠୁ ପ୍ରଗଲ୍‌ଭ ନିନ୍ଦୁକ । କାଲିଯାଏଁ ସ୍ୱର୍ଗ ବୋଲି ପ୍ରତୀୟମାନ ହେଉଥିବା ପରିବେଶ ପାଲଟିଯିବ ନର୍କଠୁ ମଧ୍ୟ ଆହୁରି ନିକୃଷ୍ଟତର । କାଲିଯାଏଁ ଯେଉଁ ନେତାଙ୍କ ସପ୍ତପୁରୁଷ ଉଦ୍ଧାର କରିଥିବେ ଆଜି ସେ ପାଲଟିଯିବେ ରାଜନୀତିର ସବୁଠୁ ଆଦର୍ଶ ପୁରୁଷ । ମିଥ୍ୟାଚାର ଆଉ କାହାକୁ କୁହନ୍ତିକି !



ନିର୍ବାଚନ ପୂର୍ବରୁ ମାଇକ୍ରୋଫୋନ ଆଗରେ ଜ୍ୱାଳାମୟୀ ବକ୍ତୃତା ଦେଇ ଜନସଭାକୁ ସମ୍ବୋଧନ କରିବା ନେତାମାନଙ୍କର ଏକଚାଟିଆ ଅଧିକାର । ଯଦି ଭୋଟର ଜନତାଙ୍କୁ ମଧ୍ୟ ଏହି ଅଧିକାର ଉପଲବ୍ଧ ହୁଅନ୍ତା, ତେବେ କେହି ବି ଜଣେ ମିଳନ୍ତା, ଯିଏ ମାଇକ୍ରୋଫୋନ ଆଗରେ କହନ୍ତା–ନେତାବାବୁ ! ତୁମକୁ କାଲି ଗୋଟିଏ ରୂପରେ ଦେଖିଥିଲୁ, ଆଜି ଦେଖୁଛୁ ଭିନ୍ନ ଏକ ରୂପରେ । କାଲି ଓ ଆଜି ମଧ୍ୟରେ ଯେଉଁ ଫରକ ସେଇ ଫରକର ହେତୁ କ'ଣ ? ଦେଶ ଗଠନ, ଲୋକ କଲ୍ୟାଣ ନା ବ୍ୟକ୍ତିଗତ ସ୍ୱାର୍ଥସାଧନ, ସମୟର ଦୁର୍ଭାଗ୍ୟ ଏମିତି ପ୍ରଶ୍ନ ପଚରାଯାଏନା କି ଏଭଳି ପ୍ରଶ୍ନର ଉତ୍ତର ମିଳେନା । ଯଦି ବି କେଉଁଠି ଏମିତି ପ୍ରଶ୍ନ ମୁଣ୍ଡଟେକେ, ତେବେ ପ୍ରଶ୍ନକର୍ତ୍ତାଙ୍କୁ ବିରୋଧୀ ଦଳର ଭଡ଼ାଟିଆ ଗୁଣ୍ଡା ବୋଲି ଅଭିହିତ କରି ଜୋରଜବରଦସ୍ତ ବସାଇ ଦିଆଯାଏ ।

ନେତା ହେବା ପାଇଁ କାହିଁକି ଏତେ ପ୍ରବଣତା । ନିର୍ବାଚନ ଲଢ଼ିବା ପାଇଁ କାହିଁକି ଏପରି ପାଗଳ ପ୍ରତିଯୋଗିତା ? ନେତୃତ୍ୱରେ ଏମିତି କି ଅମୃତ ଅଛି ଯେ ଯାହା ପାନ କରିବାକୁ ସର୍ବୋଚ୍ଚ ହାକିମ ଚାକିରିକୁ ତୁଚ୍ଛ କରି ଅବା ଗୋଟିଏ ଅନ୍ତଃରାଷ୍ଟ୍ରୀୟ କମ୍ପାନୀର ବଡ଼ ଚାକିରି ଛାଡ଼ି ଲୋକେ ଭୋଟରଙ୍କ ଆଗରେ ଆଣ୍ଠେଇ ପଡୁଛନ୍ତି । ଏ ପ୍ରଶ୍ନ କେବଳ ଆଜିର ନୁହେଁ, ବହୁକାଳ ଧରି ଏହା ଜନମାନସକୁ ଆନ୍ଦୋଳିତ କରିଆସୁଛି । ଜନତାର ଖଣ୍ଡିଏ ଭୋଟ୍‌ର ଯେ ମୂଲ୍ୟ କେତେ ତାହା ନେତା ଜାଣୁଛନ୍ତି । ଅଥଚ ଦୁର୍ଭାଗ୍ୟର ବିଷୟ ଜନତା ଜଣେ ନିଜେ ଜାଣୁନାହିଁ ଯେ ତା' ଭୋଟ ଖଣ୍ଡକ କେତେ ଅମୂଲ ମୂଲ୍ୟ । ଗୋଟିଏ ଚିକେନ ମିଲ, ଗ୍ଲାସେ ମଦ ଓ ଦୁଇ ହଜାର ଟଙ୍କା ଗୋଟିଏ ସନ୍ଧ୍ୟାକୁ ସିନା ଉଜ୍ଜ୍ୱଳ ଉପଭୋଗରେ ରଙ୍ଗିନ କରିପାରେ, ମାତ୍ର ଏହା ସେହି ଭୋଟରର ଅବଶିଷ୍ଟ ଦିନଗୁଡ଼ିକ ସହିତ ସମଗ୍ର ଦେଶର ଆଗାମୀ ଭବିଷ୍ୟତକୁ ଯେ ଅନ୍ଧାର ଭିତରକୁ ଠେଲି ଦେଇପାରେ, ଏହା ଯେତେ ଶୀଘ୍ର ସେ ବୁଝିବ, ସେତେ ମଙ୍ଗଳ !

ପ୍ରଜ୍ଞା ନିଳୟ
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ଆଇନଜୀବୀ ଓ ଆଇନଜ୍ଞ ମଧୁବାବୁ



ସିତାଂଶୁ ମୋହନ ଦ୍ୱିବେଦୀ

ମହାତ୍ମା ଗାନ୍ଧୀ, ଚିତ୍ତରଞ୍ଜନ ଦାସ, ମୋତିଲାଲ ନେହେରୁ ଏବଂ ମଧୁସୂଦନ ଦାସ ପ୍ରମୁଖ ପ୍ରଖ୍ୟାତ ଆଇନଜୀବୀଗଣ ଆଇନଜ୍ଞ ଭାବରେ ତଥା ଦେଶବତ୍ସଳ ନେତୃବର୍ଗ ରୂପେ ଯେଉଁ ଅବିସ୍ମରଣୀୟ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ, ତା'ର ଉଜ୍ଜ୍ୱଳକୃତି ଓ ସାକ୍ଷର ଏବେ ମଧ୍ୟ ବହୁ ଆଇନଜୀବୀଙ୍କୁ ଦିଗ୍‌ଦର୍ଶନ ପ୍ରଦାନ କରିଆସିଛି । ଭାରତର ପ୍ରଖ୍ୟାତ ଜାତୀୟତାବାଦୀ ନେତାରୂପେ ମଧୁସୂଦନ ଦାସଙ୍କର ଜଣେ ବିଶିଷ୍ଟ ଆଇନଜ୍ଞ ତଥା ଦେଶବତ୍ସଳ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା ପରାଧୀନ ଭାରତରେ ଦେଶର ପ୍ରଥମ ଭାଷାଭିତ୍ତିକ ପ୍ରଦେଶ ଓ ଓଡ଼ିଶାର ଗଠନ ବଳିଷ୍ଠ ଜନଜାଗରଣ ତଥା ସାମ୍ବିଧାନିକ ବ୍ୟବସ୍ଥା ମାଧ୍ୟମରେ । ଏହି ପ୍ରକ୍ରିୟା ୧୯୦୩ଠାରୁ ଆରମ୍ଭ ହୋଇ ୧୯୩୫ ପର୍ଯ୍ୟନ୍ତ ସୁଦୀର୍ଘ ପରିବ୍ୟାପ୍ତ ରହିଥିଲା । ପରାଧୀନ ଭାରତରେ ଓଡ଼ିଶା ପ୍ରଦେଶ ଗଠିତ ହୋଇ ନ ଥିଲେ ଏହା ଗଠନର ସମ୍ଭାବନା ସ୍ୱାଧୀନ ଭାରତରେ ସୁଦୂର ପରାହତ ହୋଇଥାଆନ୍ତା । ସମଗ୍ର ଭାରତରେ ଆଇନଜୀବୀଙ୍କ ପାଇଁ ମଧୁସୂଦନ ଦାସଙ୍କ ସର୍ବଶ୍ରେଷ୍ଠ ଅବଦାନ ଥିଲା ଭାରତୀୟ ନାରୀଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣର ଯୁଗାନ୍ତକାରୀ ଅଧିକାର ପ୍ରଦାନ ।

ଆଇନଜୀବୀ, ଆଇନଜ୍ଞ, ପାର୍ଲାମେଣ୍ଟାରିଆନ, ବିଧାୟକ ତଥା ଦେଶପ୍ରେମୀ ନେତା ରୂପେ ମଧୁସୂଦନ ଦାସଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟୀ ଥିଲା । ମଧୁବାବୁଙ୍କ ଜୀବନ ଇତିହାସରୁ ଉପନୀତ ହେଲୁ ଯେ ଜଣେ ଆଇନଜୀବୀର ଭୂମିକା କେବଳ କୋର୍ଟ କଚେରି ପରିସର ଭିତରେ ସୀମାବଦ୍ଧ ନୁହେଁ । ତାଙ୍କର କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମାଜ ତଥା ଦେଶର ଉନ୍ନତି ଓ ଅଗ୍ରଗତି ପାଇଁ ଏକାନ୍ତ ପରିବ୍ୟାପ୍ତ । ମଧୁବାବୁ ନିଜକୁ ଜଣେ ସୁଦକ୍ଷ ଆଇନଜ୍ଞ ହିସାବରେ ପ୍ରତିଷ୍ଠିତ କରିବା ସଙ୍ଗେ ସଙ୍ଗେ ସେ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ ଓ ସମଗ୍ର ଭାରତବର୍ଷର ଜଣେ ଅଗ୍ରଗାମୀ ଚିନ୍ତାନାୟକ, ଜନନାୟକ ଏବଂ ରାଷ୍ଟ୍ରନାୟକ । ଏକାଧାରରେ ମଧ୍ୟ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍.ଏ., ପ୍ରଥମ ବିଲାତ ଯାତ୍ରୀ ତଥା ପ୍ରଥମ ଓଡ଼ିଆ ଓକିଲ । ସେ ମଧ୍ୟ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ । ଛୋଟଲାଟ୍ ସଭା ଏବଂ ବଡ଼ଲାଟ୍ ସଭାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ ।

ମଧୁସୂଦନ ଯେଉଁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ସେଗୁଡ଼ିକ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩), ଓଡ଼ିଆ ସାହିତ୍ୟ ମଞ୍ଚ ଉତ୍କଳ ସାହିତ୍ୟ ସମାଜ (୧୯୦୩), ନିଖିଳ ଉତ୍କଳ ଛାତ୍ର ସଂଗଠନ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟ ଅଫ୍ ୱେୟାର ୱାର୍କସ ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ସ୍ଥାୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଆସର (୧୮୮୨) ଇତ୍ୟାଦି ।



ଜୟନ୍ତୀ ଉପଲକ୍ଷେ

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ତାଙ୍କର ଗୌରବୋଜ୍ଜ୍ୱଳ ଅବଦାନ ହେଲା, ବ୍ରିଟିଶ୍ ସରକାରଙ୍କ କୂଟ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ । ଏହା ବାଦ୍ ମାନସିଂହ ପାଟଣା ଡକାୟତି ମୋକଦ୍ଦମା, ଖଣ୍ଡପଡ଼ା ଓ କେନ୍ଦୁଝରର ରାଜାଙ୍କ ମୋକଦ୍ଦମା, ସୂର୍ଯ୍ୟମଣି ପାଟଦେଈ ପଟିଆରାଜା, ପୁରୀରାଜା ରାମଚନ୍ଦ୍ର ଦେବ ପ୍ରଭୃତିଙ୍କ ପୋଷ୍ୟପୁତ୍ର ଗ୍ରହଣ ମୋକଦ୍ଦମାରେ ମଧୁବାବୁ ଯେଉଁ ବିଜ୍ଞତା, ବାଗ୍ମୀତା, କାର୍ଯ୍ୟଦକ୍ଷତା, ବିଚକ୍ଷଣତାର ପରିଚୟ ଦେଇଛନ୍ତି, ତାହା ତାଙ୍କୁ ସବୁଦିନ ପାଇଁ ଓଡ଼ିଶା ଆଇନ ଜଗତରେ ଜଣେ ଜ୍ୟୋତିଷ୍କ ଭାବେ ପରିଗଣିତ କରାଇଛି । ଓଡ଼ିଶାର ଗରିବ ବୁଭୁକ୍ଷୁ ଜନସାଧାରଣ, କୁଶଳୀ କାରିଗର, ହରିଜନ ଏବଂ ନାରୀ ଜାତି ଓ ଶିକ୍ଷା ବ୍ୟବସ୍ଥା ପ୍ରତି ମଧୁବାବୁଙ୍କ ବୈପ୍ଳବିକ ଆଭିମୁଖ୍ୟ ସମ୍ପୂର୍ଣ୍ଣ ଭାବରେ ଅଭିଭୂତ କରିଥିଲା ମହାତ୍ମା ଗାନ୍ଧୀଙ୍କୁ । ତାଙ୍କର ଯୁଗାନ୍ତକାରୀ ମାନବଧର୍ମୀ ଚିନ୍ତାଧାରା ଯୋଗୁ ଜାତିର ଜନକ ମହାତ୍ମା ଗାନ୍ଧୀ ମଧୁବାବୁଙ୍କୁ ନିଜ ଜୀବନରେ ଜଣେ ପଥପ୍ରଦର୍ଶକ ଭାବରେ ଗ୍ରହଣ କରିଥିଲେ । ୧୯୨୪ ମସିହାରୁ ମଧୁବାବୁଙ୍କ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନ, ହରିଜନ ସଂସ୍ଥାପନ, ଗ୍ରାମ୍ୟ ଉନ୍ନୟନର ପରିକଳ୍ପନା, ମୌଳିକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଜନଜାଗରଣ ଅନେକାଂଶରେ ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରାକୁ ଗଭୀର ଭାବରେ ପ୍ରଭାବିତ ଓ ଆଲୋଡ଼ିତ କରିଥିଲା । ହରିଜନଙ୍କ ପ୍ରତି ମଧୁବାବୁ ଯେଉଁ ଚିନ୍ତାଧାରା ପୋଷଣ କରିଥିଲେ, ତାହା ଦେଖି ମହାତ୍ମା ଗାନ୍ଧୀ କହୁଥିଲେ 'ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରି ଚାଲିଛେ, ମଧୁସୂଦନ ଦାସ ସେଇ ସମ୍ପର୍କରେ ମୋର ଆଖି ଖୋଲି ଦେଇଥିଲେ ।'

ଜାତୀୟ ଗୌରବ ମଧୁସୂଦନ ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ । ତାଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା । ମଧୁବାବୁଙ୍କ ଜନ୍ମ ଦିବସକୁ ବାର୍ କାଉନ୍‌ସିଲଙ୍କ ନିଷ୍ପତ୍ତିକ୍ରମେ ଓଡ଼ିଶାର ସବୁ ବାର୍ ଆସୋସିଏଶନ ୧୯୯୮ ମସିହାରୁ ପ୍ରତିବର୍ଷ 'ଓକିଲ ଦିବସ' ଭାବେ ପାଳନ କରିଆସୁଛନ୍ତି । ମଧୁବାବୁଙ୍କ ନାମରେ ପ୍ରତିଷ୍ଠିତ ଓକିଲମାନଙ୍କୁ ମଧ୍ୟ 'ମଧୁଜ୍ୟୋତି' ଏବଂ 'ମଧୁ ସମ୍ମାନ'ରେ ସମ୍ମାନିତ କରାଯାଉଛି । ମଧୁସୂଦନ କେବଳ ଓଡ଼ିଶାର ବିଶାଳ ବ୍ୟକ୍ତିତ୍ୱ ନ ଥିଲେ, ଥିଲେ ସମଗ୍ର ଭାରତବର୍ଷର । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟର ସତ୍ତା ରହିଥିବ, ମୁକୁଟବିହୀନ ସମ୍ରାଟ୍ ଉତ୍କଳ ଗୌରବ ମଧୁସୂଦନ ମୃତ୍ୟୁଞ୍ଜୟ ହୋଇ ରହିଥିବେ । ଜାଗ୍ରତ ପ୍ରହରୀ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି । ସେଥିପାଇଁ ସମସ୍ତ ଓଡ଼ିଆ କୁଳବୃଦ୍ଧ ମଧୁବାବୁଙ୍କ ଜନ୍ମଦିବସକୁ 'ଓକିଲ ଦିବସରେ ସୀମିତ ନ ରଖି ରାଷ୍ଟ୍ର ଦିବସ ରୂପେ' ପାଳନ କରି ମଧୁବାବୁଙ୍କ ନୀତି, ଆଦର୍ଶ, ବହୁମୁଖୀ ପ୍ରତିଭାରେ ଅନୁପ୍ରାଣିତ ହେବା ସଙ୍ଗେ ସଙ୍ଗେ ତାଙ୍କ ଜନ୍ମ ଦିବସକୁ ରାଷ୍ଟ୍ର ଦିବସ ରୂପେ ପାଳନ କଲେ ମଧୁସୂଦନଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ।

ଆଇନଜୀବୀ, ଅଧ୍ୟକ୍ଷ,
ରାଜ୍ୟ ଆଇନଜୀବୀ ପରିଷଦ, ଓଡ଼ିଶା
ମୋ: ୯୯୩୭୦୮୦୦୦୧

## ଏଇ ଭାରତରେ

କଠିନ ବର୍ଜ୍ୟକୁ ମାତ୍ର ୮ ଘଣ୍ଟା ମଧ୍ୟରେ ନ୍ୟୁଟ୍ରିଏଣ୍ଟ ପରିପୂର୍ଣ୍ଣ ଖତରେ ପରିଣତ କରିପାରୁଛି ଗୋଲ୍ଡ କମ୍ପୋଷ୍ଟର । 'ୱେଷ୍ଟ ଇଜ୍ ଗୋଲ୍ଡ ଟେକ୍‌ନୋଲୋଜି' ଷ୍ଟାର୍ଟଅପ୍ ମାଧ୍ୟମରେ ଏହାକୁ ନିର୍ମାଣ କରିଛନ୍ତି ସନ୍ଦୀପ ତିୱାରୀ । ୫ ବର୍ଷ ଗବେଷଣା କରାଯିବା ପରେ ଏହି ମେଶିନ ନିର୍ମାଣ ହୋଇପାରିଛି । ଏହି ମେଶିନରେ ୧୦ରୁ ୨୦ ଟନ୍ ପର୍ଯ୍ୟନ୍ତ କଠିନ ବର୍ଜ୍ୟକୁ ୮ ଘଣ୍ଟା ମଧ୍ୟରେ ଖତ କରାଯାଇପାରୁଛି । ବଡ଼ କଥା ହେଉଛି,ଏଥିରେ ପରିବେଶକୁ କ୍ଷତି କଲାଭଳି କୌଣସି ନିର୍ଗମନ ହେଉନାହିଁ । ଏହା କେବଳ ମାଟିରେ ବର୍ଜ୍ୟ ଠୁଳ ହେବା ସମସ୍ୟା ଦୂର କରୁନି, ବରଂ ପରିବେଶରୁ କାର୍ବନ ହ୍ରାସ କରିବାରେ ସାହାଯ୍ୟ କରୁଛି । ଏହି ମେଶିନ ଘରୋଇ ବର୍ଜ୍ୟ ପରିଚାଳନାରେ ବି ସହାୟକ ହୋଇପାରିବ । ଉଲ୍ଲେଖନୀୟ ଯେ, ଭାରତରେ ବର୍ଷକୁ ୬୨ ମିଲିୟନ ଟନ୍ ବର୍ଜ୍ୟ ବାହାରୁଛି । ତେବେ ଗୋଲ୍ଡ କମ୍ପୋଷ୍ଟର ବ୍ୟାପକ ବ୍ୟବହାର ଏଭଳି ବର୍ଜ୍ୟ ପାହାଡ଼କୁ ହ୍ରାସ କରିପାରିବ ବୋଲି କୁହନ୍ତି ସନ୍ଦୀପ ।

## ୫୦ ବର୍ଷ ତଳେ ଧରିତ୍ରୀ

୨୮ ଏପ୍ରିଲ ୧୯୭୫

- ଜେନେରାଲ ଜୁଅଙ୍ଗ ଭାନ ମିନ ଦକ୍ଷିଣ ଭିଏତନାମର ନୂତନ ରାଷ୍ଟ୍ରପତି ରୂପେ ନିର୍ବାଚିତ ।
- ସିକିମକୁ ଭାରତର ୨୨ତମ ପୂର୍ଣ୍ଣାଙ୍ଗ ଅଙ୍ଗରାଜ୍ୟରେ ପରିଣତ କରିବା ଏବଂ ସେଠାକାର ଚୋଗ୍ୟାଲ ବା ରାଜପଦକୁ ଉଠାଇ ଦେବାପାଇଁ ୩୮ତମ ସମ୍ବିଧାନ ସଂଶୋଧନ ବିଲ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଛି ।
- ବଙ୍ଗଳାଦେଶର ଫରିଦପୁର ଅନ୍ତର୍ଗତ ଗୋଲଉଣ୍ଡୋ ସବ୍‌ଡିଭିଜନ୍‌ରେ ପ୍ରବଳ ଝଡ଼ତୋଫାନ ହେବା ଫଳରେ ୧୦ ଜଣଙ୍କ ପ୍ରାଣହାନି ।

## ଚିରନ୍ତନୀ

ନିସ୍ୱନ ନିଶୀଥ କୋଳେ
ଏକାକୀ ଏ ତରୁତଳେ
ଆସ ପ୍ରିୟେ, ଭୁଲିଯିବା ଆଜି ଏ ସଂସାର,
ସଂଶୟ ତରକ ଆଦି
କୁଟିଳ ଭ୍ରୂକୁଟୀ ବ୍ୟାଧି
ନାହିଁ ଗତି ଯହିଁକି ଗୋ ମାନବ ଭାଷାର ।
(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 7 | | |
| 5 | | | 7 | | | | | 1 |
| | | 3 | | 8 | | 2 | | |
| | | | 4 | | 8 | | 9 | |
| | | | | | | | | |
| | | | 9 | 1 | | | | |
| 1 | | | | | | | 3 | 9 |
| 4 | 2 | | 5 | | | 1 | | |
| 8 | | | | | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 6 | 1 | 3 | 5 | 8 | 4 | 2 | 9 |
| 9 | 3 | 8 | 4 | 2 | 7 | 1 | 6 | 5 |
| 4 | 2 | 5 | 9 | 1 | 6 | 8 | 7 | 3 |
| 1 | 8 | 9 | 6 | 7 | 3 | 2 | 5 | 4 |
| 6 | 5 | 4 | 1 | 8 | 2 | 3 | 9 | 7 |
| 3 | 7 | 2 | 5 | 9 | 4 | 6 | 1 | 8 |
| 8 | 1 | 7 | 2 | 4 | 9 | 5 | 3 | 6 |
| 5 | 9 | 3 | 8 | 6 | 1 | 7 | 4 | 2 |
| 2 | 4 | 6 | 7 | 3 | 5 | 9 | 8 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ କଳାଧନ

ମହାଶୟ,

ଭାରତବର୍ଷର ଗଣତନ୍ତ୍ର ବର୍ତ୍ତମାନ ବ୍ୟକ୍ତିକେନ୍ଦ୍ରିକ ହୋଇଯାଉଛି । ବର୍ତ୍ତମାନର ରାଜନୈତିକ ଦଳରେ ନେତାଜୀ ଓ ଗାନ୍ଧିଜୀଙ୍କ ପରି ଦେଶଭକ୍ତ ରାଷ୍ଟ୍ରନୀତିଜ୍ଞ ନାହାନ୍ତି । ପରନ୍ତୁ କଳାଧନ ବଳରେ ସାଂସଦ ଓ ବିଧାୟକ ରୂପେ ନିର୍ବାଚିତ ହୋଇ ଗଣତନ୍ତ୍ରର ପବିତ୍ର ମନ୍ଦିର ସଂସଦ ଓ ବିଧାନସଭାର ସଦସ୍ୟ ହେଉଛନ୍ତି । ରାଜତନ୍ତ୍ର ପରି ପାରିବାରିକ ରାଜନୀତି କରୁଛନ୍ତି । କ୍ଷମତାର ଅପବ୍ୟବହାର କରି ଦେଶବାସୀଙ୍କୁ ନିରନ୍ତର ଶୋଷଣ କରିଚାଲିଛନ୍ତି । ଏମାନେ ୫/୧୦ କୋଟି ଟଙ୍କାର ଭୂସମ୍ପତ୍ତିକୁ ୫/୧୦ ଲକ୍ଷ ଟଙ୍କାରେ କିଣିଛନ୍ତି ବୋଲି କବଲାରେ ଦର୍ଶାଇ ନିଜର କଳାଧନକୁ ଧଳା କରିଦେଉଛନ୍ତି । ଅନେକ ନେତା ନିଜ ଆତ୍ମୀୟଙ୍କ ନାମରେ ରାସ୍ତା ପାର୍ଶ୍ୱ ମୂଲ୍ୟବାନ୍ ଜମି କିଣି ପରେ ସେସବୁକୁ ଦାନସୂତ୍ରେ ସେମାନଙ୍କଠାରୁ ନେଇଯାଉଛନ୍ତି । ଏମାନଙ୍କର ବିଦେଶ ଓ ବିଦେଶୀ ବ୍ୟାଙ୍କରେ ଗଚ୍ଛିତ ରହିଛି ଅମାପ ସ୍ଥାବର ଅସ୍ଥାବର ସମ୍ପତ୍ତି । ଏହା ଅବ୍ୟାହତ ରହିଲେ ଦେଶ କିମ୍ବା ଦେଶବାସୀଙ୍କର ବିକାଶ ହୋଇପାରିବ ନାହିଁ ।

**– ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡବଲ ଇଞ୍ଜିନ ନୁହେଁ, ଯୋଡି ଶଙ୍ଖ ଦରକାର: ପାଣ୍ଡିଆନ

ନୂଆପଡ଼ା,୨୭।୪ (ମକାରୁ ବେମାଲ)

୫-ଟି ଅଧ୍ୟକ୍ଷ ତଥା ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ନୂଆପଡ଼ା ଜିଲା ଗସ୍ତରେ ଆସି ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ସଭାରେ ଯୋଗଦେଇ ନିର୍ବାଚନୀ ବିଗୁଲ ବଜାଇଛନ୍ତି। ସକାଳେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ସେ ନୂଆପଡ଼ା ଆସି ଖରିଆର ରୋଡ ଜୋଙ୍କ ନଦୀ କୂଳରେ ଥିବା ଶଙ୍କର ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ଯାଇ ନୂଆପଡ଼ା ମିନି ଷ୍ଟାଡିୟମଠାରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଏମ୍‌ପି ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆଙ୍କ ପାଇଁ ପ୍ରଚାର କରିଥିଲେ । ଆମକୁ ଡବଲ ଇଞ୍ଜିନ ଦରକାର ନାହିଁ, ଯୋଡି ଶଙ୍ଖ ଦରକାର। ଯେଉଁଠାରେ ଡବଲ ଇଞ୍ଜିନ ରହିଥିଲା ତାହା ଛିଣ୍ଡିଯାଇଛି ବୋଲି କହିଥିଲେ।

ସେ କହିଥିଲେ, ୬ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋତେ ନୂଆପଡ଼ା ଜିଲାରେ ରହିଥିବା ସମସ୍ୟା ବୁଝିବା ପାଇଁ ପଠାଇଥିଲେ। ମୁଁ ଆସିଥିବା ସମୟରେ ବିଭିନ୍ନ ସମସ୍ୟା ଉପରେ ଲୋକେ ୭ ଶହରୁ ଊର୍ଦ୍ଧ୍ୱ ଦରଖାସ୍ତ ଦେଇଥିଲେ। ସେଥିରୁ ୩୫୦ ଦରଖାସ୍ତର ସମାଧାନ ହୋଇସାରିଛି। ବାକି ଦରଖାସ୍ତ ଗୁଡିକର ମୁଖ୍ୟମନ୍ତ୍ରୀ ସମାଧାନ କରିବେ। ନୂଆପଡ଼ା ଜିଲାକୁ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ଏକଶହ ୩୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ନୂଆପଡ଼ା ବ୍ଲକର ଭାଲେଶ୍ୱର ଓ କୋମନା ବ୍ଲକର କୋନାବିରାଠାରେ ମେଗା ପ୍ରକଳ୍ପ, ୫ଟି ବ୍ଲକରେ ନୂଆ ବସ୍‌ଷ୍ଟାଣ୍ଡ, ଗ୍ରାମାଞ୍ଚଳରେ ଦୁଇ ଲାଇନ ରାସ୍ତା, ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟର ଉନ୍ନତୀକରଣ, ଦେବଦେବୀ ମନ୍ଦିର ଉନ୍ନତୀକରଣ କାରାଯାଇଛି। ୨୪ବର୍ଷ ଶାସନରେ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବହୁତ ବିକାଶ କରିସାରିଲେଣି। ବିଜୁ ଜନତା ଦଳ ପୁଣି କ୍ଷମତାକୁ ଆସିଲେ କୌଣସି ସମସ୍ୟା ରହିବ ନାହିଁ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାରଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ଲୋକଙ୍କଠାରୁ ଦରଖାସ୍ତ ଗ୍ରହଣ କରୁଛନ୍ତି ପାଣ୍ଡିଆନ।

# ବିଦ୍ୟୁତ ତାର ଚୋରି ଅଭିଯୋଗରେ ଜଣେ ଗିରଫ: ୬ ଫେରାର

ମୁରିବାହାଲ,୨୭।୪(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ଥାନା ଅନ୍ତର୍ଗତ ପତ୍ରାପାଲି (କ ) ଓ ଦେବଙ୍ଗ ମଧ୍ୟରେ ଯାଇଥିବା ୩୩ କେ.ଭି. ବିଦ୍ୟୁତ ତାର ଦୁର୍ବୃତ୍ତମାନେ ଚୋରି କରୁଥିବା ବେଳେ ବିଦ୍ୟୁତ ବିଭାଗ କର୍ମଚାରୀ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛନ୍ତି। ଅନ୍ୟ ୬ ଜଣ ସହଯୋଗୀ ଫେରାର ହୋଇ ଯାଇଛନ୍ତି। ଏହି ଘଟଣାରେ ୨ ବଣ୍ଡଲ ତାର, କଟର ମେଶିନ, ଦୁଇଟି ବାଇକ୍, ଗୋଟିଏ ମୋବାଇଲ ଫୋନ ଆଦି ଜବତ କରାଯାଇ ମୁରିବାହାଲ ପୋଲିସକୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ଅନେକ ସ୍ଥାନରେ ବାରମ୍ବାର ବିଦ୍ୟୁତ୍ ତାର ଚୋରି ହେଉଥିବାର ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ ତାର ଚୋରଙ୍କୁ ବିଭାଗ ଧରିବାରେ ସକ୍ଷମ ହୋଇ ପାରୁ ନ ଥିଲା । ନିକଟରେ ରାତି ପ୍ରାୟ ୧୦ଟା ସମୟରେ ପତ୍ରାପାଲି(କ) ଓ ଦେବଙ୍ଗ ମଧ୍ୟରେ ଯାଇଥିବା ବିଦ୍ୟୁତ୍ ତାରକୁ କେତେକ ଦୁର୍ବୃତ୍ତ କୌଶଳକ୍ରମେ କାଟୁଥିବାର ଖବର ପାଇ ସଙ୍ଗେ ସଙ୍ଗେ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ତାର ଚୋରି କରୁଥିବା ସମୟରେ ଜଣକୁ ଧରିଥିଲେ। ତେବେ ଅନ୍ୟ ୬ ଜଣ ସହଯୋଗୀ ଦୌଡ଼ି ପଳାଇ ଥିଲେ। ଏ ନେଇ ମୁରିବାହାଲ ଥାନାରେ ନଂ ୧୪୫ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଉଛି।

# ଭୋଟର ସଚେତନତା କାର୍ଯ୍ୟକ୍ରମ



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ।

ଝାରସୁଗୁଡ଼ା,୨୭।୪ (ସଞ୍ଜୟ ମାଲି)

ଶୁକ୍ରବାର ସ୍ଥାନୀୟ ବଜାରରେ ଭୋଟର ସଚେତନତା କାର୍ଯ୍ୟକ୍ରମର ଅଂଶ ବିଶେଷ ସାକ୍ଷରତା ଅଭିଯାନ, ସେଲ୍ଫି ପଏଣ୍ଟ ସହ ଜଡ଼ିତ ହୋଇ ଆଗାମୀ ନିର୍ବାଚନରେ ସମସ୍ତ ଭୋଟର ଗଣତନ୍ତ୍ରର ମହାନ ପର୍ବରେ ଜଡ଼ିତ ହେବାକୁ ଆହ୍ୱାନ ଦେଇଛନ୍ତି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆବୋଲୀ ସୁନୀଲ ନରୱଣେ। ପିଡବ୍ଲ୍ୟୁଡି କାର୍ଯ୍ୟାଳୟ ନିକଟ ଶୁକ୍ରବାର ବଜାର ସମ୍ମୁଖରେ ଭୋଟର ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଓ କିଶୋର ଚନ୍ଦ୍ର ସ୍ୱାଇଁ, ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ପୌର ପରିଷଦ ନିର୍ବାହୀ ଦିଲ୍ଲୀପ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସଚେତନ ନାଗରିକ ଭାବରେ ସମସ୍ତେ ଆଗାମୀ ନିର୍ବାଚନରେ ମତଦାନରେ ଅଂଶଗ୍ରହଣ ପାଇଁ ଜିଲାପାଳଙ୍କ ସମେତ ସମସ୍ତେ ନିଜ ନିଜର ସ୍ୱାକ୍ଷର ପ୍ରଦାନ କରିଥିଲେ।

# ବିଜେଡି ପ୍ରାର୍ଥିନୀ ପରିବର୍ତ୍ତନ ନେଇ ଚର୍ଚ୍ଚା

ଦେବଗଡ଼,୨୭।୪(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଜେଡି ପକ୍ଷରୁ ଘୋଷିତ ହୋଇଥିବା ପ୍ରାର୍ଥିନୀ ଅରୁନ୍ଧତୀ କୁମାରୀ ଦେବୀଙ୍କୁ ପରିବର୍ତ୍ତନ କରାଯାଇ ୨୦୧୯ ସାଧାରଣ ନିର୍ବାଚନରେ ପରାଜିତ ହୋଇଥିବା ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ନାମ ଘୋଷଣା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଚର୍ଚ୍ଚା ପରେ ଜିଲା ବିଜେଡିର ବିଭିନ୍ନ ମହଲ ପକ୍ଷରୁ ଶନିବାର ବିରୋଧ କରାଯିବା ସହ ଯଦି ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଏ ତେବେ ସମୂହ ଇସ୍ତଫା ଦେବେ ବୋଲି ବହୁ ବିଜେଡି ନେତା ଓ କର୍ମୀ ଚେତାବନୀ ଦେଇଛନ୍ତି। ରାତିରେ ଦେବଗଡ଼ ଚମ୍ପକେଶ୍ୱର ମନ୍ଦିର ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ତଳେ ବିଜେଡି ନେତା ଆଲୋକ କୁମାର ଅମାନ୍ତ, ସମୀର ରଞ୍ଜନ ପ୍ରଧାନ ଓ ବିକାଶ କୁମାର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ବହୁ ନେତା ଓ କର୍ମୀ ଏକତ୍ରିତ ହୋଇ ଦଳୀୟ ସଭାପତି ଯଦି ଅରୁନ୍ଧତୀଙ୍କୁ ପରିବର୍ତ୍ତନ କରନ୍ତି ତେବେ ସେମାନଙ୍କର କୌଣସି ଆପତ୍ତି ନାହିଁ। କିନ୍ତୁ ଆଉ କାହାକୁ ପ୍ରାର୍ଥୀ କରାଯାଉ ବୋଲି ପ୍ରକାଶ କରିବା ସହ ରୋମାଞ୍ଚରଞ୍ଜନଙ୍କ ବିରୋଧରେ ବିଭିନ୍ନ ଅଭିଯୋଗ ଆଣିଥିଲେ। ସେହିପରି ରୋମାଞ୍ଚରଞ୍ଜନଙ୍କୁ ଯଦି ଦଳୀୟ ଟିକେଟ ଦିଆଯାଏ ତେବେ ସମୂହ ବିରୋଧ କରିବା ସହ ଇସ୍ତଫା ଦେବେ ବୋଲି ଚେତାବନୀ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ,ଦେବଗଡ଼ ପୌର ପରିଷଦ ୧ ନମ୍ବର ୱାର୍ଡର କାଉନସିଲର ପ୍ରମିଳା ବେହେରା, ୨ନମ୍ବର ୱାର୍ଡର କାଉନସିଲର ସଞ୍ଜୁକ୍ତା ଆଚାର୍ଯ୍ୟ, ୩ ନମ୍ବର ୱାର୍ଡର କାଉନସିଲର ବାସନ୍ତୀମଣି ମାଝି ଓ ୫ ନମ୍ବର ନମ୍ବର ୱାର୍ଡର କାଉନସିଲର ଜତିନ କୁମାର ନାୟକ ପ୍ରମୁଖ ସମସ୍ତ ବିଜେଡି କାଉନସିଲର ଏକତ୍ରିତ ହୋଇ ଅନୁରୂପ ଚେତାବନୀ ଦେଇଛନ୍ତି। ରିଆମାଳ ବ୍ଲକ ଗୁଣ୍ଡିଆପାଲି ଗ୍ରାମ ପଞ୍ଚାୟତ ସମେତ ବିଭିନ୍ନ ସ୍ଥାନରେ ବହୁ ବିଜେଡି ନେତା ଓ କର୍ମୀ ଏକତ୍ରିତ ହୋଇ ଯଦି ଅରୁନ୍ଧତୀଙ୍କୁ ପ୍ରାର୍ଥୀତ୍ୱରୁ ବାଦ ଦିଆଯାଏ, ତେବେ ରୋମାଞ୍ଚ ରଞ୍ଜନଙ୍କୁ ଟିକେଟ ନ ଦେଇ ଅନ୍ୟ ଜଣେ ମହିଳାଙ୍କୁ ଟିକେଟ ଦେବା ପାଇଁ ଦଳୀୟ କର୍ତ୍ତୃପକ୍ଷଙ୍କ ଠାରେ ଦାବି ଜଣାଇଛନ୍ତି। ଅନ୍ୟଥା ଦଳ ପକ୍ଷରୁ ଦୃଢ ବିରୋଧ କରାଯିବା ସହ ସମୂହ ଇସ୍ତଫା ଦେବେ ବୋଲି ଭିଡିଓ ବାର୍ତ୍ତା ମାଧ୍ୟମରେ ଚେତାବନୀ ଦେଇଥିଲେ।


ବୈଠକରେ ଉପସ୍ଥିତ ଥିବା ବିଜେଡି ନେତା, କାଉନସିଲର।

**ଦେବଗଡ଼ ବିଧାନସଭା ଆସନ**

## କଂଗ୍ରେସରେ ମିଶିଲେ ଯୁବ କର୍ମୀ

ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)

ବରଗଡ଼ ନାୟକପଡ଼ା ଦୁର୍ଗା ମଣ୍ଡପ ନିକଟରେ ଶନିବାର କଂଗ୍ରେସର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଏହି ମିଶ୍ରଣ ପର୍ବରେ ସାହାଜବାହାଲ ଗ୍ରାମର ଅନେକ ଯୁବ କର୍ମୀ କଂଗ୍ରେସରେ ସାମିଲ ହୋଇଥିଲେ। କଂଗ୍ରେସର ଜିଲା ସଭାପତି ହରଦୀପ ସିଂଙ୍କ ସମେତ ବ୍ଲକ ସଭାପତି ଅନନ୍ତ ତାଣ୍ଡି, ଡାନିଏଲ ବାରିକ, ସପନ ଦାଶ, ଆୟୁଷ୍ମନ୍ତ ପଣ୍ଡା, ସଞ୍ଜୀବ ଗନ୍ତାୟତ, ନିହାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



## ପ୍ରେସ୍ ଇସ୍ତାହାର

ଏତଦ୍ୱାରା ଗଞ୍ଜାମ ଜିଲ୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଜନ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ନିମ୍ନଲିଖିତ ପର୍ଯ୍ୟବେକ୍ଷକଗଣ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି। ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ତଳ ଲିଖିତ ମୋବାଇଲ୍ ନମ୍ବର କିମ୍ବା ସେମାନଙ୍କ ମେଲ୍‌କୁ ଯୋଗାଯୋଗ କରିପାରିବେ।

| Sl. No. | Name of the Observer | Contact No | Mail ID |
|---|---|---|---|
| 01 | **Sri Swaroop P, IAS** 20-Berhampur P.C General Observer **Room Alloted : Room No - 8** Special Circuit House, Berhampur | 9692194145 | |
| 02 | **Sri Saurav Dubey, IRS** 20-Berhampur P.C. Expenditure Observer | 9692201530 | eopcberhampur@gmail.com |
| 03 | **Ms. Kanchi Gupta, IRS (C&CE)** 20-Berhampur P.C. Expenditure Observer | 9692194157 | expenditureobserverberhampur@gmail.com |
| 04 | **Ms. Chandrika Garg, IRAS** 134-Digapahandi A.C. Police Observer | 8144214486 | observerdigapahandiac@gmail.com |
| 05 | **Sri Ajaya Linda, IPS** 20-Berhampur P.C. Expenditure Observer Office Place is BeDA, berhampur | 9692185164 | |

ଜିଲ୍ଲାପାଳ ତଥା – ଜିଲ୍ଲା ନିର୍ବାଚନ ଅଧିକାରୀ
ଗଞ୍ଜାମ

# କଂଗ୍ରେସର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ଦେବଗଡ଼,୨୭।୪(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ ବୁଢ଼ାପାଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଇଭଉଣୀ ଦର୍ହ ପର୍ଯ୍ୟଟନସ୍ଥଳୀରେ ଜିଲା କଂଗ୍ରେସ ପକ୍ଷରୁ ବୁଢ଼ାପାଳ ଓ ପରା ଗ୍ରାମ ପଞ୍ଚାୟତର କଂଗ୍ରେସ ନେତା ଓ କର୍ମୀମାନଙ୍କୁ ନେଇ ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଶାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କର୍ମୀ ସମ୍ମିଳନୀରେ ଜିଲା କଂଗ୍ରେସ ସଭାପତି ତଥା ଦେବଗଡ଼ ବିଧାନ ସଭା ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ସେମ ହେମ୍ବ୍ରମ, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ପାତ୍ର, ରିଆମାଳ ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ଦେହୁରୀ, ଦୁଷ୍ମନ୍ତ ବେହେରା, ବାପୁନ ପ୍ରଧାନ, ସୁଶାନ୍ତ ବେହେରା, ନରୋତ୍ତମ ବେହେରା, ଆକଶ ଦାଶ, ବିନୟ କୁମାର ଦେବତା, ଅଲେଖ ନାଏକ ଓ ଦେବେନ୍ଦ୍ର ଗଡନାୟକଙ୍କ ସମେତ ଉଭୟ ଗ୍ରାମ ପଞ୍ଚାୟତର ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇ ଦଳୀୟ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ସଂକଳ୍ପ କରିବା ସହ ଏଥି ନିମନ୍ତେ ରଣନୀତି ପ୍ରସ୍ତୁତ କରିଥିଲେ।



ପୂର୍ବତଟ ରେଳପଥ
Tender Notice No.: MSM-TCC-SBPDIV-05-24
ତାରିଖ: 23.04.2024
କାର୍ଯ୍ୟର ନାମ: ଜୁନାଗଡ଼ ରୋଡ୍, ଟିଟିଲାଗଡ଼, କଣ୍ଟାବାଞ୍ଜି ଏବଂ ବଲାଙ୍ଗିର ଠାରେ ୩ ବର୍ଷର ଅବଧି ନିମନ୍ତେ ପ୍ଲାଟଫର୍ମ ଗିଟର୍ଣ୍ଣ ଟ୍ରେନ୍ ଗୁଡିକର ଟର୍ମିନାଲ କୋଚ୍ କ୍ଲିନିଙ୍ଗ୍ (ସଫେଇ) କାର୍ଯ୍ୟ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ.2,06,58,270/-
ଟେଣ୍ଡର କାଗଜାତ୍ ମୂଲ୍ୟ: ଟ.11,800/-, EMD : ଟ.2,53,300/-
କାର୍ଯ୍ୟ ସମାପ୍ତିର ଅବଧି : 36 (ଛତିଶ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.14.05.2024 ରିଖ 1500 ଘଟିକାରେ
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ: www.ireps.gov.in ରେ ଉପଲବ୍ଧ ଅଟେ।
ବରିଷ୍ଠ ମଣ୍ଡଳ ମେକାନିକାଲ ଇଞ୍ଜିନିୟର, ସମ୍ବଲପୁର
PR-60/P/24-25

# ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ

**ବରିଷ୍ଠ ନାଗରିକଙ୍କ ସହ ବିଜେଡି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ଆଲୋଚନା**

ସମ୍ବଲପୁର,୨୭।୪(ଭବାନୀ ଶଙ୍କର ଭୋଇ)

ବିଜେଡ଼ିର ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଓ ବିଧାନସଭା ପ୍ରାର୍ଥୀ ଇଂ.ରୋହିତ ପୂଝାରୀ ସମ୍ବଲପୁର ସିଭିଲ୍ ସୋସାଇଟି ଓ ସଚେତନ ନାଗରିକ କମିଟିର ବରିଷ୍ଠ ନାଗରିକଙ୍କ ସହିତ ଶୁକ୍ରବାର ସନ୍ଧ୍ୟାରେ ସମ୍ବଲପୁରର ବିକାଶ ନେଇ ଆଲୋଚନା କରିଥିଲେ। ଏହି ବୈଠକରେ ସମ୍ବଲପୁର ମହାନଗର ନିଗମର ନିର୍ବାଚନ ଶୀଘ୍ର କରିବା ଏବଂ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପାଇଁ କେନ୍ଦ୍ର ସରକାରଙ୍କୁ ସମ୍ପୂର୍ଣ୍ଣ ପ୍ରସ୍ତାବ ଦେବା ପାଇଁ ଦାବି କରାଯାଇଥିଲା। ତା ସହ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ଝାରସୁଗୁଡ଼ା-ସମ୍ବଲପୁର-ବରଗଡ଼ ମେଟ୍ରୋ ଟ୍ରେନ୍ ଚଳାଇବା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ କାର୍ଯ୍ୟାଳୟକୁ ତୁରନ୍ତ ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନକୁ ଆଣିବା, ପଶ୍ଚିମ ଓଡ଼ିଶାର ଯେ କୌଣସି ସ୍ଥାନରେ ଓଡ଼ିଶାର ଦ୍ୱିତୀୟ କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ସମ୍ବଲପୁରୀ ଭାଷାକୁ ଓଡ଼ିଶାର ଅନ୍ୟତମ ସରକାରୀ ଭାଷା ଘୋଷଣା, ସୁନ୍ଦରଗଡ଼ରେ ଏମ୍ସର ଶାଖା ସ୍ଥାପନ କରିବା, ପଶ୍ଚିମ ଓଡ଼ିଶା ପାଇଁ ସ୍ୱତନ୍ତ୍ର ସଂସ୍କୃତି ବିଶ୍ୱବିଦ୍ୟାଳୟ ସ୍ଥାପନ, ଫିଲ୍ମ ସିଟି ସ୍ଥାପନ, କେନ୍ଦୁପତ୍ର ନିୟମରେ ପରିବର୍ତ୍ତନ କରି ଏହାର ଲାଭାଂଶକୁ କେବଳ କେନ୍ଦୁପତ୍ର ତୋଳାଯାଉଥିବା ଅଞ୍ଚଳରେ ବିନିଯୋଗ କରିବା, ଜନତା ଦରବାର କରି ପ୍ରତି ତିନି ମାସରେ ଲୋକ ପ୍ରତିନିଧି,ପ୍ରଶାସନ ଓ ନାଗରିକଙ୍କ ସମସ୍ୟା ସମାଧାନ କରିବା ପ୍ରସ୍ତାବ ଦିଆଯାଇଥିଲା। ଏଥିସହିତ ପଶ୍ଚିମାଞ୍ଚଳର ପର୍ବ ନୂଆଁଖାଇ ପରଦିନ,ପୁଷପୁନି,ପୁଓ ଜିଉଁତିଆ,ଆଦି ଦିନକୁ ସରକାରୀ ଛୁଟି ଘୋଷଣା, ହୀରାକୁଦ ଜଳ ପରିଚାଳନା ହୀରାକୁଦରୁ କରିବା, ପୂର୍ବରୁ ଘୋଷିତ ଓଡ଼ିଶାର ଦ୍ୱିତୀୟ ଚିଡ଼ିଆଖାନା ସମ୍ବଲପୁରଠାରେ ସ୍ଥାପନ କରିବା, କଳାହାଣ୍ଡିକୁ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ୍ ଅନ୍ତର୍ଗତ କରିବା, ସମ୍ବଲପୁରୀ ଭାଷା-ସାହିତ୍ୟ-ସଂସ୍କୃତି ଗବେଷଣା ପରିଷଦ ସ୍ଥାପନ କରିବା, ଝାରସୁଗୁଡ଼ା-ସମ୍ବଲପୁର ଯୁଗ୍ମ ସିଟି କମିଶନରେଟ୍ ପୋଲିସ୍ ସ୍ଥାପନ କରିବା, ଓଡ଼ିଶାରେ ବିହାର ଓ ଗୁଜୁରାଟ ଭଳି ସମ୍ପୂର୍ଣ୍ଣ ନିଶାମୁକ୍ତ ରାଜ୍ୟ ଘୋଷଣା କରିବା ଭଳି ବହୁ ସ୍ଥାୟୀ ବିକାଶ ପ୍ରସ୍ତାବ ଦିଆଯାଇଛି। ବରିଷ୍ଠ ନାଗରିକମାନେ ପ୍ରଣବ ପ୍ରକାଶ ଦାସଙ୍କୁ ଯାଜପୁରରୁ ଆସି ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ହେବା ନେଇ ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ପ୍ରଣବ କହିଥିଲେ ଦଳର ନିଷ୍ପତ୍ତି ଏବଂ ସମ୍ବଲପୁର ସହ ତାଙ୍କର ପାରିବାରିକ ସମ୍ପର୍କ ଯୋଗୁଁ ସେ ଏଠାରୁ ପ୍ରାର୍ଥୀ ହୋଇଛନ୍ତି। ଉଭୟ ପ୍ରାର୍ଥୀ ବରିଷ୍ଠ ନାଗରିକ ମାନଙ୍କ ସମସ୍ତ ମତାମତକୁ ଶୁଣିବା ପରେ ଦଶ ଦିନ ପରେ ପୁଣି ଏଭଳି ନାଗରିକ ସଭା ମାଧ୍ୟମରେ ସମସ୍ୟାଗୁଡିକ କିଭଳି ସମାଧାନ କରାଯାଇ ପାରିବ ତାହା ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇ ଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ପ୍ରଫେସର୍ ଆଦିତ୍ୟ ପ୍ରସାଦ ପାଢୀ, ଡ଼ାକ୍ତର ରମାବଲ୍ଲଭ ମିଶ୍ର, ଡ଼. ଦିଲ୍ଲୀପ ପଣ୍ଡା, ଶିକ୍ଷାବିତ୍ ଭକ୍ତପ୍ରସାଦ ନନ୍ଦ, ଆଇନଜୀବୀ ନନ୍ଦଲାଲ ଦାସ, ଅବସରପ୍ରାପ୍ତ ପ୍ରଶାସିକା ପାର୍ବତୀ ସେଠ୍, ସାମ୍ବାଦିକ ଶିବଶଙ୍କର ନନ୍ଦ, ଡ଼. ସପନ ମିଶ୍ର, ଡ଼.ପରେଶ ଦାନୀ, ଐତିହାସିକ ତଥା ସାମ୍ବାଦିକ ଦୀପକ କୁମାର ପଣ୍ଡା, ସଦାନନ୍ଦ ପଣ୍ଡା, ଅମୂଲ୍ୟ ମିଶ୍ର, ଗୋଲକବିହାରୀ ମିଶ୍ର, ସବିତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ସମ୍ବଲପୁର ଓ ପଶ୍ଚିମ ଓଡ଼ିଶାର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

 କ୍ଷେତ୍ରୀୟ କାର୍ଯ୍ୟାଳୟ: ରାୟଗଡା
୧ମ ମହଲା, ଶ୍ରୀ ବିନାୟକ ହାଉସ, ଏମ.ଆଇ. ଡିଭିଜନ ନିକଟ, ନିଉ କଲୋନୀ, ରାୟଗଡ଼ା-୭୬୫୦୦୧

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।
ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସମ୍ପତ୍ତିକୁ **(ସମ୍ପତ୍ତି ବିବରଣୀ ସ୍ତମ୍ଭରେ ଦର୍ଶିତ)** ଗଠନାତ୍ମକ/ସାଙ୍କେତିକ (ଯେଉଁଟି ପ୍ରଯୁଜ୍ୟ) ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନ ଦର୍ଶିତ ବନ୍ଧକ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୧୪.୦୫.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ / ଦଖଲ ତାରିଖ | ସମୁଦାୟ ବକେୟା ଦେୟ (ଟଙ୍କାରେ) | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **ମାଲକାନଗିରି-୨ ଶାଖା /** **ଋଣଗ୍ରହୀତା: ଶ୍ରୀମତୀ ରାକ୍ଷୀ ହାଲଦାର,** ସ୍ୱାମୀ: ମୃଣାଳ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ମୃଣାଳ ହାଲଦାର,** ପିତା: ପ୍ରଫୁଲ୍ଲ ହାଲଦାର, ସା: ଏମଭି-୧୧, ପୋ.: ପଞ୍ଚବଟି, ଜିଲ୍ଲା: ମାଲକାନଗିରି-୭୬୪୦୪୫ | **ଶ୍ରୀ ମୃଣାଳ ହାଲଦାର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୬୫/୧୨୦୪୦(ନୂତନ), ୩୬୫(ପୁରୁଣା), ଖାତା ନଂ.: ୧୨୮/୧୭୨(ନୂତନ), ୧୦(ପୁରୁଣା), ପରିମିତ କ୍ଷେତ୍ର: ଏକର୦.୦୧୯୮ଡିସିମିଲି, ପୋ.: ପଞ୍ଚବଟି, ମୌଜା: ବାଟପାଲି, ଥାନା/ତହସିଲ: ମାଲକାନଗିରି, ଜିଲ୍ଲା: ମାଲକାନଗିରି, ଏହାର ଚାରିପାର୍ଶ୍ୱରେ ଉତ୍ତର: ମୁକା ପଡିଆମି, ପଶ୍ଚିମ: ବିକ୍ରେତାଙ୍କ ଅବଶିଷ୍ଟ ଜମି, ଉତ୍ତର: ବିବେକାନନ୍ଦ ବିଶ୍ୱାସ, ଦକ୍ଷିଣ: ରାସ୍ତା / **୧୬.୧୧.୨୦୨୩** | **୧୯.୦୧.୨୦୨୩ ସୁଦ୍ଧା ଟ.୧୭,୭୦,୨୩୬.୫୫** + ସେବାବଦ ସୁଧ ଓ ଦେୟ | **ଟ.୨୩,୦୪,୦୦୦/- / ଟ.୨,୩୦,୪୦୦/- / ଟ.୨୩,୦୪୦/-** |
| ୨. | **ସେମିଳିଗୁଡ଼ା ଶାଖା /** **ଋଣଗ୍ରହୀତା: ଶ୍ରୀ ସୁଧୀର କୁମାର ସାମନ୍ତରାୟ,** ପିତା: ବ୍ରଜ କିଶୋର ସାମନ୍ତରାୟ, ସା: ନେତାଜୀ ନଗର, ଟିଭିଏସ୍ ସୋରୁମ୍ ପଛପାର୍ଶ୍ୱ, ସେମିଳିଗୁଡ଼ା, ଜିଲ୍ଲା: କୋରାପୁଟ, ଓଡ଼ିଶା - ୭୬୪୦୩୬ | **ଶ୍ରୀ ସୁଧୀର କୁମାର ସାମନ୍ତରାୟ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଉପରେ ଏକ ମହଲା ବିଲଡିଂ ଯାହାର ଖାତା ନଂ.: ୧୩୦/୧୧୧୧, ପ୍ଲଟ୍ ନଂ.: ୧୦୩୫/୧୪୭୦/ ୧୫୯୭, ପରିମିତ କ୍ଷେତ୍ର: ଏକର୦.୦୩୫ ଡିସିମିଲ, ମୌଜା: କାକି, ସେମିଳିଗୁଡ଼ା, ଜିଲ୍ଲା: କୋରାପୁଟ, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ସୁଧୀର ସାମନ୍ତରାୟଙ୍କ ସମ୍ପତ୍ତି, ପୂର୍ବ: ପ୍ରଦ୍ୟୁତ ରଞ୍ଜନ ଦାସଙ୍କ ସମ୍ପତ୍ତି, ପଶ୍ଚିମ: ପର୍ବତ / **୩୦.୧୦.୨୦୨୩** | **୧୬.୦୮.୨୦୨୩ ସୁଦ୍ଧା ଟ.୧୯,୩୭,୦୭୮.୭୯** + ସେବାବଦ ସୁଧ ଓ ଦେୟ | **ଟ.୩୭,୩୨,୦୦୦/- / ଟ.୩,୭୩,୨୦୦/- / ଟ.୩୭,୩୨୦/-** |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ : ତା.୧୦.୦୫.୨୦୨୪ରିଖ ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ
ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ
ରେଜିଷ୍ଟ୍ରେସନ୍ ଏବଂ ଲଗଇନ୍ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ।
ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ଅଟେ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।
ସ୍ଥାନ: ରାୟଗଡା, ତାରିଖ: ୨୬.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମହାନଦୀକୁ ନେଇ ଭାଜପା-ବିଜେଡି ଦୋଷ ଲଦାଲଦି

ସମ୍ବଲପୁର,୨୭।୪ (ଭବାନୀ ଶଙ୍କର ଭୋଇ/ପ୍ରମୋଦ ବହିଦାର)



ଭାଜପା ପକ୍ଷରୁ ମହାନଦୀ ନନ୍ଦପଡ଼ା ଘାଟରେ ଖବରଦାତା ସମ୍ମିଳନୀରେ ଡ. ପ୍ରମୋଦ ରଥ ଓ ମାନସ ବକ୍ସି।



ପାନ୍ଥନିବାସରେ ବିଜେଡି ଖବରଦାତା ସମ୍ମିଳନୀରେ ଲେନିନ ମହାନ୍ତି ଓ ସଞ୍ଜୟ ବାବୁ।

ଗ୍ରୀଷ୍ମଋତୁର ସୂର୍ଯ୍ୟ ତାପଠୁଁ ବଳିଗଲାଣି ସମ୍ବଲପୁରର ରାଜନୈତିକ ତାତି। ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ଭାଜପା ମଧ୍ୟରେ ଆରୋପ-ପ୍ରତ୍ୟାରୋପ ଚରମ ସୀମାରେ ପହଞ୍ଚିଛି। ଶନିବାର ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀକୁ ନେଇ ଦୁଇ ଦଳ ମୁହାଁମୁହିଁ ହୋଇଛନ୍ତି। ମହାନଦୀ ଜଳ ବିବାଦ ସମସ୍ୟା ପ୍ରସଙ୍ଗ ସମାଧାନ ନ ହୋଇପାରିବା ନେଇ ସମ୍ବଲପୁର ଭାଜପା ଶାସକ ବିଜେଡିକୁ ଦାୟୀ କରିଛି। ମହାନଦୀର ନନ୍ଦପଡ଼ା ଘାଟରେ ଶନିବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ଡ. ପ୍ରମୋଦ ରଥ କହିଛନ୍ତି, ଦୀର୍ଘ ୨୪ ବର୍ଷର ନିରଙ୍କୁଶ ଶାସନ କାଳରେ ବିଜେଡି ବିଭିନ୍ନ ସମସ୍ୟାରେ ଜର୍ଜରିତ ମହାନଦୀ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିନାହିଁ। ସମ୍ବଲପୁର ସହରର ଆବର୍ଜନା ଜଳ ସହିତ ଝାରସୁଗୁଡା ଓ ସମ୍ବଲପୁର ଶିଳ୍ପ କରିଡର୍‌ରେ ଥିବା କଳକାରଖାନାରୁ ନିର୍ଗତ ବିଷାକ୍ତ ଜଳ ସିଧାସଳଖ ମହାନଦୀରେ ମିଶି ଏହାକୁ ପ୍ରଦୂଷିତ କରୁଛି। ରାଜ୍ୟ ସରକାରଙ୍କର ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ମହାନଦୀ ଜଳକୁ 'ଡି' ଶ୍ରେଣୀଭୁକ୍ତ କରି ଏହାର ଜଳକୁ ପିଇବା ତ ଦୂରର କଥା ଶୌଚ ଓ ଗାଧୁଆ ଉପଯୋଗୀ ନୁହେଁ ବୋଲି ସତର୍କ କରାଇଛି। ମାତ୍ର ରାଜ୍ୟସରକାର ମହାନଦୀ ଜଳ ପରିଷ୍କାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବା ଡ. ରଥ ଅଭିଯୋଗ କରିଛନ୍ତି । ଏହାବ୍ୟତୀତ ସହରର ଜଳ ସଙ୍କଟ ଦୂର ପାଇଁ କୌଣସି ନୂତନ ବ୍ୟାରେଜ ନିର୍ମାଣ ତ ଦୂରର କଥା ସମ୍ବଲପୁର ସହରରେ ୬ ଦଶନ୍ଧି ପୂର୍ବରୁ ନିର୍ମିତ ଅଯୋଧ୍ୟା ସରୋବରର ଆନିକଟକୁ ମଧ୍ୟ ମରାମତି ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି। ସେହିପରି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୧୮ରେ ମହାନଦୀର ଉଭୟ ପାର୍ଶ୍ୱରେ ବୃକ୍ଷରୋପଣ କରି ଗ୍ରୀନ ମହାନଦୀ ମିଶନରେ ପରିଣତ କରିବା ନିଷ୍ପତ୍ତି ମଧ୍ୟ ଧୂଆଁବାଣରେ ପରିଣତ ହୋଇଛି ବୋଲି ଡ. ରଥ ଅଭିଯୋଗ କରିଛନ୍ତି। ଭାଜପାର ରାଜ୍ୟ ପେନାଲିଷ୍ଟ ମାନସ ରଞ୍ଜନ ବକ୍ସି କହିଥିଲେ ଯେ, ମହାନଦୀକୁ ନେଇ ଛତିଶଗଡ଼ ଓ ଓଡ଼ିଶା ସରକାରଙ୍କର ଯୋଜନା ସମ୍ପୂର୍ଣ୍ଣ ଭିନ୍ନ। ଛତିଶଗଡ଼ ସରକାର ବିନା କୌଣସି ବିସ୍ଥାପନରେ ପିପିପି ମୋଡ୍‌ର ବହୁତ ଛୋଟ ବଡ଼ ବ୍ୟାରେଜ ନିର୍ମାଣ କରି ମହାନଦୀର ଜଳକୁ ଗଚ୍ଛିତ ରଖି ଏହାର ସଦୁପଯୋଗ କରିଛନ୍ତି। ବିଜେଡି ସରକାର ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ମହାନଦୀକୁ ବଡ଼ ପ୍ରସଙ୍ଗ କରି ଏଥିପାଇଁ ଉଭୟ କେନ୍ଦ୍ର ଓ ଛତିଶଗଡ଼ର ତତ୍କାଳୀନ ଭାଜପା ସରକାରଙ୍କୁ ଦାୟୀ କରିଥିଲେ। ହେଲେ ୨୦୧୭ରୁ ୨୦୨୪ ମଧ୍ୟରେ ଦୀର୍ଘ ୭ ବର୍ଷ ବିତିଯାଇଥିଲେ ମଧ୍ୟ ଓଡ଼ିଶାର ବିଜେଡି ସରକାର ଏଠାରେ ମହାନଦୀ ଉପରେ ଛୋଟିଆ ବ୍ୟାରେଜଟିଏ ମଧ୍ୟ ତିଆରି କରି ପାରିଲେ ନାହିଁ ବୋଲି ବକ୍ସି ଅଭିଯୋଗ କରିଛନ୍ତି।

ଭାଜପାର ଅଭିଯୋଗକୁ ଖଣ୍ଡନ କରିଛି ବିଜେଡି। ପାନ୍ଥନିବାସରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ସଞ୍ଜୟ ବାବୁ ମିଳିତ ଭାବେ ଭାଜପା ଅଭିଯୋଗକୁ କପୋଳକଳ୍ପିତ ଓ ଏଭଳି ମନ୍ତବ୍ୟ ଦେଇ ଭାଜପା ସମ୍ବଲପୁରବାସୀଙ୍କୁ ବିଭ୍ରାନ୍ତ କରୁଛି ବୋଲି କହିଛନ୍ତି। ତେବ ୨୦୧୮ରେ ଛତିଶଗଡ଼ରୁ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିବା ଧର୍ମେନ୍ଦ୍ର ପ୍ରଧାନ ଛତିଶଗଡ଼ର ସବୁ ବେଆଇନ କାମକୁ ସମର୍ଥନ କରିଆସିଛନ୍ତି। ମୁଖ୍ୟତଃ ମହାନଦୀ ପ୍ରସଙ୍ଗରେ ଛତଶଗଡ଼ ସରକାର ମହାନଦୀ ଉପରେ ବେଆଇନ ବ୍ୟାରେଜ ନିର୍ମାଣ କରି ଏହାର ଜଳକୁ ଅବରୋଧ କରିରଖିଥିବା ବେଳେ ଏହାକୁ ନେଇ କେନ୍ଦ୍ରମନ୍ତ୍ରୀ ନୀରବଦ୍ରଷ୍ଟା ସାଜିଥିଲେ। ଏପରିକି ଛତିଶଗଡ଼ ମହାନଦୀର ଜଳକୁ ରୋକି ଓଡ଼ିଶାର ଲୋକଙ୍କ ଜୀବନ ଜୀବିକାକୁ ବିପର୍ଯ୍ୟୟ ଆଡ଼କୁ ଠେଲିଦେଇଥିବା ଭଳି ଏକ ସମ୍ବେଦନଶୀଳ ଘଟଣା ବିରୋଧରେ ଧର୍ମେନ୍ଦ୍ର ମୁହଁ ଖୋଲି ନ ଥିବା ବେଳେ ଆଜି ମହାନଦୀ ସଫେଇ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଛି ଭାଜପା ବୋଲି ଅଭିଯୋଗ କରିଛନ୍ତି ବାବୁ।

# ସୋଫିଆଙ୍କ ନାମକୁ ସୁପାରିସ କଲା ରାଜ୍ୟ କଂଗ୍ରେସ

## କଟକ-ବାରବାଟୀ କ୍ଷେତ୍ର

ଭୁବନେଶ୍ୱର,୨୭।୪(ଅନିଲ ଦାସ)

କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ସୋଫିଆ ଫିର୍ଦ୍ଦୋସ୍ ରାଜନୀତି ମଇଦାନକୁ ଓହ୍ଲାଇବେ। ବିଧାୟକ ପ୍ରାର୍ଥୀ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ଶନିବାର ତାଙ୍କ ନାଁକୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)କୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବ ଉପରେ ଏଆଇସିସି ନିଷ୍ପତ୍ତି ନେବ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର ସୂଚନା ଦେଇଛନ୍ତି।

ମହମ୍ମଦ ମୋକିମ ଏବେ କଟକ-ବାରବାଟୀ ବିଧାୟକ ଅଛନ୍ତି। ୨୦୧୯ରେ ସେ କଂଗ୍ରେସ ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ହେଲେ ସେ ଓଏଚ୍ଆରଡିସି ଦୁର୍ନୀତି ମାମଲାରେ ଛନ୍ଦି ହୋଇ ପଡ଼ିଥିବାରୁ ୨୦୨୪ ନିର୍ବାଚନରେ ପ୍ରାର୍ଥୀ ହେବା ନେଇ ଆଶଙ୍କା ଦେଖାଦେଇଛି। ତାଙ୍କ ସ୍ଥାନରେ ଝିଅ ସୋଫିଆ ଫିର୍ଦ୍ଦୋସ୍ ବିଧାନସଭା ନିର୍ବାଚନ ଲଢ଼ିପାରନ୍ତି। ସେଥିପାଇଁ ଦୁଇଦିନ ତଳେ ମହମ୍ମଦ ମୋକିମଙ୍କ ଘରେ ସମର୍ଥକମାନେ ମେଳି କରିଥିଲେ। ସୋଫିଆଙ୍କୁ ପ୍ରାର୍ଥୀ କରିବାକୁ କଂଗ୍ରେସ କର୍ମୀମାନେ ଦାବି କରିଥିଲେ।

# ଗୌତମବୁଦ୍ଧଙ୍କ ଉପରେ ଭରସାକଲା ବିଜେଡି

## ଭୋଗରାଇ ବିଧାନସଭା କ୍ଷେତ୍ର

ଭୋଗରାଇ, ୨୭।୪(ପ୍ରଦୀପ ଦାସ)



ଗୌତମବୁଦ୍ଧ ଦାସ

ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଶେଷ ମୁହୂର୍ତ୍ତରେ ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା ନିର୍ବାଚନମଣ୍ଡଳୀର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଭୋଗରାଇ ବିଧାୟକ ସ୍ୱର୍ଗତ ଦୁର୍ଗା ଦାସଙ୍କ ସାନପୁଅ ଗୌତମବୁଦ୍ଧ ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଛି। ସେ ଦୀର୍ଘବର୍ଷ ଧରି ଏକ ଖବରକାଗଜରେ କାର୍ଯ୍ୟ କରୁଥିଲେ। ଭୋଗରାଇ ନିର୍ବାଚନମଣ୍ଡଳୀରେ ବହୁ ସାମାଜିକ କାର୍ଯ୍ୟରେ ମଧ୍ୟ ନିଜକୁ ନିୟୋଜିତ କରିଆସିଛନ୍ତି। ଏହାସହ ବିଜେଡିର ଦେବଗଡ଼ ଜିଲା ପର୍ଯ୍ୟବେକ୍ଷକ ଭାବେ ସେ ନିଯୁକ୍ତ ହୋଇଥିଲେ। ତାଙ୍କ ବଡ଼ବାପା ସ୍ୱାଧୀନତା ସଂଗ୍ରାମୀ ପ୍ୟାରୀମୋହନ ଦାସ ମଧ୍ୟ ୨ଥର ଭୋଗରାଇ ନିର୍ବାଚନମଣ୍ଡଳୀରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଗୌତମବୁଦ୍ଧ ପ୍ରାର୍ଥୀ ହେବା ନେଇ ଘୋଷଣା ହେବା ପରେ ନିର୍ବାଚନମଣ୍ଡଳୀରେ ବିଜେଡି ନେତା ଓ କର୍ମୀଙ୍କ ମହଲରେ ଉତ୍ସାହ ପରିଲକ୍ଷିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହୋଇଥିଲେ। ଦଳ ତାଙ୍କୁ ଟିକେଟ ଦେଇଥିବାରୁ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଦଳର ବରିଷ୍ଠଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

ବିଧାୟକ ଅନନ୍ତ ଦାସ ବାର୍ଦ୍ଧକ୍ୟଜନିତ କାରଣରୁ ଏଥର ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ। ସେଥିପାଇଁ ନିଜ ପୁଅ ଅଭିଜିତଙ୍କ ଟିକେଟ ପାଇଁ ସେ କସରତ କରୁଥିଲେ। ଅଭିଜିତଙ୍କ ବ୍ୟତୀତ ଅନ୍ୟ କେତେଜଣ ଆଶାୟୀ ଥିବା ବେଳେ ବିଜେଡି ଶୀର୍ଷ ନେତୃତ୍ୱ ଗୌତମବୁଦ୍ଧଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି।

# ଅରିନ୍ଦମ୍‌ଙ୍କୁ ଗ୍ରହଣ କରିପାରୁନାହାନ୍ତି ଦଳୀୟ କର୍ମୀ

ସାଲେପୁର,୨୭।୪(ଅରବିନ୍ଦ ଭୂୟାଁ)



ଅରିନ୍ଦମ ରାୟ

ବହୁ କଳ୍ପନାଜଳ୍ପନା ପରେ ଶେଷରେ ସାଲେପୁର ବିଧାନସଭା ଆସନର ଭାଜପା ପ୍ରାର୍ଥୀଭାବେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ତଥା କଟକର ଯୁବନେତା ଅରିନ୍ଦମ ରାୟଙ୍କ ନାମ ଦଳ ଘୋଷଣା କରିଛି। ପ୍ରାୟ ୨୦ଦିନ ତଳୁ ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ବିଜେଡି ତୃତୀୟ ଥର ପାଇଁ ଏଠାରେ ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ସେହିପରି କଂଗ୍ରେସ ଯୁବ ସଙ୍ଗଠକ ଆକ୍ୟୁବ୍ ଉଜ୍‌ମାନ ଖାଁଙ୍କୁ ପ୍ରାର୍ଥୀ କରିଛି। ଅରିନ୍ଦମ୍ ସାଲେପୁର ନିର୍ବାଚନ ମଣ୍ଡଳୀର ହୋଇ ନ ଥିବାବେଳେ ତାଙ୍କୁ କେତେଦୂର ସ୍ଥାନୀୟ ଲୋକ ଗ୍ରହଣ କରିବେ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସାଲେପୁରରେ ଭାଜପାର ବହୁ ପୁରୁଖା ନେତା ସଙ୍ଗଠନ ଚଳାଇ ଆସୁଥିବାବେଳେ ସେମାନେ ଟିକେଟ୍ ଆଶାୟୀ ଥିଲେ। କିନ୍ତୁ ଦଳ ସେମାନଙ୍କୁ ଅଣଦେଖା କରି ଅରିନ୍ଦମଙ୍କୁ ପ୍ରାର୍ଥୀ କରିଥିବାରୁ କର୍ମୀମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଫଳରେ ବିଜେଡି କର୍ମୀଙ୍କ ମଧ୍ୟରେ ଆଶ୍ୱସ୍ତି ପ୍ରକାଶ ପାଇଛି। ଅପରପକ୍ଷେ କମ୍ ଦିନ ତଳେ ଭାଜପା ସଙ୍ଗଠନ ଛାଡ଼ି ବିଜେଡିରେ ଯୋଗଦେଇ କଟକ-ବାରବାଟୀରୁ ବିଧାୟକ ପ୍ରାର୍ଥୀ ହୋଇଥିବା ପ୍ରକାଶ ବେହେରାଙ୍କ ବହୁ ସମର୍ଥକ କୌଣସି ଦଳରେ ସାମିଲ ନ ହୋଇ କିଏ ଭାଜପା ଟିକେଟ୍ ପାଉଛି, ସେନେଇ ଅପେକ୍ଷା କରି ରହିଥିଲେ। ଏବେ ଅରିନ୍ଦମ୍ ଟିକେଟ୍ ପାଇବାପରେ ସେମାନଙ୍କ ମଧ୍ୟରେ ଉତ୍ସାହ କମିଥିବା ଚର୍ଚ୍ଚା ହେଉଛି। ସେପଟେ କଂଗ୍ରେସ ନେତା ଆକ୍ୟୁବ୍ ଖାଁ ଏହାର ପୂର୍ଣ୍ଣ ସୁଯୋଗ ନେବାପାଇଁ ସମସ୍ତ ପ୍ରକାର ରଣକୌଶଳ ଆରମ୍ଭ କରିଦେଇଛନ୍ତି। କୌଣସି ଦଳରେ ସାମିଲ ହୋଇ ନ ଥିବା ପ୍ରକାଶଙ୍କ ସମର୍ଥକମାନଙ୍କୁ କଂଗ୍ରେସ ସଙ୍ଗଠନରେ ସାମିଲ କରିବାପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ କରିଦେଇଛନ୍ତି। ଏନେଇ ବିଜେଡି ଓ କଂଗ୍ରେସ ମଧ୍ୟରେ ଟକ୍କର ହୋଇପାରେ ବୋଲି ସାଧାରଣରେ ଆଲୋଚନା ହେଉଛି।

# ରାସ୍ତାକଡ଼ ଜଙ୍ଗଲରେ ପଖାଳ ଖାଇ ମଜା ନେଲେ

ଭୁବନେଶ୍ୱର,୨୭।୪ (ଅସମାପିକା ସାହୁ)

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର ତୃତୀୟ ଦିନରେ ପ୍ରଚାର ମଇଦାନରେ ଓହ୍ଲାଇ କଳାହାଣ୍ଡି ଲୋକ ସଭା କ୍ଷେତ୍ରର ବିଭିନ୍ନ ସ୍ଥାନରେ ଜନସଭାକୁ ସମ୍ବୋଧିତ କରିଥିଲେ। ରାଜ୍ୟରେ ନିର୍ବାଚନ ପ୍ରଚାର ଏବଂ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଜଙ୍ଗଲରେ ପଖାଳ ଖାଇ ମଜା ନେଇଛନ୍ତି କାର୍ତ୍ତିକ ପାଣ୍ଡିଆନ। କଳାହାଣ୍ଡି ଜୁନାଗଡ଼ରୁ ନିର୍ବାଚନ ପ୍ରଚାର ସାରି ଦାସପୁର ରାସ୍ତା କଡ଼ ଜଙ୍ଗଲରେ ଅପରାହ୍ନ ପ୍ରାୟ ୩ଟା ବେଳକୁ କାର୍ତ୍ତିକ ପାଣ୍ଡିଆନ ମଧ୍ୟାହ୍ନ ଭୋଜନ କରିଥିଲେ। ସାଥୀରେ ପ୍ରଚାର ଖବର କରିବାକୁ ଆସିଥିବା ଜାତୀୟ ଗଣମାଧ୍ୟମ 'ଇଣ୍ଡିଆ ଟୁଡେ'ର ବରିଷ୍ଠ ସାମ୍ବାଦିକ ରାହୁଲ କନ୍‌ୱଲ ମଧ୍ୟ ଥିଲେ। ଉଭୟ ରାସ୍ତା କଡ଼ ଜଙ୍ଗଲରେ ପାଖଳ ଖାଇବା ସହ କିଛି ସମୟ ନିର୍ବାଚନ ପ୍ରସଙ୍ଗକୁ ନେଇ ଆଲୋଚନା କରିଥିଲେ। ଏଥିସହିତ ଦିନେ ଭୋକର ଭୂଗୋଳ ଭାବେ ଦେଶରେ ପରିଚୟ ପାଉଥିବା କଳାହାଣ୍ଡି ଆଜି କେମିତି ସାରା ଦେଶ ପାଇଁ ଭାତ ହାଣ୍ଡି ହୋଇପାରିଛି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ଲୋକଙ୍କ ଜୀବନକୁ ପରିବର୍ତ୍ତନ କରିଛନ୍ତି, ପାଣ୍ଡିଆନ ସେନେଇ ରାହୁଲ କନୱାଲଙ୍କୁ କହିଥିଲେ। ଏଥିସହିତ ପାଣ୍ଡିଆନ ପଖାଳର ଉପକାରିତା ଓ ପ୍ରସ୍ତୁତି ବିଷୟରେ ରାହୁଲ କନ୍‌ୱଲଙ୍କୁ ବୁଝାଇବା ସହ ଓଡ଼ିଆଙ୍କର ଏହି ସାଧାରଣ ତଥା ହିତକାରୀ ଖାଦ୍ୟ ମୁଖ୍ୟମନ୍ତ୍ରୀ କିପରି ତାଙ୍କ ଅତିଥିମାନଙ୍କୁ ପରଷିଥାନ୍ତି ସେ ବିଷୟରେ ମଧ୍ୟ କହିଥିଲେ।



କଳାହାଣ୍ଡି ଦାସପୁର ରାସ୍ତା କଡ଼ ଜଙ୍ଗଲରେ ଶନିବାର ଅପରାହ୍ନରେ ବିଜେଡି ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ଏବଂ 'ଇଣ୍ଡିଆ ଟୁଡେ'ର ବରିଷ୍ଠ ସାମ୍ବାଦିକ ରାହୁଲ କନ୍‌ୱଲ ପଖାଳ ଖାଇବା ଅବସରରେ ଆଲୋଚନା କରୁଛନ୍ତି।

# ବିକାଶର ଧାରା ତ୍ୱରାନ୍ୱିତ ହେବ: ରାଜେନ୍ଦ୍ର

## ଏଥର ଯୋଡ଼ା ପଦ୍ମ ଫୁଟିବ : ଜଗଦେବ

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଶନିବାର ବିଧାନସଭା ଆସନ ପାଇଁ ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ୩ ଆସନ ମଧ୍ୟରୁ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ପାଇଁ ରାଜେନ୍ଦ୍ର ସାହୁ ଏବଂ ବେଗୁନିଆ ପାଇଁ ପ୍ରଦୀପ ସାହୁଙ୍କ ନାମ ଘୋଷଣା କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ। ସେହିପରି ଭାରତୀୟ ଜନତା ପାର୍ଟି (ଭାଜପା) ୮ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି।

ପ୍ରାର୍ଥୀ ଘୋଷଣା ପରେ ପ୍ରଦୀପ କହିଛନ୍ତି, ବେଗୁନିଆ ଓ ବୋଲଗଡ଼ ବାସିନ୍ଦା ସ୍ଥାନୀୟ ନେତୃତ୍ୱକୁ ଚାହୁଁଥିଲେ। ମୁଖ୍ୟମନ୍ତ୍ରୀ ମୋ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ଅତୀତରେ ବେଗୁନିଆବାସୀଙ୍କ ଦାବିକ୍ରମେ ମୁଖ୍ୟମନ୍ତ୍ରୀ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଉପଖଣ୍ଡ ମେଡିକାଲର ମାନ୍ୟତା ଦେଇଥିଲେ। ଏପରିକି ବେଗୁନିଆ ପରେ ବୋଲଗଡ଼କୁ ଏନ୍ଏସି ଘୋଷଣା କରିଥିଲେ। ଏଠାରେ ଦଳ ମଜଭୁତ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଉପରେ ଲୋକଙ୍କ ବିଶ୍ୱାସ ରହିଛି। ଚଳିତ ନିର୍ବାଚନରେ ବିଧାନସଭା ଓ ଲୋକ ସଭା ବିଜେଡି ପ୍ରାର୍ଥୀ ବିପୁଳ ଭୋଟରେ ବିଜୟ ଲାଭ କରିବ ବୋଲି ସେ ପ୍ରକାଶ କରିଛନ୍ତି। ସେହିପରି ରାଜେନ୍ଦ୍ର କହିଛନ୍ତି, ନବୀନଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଗତି ପଥରେ ଆଗେଇ ଚାଲିଛି। ଖୋର୍ଦ୍ଧାକୁ ଏକ ନମ୍ବର ବିଧାନସଭାକ୍ଷେତ୍ର ଭାବେ ଗଢ଼ିତୋଳିବାକୁ ପ୍ରଚେଷ୍ଟା ରହିବ ବୋଲି ସେ କହିଛନ୍ତି। ଅନ୍ୟପଟେ ଖୋର୍ଦ୍ଧାର ଭାଜପା ପ୍ରାର୍ଥୀ ଜଗଦେବ କହିଛନ୍ତି, କୌଣସି ଲଢ଼େଇ ନୁହଁ, ଏକପାଖିଆ ବିଜୟ ହେବ। ଉଭୟ ବିଧାନସଭା, ଲୋକ ସଭାରେ ଭାଜପାର ଯୋଡ଼ା ପଦ୍ମ ଫୁଟିବ। ଜିଲା ହେଡକ୍ୱାର୍ଟସ ସତ୍ତ୍ୱେ ଅବହେଳିତ ହୋଇ ରହିଥିବା ଖୋର୍ଦ୍ଧାର ପୂର୍ଣ୍ଣାଙ୍ଗ ବିକାଶ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଚର୍ଚ୍ଚାରେ ଜ୍ୟୋତି-ପଦ୍ମଲୋଚନଙ୍କ ସାକ୍ଷାତ

ଖଇରା, ୨୭।୪(ଉତ୍କଳବନ୍ଧୁ ପଣ୍ଡା)

ସିମୁଳିଆ ନିର୍ବାଚନମଣ୍ଡଳୀରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଟିକେଟ କଟିବା ପରେ ରାଜନୈତିକ ପାଣିପାଗ ବଦଳିବାରେ ଲାଗିଛି। ଭାଜପା ବିଧାୟକ ପ୍ରାର୍ଥୀ ପଦ୍ମଲୋଚନ ପଣ୍ଡା ଭୋଟ ହାତେଇବା ପାଇଁ ଜ୍ୟୋତିପ୍ରକାଶଙ୍କ ସମର୍ଥକଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ଭିନ୍ନ କୌଶଳ ଆପଣେଇଛନ୍ତି।

୨ଦିନ ତଳେ ପଦ୍ମଲୋଚନ ଓ ତାଙ୍କ ପରିବାର ଲୋକେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ ତାଙ୍କ ବାସଭବନରେ ଭେଟିବା ଏବଂ ପାଖାପାଖି ୧ଘଣ୍ଟା ଧରି ଆଲୋଚନାକୁ ନେଇ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି। ଉଭୟଙ୍କ ପାଇଁ ରାଜନୈତିକ ରାସ୍ତାରେ ବିଜେଡି ପ୍ରାର୍ଥିନୀ ସୁବାସିନୀ ସାହୁ ଓ ତାଙ୍କ ସ୍ୱାମୀ ଶଶି ସାହୁ କଣ୍ଟା ହୋଇଥିବାରୁ ତାଙ୍କୁ ହଟାଇବାକୁ ଏହି ଆଲୋଚନା ହୋଇଥିବା ନେଇ ଚର୍ଚ୍ଚା ଜୋରଧରିଛି। ଏହି ଆଲୋଚନାକୁ ନେଇ ପଦ୍ମଲୋଚନଙ୍କ ପୁଅ ନୀଳମାଧବ ପଣ୍ଡାଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଛନ୍ତି।

# ବସ୍ତା ନିର୍ବାଚନମଣ୍ଡଳୀ: ଭାଜପାରୁ ଲଢ଼ିବେ ରବୀନ୍ଦ୍ର

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ), ୨୭।୪

ବସ୍ତା ନିର୍ବାଚନମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ରବୀନ୍ଦ୍ରନାଥ ଅଣ୍ଡିଆଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ କରିଛି। ପ୍ରାର୍ଥୀ ଘୋଷଣା ପରେ ବସ୍ତା ଭାଜପା ଶିବିର ଚଳଚଞ୍ଚଳ ହୋଇପଡ଼ିଛି।

ରବୀନ୍ଦ୍ର ଦଳର ଅନ୍ୟ ନେତାମାନଙ୍କୁ ସାଙ୍ଗରେ ନେଇ ଖୁବ୍ ଫାଇଦା ହାତେଇପାରିବେ ବୋଲି ଚର୍ଚ୍ଚା ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ରବୀନ୍ଦ୍ରଙ୍କ ସହିତ ୫/୬ଟି ପଞ୍ଚାୟତର ସରପଞ୍ଚ ରହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଶୁଭ ଦୃଷ୍ଟିରେ ରବୀନ୍ଦ୍ର ଅଣ୍ଡିଆ ରହିଥିବାରୁ ତାଙ୍କ ଭୋଟ ବଢ଼ିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି। ତେବେ ନିତ୍ୟାନନ୍ଦ ସାହୁ ଏ ବାବଦରେ ଅଦ୍ୟାବଧି ମୁହଁ ଖୋଲି ନାହାନ୍ତି। ତାଙ୍କ ସମର୍ଥକମାନେ ଏବେ ବି ଦ୍ୱନ୍ଦରେ ରହିଛନ୍ତି। ଯଦି ବିଧାୟକଙ୍କ ଶୁଭ ଦୃଷ୍ଟି ରବୀନ୍ଦ୍ରଙ୍କ ଉପରେ ବଜାୟ ରହେ ତା'ହେଲେ ସେ ନିର୍ଣ୍ଣାୟକ ଭୋଟ ହାତେଇ ପାରିବେ। ତେବେ ରବୀନ୍ଦ୍ରଙ୍କ ନାମ ଘୋଷଣା ପରେ କିଛି ପୁରୁଣା ନେତାଙ୍କ ମଧ୍ୟରେ ନୈରାଶ୍ୟ ପ୍ରକାଶ ପାଇଛି। ସେ ଗତ କିଛି ଦିନ ତଳେ ବିଜେଡିରୁ ନିଲମ୍ବନ ହୋଇ ଭାଜପାରେ ଯୋଗଦେଇଥିଲେ। ସେବେଠାରୁ ସେ ବସ୍ତାରୁ ଟିକେଟ ପାଇବା ନେଇ କଳ୍ପନାଜଳ୍ପନା ଲାଗିରହିଥିଲା। ଏଠାରେ ବହୁ ପୂର୍ବରୁ ବିଜେଡି ସୁବାସିନୀ ଜେନା ଓ ପରେ କଂଗ୍ରେସ ବିଜନ ନାୟକଙ୍କ ନାଁ ଘୋଷଣା କରିସାରିଥିଲା।

ସୂଚନା ଯେ, ଗତ ୨୦୧୯ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ନିତ୍ୟାନନ୍ଦ ସାହୁ କଂଗ୍ରେସର ବିଜନ ନାୟକଙ୍କୁ ହରାଇ ବିଜୟ ହୋଇଥିଲେ। ଚଳିତ ନିର୍ବାଚନ କଂଗ୍ରେସ, ବିଜେଡି ଓ ଭାଜପା ତିନି ଦଳ ମଧ୍ୟରେ କଡା ଟକ୍କର ହେବ ବୋଲି ଚର୍ଚ୍ଚା ଜୋର ଧରିଛି।

# ୩୮ ବିଧାନସଭା ଆସନ ପାଇଁ ୨୫୬ ପ୍ରାର୍ଥିପତ୍ର କାଏମ

ଭୁବନେଶ୍ୱର,୨୭।୪(ଅନିଲ ଦାସ)

ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଯାଞ୍ଚ ଶେଷ ହୋଇଛି। ଏହି ପର୍ଯ୍ୟାୟରେ ୨୮ଟି ବିଧାନସଭା ଆସନ ପାଇଁ ୨୬୬ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ଯାଞ୍ଚ ପରେ ସେମାନଙ୍କ ମଧ୍ୟରୁ ୧୦ଜଣ ପ୍ରାର୍ଥୀଙ୍କର ନାମାଙ୍କନପତ୍ର ନାକଚ ହୋଇଥିବା ବେଳେ ୨୫୬ ଜଣଙ୍କର କାଏମ ରହିଛି। ବ୍ରହ୍ମପୁର ବିଧାନସଭା ଆସନ ପାଇଁ ସର୍ବାଧିକ ୧୮ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ୪ଟି ଲୋକ ସଭା ଆସନରେ ମୋଟ ୩୮ ଜଣ ପ୍ରାର୍ଥୀଙ୍କ ନାମାଙ୍କନପତ୍ର କାଏମ ରହିଛି। କୋରାପୁଟ ସଂସଦୀୟ କ୍ଷେତ୍ରରେ ସର୍ବାଧିକ ୧୨ଜଣ ପ୍ରାର୍ଥୀ ରହିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆସନ୍ତା ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଥିବାବେଳେ ମେ' ୧୩ ତାରିଖରେ ଭୋଟଗ୍ରହଣ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ହେବାକୁ ଥିବା ବରଗଡ଼, ସୁନ୍ଦରଗଡ଼, ବଲାଙ୍ଗୀର, କନ୍ଧମାଳ ଓ ଆସ୍କା ସଂସଦୀୟ ଆସନ ଓ ଏହା ଅଧୀନରେ ଥିବା ୩୫ ବିଧାନସଭା ଆସନ ପାଇଁ ଶନିବାର ସୁଦ୍ଧା ୨୬ ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

# 'ଓଡ଼ିଶାର ନେତା ଓଡ଼ିଆ ଲୋକ ହେବା ଦରକାର'

## ଆଠମଲ୍ଲିକରେ କେନ୍ଦ୍ରମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

ଅନୁଗୋଳ,୨୭।୪ (ଅମିତ କୁମାର ସାମଲ)

ଓଡ଼ିଆ ଭାଷା, ସଂସ୍କୃତି ଏବଂ ଓଡ଼ିଆ ଲୋକଙ୍କ ଭବିଷ୍ୟତ ଆଜି ଅନ୍ଧାରରେ। ଓଡ଼ିଶାର ନେତା ଓଡ଼ିଆ ଲୋକ ହେବା ଦରକାର। ଓଡ଼ିଶାରେ ଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତ ଓ ଅତ୍ୟାଚାରୀ ସରକାରକୁ ବଦଳାଇବା ଦରକାର। ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଅନୁଗୋଳ ଜିଲାର ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀରେ ଶନିବାର ନିର୍ବାଚନ ପ୍ରଚାର ଅବସରରେ ଏହା କହିଛନ୍ତି ଭାଜପାର ସମ୍ବଲପୁର ଲୋକ ସଭା ଏମ୍‌ପି ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଆଠମଲ୍ଲିକର ଅନ୍ଥୁଳିଆଠାରେ ଆୟୋଜିତ ପଦଯାତ୍ରାରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିବା ସହ ସେଠାରେ ଅନୁଷ୍ଠିତ ଏକ କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ଗାଁରେ ପିଇବା ପାଣି ନାହିଁ। ଚାଷ ଜମିରେ ପାଣି ନାହିଁ। ଡାକ୍ତରଖାନାରେ ଡାକ୍ତର ନାହାନ୍ତି। ସ୍କୁଲଗୁଡ଼ିକରେ ଶିକ୍ଷକ ନାହାନ୍ତି। ପିଲାମାନେ ଅଧାରୁ ପାଠପଢ଼ା ଛାଡୁଛନ୍ତି। କାମ ଧନ୍ଦା ଆଶାରେ ଗାଁ ଲୋକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି।




ଅନ୍ଥୁଳିଆଠାରେ କର୍ମୀ ସମ୍ମିଳନୀରେ ଦଳୀୟ ପ୍ରାର୍ଥୀମାନଙ୍କ ସହ କେନ୍ଦ୍ରମନ୍ତ୍ରୀ।

ରାଜ୍ୟରେ ୬୦ ପ୍ରତିଶତ ମହିଳା ରକ୍ତହୀନତା ଏବଂ ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି। ଏହାକୁ ମୁଖ୍ୟମନ୍ତ୍ରୀ ବିକାଶ କହୁଛନ୍ତି କି। ଓଡ଼ିଶା କାହାର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଏକଚ୍ଛତ୍ରବାଦ କିମ୍ବା ରାଜତନ୍ତ୍ର ନୁହେଁ। ଏହା ଗଣତନ୍ତ୍ର। ଲୋକମାନେ ଯାହାକୁ ଚାହିଁବେ ତାକୁ ଜିତାଇବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଲୋକପ୍ରିୟତା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ନିର୍ବାଚନ ଯେତେ ପାଖେଇ ଆସିବ, ମୋଦିଙ୍କ ପ୍ରତି ସମର୍ଥନ ସେତେମାତ୍ରାରେ ବୃଦ୍ଧି ପାଉଥିବ। ଲୋକ ସଭାକୁ ଏଥର ସର୍ବାଧିକ ସିଟ ଓଡ଼ିଶା ଦେବ। ବିଧାନସଭାରେ ପଟ ପରିବର୍ତ୍ତନ ହେବ। ଭୁବନେଶ୍ୱରରେ ପ୍ରଥମ ଥର ଓ ଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ହେବ। ଏହି କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁ, ଅନୁଗୋଳ ବିଧାୟକ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ବରିଷ୍ଠ ନେତା ଭକ୍ତି ପ୍ରସାଦ ଦାସ, ମହେଶ କୁମାର ଧଳ, ମୀରା ଗଡନାୟକ, ଦିଲୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଚାର ସମୟରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଓଗୀ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ କରିଥିଲେ। ଏହି ପଦଯାତ୍ରାରେ ଶତାଧିକ ଜନସାଧାରଣ, ମାତୃଶକ୍ତି ଓ ଯୁବବର୍ଗ ସାମିଲ ହୋଇଥିଲେ।

# 'ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି'

## କଳାହାଣ୍ଡି ଜିଲାରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

ଭବାନୀପାଟଣା/କୋକସରା/ଗୋଲାମୁଣ୍ଡା/କର୍ଲାମୁଣ୍ଡା,୨୭।୪(ଉତ୍ତମ କୁମାର ଦାଶ/ ଦୁଷ୍ମନ୍ତ ପଟ୍ଟଯୋଶୀ/ବଟକୃଷ୍ଣ ପଣ୍ଡା/ପ୍ରଦୀପ ସାହୁ)



ଦଶପୁରଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ପାଣ୍ଡିଆନଙ୍କ ସହ ସାଂସଦ ପ୍ରାର୍ଥୀ ଲମ୍ବୋଦର ନିଆଲ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର।

୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଶନିବାର କଳାହାଣ୍ଡି ଜିଲାର ଧର୍ମଗଡ଼, ଜୁନାଗଡ଼, ଲାଞ୍ଜିଗଡ଼ ଓ ନର୍ଲା ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରିଛନ୍ତି। ନୂଆପଡ଼ାରୁ ହେଲିକପ୍ଟର ଯୋଗେ ଅପରାହ୍ନ ୧ଟାରେ ସେ କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗୋଟୋମୁଣ୍ଡା ହାଇସ୍କୁଲ ପଡିଆରେ ପହଞ୍ଚି ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇଥିଲେ। ଜନସଭାକୁ ସମ୍ବୋଧିତ କରି ସେ କହିଥିଲେ, ଏବେ ନିର୍ବାଚନ ସମୟ। କେତେକ ନେତା ଡବଲ ଇଞ୍ଜିନ କଥା କହିବେ। ପଡ଼ୋଶୀ ଛତିଗଡ଼ରେ ପ୍ରଥମେ ଡବଲ ଇଞ୍ଜିନ ଥିଲା, ପରେ ସିଙ୍ଗଲ ହୋଇଗଲା। ଏବେ ଆଉ ଗୋଟେ ଇଞ୍ଜିନ ସରକାରରେ ଅଛି। ଓଡ଼ିଶାରେ କେବଳ ନବୀନ ଇଞ୍ଜିନ ହିଁ କାମ କରିବ। ଏମିତି ପ୍ରାର୍ଥୀଙ୍କୁ ଜିତାନ୍ତୁ ଯିଏ ସାଥିରେ ରହିବ ଆଉ ଲୋକଙ୍କ କାମ କରିବ ବୋଲି କହିଥିଲେ।

ଗତ ୭ମାସ ମଧ୍ୟରେ ଲୋକଙ୍କ ଆବେଦନ ଆଧାରରେ ମୁଖ୍ୟମନ୍ତ୍ରୀ ଧର୍ମଗଡ ବିଧାନସଭା କ୍ଷେତ୍ର ପାଇଁ ୧୧୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଭଣ୍ଡାରଘରଣୀ ମନ୍ଦିରର ଉନ୍ନତୀକରଣ ପାଇଁ ୧କୋଟି ୯ଲକ୍ଷ ମିଳିଥିବା ବେଳେ ଧର୍ମଗଡ଼ରେ ୨୪ ଘଣ୍ଟିଆ ପିଇବା ପାଣି ପ୍ରକଳ୍ପ ପାଇଁ ୨୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ହୃଦୟରେ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ରହିଛି। ଯେଉଁଥିପାଇଁ ଆଦିବାସୀ ଭାଷା, କଳା ଓ ସଂସ୍କୃତିର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ କରାଯାଇଛି ବୋଲି କହିଥିଲେ। ପରେ ସେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଦଶପୁରଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇଥିଲେ। ମଞ୍ଚକୁ ଉଠିବା ପୂର୍ବରୁ ସେ ଲୋକଙ୍କ ଗହଣରେ ବିରୋଧୀ ଦଳକୁ ଟାର୍ଗେଟ କରିଥିଲେ। ୨୦୧୯ରେ ଯେଉଁ ନେତା କଳାହାଣ୍ଡି ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ସେ ନିର୍ବାଚନ ପରେ ଆଉ ଦେଖାଦେଲେନି ବୋଲି ପାଣ୍ଡିଆନ କହିଥିଲେ।

ଏହାସହ ଗତ ମେ ମାସରେ ମିଳିଥିବା ଆବେଦନ ଆଧାରରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମର ସେ ହିସାବ ଦେଇଛନ୍ତି। କେବଳ ଜୁନାଗଡ ନିର୍ବାଚନମଣ୍ଡଳୀ ପାଇଁ ମୁଖ୍ୟମନ୍ତ୍ରୀ ୨୨୫ କୋଟି ମଞ୍ଜୁର କରିଛନ୍ତି। ମା' ଲଙ୍କେଶ୍ୱରୀ ମନ୍ଦିର ପାଇଁ ଅଢେଇକୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ଇନ୍ଦ୍ରାବତୀ ଦକ୍ଷିଣପଟ କେନାଲ ପାଇଁ ୧୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ୨ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ବିନା ସୁଧରେ ଋଣ ମିଳିଛି। ଜୁନାଗଡର ୯୦ ହଜାର ହିତାଧିକାରୀ ବିଏସ୍‌କେୱାଇ ଯୋଜନାରେ ସାମିଲ ହୋଇ ୩୦ କୋଟି ୪୦ଲକ୍ଷ ଟଙ୍କାର ଚିକିତ୍ସା ସହାୟତା ପାଇଛନ୍ତି।

ଅପରାହ୍ନ ୪ଟାରେ ପାଣ୍ଡିଆନ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଜୟପାଟଣା ବଜାର ପଡିଆରେ ଆୟୋଜିତ ସଭାରେ ଯୋଗଦେଇ ନିର୍ବାଚନ ମଣ୍ଡଳୀ ବିକାଶର ହିସାବ ଦେଇଥିଲେ। ଥୁଆମୂଳ ରାମପୁର ଡିଗ୍ରୀ କଲେଜ ମଞ୍ଜୁର, ମାଣିକେଶ୍ୱରୀ ମନ୍ଦିର, ଜଗନ୍ନାଥ ମନ୍ଦିର ଉନ୍ନତି କରଣ, ଜୟ ପାଟଣାକୁ ଏନ୍‌ଏସି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏବେ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀର ଉନ୍ନତୀକରଣ ପାଇଁ ୧୧୦ କୋଟି ଟଙ୍କା ଅନୁମୋଦନ କରିଛନ୍ତି।

ଅପରାହ୍ନ ୫ଟା ୨୮ରେ ସେ ନର୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୋରଡୋବ୍ରାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଯୋଗଦେଇ ନବୀନଙ୍କ ନେତୃତ୍ୱରେ ଅଞ୍ଚଳରେ ହୋଇଥିବା ଉନ୍ନତିମୂଳକ କାର୍ଯ୍ୟକ୍ରମ ଉପରେ କହି ବିରୋଧୀଙ୍କୁ କଟାକ୍ଷ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀର ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ୫୮୦ କୋଟି ଟଙ୍କା ଅନୁମୋଦନ କରିଥିବା କହିଥିଲେ। ଏହି ଅବସରରେ ଜିଲାର ଅନେକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ପାଣ୍ଡିଆନଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ବିଜେଡି ଲୋକ ସଭା ପ୍ରାର୍ଥୀ ଲମ୍ବୋଦର ନିଆଲ, ଜୁନାଗଡ଼ ବିଧାୟକ ପ୍ରାର୍ଥୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ଼ର ପୁଷ୍ପେନ୍ଦ୍ର ସିଂଦେଓ, ଲାଞ୍ଜିଗଡ଼ର ପ୍ରଦୀପ ଦିଶାରୀ, ନର୍ଲାର ମନୋରମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରୁ ଲଢ଼ିବେ ବାଣୀକଲ୍ୟାଣ

ବାସୁଦେବପୁର,୨୭।୪ (ନାରାୟଣ ପ୍ରସାଦ ବାରିକ୍)

**ବାସୁଦେବପୁର ବିଧାନସଭା କ୍ଷେତ୍ର**


ବାଣୀକଲ୍ୟାଣ ମହାନ୍ତି

ଭଦ୍ରକ ଜିଲା ବାସୁଦେବପୁର ବିଧାନସଭା କ୍ଷେତ୍ର ପାଇଁ ନବାଗତ ଯୁବନେତା ବାଣୀକଲ୍ୟାଣ ମହାନ୍ତିଙ୍କୁ ପ୍ରାର୍ଥୀ ଭାବେ ଭାଜପା ଶନିବାର ଘୋଷଣା କରିଛି। ଯୁବ ଚେହେରା ଭାବେ ବାଣୀକଲ୍ୟାଣ ନିଜର ରାଜନୈତିକ ଜୀବନ ବିଜେଡିରୁ ଆରମ୍ଭ କରି ବାସୁଦେବପୁରରେ ଗତ ଦୁଇବର୍ଷ ଧରି ବିଭିନ୍ନ ସ୍ଥାନରେ ସମାନ୍ତରାଳ ସଭା ସମିତି କରି ଚର୍ଚ୍ଚାକୁ ଆସିଥିଲେ। ପ୍ରାୟ ବର୍ଷେ ତଳେ ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେଡି ପକ୍ଷରୁ ତାଙ୍କୁ ନିଲମ୍ବନ କରାଯାଇଥିଲା। ଏହା ସତ୍ତ୍ୱେ ସେ ବାସୁଦେବପୁରର ବିଭିନ୍ନ ସ୍ଥାନରେ ସଭା ସମିତି କରି ଲୋକସମ୍ପର୍କ ରଖିଆସୁଥିଲେ। ୨୦ ଦିନ ପୂର୍ବରୁ ସେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ଉପରେ ଭରସା ରଖି ଭାଜପା ତାଙ୍କୁ ପ୍ରାର୍ଥୀ କରିଛି। ଏହି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଭାଜପାରେ ପୂର୍ବରୁ ୬/୭ଜଣ ଆଶାୟୀ ଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ବାଣୀକଲ୍ୟାଣ ପ୍ରାର୍ଥୀ ହୋଇଛନ୍ତି। ଉଭୟ ବିଜେଡି ଓ କଂଗ୍ରେସକୁ ସେ ଟକ୍କର ଦେବା ନେଇ ଭାଜପା ଆଶା ବାନ୍ଧିଛି। ତେବେ ଦଳର ପୁରୁଣା ନେତାମାନେ କିପରି ତାଙ୍କୁ ଗ୍ରହଣ କରିବେ, ତାହା ଦେଖିବା ବାକି ରହିଲା। ପୂର୍ବରୁ ବିଜେଡି ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ କଂଗ୍ରେସ ପକ୍ଷରୁ ଜିଲା ସଭାପତି ଅଶୋକ ଦାସଙ୍କୁ ପ୍ରାର୍ଥୀ ଘୋଷଣା ସରିଛି। ଏବେ ଭାଜପା ଜଣେ ଯୁବ ଚେହେରାଙ୍କୁ ପ୍ରାର୍ଥୀ ଘୋଷଣା କରିବା ପରେ ବାସୁଦେବପୁରରେ ଲଢ଼େଇ ରୋଚକ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ହିନ୍ଦୋଳରୁ ଲଢ଼ିବେ ସୀମାରାଣୀ

ଢେଙ୍କାନାଳ,୨୭।୪(ରତନ ନାୟାର)

**ଟିକେଟ ଦେଲା ଭାଜପା**


ଭାଜପା ପ୍ରାର୍ଥୀ ସୀମାରାଣୀ ନାୟକ

ଢେଙ୍କାନାଳ ଜିଲା ହିନ୍ଦୋଳ ବିଧାନସଭା କ୍ଷେତ୍ରରୁ ତୃତୀୟ ଥର ପାଇଁ ନିର୍ବାଚନ ଲଢ଼ିବେ ବିଧାୟିକା ସୀମାରାଣୀ ନାୟକ। ଶନିବାର ଭାଜପା ପକ୍ଷରୁ ତାଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ ହିନ୍ଦୋଳ ଆସନକୁ ନେଇ କିଛିଦିନ ହେଲା ଦଳୀୟ କର୍ମୀଙ୍କ ମଧ୍ୟରେ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି।

ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ଭାବେ କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ସୀମରାଣି ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟ୍‌ରେ ହିନ୍ଦୋଳ ବିଧାନସଭା ଆସନରୁ ବିଧାୟିକା ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ପୁଣି ହିନ୍ଦୋଳରୁ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ଥିଲେ ହେଁ ବିଜେଡି ତାଙ୍କୁ ଟିକେଟ୍ ଦେଇ ନ ଥିଲା। ଫଳରେ ସେ ଅସନ୍ତୋଷ ପ୍ରକାଶ କରି ଭାଜପାରେ ଯୋଗ ଦେଇଥିଲେ। ବିଜେଡି ହିନ୍ଦୋଳରେ ଏମ୍‌ପି ମହେଶ ସାହୁଙ୍କୁ ବିଧାୟକ ପ୍ରାର୍ଥୀ କରିଥିବା ବେଳେ ଭାଜପା ପ୍ରାର୍ଥୀ ହୋଇଛନ୍ତି ସୀମାରାଣୀ। ସେହିପରି କଂଗ୍ରେସରୁ ନବାଗତ ଗୋବର୍ଦ୍ଧନ ଶେଖର ନାୟକ ପ୍ରାର୍ଥୀ ହୋଇଥିବାରୁ ଏଠାରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଜଣାପଡ଼ିଛି। ଭାଜପା ପକ୍ଷରୁ ପ୍ରାର୍ଥୀ ହେବା ପରେ ସୀମାରାଣୀ କହିଛନ୍ତି, ହିନ୍ଦୋଳ ବିଧାନସଭା ଅଞ୍ଚଳର ଭାଜପା ନେତୃବୃନ୍ଦ, ପଦାଧିକାରୀ ଓ ଜିଲା ନେତୃବୃନ୍ଦଙ୍କ ସହ ଆଲୋଚନା କରି ନିର୍ବାଚନ ରଣନୀତି ପ୍ରସ୍ତୁତ କରାଯିବ। ଦଳ ତାଙ୍କ ଉପରେ ଭରସା କରିଥିବାରୁ ଏଥିପାଇଁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ମନମୋହନ ସାମଲ, ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି। ହିନ୍ଦୋଳରେ ସମସ୍ତଙ୍କ ସମ୍ମାନ ରଖିବେ ବୋଲି ସୀମାରାଣୀ କହିଛନ୍ତି।

# ଟୁକୁନୀଙ୍କ ମନ୍ତବ୍ୟକୁ ନେଇ ପଦ୍ମପୁରରେ ଝଡ଼

ପଦ୍ମପୁର, ୨୭।୪(ପ୍ରଦୀପ୍ତ ଦାଶ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ବରିଷ୍ଠ ନାଗରିକ ସମୂହଙ୍କ ପକ୍ଷରୁ ଆୟୋଜିତ ଏକ ନିର୍ବାଚନୀ ସଭାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟକ ପ୍ରାର୍ଥୀ ଟୁକୁନୀ ସାହୁ ଦେଇଥିବା ମନ୍ତବ୍ୟ ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏହାକୁ ନେଇ ବରଗଡ଼ ଜିଲା ପଦ୍ମପୁରରେ ଝଡ଼ ସୃଷ୍ଟି ହୋଇଛି। ଉକ୍ତ ସଭାରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ସାହୁ ଟିଟିଲାଗଡ଼ ପରିବର୍ତ୍ତେ ପ୍ରଥମେ ଯଦି ପଦ୍ମପୁର ଜିଲା ଘୋଷଣା ହୋଇଥାନ୍ତା ତେବେ ସେ ଭାବିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଯାଇ ନିଜର ଇସ୍ତଫାପତ୍ର ଦେଇଥାନ୍ତେ। ଟୁକୁନୀଙ୍କ ଏଭଳି ମନ୍ତବ୍ୟର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ଏବେ ଭିନ୍ନ ଚର୍ଚ୍ଚା ସୃଷ୍ଟି କରିଛି। ଟୁକୁନୀଙ୍କ ଇସ୍ତଫା ଧମକ କାରଣରୁ କୁଆଡେ ପଦ୍ମପୁର ଜିଲା ଘୋଷଣା ବନ୍ଦ ହୋଇଗଲା କି ବୋଲି ଆଲୋଚନା ଆରମ୍ଭ ହୋଇଛି। ମନ୍ତ୍ରୀ ଟୁକୁନୀଙ୍କ ଇସ୍ତଫା ଧମକ ଯୋଗୁ ମୁଖ୍ୟମନ୍ତ୍ରୀ ବାଧହୋଇ ପଦ୍ମପୁର ଜିଲା ଘୋଷଣାକୁ ବନ୍ଦ କରିଦେଲେ କି ବୋଲି ପଦ୍ମପୁର ଲୋକେ ଆଲୋଚନା ଆରମ୍ଭ କରିଛନ୍ତି। ଗତ ପଦ୍ମପୁର ଉପନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁବ୍‌ଶୀଘ୍ର ପଦ୍ମପୁର ଜିଲା ହେବ ବୋଲି ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଘୋଷଣା ପରେ ପଦ୍ମପୁରବାସୀ ଉତ୍ସାହିତ ହୋଇ ବିଜେଡି ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ଜିତାଇଥିଲେ। ତେବେ ପରେ ବିଭିନ୍ନ କାରଣରୁ ପଦ୍ମପୁର ଜିଲା ଘୋଷଣା ହୋଇ ନ ଥିଲା। ଏବେ ନିର୍ବାଚନୀ ସଭାରେ ମନ୍ତ୍ରୀ ଟୁକୁନୀଙ୍କ ମନ୍ତବ୍ୟ ଓ ଭିଡିଓ ଭାଇରାଲ ହେବା ପରେ ଜିଲା ଗଠନ ପ୍ରସଙ୍ଗ ପୁଣି ଚର୍ଚ୍ଚାକୁ ଆସିଛି। ଏ ସଂକ୍ରାନ୍ତରେ ଶନିବାର ପଦ୍ମପୁର କ୍ରିୟାନୁଷ୍ଠାନ କମିଟି ତରଫରୁ ଆବାହକ ଅଜିତ ଶତପଥୀଙ୍କ ନେତୃତ୍ୱରେ ପଦ୍ମପୁର ବାର୍ ଆସୋସିଏଶନ କାର୍ଯ୍ୟାଳୟରେ ପଦ୍ମପୁରର ସମସ୍ତ ଅନୁଷ୍ଠାନକୁ ନେଇ ଏକ ବୈଠକ ହୋଇ ନିନ୍ଦା ପ୍ରସ୍ତାବ ଗୃହୀତ ହୋଇଛି। ଏହା ସହିତ ଏକ ଶୋଭାଯାତ୍ରାରେ ବାହାରି ପଦ୍ମପୁର ଭେଉଁରିଆ ଛକରେ ଟୁକୁନୀ ସାହୁଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏଥିରେ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, ବାର୍ ସଭାପତି ଆନନ୍ଦ ପଣ୍ଡା, ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀ, ବ୍ରାହ୍ମଣ ସମାଜରୁ ଜୟ ନାରାୟଣ ତ୍ରିପାଠୀଙ୍କ ସମେତ ପ୍ରମୁଖ ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବରୀରେ ପ୍ରାର୍ଥୀ ଘୋଷଣା କରିପାରୁନି ଭାଜପା

ବରୀ,୨୭।୪(ମହେନ୍ଦ୍ର ସ୍ୱାଇଁ)

**ଦଳ ଛାଡୁଛନ୍ତି କର୍ମୀ**

ଯାଜପୁର ଜିଲାର ବରୀ ନିର୍ବାଚନମଣ୍ଡଳୀରେ ଭାଜପା ଏଯାଏ ପ୍ରାର୍ଥୀ ଦେଇପାରିନାହିଁ। ଏଠାରେ ବିଜେଡି ବିଶ୍ୱରଞ୍ଜନ ମଲ୍ଲିକ ଓ କଂଗ୍ରେସ ଆରତୀ ଦେଓଙ୍କୁ ପ୍ରାର୍ଥୀ କରିବା ପରେ ସେମାନେ ପ୍ରଚାର ଅଭିଯାନକୁ ଜୋର୍‌ଦାର କରିଛନ୍ତି। ଭାଜପାରେ ଆଶାୟୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବାରୁ ତାହା ଏବେ ଦଳ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଥିବା ଚର୍ଚ୍ଚା ହେଉଛି। ୨୦୧୯ ନିର୍ବାଚନରେ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଉମେଶ ଚନ୍ଦ୍ର ଜେନା ଭାଜପାରେ ଯୋଗଦେବା ପରେ ସେ ଦଳୀୟ ପ୍ରାର୍ଥୀ ହେବା ଏକ ପ୍ରକାର ବୃତ୍ତାନ୍ତ ହୋଇଥିବା ଚର୍ଚ୍ଚା ହେଉଥିଲା। ଜେନା ମଧ୍ୟ ଅନେକ ସମୟରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବା ସହ ସଂଗଠନକୁ ସୁଦୃଢ଼ କରିବା ପାଇଁ ଚେଷ୍ଟା ଜାରି ରଖିଥିଲେ। ତେବେ ବରୀର ୪ ଥର ବିଧାୟକ ହୋଇଥିବା ଦେବାଶିଷ ନାୟକ ଭାଜପାରେ ଯୋଗଦେବା ପରେ ତାଙ୍କ ନାମ ମଧ୍ୟ ଚର୍ଚ୍ଚାକୁ ଆସିଥିଲା। ଦେବାଶିଷ ଭାଜପାରେ ଯୋଗଦେବା ପରେ ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କଡ଼ା ସମାଲୋଚନା କରୁଥିବା ଦେଖାଯାଇଥିଲା। ଉମେଶ କିମ୍ବା ଦେବାଶିଷଙ୍କୁ ଛାଡ଼ି ଦେଲେ ଟିକେଟ ଆଶାୟୀ ଦୌଡ଼ରେ ଯୁବନେତା କବୀର ଦାସ, ବିବେକାନନ୍ଦ ଜେନା ଓ ଆଶୁତୋଷ ପରିଡ଼ାଙ୍କ ନାଁ ଯୋଡ଼ିହୋଇଥିଲା। କେବଳ ଏତିକି ନୁହେଁ, ବିଜେଡି ଛାଡି ଭାଜପାରେ ସାମିଲ ହୋଇଥିବା ଅଭିନେତା ତଥା କେନ୍ଦ୍ରାପଡ଼ା ସାଂସଦ ଅନୁଭବ ମହାନ୍ତି ଓ ଅରିନ୍ଦମ ଦାସଙ୍କୁ ମଧ୍ୟ ଦଳ ବରୀରେ ପ୍ରାର୍ଥୀ କରି ବିଜେଡି ଓ କଂଗ୍ରେସକୁ କଡ଼ା ଟକ୍କର ଦେବା ପାଇଁ ଚିନ୍ତା କରୁଥାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଅନୁମାନ କରୁଥିଲେ। ହେଲେ ଭାଜପା ଅରିନ୍ଦମଙ୍କୁ ସାଲେପୁରରୁ ପ୍ରାର୍ଥୀ କରିଛି। ତେବେ ଭାଜପାର ପ୍ରାର୍ଥୀ ଚୟନ ପ୍ରକ୍ରିୟା ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରି ବହୁ କର୍ମୀ ବିଜେଡି ଓ କଂଗ୍ରେସରେ ଯୋଗଦେବାର ଦେଖିବାକୁ ମିଳୁଛି। ଶନିବାର ଭାଜପାର ୮ ଜଣିଆ ପ୍ରାର୍ଥୀ ତାଲିକାରେ ବରୀ ନ ଥିବାରୁ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେବଳ ଦଳୀୟ କନ୍ଦଳ ନୁହେଁ, ପ୍ରାର୍ଥୀ ଘୋଷଣା ନ ହେବା ପଛରେ ଶାସକ ଦଳ ସହ ଭାଜପାର ଭିତିରି ବୁଝାମଣା ରହିଥିବା ଅନେକେ ସନ୍ଦେହ କରୁଛନ୍ତି।


ଭୁବନେଶ୍ୱର ଶଙ୍ଖ ଭବନଠାରେ ଶନିବାର ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା ବରଗଡ଼ ଜିଲା ଅତାବିରା ନିର୍ବାଚନମଣ୍ଡଳୀର ଭାଜପା ନେତା ଓ କର୍ମୀ।

# ଚମ୍ପୁଆରୁ ମୁରଲୀ, ଫକୀରମୋହନ ତେଲକୋଇରୁ ଭାଜପା ବିଧାୟକ ପ୍ରାର୍ଥୀ

କେନ୍ଦୁଝର,୨୭।୪ (ନରେଶ ଚନ୍ଦ୍ର ପଟ୍ଟନାୟକ)


ଡା. ଫକୀର ଚନ୍ଦ୍ର ନାୟକ


ଡ. ମୁରଲୀ ଶର୍ମା

ଦୀର୍ଘଦିନ ଧରି ଘୋଷଣା ହୋଇପାରୁ ନ ଥିବା ଚମ୍ପୁଆ ଓ ତେଲକୋଇ ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଶନିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଭାଜପା ଚମ୍ପୁଆ ନିର୍ବାଚନମଣ୍ଡଳୀ ପାଇଁ ଡ. ମୁରଲୀ ଶର୍ମାଙ୍କ ଉପରେ ପୁଣି ଭରସା କରିଛି। ମୁରଲୀ ୨୦୧୯ରେ ପ୍ରାର୍ଥୀ ହୋଇ ବିଜେଡିକୁ କଡ଼ା ଟକ୍କର ଦେଇଥିଲେ। ସେ ଜଣେ ଟାଣୁଆ ଭାଜପା ନେତା ହୋଇଥିବା ବେଳେ ସଂଘ ପରିବାରର ସଦସ୍ୟ ଥିବାରୁ ତାଙ୍କ ପ୍ରାର୍ଥିତ୍ୱକୁ ନେଇ ଦଳରେ ଉତ୍ସାହ ଦେଖିବାକୁ ମିଳିଛି। ତାଙ୍କ ନାମ ଘୋଷଣା ପରେ ଭାଜପା ଶିବିରରେ ଏବଂ ତାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ଦେଖାଯାଇଛି। ଏଠାରେ ବିଜେଡି ଜଣେ ଟାଣୁଆ ନେତା ତଥା ପୂର୍ବତନ ବିଧାୟକ ସନାତନ ମହାକୁଡ ଓ କଂଗ୍ରେସ ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରିଙ୍କୁ ପ୍ରାର୍ଥୀ କରିଥିବାରୁ ତ୍ରିମୁଖୀ ଲଢ଼େଇ ହେବା ନେଇ ରାଜନୀତିଜ୍ଞମାନେ କହିଛନ୍ତି।

ସେହିପରି ଭାଜପା ତେଲକୋଇ ନିର୍ବାଚନମଣ୍ଡଳୀରେ ଡା. ଫକୀର ଚନ୍ଦ୍ର ନାୟକଙ୍କୁ ପ୍ରାର୍ଥୀ ଘୋଷଣା କରିଛି। ଡା. ନାୟକ ପୂର୍ବରୁ କଂଗ୍ରେସ ଟିକେଟରୁ ଲୋକ ସଭା ପାଇଁ ପ୍ରାର୍ଥୀ ହୋଇଥିଲେ। ତେବେ ବିଜେଡି ଛାଡ଼ି ବିଧାୟକ ପ୍ରେମାନନ୍ଦ ନାୟକ, ପୂର୍ବତନ ବିଧାୟକ ବେଦବ୍ୟାସ ନାୟକ ଭାଜପାରେ ଯୋଗଦେବା ଫଳରେ କିଏ ଟିକେଟ ପାଇବ ସେ ନେଇ ନାନା କଳ୍ପନା ଜଳ୍ପନା ଆରମ୍ଭ ହୋଇଥିଲା। ଏଠାରେ ବିଜେଡି ଜଣେ ଟାଣୁଆ ତଥା ଜିଲା ସଂଗଠନ ମୁଖ୍ୟ ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାରଙ୍କୁ ପ୍ରାର୍ଥୀ କରିଥିବା ବେଳେ କଂଗ୍ରେସ ନବାଗତ ତଥା ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକଙ୍କ ପୁଅ ନିର୍ମଳ ନାୟକଙ୍କୁ ପ୍ରାର୍ଥୀ କରିଛି। ଫଳରେ ଏଠାରେ ତ୍ରିମୁଖୀ ଲଢ଼େଇ ହେବା ଯଥେଷ୍ଟ ସମ୍ଭାବନା ରହିଛି। ସବୁ ଦଳ ଜିଲାର ୬ ବିଧାନସଭା ଓ କେନ୍ଦୁଝର ଲୋକ ସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ଭାଜପା ଅଦ୍ୟାବଧି ଘଷିପୁରା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ଘୋଷଣା କରି ନ ଥିବାରୁ ଦଳ ପ୍ରଚାରରେ ପଛେଇଯାଇଛି।

# ଆଞ୍ଚଳିକ ସମସ୍ୟା ପ୍ରତି ବିତୃଷ୍ଣାର ପ୍ରତିଫଳନ ନୋଟା

## କେନ୍ଦ୍ରାପଡ଼ା ଲୋକ ସଭା ଆସନରେ ୨୦୧୯ରେ ନୋଟାକୁ ଯାଇଥିଲା ୬,୫୮୮ ଭୋଟ

କେନ୍ଦ୍ରାପଡ଼ା,୨୭।୪ (ଜଗନ୍ନାଥ ଧଳ)




ଦେଶରେ ଭୋଟଦାନ ଚାଲିଛି। ଏଭଳି ସମୟରେ ପ୍ରାର୍ଥୀଙ୍କ ବିଷୟରେ ଯେଭଳି ଚର୍ଚ୍ଚା ହେଉଛି ନୋଟା (ନନ୍ ଅଫ୍ ଦି ଏବଭ) ମଧ୍ୟ ଆଲୋଚନା ପରିସରକୁ ଆସୁଛି। ଭୋଟର ଯେତେବେଳେ କୌଣସି ପ୍ରାର୍ଥୀଙ୍କୁ ଯୋଗ୍ୟ ଭାବୁନାହାନ୍ତି ସେତେବେଳେ ନୋଟା ବଟନ୍ ଚିପୁଛନ୍ତି। ନୋଟା ସଂକ୍ରାନ୍ତରେ ନିକଟରେ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରାଯାଇଥିଲା। ସେଥିରେ ଆବେଦନକାରୀ ଦର୍ଶାଇଥିଲେ ଯେ, ଯଦି କୌଣସି ପ୍ରାର୍ଥୀ ନୋଟାଠାରୁ କମ୍ ଭୋଟ ପାଉଛନ୍ତି, ତାହା ହେଲେ ତାଙ୍କୁ ୫ ବର୍ଷ ପାଇଁ ନିର୍ବାଚନ ଲଢ଼ିବାକୁ ଦିଆ ନ ଯାଉ। ଏ ସମ୍ବନ୍ଧରେ ଜବାବ ରଖିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ଦେଖିଲେ ୨୦୧୯ ନିର୍ବାଚନରେ କେନ୍ଦ୍ରାପଡ଼ା ଜିଲାରେ ଇଭିଏମ୍‌ରେ ନୋଟା ବଟନ ବହୁଳ ବ୍ୟବହାର ହୋଇଥିବା ଖବର ଆସିଥିଲା। ଏହି ଲୋକ ସଭା ନିର୍ବାଚନରେ ଏସ୍‌ପି ପ୍ରାର୍ଥୀ ରବୀନ୍ଦ୍ର ନାଥ ବେହେରା (୫,୧୩୮), କୃପା ପାର୍ଟିର ପ୍ରାର୍ଥୀ ଶ୍ରୀକାନ୍ତ ସାମଲ (୧,୮୬୮), ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ କୁମାର ଦାସ (୧,୪୫୬) ଓ ସନ୍ତୋଷ କୁମାର ପାତ୍ର (୨,୨୮୧) ନୋଟା (୬,୫୮୮)ଠାରୁ କମ୍ ଭୋଟ ପାଇଥିଲେ। କେନ୍ଦ୍ରାପଡ଼ା ଜିଲାବାସୀ ଅନେକ ବର୍ଷ ଧରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଜନେତା ଓ ପ୍ରଶାସକଙ୍କ ଦୃଷ୍ଟିକୁ ଏହି ସମସ୍ୟାଗୁଡ଼ିକ ବାରମ୍ବାର ଅଞ୍ଚଳବାସୀ ଆଣୁଥିଲେ ମଧ୍ୟ ସମାଧାନ ହେଉନାହିଁ। ଏହାର ପ୍ରତିଫଳନ ନୋଟାରେ ଦେଖିବାକୁ ମିଳିଥିଲା ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ୨୦୧୯ ଲୋକ ସଭା ନିର୍ବାଚନରେ ଏହି ଆସନରେ ମୋଟ ୧୨,୩୮,୪୮୮ ଜଣ ମତଦାନ କରିଥିଲେ। ଏଥିରେ ବିଜେଡି, ଭାଜପା ଓ କଂଗ୍ରେସ ବ୍ୟତୀତ ଅନ୍ୟ କୌଣସି ପାର୍ଟି ଅଥବା ସ୍ୱାଧୀନ ପ୍ରାର୍ଥୀ ନୋଟାରୁ ଅଧିକ ଭୋଟ ପାଇ ନ ଥିଲେ। ନୋଟାକୁ ୬,୫୮୮ ଖଣ୍ଡ ଭୋଟ ଯାଇଥିବା ବେଳେ ୨ଟି ପାର୍ଟିର ପ୍ରାର୍ଥୀ ଓ ୨ ସ୍ୱାଧୀନ ପ୍ରାର୍ଥୀଙ୍କୁ ଏହାଠାରୁ କମ୍ ଭୋଟ ମିଳିଥିଲା। ସେହିପରି ଜିଲାର ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ଏପରି ସ୍ଥିତି ଦେଖାଯାଇଥିଲା।

ଏ ସମ୍ପର୍କରେ ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି, ଅଧିକ ସଂଖ୍ୟକ ନୋଟା ଭୋଟ ଆଞ୍ଚଳିକ ସମସ୍ୟାର ସମାଧାନ ପାଇଁ ଏକ ରାଜନୈତିକ ଆହ୍ୱାନ। ଉପଯୁକ୍ତ ପ୍ରାର୍ଥୀ ନ ମିଳିଲେ ମତଦାତା ନୋଟାକୁ ଭୋଟ ଦେଇପାରିବେ। ସାମାଜିକ କର୍ମୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଗତ ନିର୍ବାଚନରେ ଆଞ୍ଚଳିକ ସମସ୍ୟାକୁ ନେଇ କେନ୍ଦ୍ରାପଡ଼ା ଜିଲାରେ ଏପରି ସ୍ଥିତି ଦେଖାଦେଇଥିଲା। ଆଳି, ରାଜନଗର, ରାଜକନିକା ଧୋୟା ଅଞ୍ଚଳରେ ରାସ୍ତା ନ ଥିବା ଦର୍ଶାଇ କେତେଗୋଟି ବୁଥ୍‌ରେ ସର୍ବାଧିକ ଭୋଟ ନୋଟାକୁ ଯାଇଥିଲା। ଏପରିକି ପ୍ରଚାର ସମୟରେ ରାଜନେତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ସେହିପରି ଜିଲାରେ ଦାଦନ ସମସ୍ୟା, କ୍ଷେତକୁ ଜଳ ପରିଚାଳନା, ସରକାରୀ ଯୋଜନା ଆବଣ୍ଟନ ଆଦି କ୍ଷେତ୍ରରେ ଜନ ବିରୋଧ ଅଛି। ସ୍ଥାନୀୟ ସମସ୍ୟା ସମାଧାନ ନ ହେଲେ ଭୋଟର ନୋଟାକୁ ପସନ୍ଦ କରୁଥିବା ସେ ମତ ରଖିଛନ୍ତି।

ସାମାଜିକ କର୍ମୀ ପ୍ରଶାନ୍ତ କୁମାର ନାୟକ କହିଛନ୍ତି, ଲୋକଙ୍କ ପସନ୍ଦ ଆସୁ ନ ଥିବା ପ୍ରାର୍ଥୀ ଗତଥର ନୋଟାଠାରୁ କମ୍ ଭୋଟ ପାଇଥିଲେ। ଆଞ୍ଚଳିକ ବା ବୁଥ୍‌ସ୍ତରର ନୋଟା ଭୋଟକୁ ଅନୁଧ୍ୟାନ କରାଯାଇ ସ୍ଥାନୀୟ ସମସ୍ୟାର ସମାଧାନ କରାଯିବା ଆବଶ୍ୟକ। ୨୦୧୯ ନିର୍ବାଚନରେ ଜିଲାର ୨୫ରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ନୋଟାଠାରୁ କମ୍ ଭୋଟ ପାଇଥିଲେ। ନିଜର ଅସ୍ତିତ୍ୱ ସମ୍ପର୍କରେ ନ ଜାଣି ପ୍ରାର୍ଥୀ ହେବା ଫଳରେ ନିର୍ବାଚନ ଖର୍ଚ୍ଚବହୁଳ ହେଉଛି। ରାଜନୈତିକ ବିଶ୍ଳେଷକ ଅମରବର ବିଶ୍ୱାଳ କହିଛନ୍ତି, ଇଭିଏମ୍‌ରେ ନୋଟା ବଟନର ଆବଶ୍ୟକତାକୁ ନେଇ ବିତର୍କର ଆବଶ୍ୟକତା ଅଛି। ନୋଟାଠାରୁ କମ୍ ଭୋଟ ପାଇଥିବା ପାର୍ଟି ଓ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ନିର୍ବାଚନରେ ଅଂଶଗ୍ରହଣକୁ ରଦ୍ଦ କରିବା, ନୋଟା ଭୋଟ ୩୩%ରୁ ଅଧିକ ହେଲେ ସେଠାରେ ପୁନର୍ବାର ନିର୍ବାଚନ କରାଯିବା ଆଦି ପ୍ରସଙ୍ଗ ରହିବା ଦରକାର ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।







# ୬ ଦେଶକୁ ରପ୍ତାନି ହେବ ପିଆଜ

## କେନ୍ଦ୍ର ହଟାଇଲା କଟକଣା

**ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)**

ପିଆଜ ରପ୍ତାନି ଉପରେ କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରପ୍ତାନି ଉପରେ ନିଷେଧାଦେଶ ସତ୍ତ୍ୱେ ୬ ଦେଶକୁ ୯୯,୧୫୦ ମେଟ୍ରିକ୍ ଟନ୍ ପିଆଜ ରପ୍ତାନି ପାଇଁ ସରକାର ଅନୁମୋଦନ ଦେଇଛନ୍ତି। ଏହି ୬ ଦେଶ ମଧ୍ୟରେ ବାଂଲାଦେଶ, ୟୁଏଇ, ଭୁଟାନ, ବାହାରିନ୍, ମରିସସ୍ ଏବଂ ଶ୍ରୀଲଙ୍କା ରହିଥିବା ଖାଉଟି କଲ୍ୟାଣ, ଖାଦ୍ୟ ଏବଂ ଯୋଗାଣ ମନ୍ତ୍ରଣାଳୟ ପକ୍ଷରୁ ଏକ ସରକାରୀ ବିବୃତି ପ୍ରକାଶ ପାଇଛି। ପଶ୍ଚିମ ଏସିଆ ଏବଂ କେତେକ ୟୁରୋପୀୟ ଦେଶର ରପ୍ତାନି ବଜାର ପାଇଁ ୨,୦୦୦ ଟନ୍ ସ୍ୱତନ୍ତ୍ର ଭାବେ ଉତ୍ପାଦନ ହେଉଥିବା ଧଳା



ପିଆଜ ରପ୍ତାନିକୁ ମଧ୍ୟ କେନ୍ଦ୍ର ଅନୁମୋଦନ କରିଛି। ସୂଚନା ଥାଉ କି, କେନ୍ଦ୍ର ସରକାର ୨୦୨୩ ଡିସେମ୍ବର ୮ରେ ପିଆଜ ରପ୍ତାନି ଉପରେ କଟକଣା ଲଗାଇଥିଲେ। ଗତ ବର୍ଷ ତୁଳନାରେ ୨୦୨୩-୨୪ରେ କମ୍ ଖରିଫ ଏବଂ ରବି ଉତ୍ପାଦନର ପୂର୍ବାନୁମାନକରି ପର୍ଯ୍ୟାପ୍ତ ଘରୋଇ ଉପଲବ୍ଧତା ନିଶ୍ଚିତ କରିବାକୁ ରପ୍ତାନି ଉପରେ କଟକଣା ଲଗାଯାଇଛି। ତେବେ ଏହି ୬ ଦେଶକୁ ପିଆଜ ରପ୍ତାନି କରୁଥିବା ସଂସ୍ଥା ନ୍ୟାଶନାଲ କୋ-ଅପରେଟିଭ ଏକ୍ସପୋର୍ଟ ଲିମିଟେଡ୍ (ଏନ୍‌ସିଇଏଲ୍), ଇ-ପ୍ଲାଟ୍‌ଫର୍ମ ମାଧ୍ୟମରେ ରପ୍ତାନି ପାଇଁ ଘରୋଇ ପିଆଜ କ୍ରୟ କରିଛି। ଦେଶର ବୃହତ୍ତମ ପିଆଜ ଉତ୍ପାଦକ ଭାବରେ ମହାରାଷ୍ଟ୍ର ରପ୍ତାନି ପାଇଁ ଏନ୍‌ସିଇଏଲ୍ ଦ୍ୱାରା କିଣାଯାଇଥିବା ପିଆଜର ପ୍ରମୁଖ ଯୋଗାଣକାରୀ ପାଲଟିଛି। ବିଭାଗ ପିଏସ୍‌ଏଫ୍ ଅଧୀନରେ ରବି-୨୦୨୪ରୁ ଚଳିତ ବର୍ଷ ୫ ଲକ୍ଷ ଟନ୍ ପିଆଜ କ୍ରୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। କେନ୍ଦ୍ରୀୟ ଏଜେନ୍ସି ଏନ୍‌ସିସିଏଫ୍ ଏବଂ ନାଫେଡ୍ ପିଆଜ କ୍ରୟ କରିବା ପାଇଁ କୃଷକମାନଙ୍କର କ୍ରୟ, ସଂରକ୍ଷଣ ଏବଂ ପଞ୍ଜୀକରଣକୁ ସମର୍ଥନ କରିବା ପାଇଁ ଏଫ୍‌ପିଓ, ଏଫ୍‌ପିସି, ପିଏସି ଭଳି ସ୍ଥାନୀୟ ଏଜେନ୍ସି ସହ ଯୋଡ଼ିହୋଇଛି। ଡିଓସିଏ, ଏନ୍‌ସିସିଏଫ୍ ଏବଂ ନାଫେଡ୍‌ର ଏକ ଉଚ୍ଚସ୍ତରୀୟ ଦଳ ଏପ୍ରିଲ ୧୧-୧୩ ମଧ୍ୟରେ ମହାରାଷ୍ଟ୍ରର ନାସିକ ଏବଂ ଅହମ୍ମଦନଗର ପରିଦର୍ଶନକରି ପିଏସ୍‌ଏଫ୍ ପାଇଁ ୫ ଏଲ୍‌ଏମ୍‌ଟି ପିଆଜ କ୍ରୟ ସମ୍ପର୍କରେ ସୂଚିତ କରିଥିଲେ। ପିଆଜର ସଂରକ୍ଷଣ କ୍ଷେତ୍ରରେ କ୍ଷତି ହ୍ରାସ ପାଇଁ ବୈଷୟିକ ସହାୟତା ସହ ବିଭାଗ ଗତ ବର୍ଷ ୧୨୦୦ ଏମ୍‌ଟିରୁ ବିକିରଣ ଏବଂ ଶୀତଳ ଭଣ୍ଡାର ଷ୍ଟକ୍‌କୁ ଚଳିତ ବର୍ଷ ୫୦୦୦ ଏମ୍‌ଟିକୁ ବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି। ଗତ ବର୍ଷ ଆରମ୍ଭ ହୋଇଥିବା ପିଆଜର ବିକିରଣ ଏବଂ ଶୀତଳ ଭଣ୍ଡାରର ପରୀକ୍ଷାମୂଳକ ପ୍ରକଳ୍ପର ଫଳାଫଳ ଅନୁଯାୟୀ, ସଂରକ୍ଷଣ ସମୟରେ କ୍ଷତି ୧୦ ପ୍ରତିଶତରୁ ମଧ୍ୟ କମ୍ ହୋଇଯାଇଛି।

# ସୋନିର ନୂତନ ଉତ୍ପାଦ

**ଭୁବନେଶ୍ୱର ,୨୭।୪**

ସୋନି ଇଣ୍ଡିଆର ନୂତନ ଉତ୍ପାଦ 'ସୋନି ବ୍ରାଭିଆ ଥିଏଟର କ୍ୱାଡ୍'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଘରୋଇ ମନୋରଞ୍ଜନର ଭବିଷ୍ୟତ କୁହାଯାଉଥିବା ବ୍ରାଭିଆ ଥିଏଟର କ୍ୱାଡ୍ ପ୍ରିମିୟମ୍ ଡିଜାଇନରେ ଉପଲବ୍ଧ ରହିଛି,ଯାହା ଆପଣଙ୍କ ଲିଭିଙ୍ଗ୍ ରୁମ୍ ସହ ସମ୍ପୂର୍ଣ୍ଣ ଭାବେ ମିଶ୍ରିତ ହୋଇ ଘରେ ସିନେମାଟିକ୍ ଅନୁଭୂତିକୁ ସମୃଦ୍ଧ କରିଥାଏ। ୩୬୦ସ୍ପେଶାଲ ସାଉଣ୍ଡ ମ୍ୟାପିଂ ଏବଂ ଆକୋଷ୍ଟିକ୍ ସେଣ୍ଟର ସିଙ୍କ୍ ଭଳି ବୈଶିଷ୍ଟ୍ୟ ସାମିଲ ରହିଛି, ଯାହା ମିଳିତ ଭାବେ ଇମର୍ସିଭ୍ ଅଡିଓ ସୃଷ୍ଟି କରିଥାନ୍ତି ଏବଂ ଏକ ଚଳଚ୍ଚିତ୍ର ପ୍ରେକ୍ଷାଳୟର ଅନୁଭୂତିକୁ ପ୍ରତିଫଳିତ କରିଥାଏ। ବ୍ରାଭିଆ ଥିଏଟର କ୍ୱାଡ୍ ହୋମ ଅଡିଓରେ ପରିବର୍ତ୍ତନ ଆଣିବା ସହିତ ୩୬୦ସ୍ପେସାଲ୍ ସାଉଣ୍ଡ ମ୍ୟାପିଙ୍ଗ୍‌କୁ ଉପଯୋଗ କରିଛି। ଏହି ଅତ୍ୟାଧୁନିକ ଜ୍ଞାନକୌଶଳ ଏକ ଥ୍ରୀ-ଡି ବିଶିଷ୍ଟ ଅଡିଓ ପରିବେଶ କରିଥାଏ, ଯାହା ସମସ୍ତ ଦିଗରୁ ଶ୍ରୋତାମାନଙ୍କୁ ବାନ୍ଧି ରଖିଥାଏ।


# CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

IZUMI JAPANESE LANGUAGE TRAINING BHUBANESWAR
ADMISSION OPEN
For the Japanese Language Course, JLPT (Japanese Language Proficiency Test)
Levels: N5, N4, N3 and N2
For details please visit: izumiclasses.com
Ph.: 9741039285, 9945599298

ଆଡ୍‌ୱାର୍ଲ୍ଡ
ଭୁବନେଶ୍ୱର ଠିକଣା - ଅପୋଜିଟ୍ ଗୁପ୍ତାଜି ଓମ୍ଲେଟ୍, ପଲାସପଲ୍ଲୀ, ନବୀନ ନିବାସ ନିକଟ, ପୁନାମା ଗେଟ୍ ରେଲ୍ ଓ୍ୱେ ବ୍ରିଜ୍ ପାଖ
ଉପଲବ୍ଧ ସମସ୍ତ ପ୍ରକାର ପ୍ରଚାର ସାମଗ୍ରୀ
Election Materials Available
କପଡ଼ା ପତାକା, ସିଲ୍କ ପତାକା, କାଗଜ ମାଳ, ଟୋପି, ଟି-ଶାର୍ଟ, ଉତ୍ତରୀୟ, ବ୍ୟାଗ୍, କିଚେନ୍, ରିଷ୍ଟବ୍ୟାଣ୍ଡ, ଡମି ଭୋଟିଂ ମେସିନ୍, ମୋଟର ସାଇକେଲ ପତାକା, ହେଡ୍‌ବ୍ୟାଣ୍ଡ, ପେନ୍, ମୁଣ୍ଡପଟି, ମୁଖା, ଫୋମ୍‌ବ୍ୟାନର, ଟିୟର ଷ୍ଟିକ୍, ବ୍ୟାଜ୍, ଗାଡ଼ି ମୋବାଇଲ୍ ଷ୍ଟିକର ଇତ୍ୟାଦି।
ଦିଲ୍ଲୀ-୬୧ ଶିବପୁରୀ
ୟୁପି-ଏ୬୬, ସେକ୍ଟର ୫, ନୋଏଡ଼ା
9810432170
7606841840


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପିପିଏଲକୁ 'ବେଷ୍ଟ ଆନୁଆଲ ରିପୋର୍ଟ ଆୱାର୍ଡ'

**ଭୁବନେଶ୍ୱର ,୨୭।୪**
**(ଅଭୟ ଦାଶ)**

ପାରାଦୀପ ଫସ୍‌ଫେଟ ଲିମିଟେଡ୍ (ପିପିଏଲ୍)କୁ ନିକଟରେ ସମ୍ମାନଜନକ 'ବେଷ୍ଟ ଆନୁଆଲ ରିପୋର୍ଟ ଆୱାର୍ଡ' ପ୍ରଦାନ କରାଯାଇଛି। ବିଶେଷକରି କର୍ପୋରେଟ ଗଭର୍ନାନ୍ସ ସାଙ୍ଗକୁ ଠିକ୍ ସମୟରେ ଅଭିଯୋଗ ଦାଖଲ ଓ ପଞ୍ଜୀକରଣ ଏବଂ ନିବେଶକମାନଙ୍କୁ ବନ୍ଧୁତ୍ୱପୂର୍ଣ୍ଣଭାବେ ଆର୍ଥିକ ତଥ୍ୟ ଓ ରିପୋର୍ଟ ପ୍ରଦାନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ପିପିଏଲ୍‌କୁ ଏହି ସମ୍ମାନଜନକ ପୁରସ୍କାର ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ଫ୍ରି ପ୍ରେସ୍ ଜର୍ନାଲ ପକ୍ଷରୁ ମୁମ୍ବାଇର ବେ କ୍ଲବ୍ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ମାନ ସମାରୋହାରେ ପିପିଏଲ୍‌କୁ 'ବେଷ୍ଟ ଆନୁଆଲ ରିପୋର୍ଟ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।



ମୁମ୍ବାଇଠାରେ ଆୟୋଜିତ ସମ୍ମାନ ସମାରୋହରେ ଯୋଗଦେଇ ପିପିଏଲ୍‌ର ସିଏଫ୍‌ଓ ବିଜୟ କୁମାର କୁମାର ବିଶ୍ୱାଳ, ମୁଖ୍ୟ (କର୍ପୋରେଟ ଆଫାୟାର୍ସ) ସୁଧିରଞ୍ଜନ ମିଶ୍ର ଏବଂ ଡିଜିଏମ୍ (କର୍ପୋରେଟ ଷ୍ଟ୍ରାଟେଜି) ସୁଶାନ୍ତ ଲାହିରୀ ଉକ୍ତ ପୁରସ୍କାରକୁ ସେବିର ପୂର୍ବତନ ଅଧ୍ୟକ୍ଷ ଏମ୍. ଦାମୋଦରନ୍‌ଙ୍କଠାରୁ ଗ୍ରହଣ କରୁଛନ୍ତି। ଏହି ଅବସରରେ ଲୋଧା ଭେଞ୍ଚର୍ସର ପ୍ରତିଷ୍ଠାତା ଅଭିନନ୍ଦନ ଲୋଧା, କୋଟାକ୍ ବ୍ୟାଙ୍କର ସିଏଫ୍‌ଓ ଦେବଗନ ଘିୱାଲା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଅଙ୍କୁରା ହସ୍ପିଟାଲରେ ବିରଳ ଅସ୍ତ୍ରୋପଚାର

**ଭୁବନେଶ୍ୱର ,୨୭।୪**

ରାଜ୍ୟର ଅଗ୍ରଣୀ ଘରୋଇ ଚିକିତ୍ସାଳୟ ତଥା ମେଡିକାଲ ଚେନ୍ ଅଙ୍କୁରାର ଭୁବନେଶ୍ୱର ଶାଖା (ଅଙ୍କୁରା ହସ୍ପିଟାଲ)ରେ ଏକ ବିରଳ ଅସ୍ତ୍ରୋପଚାର ସଫଳତାର ସହ ଶେଷ ହୋଇଛି। ବିଶେଷକରି ଅଙ୍କୁରା ଭୁବନେଶ୍ୱରର ଡା.ବିଚିତ୍ରାନନ୍ଦ, ଡା.ଅଜୟ, ଡା.ଶୁଭ୍ରାଂଶୁ ଓ ଡା.ପ୍ରିୟବ୍ରତଙ୍କ ନେତୃତ୍ୱରେ ହସ୍ପିଟାଲର ଶିଶୁ ଡାକ୍ତରଖାନାର ଡାକ୍ତରମାନଙ୍କ ମିଳିତ ଟିମ୍ ଏହି ଅସ୍ତ୍ରୋପଚାର କରିଛନ୍ତି। ଏପରିକି ବିରଳ ଜେନେଟିକ୍ ରୋଗରେ ପୀଡ଼ିତ ବାଲୁଗାଁର ଯାଆଁଳା ଶିଶୁମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ସାଙ୍ଗକୁ ଶିଶୁମାନଙ୍କର ମେଟାବୋଲିଜମ୍‌ର ଇନ୍‌ବର୍ନ ଏରର୍ସ ନାମକ ଏକ ଅବସ୍ଥା ଥିଲା ଓ ସେମାନଙ୍କ ପାଇଁ ବିଶେଷ ଯତ୍ନର ଆବଶ୍ୟକତା ରହିଥିଲା। ଏହି ଟିମ୍ ସେମାନଙ୍କ ପାଇଁ ଏକ ବିଶେଷ ଚିକିତ୍ସା ଯୋଜନା ପ୍ରସ୍ତୁତକରି ଉନ୍ନତ ଜ୍ଞାନକୌଶଳ ଓ ଚିକିତ୍ସା ପଦ୍ଧତି ସହାୟତାରେ ସେମାନଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି। ଏ ନେଇ ଅଙ୍କୁରାର ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ବିଚିତ୍ରାନନ୍ଦ କହିଛନ୍ତି, ଆମେ ଭାବିଥିଲୁ ଶିଶୁଙ୍କ ଚିକିତ୍ସା ଇତିହାସକୁ ଆଧାରକରି ଜନ୍ମରୁ ମେଟାବୋଲିକ୍ ରୋଗ ରହିପାରେ। ଏହି ସମସ୍ୟା ପ୍ରତି ଏକ ଲକ୍ଷ ଶିଶୁଙ୍କ ମଧ୍ୟରୁ ୫୦.୯ ଶିଶୁଙ୍କୁ ପ୍ରଭାବିତକରେ ଓ ୦.୪% ଶିଶୁଙ୍କ ଜୀବନ ହାନି ଘଟାଇଥାଏ। ଏହା ଶିଶୁଙ୍କଠାରେ ମେଟାବୋଲିକ୍ ପ୍ରକ୍ରିୟାରେ ସମସ୍ୟା ଥିବା ଯୋଗୁ ହୋଇଥାଏ। ଏହା ବିଭିନ୍ନ ବଂଶଗତ ମେଟାବୋଲିକ୍ ରୋଗ ବିଭିନ୍ନ ଜିନ୍ ପରିବର୍ତ୍ତନ ଯୋଗୁ ହୋଇଥାଏ। ଏହି ଅବସ୍ଥାକୁ ପରିଚାଳନା କରିବା ଓ ପ୍ରଭାବିତ ଶିଶୁଙ୍କ ସମସ୍ୟାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନିରାକରଣ କରିବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ରୋଗର ଗୁରୁତ୍ୱ ଅନୁସାରେ ଚିକିତ୍ସା ଯୋଜନା ପ୍ରସ୍ତୁତ କରାଯାଇ ଚିକିତ୍ସା କରାଯାଏ।

# ବିଏର ସୁଲଭ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍‌ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪**

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ (ବିଏ)ର ବହୁ ପ୍ରତୀକ୍ଷିତ ତଥା ସୁଲଭ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍ ନିକଟରେ ଅନାବରଣ ହୋଇଯାଇଛି। ଏପରିକି ବିଦେଶ ଭ୍ରମଣ କରୁଥିବା ଗ୍ରାହକଙ୍କ ପାଇଁ ଏହି ନୂତନ ପ୍ୟାକ୍‌ଗୁଡ଼ିକ ୧୮୪ଦେଶକୁ ପ୍ରବେଶ ଅନ୍ତର୍ଭୁକ୍ତ ଏବଂ ଶୁଳ୍କ ୧୩୩ ଟଙ୍କାରୁ ଆରମ୍ଭ କରିଛି। ଏହି ଗ୍ରାହକଙ୍କୁ ସ୍ଥାନୀୟ ସିମ୍ ତୁଳନାରେ ମଧ୍ୟ ସୁଲଭ ବିକଳ୍ପ ସହିତ ସେମାନେ ଉନ୍ନତ ଡାଟା ସୁବିଧା ପ୍ରଦାନ ସହ ବିମାନ ସଂଯୋଗ ଏବଂ ୨୪x୭ ଯୋଗାଯୋଗ କେନ୍ଦ୍ର ସମର୍ଥନ କରିଥାନ୍ତି।

ଏ ସମ୍ପର୍କରେ ବିଏର ଡାଇରେକ୍ଟର (ସିଇ ଆଣ୍ଡ ଏମ୍) ଅମିତ ତ୍ରିପାଠୀ କହିଛନ୍ତି, ଆମେ ଆମର ନୂତନ ସୁଲଭ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍‌କୁ ଉନ୍ମୋଚନକରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କ ସମସ୍ୟାର ସମାଧାନ ଏବଂ ଅଧିକ ସୁବିଧା ପ୍ରଦାନ କରିବା ସହ ସୁଲଭ ମୂଲ୍ୟରେ ସେବା ଯୋଗାଇବାକୁ ଆମେ ଉତ୍ସାହୀ ଥିବାବେଳେ ସରଳୀକୃତ ଅନ୍ତର୍ଜାତୀୟ ରୋମିଂ ପ୍ୟାକ୍ ଗ୍ରାହକଙ୍କ ପାଇଁ ନୀରବହୀନ ରୋମିଂ ପ୍ରବେଶକୁ ସକ୍ଷମ କରିବ।


# Classified Everyday
0674-2580101, 2549949



MATRIMONIAL

## BRIDE WANTED

Divorcee Karan Groom 48 HE 5'10" B.Tech. NITR MBA SPJM,JOB MNC, Bangalore 15LPA/ per Annum Parents Rets Engineer/Doctor. Contact 8249951388/ 9937374771. D-181

Bride wanted for Odiya Brahmin groom Bhubaneswar based age 38, 5.11", Doctor (ENT), Divorced. Contact: 7205426354. D-176

Candidate: 9861141891: ଚାକିରି କରି ଏକାକୀ ରହୁଥିବା 49 ବୟସ ଖଣ୍ଡାୟତ (Divorcee) ପୁଅ ପାଇଁ ଯେକୌଣସି ଜାତିର 30-42 yrs. ଝିଅ ଆବଶ୍ୟକ। ଧ-୧୭୭



REAL ESTATE
SALE

Ready to move 3BHK duplex, Bank loan Gudiapokhari, Bhubaneswar. 9827152441. D-75531

**Ready to move 2BHK flat for sale @ 20 lakh near Gudiapokhari, Bhubaneswar. Call-9437631769.** D-093

**Flat for sale 2BHK, 3BHK near Rasulgarh, Bhubaneswar with modern facilities & affordable price, call-9439856856, 7008982279, 6371097442, 9040116788.** D-082

**Duplex for sale 5bed Room, Puja Room, Servant Room, Portico, Lawn space, Lift space at Skytech villa, Raghunathpur, infront of Z 'one' near Chilika Fresh, Patia. Contact No.- 9861041133.** D-175

**360 Decimal land at Ogalpara Village near Jatni gate. 9337103057.** D-172

ବାଲିଅନ୍ତା, ଅଟଳା ଏବଂ ହଂସପାଳ, ପୁରୀ କେନାଲକୁ ଲାଗି ରୋଡ୍, ବାଉଣ୍ଡରୀ electry ଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ଦିଆଯାଉଛି। 9853040854, 9438328183. D-75725

**Commercial plot, facing to NH Road Nakhara to Niali NH 10000sqft., 3sides road, 2-Residential plot near Petal English Medium School 850/-sft. with boundarywall at Brahmanjharilo, Cuttack, 11 Km. to BBSR. Personal plots, No builders. 7809525452.** D-75733

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar NH-16** ଏବଂ **Sum-2 Hospital**ଠାରୁ ଅଳ୍ପ ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ। **6371200121.** D-75949

ଭୁବନେଶ୍ୱର ପିତାପଲ୍ଲୀ **NH-16** କଡ଼ରେ **30' road,** ଇଲେକ୍ଟ୍ରିସିଟି ଥାଇ ନଗଦ ଘର କଲାଭଳି ପ୍ଲଟ୍ ମିଳୁଛି। **(Owner). 9090963952.** D-75946

Duplex project at Retang Medical, Station C.V Raman, Tamando, Bhubaneswar. 7008459987. D-75947

200ft. roadside commercial private plot sale Jharapada, Bhubaneswar. 9437283845. D-75325

Land for sale:- (Under BDA), Mouza/RI Office-Brahmanasadangi, Near Tankapani-Bentapur Road from Sai Temple, BBSR, Area- 6 acres, Price 1acre-5 crores for- Housing Project, Educational Institution, Hospital, Industry, Farming, no middle man, Price negotiable, Ph: 9938677366, 8249806871. D-148

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



CONSTRUCTION

**Construct your Dream home @ 460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-083




3 Storied building with basement parking of 10050sqft. at Jagannath Road, Opp. HDFC Bank, Dhenkanal for rent. Contact: 9437160289. D-149

**Hostel/ Hotel/ Hospital suitable 14 Rooms, Bathrooms Completely Furnished Bedding, Furnitures, Chandrasekharpur, Bhubaneswar. 7653880000.** D-170

**Email** ମାଧ୍ୟମରେ କ୍ଲାସିଫାଏଡ୍‌କୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Shoproom (10'x10') 2Nos. near Bijupatnaik College, mainroad, Jayadev Vihar, Bhubaneswar. Contact-7008296802. D-167




Relax, refresh your body, mind by expert therapist. Contact- 9938843929. D-76117

Newly open Jyoti SPA positively health benefits (Expert therapist). 8458067955. D-76116

Newly open SPA positively health benefits with expert therapist. 8658466886. D-76115

**Body massage by experience good looking therapist @ 999/- (Bhubaneswar). 9078484455.** D-077

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75734

**Relax, Refresh your Body, Mind at Saikrupa Spa with best therapies. 8984068077.** D-094

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

I, Rabi Narayan Mohanty, S/o- Late Dinabandhu Mohanty, resident of Gachhakali Lane, near Municipal High School, Balisahi, Puri-752001, Odisha declared by this affidavit No. 246, Dt. 25.04.2024 that now onwards I will be known as RAVI NARAYAN MOHANTY for all the future purposes. D-180

I Baburam Parida(34 Yrs), S/o- Sambhuram Parida, Vill- Chardia, P.S.- Bansada, Dist.- Bhadrak, Odisha. My actual Date of Birth is 01.06.1990 as per my Aadhaar Card, but in my Driving License my Date of Birth has been wrongly mentioned as 02.01.1990 instead of 01.06.1990. By virtue of this affidavit to correction my Date of Birth in my Driving License. D-182

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶାରଦା ନନ୍ଦ**
ସ୍ୱର୍ଗତ ବିରୂପାକ୍ଷନନ୍ଦ (ବୀର)ଙ୍କ ଧର୍ମପତ୍ନୀ
ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୪।୦୭।୧୯୩୪
ତିରୋଧାନ: ୧୮।୦୪।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଆମେ ସମସ୍ତେ ପ୍ରାର୍ଥନା କରୁଛୁ।
ପୁଅ: ପ୍ରଦୀପନନ୍ଦ (ଦୀପୁ), ବୋହୂ: ଚିତ୍ରା, ନାତି: ରାହୁଲ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୩୨୮

# ବିଜେଡି ଛାଡ଼ି କଂଗ୍ରେସରେ ଯୋଗଦେଲେ ଦଳିତ ନେତା ସମୂହ

**ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଦଳିତ ସମାଜର ନେତା ସମୂହ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ଖବରଦାତା ସମ୍ମିଳନୀ କରି ବିଜେଡିରୁ ଇସ୍ତଫା ଦେଇଥିବା ଘୋଷଣା କରିଥିଲେ। ଖବରଦାତା ସମ୍ମିଳନୀର କିଛି ସମୟ ପରେ ବରିଷ୍ଠ କଂଗ୍ରେସ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ରଙ୍କ ବାସଭବନକୁ ଯାଇ କଂଗ୍ରେସ ଦଳରେ ସାମିଲ ହୋଇଥିବା ଘୋଷଣା କରିଥିଲେ। ବିଏସ୍‌ପିର ପୂର୍ବତନ ଜିଲା ସଭାପତି ତଥା ଗତ ମାର୍ଚ୍ଚ ମାସରେ ବିଜେଡିରେ ଯୋଗ ଦେଇଥିବା ସାମାଜିକ କର୍ମୀ ଓ ଅଟୋଚାଳକ ସଂଘ ସଭାପତି ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ବହୁ ସଦସ୍ୟ ବିଜେଡି ଛାଡି କଂଗ୍ରେସରେ ଯୋଗ ଦେଇଥିବା ଘୋଷଣା କରିଛନ୍ତି। ବିଧାୟକ ମିଶ୍ରଙ୍କ ବିକାଶମୂଳକ କାର୍ଯ୍ୟ ଏବଂ କଂଗ୍ରେସ ଦଳ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡି ଛାଡି କଂଗ୍ରେସ ଦଳରେ ଯୋଗ ଦେଇଥିବା ଘୋଷଣା କରଥିଲେ। ଖବରଦାତା ସମ୍ମିଳନୀରେ କୁମ୍ଭାର କହିଥିଲେ ଯେ, ବଲାଙ୍ଗୀର ଜିଲାର ଅନୁସୂଚିତ ଜାତିବର୍ଗ ପାଇଁ ୧୯୯୦ ମସିହାରୁ ପ୍ରଥମେ ଟିଟିଲାଗଡ ଏବଂ ପରେ ଲୋଇସିଂହା ବିଧାନସଭା ଆସନକୁ ସଂରକ୍ଷିତ କରାଯାଉଛି। ତେବେ ଅନୁସୂଚିତ ଜାତି ତଥା ଦଳିତ ବର୍ଗର କୌଣସି ଲୋକଙ୍କୁ ପୂର୍ବରୁ ଜନତା ଦଳ ଏବଂ ଏବର ବିଜେଡିରେ କେବେ ବି ବିଧାୟକ ପ୍ରାର୍ଥୀ କରାଯାଇନାହିଁ। ବରିଷ୍ଠ ବିଜେଡି ନେତା ଓ ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା ଟିଟିଲାଗଡ ସଂରକ୍ଷିତ ଆସନରୁ ୫ ଥର ଏବଂ ଲୋଇସିଂହା ଆସନରୁ ଥରେ ବିଧାୟକ ହୋଇ ମନ୍ତ୍ରୀ ପଦ ପାଇଥିଲେ। ୨୦୨୪ରେ ଯୋଗେନ୍ଦ୍ରଙ୍କ ପୁଅ ନିହାର ବେହେରାଙ୍କୁ ବିଜେଡି ବିଧାୟକ ପ୍ରାର୍ଥୀ କରିଛି। ଅର୍ଥାତ୍ ଗତ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେଲା ଏଇ ଗୋଟିଏ ପରିବାର ସଂରକ୍ଷିତ ଆସନରେ ପ୍ରାର୍ଥୀ ହୋଇ ଆସୁଛନ୍ତି।


ବିଜେଡି ଛାଡି କଂଗ୍ରେସରେ ସାମିଲ ହୋଇଥିବା ଦଳିତ ବର୍ଗ ନେତାଙ୍କୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସ୍ୱାଗତ କରୁଛନ୍ତି।

### ଏସସି ବର୍ଗର ସଂରକ୍ଷଣକୁ ବିଜେଡି ଗୋଟିଏ ପରିବାରରେ ସୀମିତ କରିଛି

ବିଜେଡି କେବଳ ଗୋଟିଏ ପରିବାରରୁ ପ୍ରାର୍ଥୀ କରି ବିଶେଷକରି ଦଳିତ ସମାଜକୁ ଅପମାନିତ କରିଆସୁଛି ବୋଲି କହିଥିଲେ। ବିଜେଡିର ଏଭଳି ନିଷ୍ପତ୍ତିକୁ ଆମେ କଡା ବିରୋଧ କରୁଛୁଏବଂ ଦଳ ପରିତ୍ୟାଗ କରୁଛୁ ବୋଲି କୁମ୍ଭାର କହିଥିଲେ। କୁମ୍ଭାରଙ୍କ ସହ ବଲାଙ୍ଗୀର ବ୍ଲକ ପୂର୍ବତନ ଅଧ୍ୟକ୍ଷା ଲଳିତା ଦୀପ, ହରି ନନ୍ଦ, ଜିଲା ଦଳିତ ସମାଜ ସଭାପତି ତଥା ଦଳିତ ଶିକ୍ଷକ ସଂଘ ସଭାପତି ବାସୁଦେବ ମୁଗ୍ରୀ, ଲମ୍ବୋଦର ମହାନନ୍ଦ, ସୁଶାନ୍ତ ନନ୍ଦ, ଚମ୍ପାଲାଲ କୁମ୍ଭାର, ଦୀପକ ପରିଡା, ସୁଶାନ୍ତ ଛତ୍ରିଆ, ବିଘ୍ନରାଜ କୁମ୍ଭାର, ରମାକାନ୍ତ କୁମ୍ଭାର, ସୁରୁବାବୁ ମୁଗ୍ରୀ, ସନାତନ ନାଏକ, ରାଜେନ୍ଦ୍ର ମିଶ୍ର, ରାମ କବାଟ, ଶିବରାମ ସାହୁ, ସୁବାସ କବାଟ, ବିମ୍ବାଧର ଦୀପ ବିଜେଡି ଛାଡି କଂଗ୍ରେସ ଦଳରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି।

# ନାଟକ ବାଳି ବଧ ଓ ଲଙ୍କାପୋଡ଼ି ମଞ୍ଚସ୍ଥ


ନାଟକର ଏକ ଦୃଶ୍ୟରେ ଲଙ୍କାଗଡ଼ର ଅସୁରଗଣ।

**ଘଣ୍ଟାପଡ଼ା,୨୭।୪(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଗ୍ରାମର ୨ଟି ସାହିରେ ଶ୍ରୀରାମଲୀଳା ନାଟ୍ୟୋତ୍ସବ ଧୂମଧାମରେ ପାଳିତ ହେଉଛି। ଗତ ଶୁକ୍ରବାର ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ତରଫରୁ ଦଶମ ସନ୍ଧ୍ୟାରେ ନାଟକ ସେତୁବନ୍ଧ ପ୍ରତିଷ୍ଠା, ବିଭୀଷଣ ଶରଣ ଓ କୁମ୍ଭକର୍ଣ୍ଣ ବଧ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଞ୍ଚସ୍ଥ ହୋଇଯାଇଛି। ଉକ୍ତ ନାଟକରେ ରାମ ଭୂମିକାରେ ଫକିର ରଣା, ସୀତା ରସରାଜ ସେନାପତି, ଲକ୍ଷ୍ମଣ ଅମରସିଂ ରଣା, ରାବଣ ସୁବଳ ପାଣ୍ଡେ ,ସୁଗ୍ରୀବ ବିଦ୍ୟାଧର ଦେହୁରୀ, ହନୁମାନ ବନମାଳି ମଲିକ, ଅଙ୍ଗଦ ନରେନ୍ଦ୍ର ମଲିକ, ବିଭୀଷଣ ପ୍ରମୋଦ ମଲିକ ପ୍ରମୁଖଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମଧ୍ୟରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସେହିପରି ଶ୍ରୀରଘୁନାଥ ନାଟ୍ୟ ସଂସଦ ତରଫରୁ ରଘୁନାଥ ପୂଜା ମଣ୍ଡପରେ ରାମାୟଣ ଚରିତ ବାଳୀବଧ ଓ ଲଙ୍କାପୋଡ଼ି ନାଟକ ମଞ୍ଚସ୍ଥ ହୋଇଥିଲା। ଉକ୍ତ ନାଟକରେ ରାମ ଭୂମିକାରେ ଦେବରାଜ ବିଶି, ସୀତା ଜିତେନ୍ଦ୍ର ପାଣିଗ୍ରାହୀ, ଲକ୍ଷ୍ମଣ ଅକ୍ଷୟ ମଲିକ, ହନୁମାନ ସୁମନ ମହାନ୍ତି, ସୁଗ୍ରୀବ ମୋହନ ରଣା, ଲଙ୍କ ଦେବୀ ପ୍ରଶାନ୍ତ ସାହୁ, ବିଭୀଷଣ ଲିଙ୍ଗରାଜ ବିଶି, କୁମ୍ଭକର୍ଣ୍ଣ ଭୂମିକାରେ ଜିତେନ ପଟ୍ଟନାୟକ ପ୍ରମୁଖ ଅଭିନୟ କରି ଦର୍ଶକଙ୍କ ମନ ମୋହିଥିଲେ। ସ୍ମାରକ ଭାବେ ନରେଶ ସାହୁ ଓ ବ୍ୟାସଦେବ ଥନାପତି ଦାୟିତ୍ୱ ତୁଲାଇଥିଲେ। ଉକ୍ତ ନାଟ୍ୟୋତ୍ସବ ୧୪ ଦିନ ଧରି ଚାଲୁ ରହିବ।

## ସଂକ୍ଷେପରେ

### କେନ୍ଦୁପତ୍ର ତୋଳାଳିଙ୍କୁ ମିଳିନି ବକେୟା ଟଙ୍କା

**ଲୋଇସିଂହା,୨୭।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଭାଲିଆମୁଣ୍ଡା ଗ୍ରାମର ଜଣେ କେନ୍ଦୁପତ୍ର ତୋଳାଳି ୨୦୨୩-୨୪ ଆର୍ଥିକ ବର୍ଷର ବକେୟା ଟଙ୍କା ପାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ପ୍ରକାଶ ଯେ, ବାଦିବାହାଲ ପଞ୍ଚାୟତ ଅନ୍ତର୍ଗତ ଭାଲିଆମୁଣ୍ଡା ଗ୍ରାମର କେନ୍ଦୁପତ୍ର ତୋଳାଳି ଶାନ୍ତି ବେହେରା। ଶାନ୍ତିଙ୍କ କହିବା ଅନୁଯାୟୀ ୨୦୨୩-୨୪ ଆର୍ଥିକ ବର୍ଷରେ ତାଙ୍କ ପରିବାର ପକ୍ଷରୁ କେନ୍ଦୁପତ୍ର ସଂଗ୍ରହ କରାଯାଇ ଯଥା ସ୍ଥାନରେ ଦିଆଯାଇଥିଲା। ଯାହାର ମୂଲ୍ୟ ପ୍ରାୟ ୬ ହଜାର ୨ଶହ ଟଙ୍କା ହୋଇଥିଲା। ସେଥିରୁ ୫ ହଜାର ଟଙ୍କା ପାଇଥିଲେ । ଅବଶିଷ୍ଟ ୧୨ ଶହ ଟଙ୍କା ଏଯାଏ ମିଳିନାହିଁ। ଏନେଇ ବିଭାଗ ନିକଟରେ ଅଭିଯୋଗ କଲା ପରେ ତାଙ୍କୁ ବୋନସ ହିସାବରେ ଦିଆଯିବ ବୋଲି କୁହାଯାଇଥିଲା। ଏପରିକି ବିଭିନ୍ନ ସମୟରେ ତାଙ୍କୁ ନା ନା ବାହାନା କରି ଭୁଲାଯାଉଛି ବୋଲି ଶାନ୍ତି ଅଭିଯୋଗ କରିଛନ୍ତି। କେବଳ ଗତବର୍ଷ ନୁହେଁ ତା ପୂର୍ବବର୍ଷର ମଧ୍ୟ ୪ ଶହ ଟଙ୍କା ବକେୟା ଦିଆଯାଇନାହିଁ ବୋଲି ସେ ଅଭିଯୋଗ କରିଛନ୍ତି । ଖରାକୁ ଖାତିର ନ କରି କେନ୍ଦୁପତ୍ର ସଂଗ୍ରହ କରିଥାଉ। ହେଲେ ବକେୟା ଟଙ୍କା ନ ମିଳିବା ଭାରି କଷ୍ଟ ଦେଇଛି। ଏଣୁ ଚଳିତବର୍ଷ ପତ୍ର ସଂଗ୍ରହ କରିବାକୁ ମନ ଲାଗୁ ନ ଥିବା ସେ କହିଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ବକେୟା ପ୍ରାପ୍ୟ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି।

### ଅଭିଯୋଗ ପରେ ହୋର୍ଡିଂ ହଟାଇଲା ପ୍ରଶାସନ

**ଥୁଆମୂଳ ରାମପୁର, ୨୭।୪(ଦୁର୍ଗା କୀର୍ତ୍ତି)**

ନିର୍ବାଚନ ତାରିଖ ଘୋଷଣା ହେବା ପରେ ମାର୍ଚ୍ଚ ମାସରୁ ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଛି। ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାର ସହର ମଝିରେ ଥିବା ଏକ ପୋଖରୀ ପାଖରେ ଦଳୀୟ ଚିହ୍ନ ଥିବା ହୋର୍ଡିଂ ଦେଖିବାକୁ ମିଳିଥିଲା। ଏଠାରେ କାଳିଆ ଯୋଜନା ସହାୟତା ରାଶିର ସୂଚନା ସହିତ ବିଜେଡି ଦଳୀୟ ଚିହ୍ନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଲାଗିଥିବା ଦେଖାଯାଇଥିଲା। ଏହାକୁ ନେଇ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ତଥା ଆଇନଜୀବୀ ମନୋରଞ୍ଜନ ନାଏକ ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଅଭିଯୋଗ କରିଥିଲେ। ପରେ ବିଡ଼ିଓ ମୁଦୁଲି ଓ ଥାନା ଭାରପ୍ରାପ୍ତ ଅଧିକାରୀ କୈବଲ୍ୟ ସେଠ ଘଟଣାସ୍ଥଳରେ ପହଞ୍ଚି ଲାଗିଥିବା ହୋର୍ଡିଂକୁ ହଟାଇଥିଲେ। ତେବେ ଏତେଦିନ ଧରି ଲାଗିଥିବା ହୋର୍ଡିଂ ପ୍ରତି ପ୍ରଶାସନର କିଭଳି ନଜର ପଡୁ ନ ଥିଲା ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଡ଼ିଓ ମୁଦୁଲିଙ୍କୁ ପଚାରିବାରୁ ସେ କୌଣସି ପ୍ରତିକ୍ରିୟା ଦେଇ ନ ଥିଲେ।



ପ୍ରଚଣ୍ଡ ଖରାରେ ବଲାଙ୍ଗୀରଠାରେ ଖୋଲିଥିବା ଏକ ଜଳଛତ୍ରରେ ତୃଷାର୍ତ୍ତମାନେ ପାଣି ପିଉଛନ୍ତି।

### କଂଗ୍ରେସର ପରିବର୍ତ୍ତନ ପଦଯାତ୍ରା

**ଖପ୍ରାଖୋଲ,୨୭।୪(ଅଭୟ ତ୍ରିପାଠୀ)**

ସ୍ଥାନୀୟ ବ୍ଲକ ଛକଠାରୁ କଂଗ୍ରେସର ପରିବର୍ତ୍ତନ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପଦଯାତ୍ରାରେ ବଲାଙ୍ଗୀର ଲୋକସଭା ଏମ୍‌ପି ପ୍ରାର୍ଥୀ ମନୋଜ ମିଶ୍ର, ପାଟଣାଗଡ ବିଧାନସଭା ପ୍ରାର୍ଥୀ ଅନିଲ କୁମାର ମେହେରଙ୍କ ସମେତ ଦଳୀୟ କର୍ମୀ ସାମିଲ ହୋଇଥିଲେ। ବ୍ଲକ ଛକଠାରୁ ପଦଯାତ୍ରା ବାହାରି ଗାଁ ପରିକ୍ରମା କରିବା ସହ ପରେ କଂଗ୍ରେସ କାର୍ଯ୍ୟାଳୟରେ ଶେଷ ହୋଇଥିଲା।

### ଟ୍ରକ୍ ପଛରେ ପିଟିହୋଇ ବାଇକ୍ ଆରୋହୀ ମୃତ

**ନୂଆପଡ଼ା/କୋମନା,୨୭।୪ (ମକାରୁ ବେମାଲ/ସୋବିନ ଛତ୍ରିଆ)**

ନୂଆପଡା ଜିଲା କୋମନା ଥାନା ମାନିଗୁଡା ଛକଠାରେ ଶନିବାର ଛିଡା ହୋଇଥିବା ଟ୍ରକ୍ ପଛରେ ପିଟିହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମାନିଗୁଡା ଗ୍ରାମର ଟିକ ବେମାଲ (୨୫)। ସୂଚନା ମୁତାବକ ଟିକ ପ୍ରତିଦିନ ଉଦ୍ୟାନବନ୍ଧ ମୁଢି (ଭୂଜା) ମିଲ୍‌କୁ କାମ କରିବାକୁ ଯାଇ ସନ୍ଧ୍ୟାରେ ଗାଁକୁ ଫେରନ୍ତି। ଶନିବାର ସେ ମିଲକୁ ଯାଇ ସନ୍ଧ୍ୟାରେ ଏକ ବାଇକ୍ (ନଂ.ଓଡି୨୬ଇ-୦୯୮୭) ଯୋଗେ ଗାଁକୁ ଫେରୁଥିଲେ। ଏହି ସମୟରେ ୩୫୩ ନମ୍ବର ଜାତୀୟ ରାଜପଥର ମାନିଗୁଡା ଛକରେ ଛିଡା ହୋଇଥିବା ଟ୍ରକ୍ (ନଂ.ସିଜି୦୪ଏମ୍‌ଏଚ୍- ୯୨୮୬) ପଛରେ ବାଇକ୍ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ଟିକଙ୍କ ମୃତ୍ୟୁ ଘଟିଥିଲା। ତରବୋଡ ଫାଣ୍ଡି ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି । ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଫାଣ୍ଡି ଅଧିକାରୀ ଗୌରୀଶଙ୍କର ଦାସ ସୂଚନା ଦେଇଛନ୍ତି ।

# ଭାଜପାର ମାରାଥନ୍ ଭୋଟ ପ୍ରଚାର


ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଗାଁ ଲୋକଙ୍କୁ ଭେଟି ଭୋଟ ନିବେଦନ କରୁଛନ୍ତି।

**ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ନିର୍ବାଚନମଣ୍ଡଳୀର ବଲାଙ୍ଗୀର ଓ ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଭାଜପାର ନିର୍ବାଚନୀ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ଶନିବାର ସକାଳେ ବଲାଙ୍ଗୀର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପା ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ଉଭୟ ବ୍ଲକର ବିଭିନ୍ନ ଗାଁରେ ଘରକୁ ଘର ବୁଲି ଭୋଟରଙ୍କୁ ଭେଟିବା ସହ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି। ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର ଆସିଲେ ଗରିବ ଲୋକଙ୍କ ପାଖକୁ ସିଧାସଳଖ ଯୋଜନାର ସୁଫଳ ପହଞ୍ଚିବ ବୋଲି ପ୍ରାର୍ଥୀ ପାଣିଗ୍ରାହୀ ଲୋକଙ୍କୁ ବୁଝାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ଗରିବ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ବୋଲି ସେ କହିଥିଲେ। କେନ୍ଦ୍ର ସରକାରଙ୍କ ହର ଘର ନଲ ଯୋଜନା ରାଜ୍ୟରେ ଆଜି ଲୋକଙ୍କ ପାଇଁ ଅପହଞ୍ଚ ହୋଇଛି ବୋଲି କହିଥିଲେ। ତୃଣମୂଳ ସ୍ତରରେ ଭୋଟର ମାନଙ୍କୁ ରାଜ୍ୟ ସରକାରଙ୍କ ଅପାରଗତା ସମ୍ପର୍କରେ ଅବଗତ କରିବା ସହ ଆଗାମୀ ଦିନରେ ଭ୍ରଷ୍ଟାଚାରୀ ବିଜେଡି ସରକାରକୁ ଭୋଟରମାନେ ଉଚିତ ଜାବାବ ଦେବେ ବୋଲି ସେ କହିଥିଲେ। ପ୍ରଚାର ଅଭିଯାନରେ ବରିଷ୍ଠ ଭାଜପା ନେତା ରାହୁଲ ପାଣିଗ୍ରାହୀ, କରତାର ସିଂ, ଇନ୍ଦ୍ର ବରାଡ, ଆର. ପ୍ରଧାନଙ୍କ ସହ ଶତାଧିକ ଭାଜପା କର୍ମୀ ଓ ସମର୍ଥକ ସାମିଲ ଥିଲେ।

# ସାମିଲ ହେଲେ ୩୦ ଏସ୍‌ଏଚ୍‌ଜି ସଦସ୍ୟା

**ସମ୍ବଲପୁର,୨୭।୪(ବି.ଶଙ୍କର)**

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଆର୍ଥିକ ସାକ୍ଷରତା ଏବଂ ପୁସ୍ତକ ବ୍ୟବହାର ଶୀର୍ଷକ ଦୁଇଦିନିଆ ତାଲିମ ଶିବିର ଶନିବାର ଢ଼ରରୋପାନୀଠାରେ ଆରମ୍ଭ ହୋଇଛି। ଏଥିରେ ବୋମାଲୋଇ ପଞ୍ଚାୟତର ୩୦ଜଣ ସ୍ୱୟଂ ସହାୟିକ ସଦସ୍ୟାମାନେ ସାମିଲ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠିର ଗୁରୁଦାୟିତ୍ୱ ଓ ସୁପରିଚାଳନା ଉପରେ ସ୍ୱତନ୍ତ୍ର ଅଧିବେଶନ ହୋଇଥିଲା। କାହିଁକି ପୁସ୍ତକ ରଖିବା, ନଗଦ ଖାତା, ବ୍ୟକ୍ତିଗତ ଋଣ, ସଞ୍ଚୟ ଖାତା ଓ ବ୍ୟକ୍ତିଗତ ଖାତାର ରକ୍ଷଣାବେକ୍ଷଣ କିପରି କରିବା, ସେନେଇ ତାଲିମ ପ୍ରଦାନ କରାଯାଇଥିଲା। ସେହିପରି ପ୍ରଶିକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ସଦସ୍ୟାମାନଙ୍କର ଶିକ୍ଷା, ବିକାଶ ଏବଂ ଆର୍ଥିକ ସାକ୍ଷରତା ଉପରେ ଜ୍ଞାନ ଆହରଣ ପାଇଁ ଧାର୍ଯ୍ୟ ଥିଲା।


ଶନିବାର ଆଦିତ୍ୟ ଆଲୁମିନିୟମ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷାର୍ଥୀମାନେ।

### ଆଦିତ୍ୟ ଆଲୁମିନିୟମ ପକ୍ଷରୁ ତାଲିମ ଶିବିର

ପ୍ରଶିକ୍ଷକମାନେ ବକ୍ତୃତା ସହ ବ୍ୟବହାରିକ ପରିବର୍ତ୍ତନ ବିଷୟରେ ଆଲୋଚନ କରିଥିଲେ। ଆୟୁଷ ସୋନି(ଆଇ ଆର), ସୁଶ୍ରୀ କଷିଶ ବିଶ୍ୱକର୍ମା(ଏଚଆର) ଏହି କାର୍ଯ୍ୟକ୍ରମରେ ନିଜର ଅନୁଭୁତ ଓ ମତ ପ୍ରକାଶ କରିଥିଲେ। ମନୋରଞ୍ଜନ ବେହେରା (ପାରିପାଶର୍ବିକ ଉନ୍ନୟନ ବିଭାଗ) ଏହି ସଭାରେ ଅଂଶଗ୍ରହଣକାରୀଙ୍କୁ ବ୍ୟବସାୟ କ୍ଷେତ୍ରରେ ସକ୍ଷମ ହେବା ପାଇଁ ମାର୍ଗଦର୍ଶନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସମସ୍ତ ସିଆରପି ଓ ଏମବିକେ ମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଭାଜପାରେ ଯୋଗଦେଲେ ପୂର୍ବତନ ବ୍ଲକ ଅଧ୍ୟକ୍ଷ


ମିଶ୍ରଣ ପର୍ବରେ ଦଳୀୟ ନେତାଙ୍କ ସହ କର୍ମୀମାନେ।

**ଜୁନାଗଡ଼,୨୭।୪(ସୁନୀଲ କୁମାର ସିଂହ)**

ଜୁନାଗଡ଼ ନିର୍ବାଚନମଣ୍ଡଳୀ ଜୁନାଗଡ଼ସ୍ଥିତ ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ତଥା ବିଜେଡି କର୍ମୀ ବିନ୍ଦୁ ମହାନନ୍ଦ ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର ତଥା ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର ଅଧ୍ୟକ୍ଷତା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ମହାନନ୍ଦ ଭିଜିଲାନ୍ସର ସମ୍ମୁଖୀନ ହୋଇ କିଛିଦିନ ଜେଲରେ ରହିଥିଲେ। ଜେଲରୁ ମୁକୁଳିବା ପରେ ସେ ଶୋଭାଯାତ୍ରାରେ ସମର୍ଥକଙ୍କ ସହ ଜୁନାଗଡ଼ ଭାଜପା କାର୍ଯ୍ୟାଳୟରେ ପହଞ୍ଚି ଦଳରେ ଯୋଗ ଦେଇଥିଲେ। ଭିଜିଲାନ୍ସ ବିଭାଗ ଦ୍ୱାରା ମିଥ୍ୟା ମାମଲାରେ ତାଙ୍କୁ ଗିରଫ କରାଯାଇଥିବା ସେ ଅଭିଯୋଗ ଆଣିଥିଲେ। ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ହିମାଂଶୁ ବରାଡ଼, କଞ୍ଚନ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବାକୁ ଗୁରୁତ୍ୱ

**ସୋନପୁର,୨୭।୪(ମୃତ୍ୟୁଞ୍ଜୟ ଶତପଥୀ)**

ସାଧାରଣ ନିର୍ବାଚନ ୨୦୨୪ ପାଇଁ ସୁବର୍ଣ୍ଣପୁର ଜିଲା ଅନ୍ତର୍ଗତ ୬୪- ବୀରମହାରାଜପୁର ଓ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ବିଧିବଦ୍ଧ ବିଜ୍ଞପ୍ତି ଶୁକ୍ରବାର ପ୍ରକାଶିତ ହୋଇଯାଇଛି । ଶୁକ୍ରବାର ଓ ଶନିବାର କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି। ତେବେ ଶନିବାର ନିର୍ବାଚନ ଖର୍ଚ୍ଚ ପରିଚାଳନାକୁ ନିରପେକ୍ଷ, ସ୍ୱଚ୍ଛ ଓ ବ୍ୟବସ୍ଥିତ ଭାବେ କାର୍ଯ୍ୟକାରିତା ଉପରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି.ଶାହା ଜିଲା ପାଇଁ ନିୟୋଜିତ ବିଭିନ୍ନ କମିଟିର ନୋଡାଲ ଅଧିକାରୀ ତଥା ସଦସ୍ୟା ସଦସ୍ୟଙ୍କ ସହ ଖର୍ଚ୍ଚ ପରିଚାଳନା ଉପରେ ଆଲୋଚନା କରିବା ସହ କାର୍ଯ୍ୟକାରିତାର ସମୀକ୍ଷା କରିଛନ୍ତି। ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ଅନ୍ୟା ଦାସ ଜିଲାରେ ନିର୍ବାଚନ ସୁପରିଚାଳନା ନିମନ୍ତେ ପ୍ରସ୍ତୁତି


ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିର୍ବାଚନ ପରିଚାଳନାର ସମୀକ୍ଷା କରୁଛନ୍ତି।

### ଖର୍ଚ୍ଚ ପର୍ଯ୍ୟବେକ୍ଷକ ପ୍ରମୋଦ ପି. ଶାହାଙ୍କ ସମୀକ୍ଷା

ଉପରେ ପାୱାର ପଏଣ୍ଟ ମାଧ୍ୟମରେ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ବୈଠକରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝି, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର, ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ ଲଲାଟେନ୍ଦୁ ସି, ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀ ରିଟର୍ନିଂ ଅଧିକାରୀ ତଥା ଉପଜିଲାପାଳ ସୁରଜ କୁମାର ପଟ୍ଟନାୟକ ଓ ସମସ୍ତ ଏଆରଓ ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶାହା ନିର୍ବାଚନ ପରିଚାଳନାରେ ସମ୍ପୃକ୍ତ ବିଭିନ୍ନ ନୋଡାଲ ଅଧିକାରୀ, ଫ୍ଲାଇଂସ୍କ୍ୱାଡ, ସି-ଭିଜିଲ, ପୋଲିସ, ଅବକାରୀ, ଆୟକର, ବିକ୍ରିକର, ଅତିରିକ୍ତ ଖର୍ଚ୍ଚ ସହ ଗଣମାଧ୍ୟମ ନିରୀକ୍ଷଣ ଓ ପେଡ ନ୍ୟୁଜ ଇତ୍ୟାଦି ଉପରେ ସମୀକ୍ଷା କରିଥିଲେ। ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବା ସହ ଶୂନ୍ୟ ପକ୍ଷପାତିତାରେ ନିର୍ବାଚନ ପରିଚାଳନା କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ନିଶା କାରବାର ଓ ଟଙ୍କାର ବେଆଇନ ବ୍ୟବହାର ରୋକିବାକୁ ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ବାରିକେଡିଂ କରି ମିଳିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ପର୍ଯ୍ୟବେକ୍ଷକ ପ୍ରମୋଦ ପି. ଶାହା ବିଭିନ୍ନ ନିୟନ୍ତ୍ରଣ କକ୍ଷର କାର୍ଯ୍ୟକାରିତା ଓ ପରିଚାଳନା ଉପରେ ଅଧିକାରୀଙ୍କୁ ପଚାରି ବୁଝିଥିଲେ।

# ହାଇସ୍କୋରିଂ ମ୍ୟାଚ୍‌ରେ କ୍ୟାପିଟାଲ୍ସ ବିଜୟୀ



ଏକ ଆକର୍ଷଣୀୟ ଶଟ୍ ଖେଳୁଛନ୍ତି ଜେକ୍ ଫ୍ରେଜର।

ନୂଆଦିଲ୍ଲୀ,୨୭।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଶନିବାର ଅନୁଷ୍ଠିତ ଡବଲ୍ ହେଡରର ହାଇସ୍କୋରିଂ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୧୦ ରନ୍‌ରେ ପରାସ୍ତ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୪ ଉଇକେଟରେ ୨୫୭ ରନ୍ ସ୍କୋର କରିଥିଲା। ଜବାବରେ ମୁମ୍ବାଇ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ ହରାଇ ୨୪୭ ରନ୍ କରି ପାରିଥିଲା।

ମୁମ୍ବାଇ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା। ଓପନର ଜେକ୍ ଫ୍ରେଜର ମ୍ୟାଗ୍ରୁକ୍‌ଙ୍କ ଦ୍ରୁତ ୮୪ ରନ୍ ବଳରେ ଦୃଢ ଆରମ୍ଭ କରିଥିଲା କ୍ୟାପିଟାଲ୍ସ। ୨୭ ବଲ୍‌ର ଇନିଂସରେ ଜେକ୍ ୧୧ ଚୌକା ଓ ୬ ଛକା ମାରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଭିଷେକ ପୋରେଲ ୩୬ ଓ ଶାଇ ହୋପ ୪୧ ରନ୍ କରିଥିଲେ। ଅଧିନାୟକ ରିଷଭ ପନ୍ତ ୨୯ ରନ୍ କରି ଆଉଟ ହୋଇଥିବା ବେଳେ ଶେଷ ଭାଗରେ ତ୍ରିଷ୍ଟାନ ଷ୍ଟବ୍ସ ଦ୍ରୁତ ୪୮ ରନ୍ କରିଥିଲେ। ୨୫ ବଲ୍‌ର ଇନିଂସରେ ସେ ୬ ଚୌକା ଓ ୨ ଛକା ମାରିଥିଲେ। ମୁମ୍ବାଇ ପକ୍ଷରୁ ଲୁକ୍ ଉଡ୍, ଯଶପ୍ରୀତ ବୁମ୍‌ରା, ପୀୟୁଷ ଚାୱ୍ଲା ଓ ମହମ୍ମଦ ନବି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ଦ୍ରୁତ ଗତିରେ ସ୍କୋର କରିଥିଲେ ମଧ୍ୟ ବିଜୟ ଲକ୍ଷ୍ୟରୁ ୧୦ ରନ୍ ଦୂରରେ ରହିଥିଲା। ଦଳ ପକ୍ଷରୁ ତିଳକ ବର୍ମା ୬୩, ହାର୍ଦ୍ଦିକ ପାଣ୍ଡ୍ୟା ୪୬ ଓ ଟିମ୍ ଡେଭିଡ୍ ୩୭ ରନ୍ କରିଥିଲେ। ତିଳକ ୩୨ ବଲ୍ ଖେଳି ୪ଟି ଲେଖାଏ ଛକା ଓ ଚୌକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ରଶିକ୍ ଦର ସଲାମ ଓ ମୁକେଶ କୁମାର ୩ଟି ଲେଖାଏ, ଖଲିଲ ଅହମଦ ୨ ଉଇକେଟ ନେଇଥିଲେ। ଜେକ୍ ଫ୍ରେଜର ମ୍ୟାଗ୍ରୁକ୍‌ଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୨୫୭/୪ (ଜେକ୍ ଫ୍ରେଜର ମ୍ୟାଗ୍ରୁକ-୮୪, ତ୍ରିଷ୍ଟାନ ଷ୍ଟବ୍ସ-୪୮, ଶାଇ ହୋପ-୪୧, ମହମ୍ମଦ ନବି-୧/୨୦, ଯଶପ୍ରୀତ୍‌ବୁମ୍‌ରା-୧/୩୫, ପୀୟୁଷ ଚାୱ୍ଲା-୧/୩୬)। ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୨୪୭/୯(ତିଳକ ବର୍ମା-୬୩, ହାର୍ଦ୍ଦିକ ପାଣ୍ଡ୍ୟା-୪୬, ଟିମ୍ ଡେଭିଡ୍-୩୭, ରଶିକ୍ ଦର ସଲାମ-୩/୩୪, ମୁକେଶ କୁମାର-୩/୫୯, ଖଲିଲ ଅହମଦ-୨/୪୫)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ବେଙ୍ଗାଲୁରୁ**
ସ୍ଥାନ: ଅହମଦାବାଦ
ସମୟ: ଅପରାହ୍ନ ୩.୩୦

**ଚେନ୍ନାଇ ବନାମ ହାଇଦ୍ରାବାଦ**
ସ୍ଥାନ: ଚେନ୍ନାଇ
ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୯ | ୮ | ୧ | ୧୬ | +୦.୬୯୪ |
| କୋଲକାତା ନାଇଟ ରାଇଡର୍ସ | ୮ | ୫ | ୩ | ୧୦ | +୦.୯୭୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୧୦ | +୦.୫୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୯ | ୫ | ୪ | ୧୦ | +୦.୦୫୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | -୦.୨୭୬ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୪ | ୪ | ୮ | +୦.୪୧୫ |
| ଗୁଜରାଟ ଟାଇଟନ୍ସ | ୯ | ୪ | ୫ | ୮ | -୦.୯୭୪ |
| ପଞ୍ଜାବ କିଙ୍ଗ୍ସ | ୯ | ୩ | ୬ | ୬ | -୦.୧୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୩ | ୬ | ୬ | -୦.୨୬୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୯ | ୨ | ୭ | ୪ | -୦.୭୨୧ |

# ରାଜସ୍ଥାନର ଅଷ୍ଟମ ବିଜୟ

ନୂଆଦିଲ୍ଲୀ,୨୭।୪

ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ରେ ଶନିବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ୭ ଉଇକେଟରେ ହରାଇ ଅଷ୍ଟମ ବିଜୟ ହାସଲ କରିଛି ରାଜସ୍ଥାନ ରୟାଲ୍ସ। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୨୦ ଓଭରରେ ୫ ଉଇକେଟ ହରାଇ ୧୯୬ ରନ୍ କରିଥିଲା। ଜବାବରେ ରାଜସ୍ଥାନ ୧୯ ଓଭରରେ ୩ ଉଇକେଟ ହରାଇ ୧୯୯ ରନ୍ କରି ବିଜୟୀ ହୋଇଥିଲା। ଏହା ସହ ୯ ମ୍ୟାଚରୁ ଅଷ୍ଟମ ବିଜୟ ହାସଲ କରିଛି ରାଜସ୍ଥାନ।

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ୧୧ ରନ୍‌ରେ ୨ ଉଇକେଟ ହରାଇଥିଲା। ତେବେ ଅଧିନାୟକ ଲୋକେଶ ରାହୁଲ(୭୬) ଓ ଦୀପକ ହୁଡା(୫୦) ଚମତ୍କାର ବ୍ୟାଟିଂ କରି ତୃତୀୟ ଉଇକେଟରେ ୧୧୫ ରନ୍ ଯୋଡିଥିଲେ। ରାହୁଲ ୪୮ ବଲ୍ ଖେଳି ୮ ଚୌକା ଓ ୨ ଛକା ମାରିଥିଲେ। ଦୀପକ ୩୧ ବଲ୍ ଖେଳି ୭ ଚୌକା ସହ ୫୦ ରନ୍ କରିଥିଲେ। ଶେଷ ଭାଗରେ ଆୟୁଷ ବଦୋନୀ ୧୮* ଓ କୃଣାଲ ପାଣ୍ଡ୍ୟା ୧୩* ରନ୍ କରିବାରୁ ଲକ୍ଷ୍ନୌ ୧୯୬ ରନରେ ପହଞ୍ଚିଥିଲା। ରାଜସ୍ଥାନ ପକ୍ଷରୁ ସନ୍ଦୀପ ଶର୍ମା୨, ଆଭେଶ ଖାନ, ରବିଚନ୍ଦ୍ରନ ଅଶ୍ୱିନ ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୭ ରନ୍ ଲକ୍ଷ୍ୟର ପିଛା କରୁଥିବା ରାଜସ୍ଥାନ ପକ୍ଷରୁ ଯଶସ୍ୱୀ ଜୟସ୍ୱାଲ(୨୪) ଓ ଜୋଶ ବଟଲର(୩୪) ପ୍ରଥମ ଉଇକେଟରେ ୬୦ ରନ୍ ଯୋଡିଥିଲେ। ୭୮ ରନ୍‌ରେ ତୃତୀୟ ଉଇକେଟର ପତନ ପରେ ସଞ୍ଜୁ ସାମସନ୍ (୭୧*) ଓ ଧ୍ରୁବ ଜୁରେଲ(୫୨*) ଚତୁର୍ଥ ଉଇକେଟରେ ଅବିଭାଜିତ ୧୧୮ ରନ୍ ଯୋଡିଥିଲେ। ଚଳିତ ସିଜନର ଚତୁର୍ଥ ଅର୍ଦ୍ଧଶତକ ହାସଲ କରିଥିବା ସାମସନ୍ ୩୩ ବଲ୍ ଖେଳି ୭ ଚୌକା ଓ ୪ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଧ୍ରୁବ ଜୁରେଲ ୩୪ ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଲକ୍ଷ୍ନୌ ପକ୍ଷରୁ ମାର୍କସ୍ ଷ୍ଟୋଇନିସ୍, ଅମିତ ମିଶ୍ର ଓ ଯଶ ଠାକୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୧୯୬/୫ (ଲୋକେଶ ରାହୁଲ-୭୬, ଦୀପକ ହୁଡା-୫୦, ଆୟୁଷ ବଦୋନୀ-୧୮*, ସନ୍ଦୀପ ଶର୍ମା-୨/୩୧, ଟ୍ରେଣ୍ଟ ବୋଲ୍ଟ-୧/୪୧, ଆର. ଅଶ୍ୱିନ-୧/୩୯)। ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୧୯୯/୩ (ସଞ୍ଜୁ ସାମସନ-୭୧*, ଧ୍ରୁବ ଜୁରେଲ-୫୨, ଜୋଶ ବଟଲର-୩୪, ମାର୍କସ ଷ୍ଟୋଇନିସ୍-୧/୩, ଅମିତ ମିଶ୍ର-୧/୨୦, ଯଶ ଠାକୁର-୧/୫୦)।

**ସାଉଥ ଏସିଆନ ଟ୍ରାଇଥଲନ**

## ମୁରଲୀଧରନ, ମାନସୀ ଚାମ୍ପିୟନ

ନୂଆଦିଲ୍ଲୀ, ୨୭।୪ (ପି.ଟି.)

ନେପାଳର ପୋଖରାଠାରେ ଅନୁଷ୍ଠିତ ସାଉଥ ଏସିଆନ ଟାଇଥଲନ ଚାମ୍ପିୟନଶିପ୍‌ରେ ଭାରତୀୟ ଆଥ୍‌ଲେଟ ଆଦର୍ଶ ମୁରଲୀଧରନ ନାୟର ସିନିମୋଲ (୦୧:୦୨:୦୩) ଓ ମାନସୀ ମୋହିତେ (୦୧:୦୭:୫୩) ଯଥାକ୍ରମେ ପୁରୁଷ ଓ ମହିଳା ଚାମ୍ପିୟନ ହୋଇଛନ୍ତି। କୌଶିକ ବିନାୟକ ମଲାନ୍ଦକର (୦୧:୦୩:୨୬) ନିଜ ଦେଶର ସିନିମୋଲଙ୍କ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସାଉଥ ଏସିଆନ ଜୁନିୟର କାଟେଗୋରିରେ ସାଇ ଲୋହିତାକ୍ଷ କେଡି (୦୧:୦୭:୨୦) ଓ କେଶବ ପଟେଲ (୦୧:୦୭:୨୩) ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଛନ୍ତି।

## ସ୍ୱାନିଶ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍ ରଞ୍ଜନଙ୍କୁ ରୌପ୍ୟ

ଭୁବନେଶ୍ୱର,୨୭।୪
(ସରୋଜ ଜେନା)

ସ୍ୱାନିଶ ପାରା ବ୍ୟାଡମିଣ୍ଟନରେ ଓଡ଼ିଶାର ଦୀପ୍ ରଞ୍ଜନ ବିଶୋଇ ରୌପ୍ୟ ପଦକ ହାସଲ କରିଛନ୍ତି। ପୁରୁଷ ଡବଲ୍ସ ଫାଇନାଲ୍‌ରେ ଦୀପ ରଞ୍ଜନ ଓ ମନୋଜ ସରକାରଙ୍କ ଯୋଡି ଅନ୍ୟତମ ଭାରତୀୟ ନେହାଲ ଗୁପ୍ତା ଓ ନବୀନ ଶିବକୁମାରଙ୍କ ଠାରୁ ପରାଜିତ ହୋଇଥିଲେ। ୩ ସେଟ୍‌ର କଡା ସଂଘର୍ଷପୂର୍ଣ୍ଣ ମୁକାବିଲାକୁ ୨୦-୨୨, ୨୪-୨୨ ଓ ୧୯-୨୧ରେ ହାରି ରୌପ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ ଦୀପ୍ ରଞ୍ଜନ ଓ ମନୋଜ। ଓଡ଼ିଶାରୁ ଦୀପ୍ ରଞ୍ଜନ ବିଶୋଇ, ଶୁଭ୍ରଜିତ ମହାରଣା ଓ ଜି. ଦିଲେଶ୍ୱର ରାଓ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ।



ପଦକ ସହ ଦୀପ୍ ରଞ୍ଜନ

# ‘ଓସ୍କା’ର ପ୍ରଶିକ୍ଷଣ ଶିବିର ଆରମ୍ଭ

ଭୁବନେଶ୍ୱର, ୨୭।୪ (ବିଜୟ ରଣା)

ଆସନ୍ତା ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନ୍‌ଠାରେ ଜାତୀୟ କ୍ୟାଡେଟ୍ ଜୁନିୟର, ୨୧ ବର୍ଷରୁ କମ୍ ଓ ସିନିୟର ବର୍ଗରେ କରାଟେ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ରାଜ୍ୟ କରାଟେ ଆସୋସିଏଶନ (ଓସ୍କା) ଦ୍ୱାରା ମନୋନୀତ ୬୨ଜଣ ପ୍ରତିଯୋଗୀଙ୍କୁ ନେଇ ଏକ ପ୍ରଶିକ୍ଷଣ ଶିବିର ସ୍ଥାନୀୟ କରାଟେ ସ୍କୁଲ ପରିସରରେ ଆରମ୍ଭ ହୋଇଛି। ଏହା ଓସ୍କା’ର ମୁଖ୍ୟ କୋଚ୍ ତଥା ସଭାପତି ହାନ୍‌ସି ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେ’ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିର ପରିଚାଳନାରେ ସେନ୍‌ସାଇ ଖାରବେଳ ମଲିକ, ଅରବିନ୍ଦ ପଟ୍ଟନାୟକ, ଦିଲୀପ କୁମାର ଜେନା, ସନ୍ତୋଷ ମହାରଣା ପ୍ରମୁଖ ସହଯୋଗ କରୁଥିବା ଓସ୍କା’ର ସାଧାରଣ ସମ୍ପାଦକ ଗୌରୀ ମହାନ୍ତି ଜଣାଇଛନ୍ତି।




**ଉବର କପ୍ ବ୍ୟାଡ୍‌ମିଣ୍ଟନ**

## କାନାଡାକୁ ହରାଇଲା ଭାରତ

ଚେଙ୍ଗଡୁ (ଚାଇନା), ୨୭।୪ (ପି.ଟି.)

ଭାରତୀୟ ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଶନିବାର ବିଜୟ ସହ ଉବର କପ୍‌ରେ ଏହାର ଅଭିଯାନ ଆରମ୍ଭ କରିଛି। ଏହି ମୁକାବିଲାରେ ଅସ୍ମିତା ଛଲିଆ ଉଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ମିଚେଲି ଲି’ଙ୍କୁ ହରାଇ ଦେଇଥିବା ବେଳେ ଭାରତ ୪-୧ରେ ବିଜୟୀ ହୋଇଛି। ୫୩ତମ ର୍‍ୟାଙ୍କିଙ୍ଗପ୍ରାପ୍ତ ବାମହାତୀ ଛଲିଆ ବିଶ୍ୱର ୨୫ ନମ୍ବର ଖେଳାଳି ଲି’ଙ୍କୁ ୨୬-୨୪, ୨୪-୨୨ରେ ହରାଇ ଦେଇଥିଲେ। ସୂଚନାଯୋଗ୍ୟ, ଲି’ ହେଉଛନ୍ତି ୨୦୨୪ ଓ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ସ୍ୱର୍ଣ୍ଣ ଓ ରୌପ୍ୟ ବିଜେତା। ଛଲିଆ ତାଙ୍କୁ ହରାଇବା ଲାଗି ୪୨ ମିନିଟ ସମୟ ନେଇଥିଲେ। ଫେବୃଆରୀରେ ପ୍ରଥମ ଥର ଏସିଆ ଟିମ୍ ଚାମ୍ପିୟନଶିପ୍ ଜିତିଥିବା ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଥିବା ଛଲିଆ ପି. ଭି. ସିନ୍ଧୁଙ୍କ ସମେତ ଅନ୍ୟ ଟପ୍ ଖେଳାଳିଙ୍କ ଅନୁପସ୍ଥିତିରେ ଏହି ପ୍ରତିଯୋଗିତାରେ ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି। ଗତ ଡିସେମ୍ବରରେ ଜାତୀୟ ସିନିୟର ଚାମ୍ପିୟନଶିପ୍ ଟାଇଟଲ ବିଜୟୀ ହୋଇଥିବା ଯୁବ ମହିଳା ଡବଲ୍ସ ଯୋଡ଼ି ପ୍ରିୟା କୋଞ୍ଜେଙ୍ଗବାମ୍ ଓ ଶ୍ରୁତି ମିଶ୍ର ୨୧-୧୨, ୨୧-୧୦ରେ କାଥରିନ୍ ଚୋଇ ଓ ଜେସ୍‌ଲିନ ଚୋ’ଙ୍କୁ ପରାସ୍ତ କରି ଭାରତକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଇଶାରାଣୀ ବରୁଆ ୨୧-୧୩, ୨୧-୧୨ରେ ୱେନ୍ ୟୁ ଝାଙ୍ଗ୍‌ଙ୍କୁ ପରାସ୍ତ କରି ଭାରତକୁ ୩-୦ରେ ଆଗୁଆ କରାଇଥିଲେ। ଦ୍ୱିତୀୟ ମହିଳା ଡବଲ୍ସରେ କିନ୍ତୁ ସିମରାନ ସିଙ୍ଘି ଓ ରିତିକା ଠକର କାନାଡାର ଜ୍ୟାକି ଡେଣ୍ଟ ଓ କ୍ରିଷ୍ଟାଲଙ୍କଠାରୁ ୧୯-୨୧, ୧୫-୨୧ରେ ପରାଜିତ ହୋଇଯାଇଥିଲେ। ଫଳରେ ମୁକାବିଲା ୩-୧ ସ୍ତରକୁ ଚାଲି ଆସିଥିଲା। ତେବେ ୫ମ ତଥା ଅନ୍ତିମ ମ୍ୟାଚରେ ଜାତୀୟ ଚାମ୍ପିୟନ ଅନମୋଲ ଖରବ ୨୧-୧୫, ୨୧-୧୧ରେ ଏଲିନା ଝାଙ୍ଗ୍‌ଙ୍କୁ ହରାଇ ଦେବାରୁ ଭାରତ ଶେଷରେ ୪-୧ରେ ବିଜୟୀ ହୋଇଥିଲା। ଭାରତର ଯୁବ ମହିଳା ଦଳ ଆଗକୁ ଗ୍ରୁପ୍ ‘ଏ’ରେ ସିଙ୍ଗାପୁର ଓ ଚାଇନାକୁ ଯଥାକ୍ରମେ ରବିବାର ଓ ମଙ୍ଗଳବାର ଭେଟିବ।

## ଓସିଏର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୭।୪
(ସରୋଜ ଜେନା)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ କଟକସ୍ଥିତ ସେକ୍ଟର ୬ରେ ଥିବା ଡିଏଭି ସ୍କୁଲରେ ଏକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓସିଏର ବୈଷୟିକ ନିର୍ଦ୍ଦେଶକ ଭି. ଭେଙ୍କଟରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ୪୧ ଜଣ ଉଦୀୟମାନ ପୁରୁଷ ଓ ମହିଳା କ୍ରିକେଟର ଏହି କ୍ୟାମ୍ପରେ ଭାଗ ନେଇଥିଲେ। ଓସିଏର ଦୁଇ ସହକାରୀ କୋଚ୍ ପ୍ରଭାତ ନାୟକ ଓ ସୌରଭ ସେହଗଲ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଡିଏଭି ସ୍କୁଲ ପକ୍ଷରୁ କବିତା କାନୁନଗୋ, ଅଙ୍କିତା ଦାସ, ସରୋଜ ସୁନ୍ଦର ବର୍ମା, ଶିଶିର ସାମଲ ଓ ଅଜନ୍ତା କଳା ମିଶ୍ର ସହଯୋଗ କରିଥିଲେ।

## ଭାରତୀୟ ଇପି ଦଳକୁ ବ୍ରୋଞ୍ଜ

ଭୁବନେଶ୍ୱର, ୨୭।୪ (ବିଜୟ ରଣା)

**ହୁଇଲ ଚେୟାର ଫେନ୍ସିଂ**

ଥାଇଲାଣ୍ଡରେ ଚାଲିଥିବା ହୁଇଲ ଚେୟାର ଫେନ୍ସିଂ ଏସିଆନ ଚାମ୍ପିୟନଶିପରେ ଭାରତୀୟ ଦଳ ବ୍ରୋଞ୍ଜ ପଦକ ହାସଲ କରିଛି। ଭାରତୀୟ ଦଳରେ ଓଡିଶାରୁ ଦୁଇ ଜଣ ଭି. ରମେଶ ରାଓ ଓ ରାଖାଲ କୁମାର ସେଠୀ (ଅଧିନାୟକ) ଏବଂ ହରିୟାଣାର ପ୍ରବୀଣ ଓ ଦେବେନ୍ଦ୍ର କୁମାର ପ୍ରତିନିଧିତ୍ୱ କରିଥିଲେ। ସେମାନେ କ୍ୱାର୍ଟର ଫାଇନାଲରେ ହଂକଂ କୁ ୪୫-୩୮ ପଏଣ୍ଟ ରେ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲେ। ଏହି ପର୍ଯ୍ୟାୟରେ ସେମାନେ ଶକ୍ତିଶାଳୀ ଇରାକ ସହ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ୩୫-୪୫ରେ ହାରିଯାଇଥିଲେ। କିନ୍ତୁ ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମୁକାବିଲାରେ ସେମାନେ ଜାପାନକୁ ୪୫-୪୨ରେ ହରାଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି କ୍ରୀଡ଼ା ପ୍ରତି ଚାରିବର୍ଷରେ ଥରେ ଅନୁଷ୍ଠିତ ହୋଇଥାଏ। ଭାରତୀୟ ହୁଇଲ ଚେୟାର ଫେନ୍ସିଂ ସଂଘର ସଭାପତି ଜୟରାମ ଚନ୍ଦ୍ରଶେଖର ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ, ଓଡିଶାର ସଭାପତି କମଳାକାନ୍ତ ରଥ, ସମ୍ପାଦକ ଲୋକନାଥ ମହାନ୍ତି ଓ ହୁଇଲ ଚେୟାର ଫେନ୍ସିଂ ଓଡ଼ିଶାର ଚେୟାର ପର୍ସନ ବେଲା ଜୟସ୍ୱାଲ ଶୁଭେଚ୍ଛା ଜଣାଇଛନ୍ତି।




## ବିଶ୍ୱ ଚାମ୍ପିୟନଶିପ୍ ପାଇଁ ଫିଡେର ବିଡିଂ ପ୍ରକ୍ରିୟା ଆରମ୍ଭ

ନୂଆଦିଲ୍ଲୀ, ୨୭।୪ (ପି.ଟି.)

ଭାରତୀୟ ଚେସ୍ ପ୍ରତିଭା ଡି. ଗୁକେଶ ଓ ବିଶ୍ୱ ଚାମ୍ପିୟନ ଚାଇନାର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ପାଇଁ ବିଶ୍ୱ ଚେସ୍ ପରିଚାଳନା ସଂସ୍ଥା ଫିଡେ ପକ୍ଷରୁ ବିଡିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଡ୍‌ରେ ଭାରତ ମଧ୍ୟ ସାମିଲ ହେବ। ଏଥିପାଇଁ ସର୍ବଭାରତୀୟ ଚେସ୍ ମହାସଂଘ(ଏଆଇସିଏଫ୍) ୮୦ କୋଟି ଟଙ୍କା (୯.୬ ନିୟୁତ ଆମେରିକୀୟ ଡଲାର)ରୁ ଊର୍ଦ୍ଧ୍ୱ ବ୍ୟୟ କରିବାକୁ ପଡ଼ିବ। ଏହି ମୁକାବିଲା ନଭେମ୍ବର ୨୦ରୁ ଡିସେମ୍ବର ୧୫ ମଧ୍ୟରେ ହେବ। ବିଶ୍ୱ ଚାମ୍ପିୟନଶିପ୍ ଆୟୋଜନ ପାଇଁ ଫିଡେ ପକ୍ଷରୁ ଶନିବାର ଟେଣ୍ଡର ଆହ୍ୱାନ କରାଯାଇଛି। ମ୍ୟାଚରେ ଗୁକେଶ ଭାଗ ନେଉଥିବାରୁ ଏହି ଇଭେଣ୍ଟ ଆୟୋଜନ ପାଇଁ ଜାତୀୟ ମହାସଂଘ ବିଶେଷ ଆଗ୍ରହ ଦେଖାଇବା ସ୍ୱାଭାବିକ। ଭାରତ ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଥିବା କଥା ଏଆଇସିଏଫ୍‌ର ନବନିର୍ବାଚିତ ସମ୍ପାଦକ ଦେଭ ପଟେଲ ଗୁରୁବାର ସୂଚନା ଦେଇଥିଲେ।

# ଭାରତୀୟ ତୀରନ୍ଦାଜଙ୍କୁ ୫ ପଦକ

ସାଂଘାଇ,୨୭।୪(ପି.ଟି.)

ଏସିଆନ ଗେମ୍ସ ଚାମ୍ପିୟନ ଜ୍ୟୋତି ସୁରେଖା ଭେନମଙ୍କ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ ବିଜୟ ଫଳରେ ଭାରତୀୟ କମ୍ପାଉଣ୍ଡ ଆର୍ଚେରୀ ଦଳ ସାଂଘାଇରେ ଅନୁଷ୍ଠିତ ଆର୍ଚେରୀ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ ଜାରି ରଖିଛି। ଆର୍ଚେରୀ ବିଶ୍ୱକପ୍‌ର ଷ୍ଟେଜ୍-୧ରେ ଶନିବାର ସୁଦ୍ଧା ଭାରତୀୟ ଆର୍ଚରମାନେ ମୋଟ ୫ ପଦକ ବିଜୟୀ ହୋଇଛନ୍ତି। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଜ୍ୟୋତି ଶନିବାର ବ୍ୟକ୍ତିଗତ ଫାଇନାଲରେ ଟପ୍ ସିଡ୍ ମେକ୍ସିକୋର ଆଣ୍ଡ୍ରିଆ ବେକେରାଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍‌ଟି ୧୪୬-୧୪୬ରେ ଟାଇ ରହିଥିବା ବେଳେ ଶୁଟ୍ ଅଫ୍‌ରେ ବିଜୟୀ ହୋଇଥିଲେ ଜ୍ୟୋତି। ଏହା ସହିତ ସେ ଅନ୍ୟତମ ଭାରତୀୟ ଆର୍ଚର ଦୀପିକା କୁମାରୀଙ୍କ ରେକର୍ଡର ସମକକ୍ଷ ହୋଇଛନ୍ତି। ୩ ଥରର ଅଲିମ୍ପିଆନ୍ ତଥା ପୂର୍ବତନ ବିଶ୍ୱର ନମ୍ବର ୧ ଦୀପିକା ୨୦୨୧ ପ୍ୟାରିସ୍ ବିଶ୍ୱକପ୍‌ରେ ୩ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଚଳିତ ଏସିଆନ୍ ଗେମ୍ସରେ ମଧ୍ୟ ୨୭ ବର୍ଷୀୟା ଜ୍ୟୋତି ବ୍ୟକ୍ତିଗତ, ମିକ୍ସଡ

**ଜ୍ୟୋତି ସୁରେଖାଙ୍କ ହ୍ୟାଟ୍ରିକ୍ ସ୍ୱର୍ଣ୍ଣ**

ଟିମ୍ ଓ ଦଳଗତ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ବିଜୟୀ ହୋଇଥିଲେ। ମହିଳା ଦଳଗତ ଇଭେଣ୍ଟରେ ଜ୍ୟୋତି, ଅଦିତି ସ୍ୱାମୀ ଓ ପରନିତ୍ କୌର ଭାରତ ପାଇଁ ଆଉ ଏକ ସ୍ୱର୍ଣ୍ଣ ଜିତିଥିଲେ। ଫାଇନାଲ ମ୍ୟାଚ୍‌ରେ ଇଟାଲୀକୁ ୨୩୬-୨୨୫ରେ ପରାସ୍ତ କରିଥିଲା ଭାରତ।

ଅନ୍ୟ ଏକ ମ୍ୟାଚ୍‌ରେ ଭାରତୀୟ ଯୁବ ଆର୍ଚର ପ୍ରିୟାଂଶ ବ୍ୟକ୍ତିଗତ ଇଭେଣ୍ଟରେ ଏକ ରୌପ୍ୟ ପଦକ ଜିତିଥିଲେ। ୨୧ ବର୍ଷୀୟ ପ୍ରିୟାଂଶ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଷ୍ଟ୍ରେଲିଆର ନିକୋ ୱେନରଙ୍କ ନିକଟରୁ ୧୫୦-୧୪୭ରେ ପରାଜିତ ହୋଇଥିଲେ। ୨୭ ବର୍ଷୀୟ ନିକୋ ୧୫ଟି ଶଟ୍ ପର୍ଫେକ୍ଟ ୧୦ ସ୍କୋର କରିଥିଲେ। ପୂର୍ବରୁ ଭାରତୀୟ କମ୍ପାଉଣ୍ଡ ପୁରୁଷ ଦଳ ମଧ୍ୟ ଏକ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଅଭିଷେକ ବର୍ମା, ପ୍ରିୟାଂଶ ଓ ପ୍ରଥମେଶଙ୍କ ଯୋଡି ୨୩୮-୨୩୧ ବ୍ୟବଧାନରେ ନେଦରଲାଣ୍ଡ୍ସର ମାଇକ୍ ସ୍କୋଲସୋର, ସିଲ ପାଟେର ଓ ଷ୍ଟେଫ୍ ୱିଲେମ୍ସଙ୍କୁ ପରାସ୍ତ କରିଥିଲେ। ମିକ୍ସଡ ଟିମ୍ ଇଭେଣ୍ଟରେ ଜ୍ୟୋତି ସୁରେଖା ଭେନମ ଓ ଅଭିଷେକ ବର୍ମାଙ୍କ ଯୋଡି ୧୫୮-୧୫୭ ପଏଣ୍ଟରେ ଇଷ୍ଟୋନିଆର ଲିସେଲ୍ ଜାଟମା ଓ ରବିନ ଜାଟମାଙ୍କୁ ପରାସ୍ତ କରିଥିଲେ।



ସ୍ୱର୍ଣ୍ଣପଦକ ବିଜୟୀ ଭାରତୀୟ କମ୍ପାଉଣ୍ଡ ଆର୍ଚେରୀ ମହିଳା ଦଳ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଓଜେଇଇ ଆଡ୍‌ମିଟ୍ କାର୍ଡ ଉପଲବ୍ଧ

ଭୁବନେଶ୍ୱର, ୨୭।୪(ଅସମାପିକା ସାହୁ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)–୨୦୨୪ ମେ' ୬ତାରିଖରୁ ଆରମ୍ଭ ହେବ। ପରୀକ୍ଷା ପାଇଁ ଏପ୍ରିଲ ୨୭ରୁ ଛାତ୍ରୀଛାତ୍ରମାନେ ଆଡ୍‌ମିଟ କାର୍ଡ ଡାଉନଲୋଡ୍ କରିପାରିବେ। ଓଜେଇଇର ଅଫିସିଆଲ ୱେବ୍‌ସାଇଟ https://ojee.nic.inରେ ଆଡ୍‌ମିଟ କାର୍ଡ ଉପଲବ୍ଧ ରହିଛି। ଏ ନେଇ ଶନିବାର ଓଜେଇଇ ଚେୟାରମ୍ୟାନ ଡି.ପି. ଶତପଥୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ସିବିଟି ମୋଡ୍‌ରେ ହେବାକୁ ଥିବା ଏହି ପରୀକ୍ଷା ମେ' ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ତିନୋଟି ଶିଫ୍ଟରେ ଦୁଇଘଣ୍ଟା ବ୍ୟବଧାନରେ ପରୀକ୍ଷା ଅନୁଷ୍ଠିତ ହେବ। ପ୍ରଥମ ଶିଫ୍ଟ ସକାଳ ୮ଟା ୩୦ରୁ ୧୦ଟା ୩୦, ଦ୍ୱିତୀୟ ଶିଫ୍ଟ ଅପରାହ୍ନ ୧୨ଟା ୩୦ରୁ ୨ଟା ୩୦ ଏବଂ ତୃତୀୟ ଶିଫ୍ଟ ୪ଟା ୩୦ରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ହେବ।



**ପେଟ ଚିନ୍ତା:** ମହିଳାମାନେ ଜଙ୍ଗଲରୁ ସଂଗ୍ରହ କରିଥିବା କାଠକୁ ବିକିବା ପାଇଁ ପ୍ରବଳ ଖରାରେ ୫୭ନଂ. ଜାତୀୟ ରାଜପଥରେ ଚାଲି ଚାଲି ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଚାରିଛକ ବଜାରକୁ ଯାଉଛନ୍ତି।

## ଆଜି ଆସୁଛନ୍ତି ଜେ.ପି. ନଡ୍ଡା, ରାହୁଲ ଗାନ୍ଧୀ

ଭୁବନେଶ୍ୱର,୨୭।୪(ଅନିଲ ଦାସ)





ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପ୍ରଚାର ସରଗରମ ହୋଇଛି। ରାଜ୍ୟର ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ, ଭାଜପାର ଷ୍ଟାର ପ୍ରଚାରକ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ରବିବାର ରାଜ୍ୟରେ ଭାଜପା ଓ କଂଗ୍ରେସର ଦୁଇ ହେଭିୱେଟ ନେତା ନିର୍ବାଚନ ପ୍ରଚାର କରିବେ। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ନିର୍ବାଚନ ପ୍ରଚାର ପାଇଁ ଆସୁଥିବା ବେଳେ କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ ମଧ୍ୟ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି।

କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ପୂର୍ବାହ୍ନ ୧୧ଟା ୩୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏହାପରେ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ କଟକର ସତ୍ୟଭାମାପୁର ଯିବେ। ସେଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ସତ୍ୟଭାମାପୁରରୁ ହେଲିକପ୍ଟର ଯୋଗେ ସାଲେପୁର ଯିବେ। ମଧ୍ୟାହ୍ନ ୧୨ଟା ୨୫ରୁ ୧ଟା ୪୫ ଯାଏ ସାଲେପୁରରେ ସାଧାରଣ ସଭାରେ ଯୋଗଦେବେ। ଏହାପରେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ରବିବାର ଭୁବନେଶ୍ୱର ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅପରାହ୍ନ ୪ଟା ୩୦ରେ ପହଞ୍ଚିବେ। ବିମାନବନ୍ଦରରୁ ସିଧାସଳଖ ସ୍ୱତନ୍ତ୍ର ବିମାନରେ ବ୍ରହ୍ମପୁର ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ଯିବେ। ସାଢ଼େ ୫ଟାରେ ଆମ୍ବପୁଆଠାରେ ସାଧାରଣ ସଭାରେ ସେ ଯୋଗଦେବେ। ସନ୍ଧ୍ୟା ୬ଟା ୪୫ ମିନିଟରେ କାର୍ଯ୍ୟକର୍ତ୍ତା ବୈଠକରେ ଯୋଗଦେବେ। ଏହି ବୈଠକରେ ବ୍ରହ୍ମପୁର, ଆସ୍କା, ନବରଙ୍ଗପୁର ଓ କୋରାପୁଟର କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ। ନଡ୍ଡା ବ୍ରହ୍ମପୁରରେ ରାତ୍ରିଯାପନ କରି ସୋମବାର ସକାଳେ ଦିଲ୍ଲୀ ଫେରିବା କାର୍ଯ୍ୟକ୍ରମ ରହିଛି।

ଗୋଟିଏ ଦିନରେ ନଡ୍ଡା ଓ ରାହୁଲ ପ୍ରଚାର ମଇଦାନକୁ ଓହ୍ଲାଇଥିବାରୁ ରାଜ୍ୟ ରାଜନୀତି ସରଗରମ ହେବାରେ ଲାଗିଛି। ଦୁଇ ହେଭିୱେଟ ନେତା ଓଡ଼ିଶା ଆସୁଥିବାରୁ କଂଗ୍ରେସ ଓ ଭାଜପା ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

## ଶ୍ୱାସରୁଦ୍ଧ ହୋଇ ୨ସମ୍ପର୍କୀୟ ଭାଇ ମୃତ



ଅଗ୍ନିଶମ ବାହିନୀର ଉଦ୍ଧାର କାର୍ଯ୍ୟ।

ତରଭା,୨୭।୪(ମାନଭଞ୍ଜନ ମିଶ୍ର)

### କୂଅରୁ ପଙ୍କୋଦ୍ଧାର ସମୟର ଘଟଣା

ସୁବର୍ଣ୍ଣପୁର ଜିଲା ତରଭା ଥାନା କମସରା ପଞ୍ଚାୟତର ଲେମ୍ବୁପାଲି ଗ୍ରାମରେ ଶନିବାର ଅପରାହ୍ନରେ ଏକ ଦୁଃଖଦ ଘଟଣା ଘଟିଛି। କୂଅରୁ ପଙ୍କୋଦ୍ଧାର ସମୟରେ ଶ୍ୱାସରୁଦ୍ଧ ହୋଇ ଦୁଇ ସମ୍ପର୍କୀୟ ଭାଇଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ମଦନ ମଝି(୨୯) ଓ ମନ କୁଅଁର(୫୨)। ଲେମ୍ବୁପାଲି ଗ୍ରାମର ମଦନ ମାଝି ତାଙ୍କ ସମ୍ପର୍କୀୟଙ୍କ ବାହାଘର ପାଇଁ କୂଅକୁ ସଫା କରିବା ସହ ପଙ୍କୋଦ୍ଧାର ପାଇଁ ଚାହିଁଥିଲେ। ଶନିବାର ମଦନ କୂଅ ସଫା କରିବା ପାଇଁ ଭିତରକୁ ଯାଇଥିଲେ। ଭିତରେ ସେ ଶ୍ୱାସରୁଦ୍ଧ ହୋଇ ବାହାରକୁ ଆସି ପାରି ନ ଥିଲେ। ସୂଚନା ପାଇ ପାଖରେ ଥିବା ସମ୍ପର୍କୀୟ ଭାଇ ମନ କୂଅ ଭିତରକୁ ପ୍ରବେଶ କରି ମଦନଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ତେବେ ସେ ମଧ ଶାସରୁଦ୍ଧ ହୋଇଯାଇଥିଲେ। ପୁରୁଣା ଏବଂ ୨୦ରୁ ୨୫ଫୁଟ ଗଭୀର କୂଅ ଭିତରେ ଅମ୍ଳଜାନର ଅଭାବ ହେତୁ ଉଭୟଙ୍କ ଜୀବନ ଯାଇଥିବା ଜଣାଯାଇଛି। ଖବର ପାଇ ତରଭା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ତରଭା ଡାକ୍ତରଖାନା ଆଣିଥିଲେ। ତେବେ ଡାକ୍ତରଖାନାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ତରଭା ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଜାରି ରଖିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଅନିତା କିଡୋ କହିଛନ୍ତି। କୂଅଭିତରୁ ମୃତକଙ୍କୁ ବାହାର କରିବା କାର୍ଯ୍ୟରେ ତରଭା ଅଗ୍ନିଶମ ଅଧିକାରୀ ଅନିଲ ମିଶ୍ର ଓ ଟିମ୍ ସାମିଲ ଥିଲେ। ମୃତକଙ୍କ ପରିବାରକୁ ସ୍ଥାନୀୟ ବିଧାୟକ ନିରଞ୍ଜନ ପୂଜାରୀଙ୍କ ତରଫରୁ ତରଭା ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ ଉଭୟ ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ଦୁଇ ସମ୍ପର୍କୀୟ ଭାଇଙ୍କ ଦୁଃଖଦ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ବିକାଶର ପରିଭାଷା ବଦଳିବା ଦରକାର: ୱାଙ୍ଗଚୁକ୍

ଭୁବନେଶ୍ୱର,୨୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

ହିମାଳୟର ସୁରକ୍ଷା କେବଳ ଲଦାଖ ନିମନ୍ତେ ନୁହେଁ ବରଂ ସମଗ୍ର ବିଶ୍ୱ ପାଇଁ। ଲଦାଖରେ ଆଜି ଯାହାସବୁ ହେଉଛି ତାହା ବିନାଶ ଆଡ଼କୁ ଟାଣି ନେଉଛି। ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ହୋଇଥିବାରୁ ନିଜର ପକ୍ଷ ରଖିବାକୁ କୌଣସି ଗଣତାନ୍ତ୍ରିକ ଆଧାରସ୍ତମ୍ଭ ନାହିଁ। ଲଦାଖରେ ପଶମ ଉତ୍ପାଦନ ପାଇଁ ଯେଉଁ ମେଣ୍ଢା ପାଳନ ହୁଏ, ସେହି ମେଷ ଚାରଣ ଭୂମି ସବୁକୁ ବିଭିନ୍ନ କର୍ପୋରେଟ ସଂସ୍ଥା ହାତକୁ ବଡ଼ ବଡ଼ ପ୍ରୋଜେକ୍ଟ ପାଇଁ ଲୋକଙ୍କ ସହ ବିନା ଆଲୋଚନାରେ ଟେକି ଦିଆଯାଉଛି। ଏହା କିଭଳି ବିକାଶ ? ଯଦି ମୁମ୍ବାଇ ସହର ମଝିରେ ଯେଉଁ ମାଟି ଅଛି, ତାହା ମୂର୍ତ୍ତି ଗଢ଼ିବା ନିମନ୍ତେ ଉତ୍କୃଷ୍ଟ ବୋଲି କୁହାଯାଏ, ସେମାନଙ୍କୁ କ'ଣ ସେଠାରୁ ବିସ୍ଥାପିତ କରାଯିବ। ଓଡ଼ଶାରେ ଯେପରି ଲୁହା, ମାଙ୍ଗାନିଜ, ଆଲୁମିନିୟମ, କୋଇଲା ନିମନ୍ତେ ବିସ୍ଥାପନ ଚାଲିଛି, ଲଦାଖରେ ସେମିତି ଲିଥିୟମ, ୟୁରାନିୟମ ନାଁରେ ବିସ୍ଥାପନ ଆରମ୍ଭ ହୋଇଛି। ଏହାକୁ ବିକାଶ ନୁହେଁ ବିନାଶ କୁହାଯିବ। ଏହି ବିକାଶର ପରିଭାଷା ବଦଳିବା ଦରକାର।



ସଭାରେ ଲୋହିଆ ଏକାଡେମୀ ପକ୍ଷରୁ ସୋନମ ୱାଙ୍ଗ୍‌ଚୁକ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରମଣ ମାଗ୍‌ସେସ୍ ସମ୍ମାନର ଅଧିକାରୀ ତଥା ଲଦାଖର ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସମସ୍ୟା ସମାଧାନ ପାଇଁ ସତ୍ୟାଗ୍ରହ କରି ଦେଶ ତଥା ବିଶ୍ୱରେ ଚର୍ଚ୍ଚାର ପରିସରକୁ ଆସିଥିବା ସୋନମ ୱାଙ୍ଗଚୁକ୍ ଏହା କହିଛନ୍ତି।

ଶନିବାର ଲୋହିଆ ଏକାଡେମୀଠାରେ ଜନଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଏବଂ ଇନ୍‌ସାଫ୍‌ର ମିଳିତ ଆନୁକୂଲ୍ୟରେ ଲଦାଖର ସମସ୍ୟା ଉପରେ ୱାଙ୍ଗଚୁକ୍ ବକ୍ତବ୍ୟ ରଖିଥିଲେ। ସେ ଆହୁରି କହିଥିଲେ ଯେ, ହିମାଳୟର ଗ୍ଲାସିଅର ତରଳିବା ଆରମ୍ଭ ହେଲାଣି। ଅନିୟମିତ ବର୍ଷା ଓ ବନ୍ୟା ଦେଖାଦେଲାଣି। ଯାହା ଏବେ ଘଟୁଛି, ସେପରି ଅତୀତରେ କେବେ ଘଟି ନ ଥିଲା। ଆଜି ଆମେ ବିକାଶ କହିଲେ ଅଭିବୃଦ୍ଧି ହାର ୮ ପ୍ରତିଶତ ଦରକାର, ପୁଣି ଜିଡିପି ୧୦ ପ୍ରତିଶତ ଆବଶ୍ୟକ ବୋଲି ବୁଝୁଛୁ। ଅଳ୍ପରେ ସନ୍ତୁଷ୍ଟ ହେବା ଗୁଣ ଭାରତୀୟଙ୍କର ଥିଲା। ମାତ୍ର ଏବେ ଏହା ଦେଖିବାକୁ ମିଳୁନାହିଁ। ଏହି ଗୁଣକୁ ପୁଣିଥରେ ଆପଣେଇବା ଦରକାର। ଅନ୍ୟ ଦେଶକୁ ଦେଖି ଆମେ ବିକାଶ କରିବା ପରିବର୍ତ୍ତେ ନିଜର ବିନାଶ କରୁଛୁ। ଭାରତ ଅନ୍ୟକୁ ଏହି ସବୁ ଶିଖାଇବା ଦରକାର। ବସୁଧୈବ କୁଟୁମ୍ବକମ୍ ନୀତିରେ ଭାରତ ବିଶ୍ୱଗୁରୁ ହୋଇପାରିବ। ଆମ ଜନ ଜାତିର ଲୋକେ ଯେଉଁମାନେ ପାହାଡ଼, ଜଙ୍ଗଲରେ, ଲଦାଖରେ ରହୁଛନ୍ତି ସେମାନଙ୍କଠାରୁ ଆମେ ଅଳ୍ପରେ ସନ୍ତୁଷ୍ଟ ହେବା ଶିଖିବା ସହ ଅନ୍ୟକୁ ଶିଖାଇବା ଆବଶ୍ୟକ। ବିଗତ ୫୦ ବର୍ଷରେ ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କର ୭୦ ପ୍ରତିଶତ ପ୍ରଜାତି ଲୋପ ପାଇସାରିଲେଣି। ୩୦ ପ୍ରତିଶତ ଜଙ୍ଗଲ ନଷ୍ଟ ହୋଇସାରିଲାଣି। ଆଉ ୫୦ ବର୍ଷରେ ଏମାନେ ପୂରା ଲୋପ ପାଇଯିବେ। ସେତେବେଳେ ଯାଇ ଆମର ଏହି ହାୱାମହଲ ତାସ୍ ଘର ଭଳି ଭୁଶୁଡ଼ିପଡ଼ିବ। ଆମେ ଏହି ଜୀବଜନ୍ତୁ, ଜଙ୍ଗଲ ଉପରେ ନିର୍ଭରଶୀଳ। ଏସବୁ ଲୋପ ପାଇଗଲା ପରେ ଆମେ ଏହି ପୃଥିବୀରେ ଏକା ରହିଯିବା। ଆଜି ଆମେ ଯାହା ଭୋଗୁଛୁ, ପରପିଢ଼ି ବେଳକୁ ସାଂଘାତିକ ହୋଇଯାଇଥିବ। ଯେତିକି ଜରୁରୀ, ଲୋକଙ୍କ ସହ ଚର୍ଚ୍ଚା କରି ସେତିକି ଖନନ କରାଯାଉ। ହେଲେ ବିକାଶ ନାଁରେ ଏହି ଅନ୍ଧ ବିନାଶ ଆମ ପାଇଁ ଗ୍ରହଣୀୟ ନୁହେଁ । ବିଶ୍ୱାସ ଅଛି ଯେଉଁମାନେ ଏହି ନିଷ୍ପତ୍ତି ନେଇଛନ୍ତି, ସେମାନଙ୍କ ହୃଦୟ ଦିନେ ନା ଦିନେ ତରଳିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀ ସମ୍ପାଦକ ଦେବପ୍ରସାଦ ରାୟ ଅଧ୍ୟକ୍ଷତା କରିଥିଲେ। ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ସ୍ୱାଗତ ଭାଷଣ ଓ ସର୍ବୋଦୟ ନେତା ଡା. ବିଶ୍ୱଜିତ ଧନ୍ୟବାଦ ଦେଇଥିଲେ। ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଲୋହିଆ ଏକାଡେମୀ ପକ୍ଷରୁ ୱାଙ୍ଗଚୁକ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇଁ ଶନିବାର ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଶ୍ରଦ୍ଧାଳୁଙ୍କ ନିମନ୍ତେ କାର୍ପେଟ ବିଛାଯିବା ସହ ପାଣି ସିଞ୍ଚନ କରାଯାଇଛି।

## କେନ୍ଦ୍ର ସାହିତ୍ୟ ଏକାଡେମୀର ବୃତ୍ତଚିତ୍ରକୁ ମଣିପୁରୀ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର,୨୭।୪(ଶର୍ମିଷ୍ଠା ପାଣିଗ୍ରାହୀ)

କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ନିର୍ମିତ ବୃତ୍ତଚିତ୍ରକୁ ମଣିପୁରୀ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଛି। ବୃତ୍ତଚିତ୍ରଟି ବିଶିଷ୍ଟ ମଣିପୁରୀ ଲେଖକ ଖୁମନ ପ୍ରକାଶ ସିଂହଙ୍କ ଉପରେ ଆଧାରିତ। ଶନିବାର ଇମ୍ଫାଲଠାରେ ଅନୁଷ୍ଠିତ ଏକ ବର୍ଣ୍ଣାଢ୍ୟ ସମାରୋହରେ ୧୫ତମ ମଣିପୁର ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ବିତରଣ ଉତ୍ସବରେ ମଣିପୁର ରାଜ୍ୟପାଳ ସୁଶ୍ରୀ ଅନୁସୂୟା ଉଇକେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟ ଏକାଡେମୀକୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଜୀବନୀ/କଳା ଏବଂ ସଂସ୍କୃତି ଚଳଚ୍ଚିତ୍ର ବିଭାଗରେ ମିଳିଥିବା ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଥିଲେ ଏକାଡେମୀର ସଚିବ ଡ. କେ. ଶ୍ରୀନିବାସ ରାଓ। ମଣିପୁର ସରକାରଙ୍କ ମୁଖ୍ୟ ଶାସନ ସଚିବ ଡ. ବିନୀତ ଯୋଶୀ ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ।

ସୂଚନାଯୋଗ୍ୟ, 'ଖୁମନ ପ୍ରକାଶ ସିଂ' ଶୀର୍ଷକ ଜୀବନୀମୂଳକ ବୃତ୍ତଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଅରିବମ ଶ୍ୟାମଶର୍ମା। ପୂର୍ବରୁ ଏହାକୁ ୨୦୨୩ ବର୍ଷର ଶ୍ରେଷ୍ଠ ଜୀବନୀ ବୃତ୍ତଚିତ୍ର ଘୋଷଣା କରାଯାଇଥିଲା। ଖୁମନ ପ୍ରକାଶ ସିଂ ବିଂଶ ଶତାବ୍ଦୀର ମଣିପୁରୀ ଲେଖକମାନଙ୍କ ମଧ୍ୟରୁ ଅନ୍ୟତମ। ଏକାଡେମୀର ଅଭିଲେଖାଗାର ପ୍ରକଳ୍ପରେ ବିଶିଷ୍ଟ ଭାରତୀୟ ଲେଖକ, କବି ଏବଂ ବିଦ୍ୱାନମାନଙ୍କ ଉପରେ ବୃତ୍ତଚିତ୍ର ପ୍ରସ୍ତୁତ କରାଯାଇଥାଏ। ଏପର୍ଯ୍ୟନ୍ତ ୧୭୨ଟି ବୃତ୍ତଚିତ୍ର ପ୍ରସ୍ତୁତ ହୋଇସାରିଛି। ଭାରତୀୟ ଲେଖକମାନଙ୍କ ଉପରେ ବୃତ୍ତଚିତ୍ର ନିର୍ମାଣ କରି ଏକାଡେମୀ ପ୍ରଥମ ଥର ପାଇଁ ରାଜ୍ୟସ୍ତରୀୟ ଚଳଚ୍ଚିତ୍ର ପୁରସ୍କାର ଲାଭ କରିଛି।

## ଜଙ୍ଗଲ ନିଆଁରେ ଓଡ଼ିଶା ଦେଶରେ ପ୍ରଥମ

ଭୁବନେଶ୍ୱର,୨୭।୪(ଅସମାପିକା ସାହୁ)

ସାରା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବାବେଳେ ଜଙ୍ଗଲ ନିଆଁ ବନ ବିଭାଗକୁ ଚିନ୍ତାରେ ପକାଇଦେଇଛି। ତେବେ ବନ ବିଭାଗର ତ୍ୱରିତ ପଦକ୍ଷେପ ଏବଂ ସମସ୍ତ ବ୍ୟବସ୍ଥା ଯୋଗୁ ଗତବର୍ଷ ତୁଳନାରେ ରାଜ୍ୟରେ ଜଙ୍ଗଲ ନିଆଁ କମ୍ ଥିବା ଜଣାପଡ଼ିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ(ଏଫ୍‌ଏସ୍‌ଆଇ)ର ତଥ୍ୟାନୁସାରେ, ସାରା ଦେଶରେ ଶନିବାର ୧୪୦ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଥିବାବେଳେ ଓଡ଼ିଶାରେ ସର୍ବାଧିକ ୪୧ଟି ସ୍ଥାନରେ ଲାଗିଛି। ସେହିପରି ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିବାରେ ଗତ ୨୦ତାରିଖରୁ ୭ଦିନ ମଧ୍ୟରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନରେ ରହିଛି। ତେବେ ଗତବର୍ଷ ତୁଳନାରେ ରାଜ୍ୟରେ ଜଙ୍ଗଲ ନିଆଁ କମ୍ ରହିଛି।



ଗତବର୍ଷ ଏହି ସମୟରେ ୩୮ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଲାଗିଥିବା ବେଳେ ଏବର୍ଷ ୧୬ହଜାରରୁ ଅଧିକ ସ୍ଥାନରେ ନିଆଁ ଚିହ୍ନଟ ହୋଇଛି। ସେହିଭଳି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣରେ ଚଳିତବର୍ଷ ଶନିବାର ସୁଦ୍ଧା ୩୧୮ଟି ପଏଣ୍ଟରେ ନିଆଁ ଚିହ୍ନଟ ହୋଇଛି।

ଏଫ୍‌ଏସ୍‌ଆଇର ଗତ ୫ବର୍ଷର ତଥ୍ୟକୁ ଦେଖିଲେ ଶିମିଳିପାଳରେ ଚଳିତ ବର୍ଷ କମ୍ ସ୍ଥାନରେ ନିଆଁ ଲାଗିଥିବା ଦେଖାଯାଇଛି। ୨୦୨୦ରେ ଜାନୁଆରୀରୁ ଏପ୍ରିଲ ମାସ ଭିତରେ ୫୯୯ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିବାବେଳେ ୨୦୨୧ରେ ୨,୮୬୧, ୨୦୨୨ରେ ୩୧୯, ୨୦୨୩ରେ ୧,୪୫୬ଟି ସ୍ଥାନରେ ନିଆଁ ଲାଗିଥିବା ଚିହ୍ନଟ ହୋଇଛି। ତେବେ ଗତ ଜାନୁଆରୀରୁ ଏପ୍ରିଲ ୨୭ ମଧ୍ୟରେ ଶିମିଳିପାଳରେ ୩୧୮ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡ଼ିଛି।

### ଶିକାରୀଙ୍କୁ ଧରୁଛି କ୍ୟାମେରା

ବନ ବିଭାଗର ସୂଚନାନୁସାରେ, ଶିମିଳିପାଳରେ ୩୦୦ ଫାୟାର ସ୍କ୍ୱାଡ୍ ନିୟୋଜିତ ହୋଇଥିବାବେଳେ ୩୦ଜଣ ପୂର୍ବତନ କର୍ମଚାରୀ, ଓତ୍ରାଫର ୫୨ଜଣ, ୨୨ଟି ସ୍ୱତନ୍ତ୍ର ଗାଡ଼ି, ଫାୟାର ସ୍କ୍ୱାଡ୍ ପାଇଁ ୨୦ଟି ଗାଡ଼ି, ଫାୟାର ବ୍ଲୋୟର୍ସ ୪୬୦ଟି ଦିଆଯାଇଛି। ସେପଟେ ଜଙ୍ଗଲ ନିଆଁ ୯୦ପ୍ରତିଶତ ମନୁଷ୍ୟକୃତ ହୋଇଥାଏ। ଶିକାର କରିବା ପାଇଁ ହେଉ ବା ମହୁଲ ଆଣିବା ପାଇଁ ଜଙ୍ଗଲରେ ଅଧିକାଂଶ ସ୍ଥାନରେ ନିଆଁ ଲଗାଇଥାନ୍ତି। ଏଭଳି ସ୍ଥଳରେ ସେମାନଙ୍କୁ ଧରିବା ପାଇଁ ମଧ ବନ ବିଭାଗ ଏଥର କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏହି ଘଟଣାରେ ୬୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ବନ ବିଭାଗ ଧରିସାରିଲାଣି। ଶୁକ୍ରବାର ବିଳମ୍ବିତ ରାତିରେ ବନ ବିଭାଗ ତରଫରୁ ତିନିଜଣଙ୍କୁ ଗିରଫ କରାଯାଇଛି। କଳାହାଣ୍ଡି ଜିଲାର କର୍ଲାପାଟ ଅଭୟାରଣ୍ୟରେ ତିନିଜଣ ଜଙ୍ଗଲ ନିଆଁ ଲଗାଇବାକୁ ଯାଉଥିବାବେଳେ କ୍ୟାମେରା ଟ୍ରାପ୍‌ରେ ଧରାପଡ଼ିଥିଲେ। ବିଭାଗ ସେମାନଙ୍କୁ ଧରିବା ସହିତ ଦୁଇଟି ଦେଶୀ ରାଇଫଲ ଜବତ କରିଛି। ସେପଟେ କ୍ୟାମେରା ଯୋଗୁ ଏବେ ଶିକାର କରିବାକୁ ଯାଉଥିବା ଶିକାରୀ ବି ଧରାପଡ଼ିଯାଉଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ନୟାଗଡ଼ ଦଶପଲ୍ଲାରେ ତିନିଜଣ ଶିକରୀଙ୍କୁ କ୍ୟାମେରା ଟ୍ରାପ୍‌ରେ କ୍ଷେତ୍ରୀୟ କର୍ମଚାରୀ ଧରିଛନ୍ତି। ସେମାନଙ୍କୁ ଗିରଫ କରିବା ସହିତ ତାଙ୍କ ପାଖରୁ ଗୋଟିଏ ବନ୍ଧୁକ, ଶମ୍ବର ଏବଂ କୁଟୁରା ଶିଙ୍ଘ ମଧ ଜବତ କରାଯାଇଛି। ସୂଚନାଯୋଗ୍ୟ, ଗତ ମାସରେ ବିଭାଗ ଓଡ଼ଗାଁ, ନୟାଗଡ଼, ଖଣ୍ଡପଡ଼ାରୁ ୬ଟି ବନ୍ଧୁକ ଜବତ କରିବା ସହିତ ବହୁଜଣଙ୍କୁ ଗିରଫ କରିବାରେ ସଫଳତା ପାଇଛି।

## ବନ୍ୟଜନ୍ତୁ ଶିକାର ପୂର୍ବରୁ ମାଡ଼ିବସିଲା ବନ ବିଭାଗ

ଭବାନୀପାଟଣା,୨୭।୪(ଉତ୍ତମ କୁମାର ଦାଶ)

### ୩ ଶିକାରୀ ଗିରଫ, ବନ୍ଧୁକ ଜବତ

କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ କର୍ଲାପାଟ ସେଞ୍ଚୁରୀ ରେଞ୍ଜ ଅନ୍ତର୍ଗତ ଶଗଡା ସେକ୍ସନର ଉତ୍ତୁଙ୍ଗ ଗ୍ରାମରେ ଶନିବାର ବନବିଭାଗ ଚଢାଉ କରି ୩ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୨ଟି ଦେଶୀ ବନ୍ଧୁକ ଓ ଗୋଟିଏ ଧନୁତୀର ମଧ ଜବତ କରାଯାଇଛି। ଗିରଫ ଶିକାରୀମାନେ ହେଲେ ଉତ୍ତୁଙ୍ଗ ଗ୍ରାମର କପୁର ମାଝି, ସୁରେଶ ମାଝି ଓ କୁନ୍ଦା ମାଝି। ଏହି ଶିକାରୀମାନେ କର୍ଲାପାଟ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶୀକାର କରିବାକୁ ଯୋଜନା କରିଥିଲେ। ହେଲେ ଏହା ପୂର୍ବରୁ ସ୍ଥାନୀୟ ବନବିଭାଗ ଜାଣିପାରି ସେମାନଙ୍କ ଘର ଉପରେ ଚଢାଉ କରି ବନ୍ୟଜନ୍ତୁ ସୁରକ୍ଷା ଆକ୍ଟ ୧୯୭୨ ଅନୁଯାୟୀ ସେମାନଙ୍କୁ ଗିରଫ କରିଥିଲା। ଗିରଫ ପରେ ସେମାନଙ୍କୁ ଭବାନୀପାଟଣା ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ କର୍ଲାପାଟ ରେଞ୍ଜ ଅଧିକାରୀ ରମେଶ ରାଉତ, ଶଗଡା ଫରେଷ୍ଟର ଯୋଗେନ୍ଦ୍ର ମାଝି, କର୍ଲାପାଟ ଫରେଷ୍ଟର ବିଜୟ ଗୋପାଳ ପ୍ରମୁଖ ସାମିଲ ଥିଲେ।

# ଆଶ୍ରମ ସ୍କୁଲ ଛାତ୍ରବୃତ୍ତି ଟଙ୍କା ହେରଫେର

**ଝାରସୁଗୁଡା,୨୭।୪(ସଞ୍ଜୟ ମାଲି)**

ସଦର ବ୍ଲକ ସ୍ଥିତ ଦେବାଡିହି ଗ୍ରାମରେ ଥିବା ଆଶ୍ରମ ସ୍କୁଲରେ ଛାତ୍ର ବୃତ୍ତି ଟଙ୍କା ହେରଫେରକୁ ନେଇ ଲୋକେ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। କରୋନା ମହାମାରୀରେ ସ୍କୁଲ ବନ୍ଦ ଥିବା ସମୟରେ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଆସିଥିବା ଛାତ୍ର ବୃତ୍ତି ଟଙ୍କା କେତେଜଣ ଅଭିଭାବକ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେତେବେଳେ ଦେବାଡିହି ଗ୍ରାମର ବାସିନ୍ଦା ତ୍ରିଲୋଚନ ଦନସେନା (୫୦) ଯେତେବେଳେ ଏହି ଖବର ପାଇଲେ ସେ ତୁରନ୍ତ ଛାତ୍ର ବୃତ୍ତି ଟଙ୍କା କେତେ ଆସିଛି ଓ କେତେ ପ୍ରଦାନ କରାଯାଇଛି ଝାରସୁଗୁଡା ଜିଲାପାଳ କାର୍ଯ୍ୟାଳୟରୁ ଆରଟିଆଇ ମାଧ୍ୟମରେ ତଥ୍ୟ ମାଗିଥିଲେ। ଦନସେନା ୨୦୨୨-୨୩ ବର୍ଷରେ ଦେବାଡ଼ିହି ଆଶ୍ରମ ସ୍କୁଲର ପରିଚାଳନା କମିଟିର ଅଧ୍ୟକ୍ଷ ଥିଲେ। ସେହି ସମୟରେ ହିଁ ସେ ଜାଣିବାକୁ ପାଇଥିଲେ ଯେ ସ୍କୁଲରେ ଅନେକ ଘୋଟାଲା ଚାଲିଛି। କରୋନା ମହାମାରୀ ସମୟରେ ଆଶ୍ରମ ସ୍କୁଲର ତୃତୀୟ ଶ୍ରେଣୀରେ ପଢୁଥିବା ଛାତ୍ର ପୁରୁଷୋତ୍ତମ ଦନସେନାଙ୍କ ନଭେମ୍ବର ୨୦୨୦ରୁ ମାର୍ଚ୍ଚ ୨୦୨୧ ପାଞ୍ଚ ମାସର ଛାତ୍ର ବୃତ୍ତି ୩୭୫୦ ଟଙ୍କା ଆସିଥିଲା ଓ ୧୯।୮।୨୦୨୧ ତାରିଖ ବାପାଙ୍କ ଦସ୍ତଖତ ନେଇ ତାଙ୍କୁ ଟଙ୍କା ପ୍ରଦାନ କରାଯାଇଥିବା ତଥ୍ୟରେ ଦର୍ଶାଯାଇଛି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

ହେଲେ ତାଙ୍କ ବାପାଙ୍କ ୧୦ମାସ ଆଗରୁ ଅର୍ଥାତ ୧୩।୯।୨୦୨୦ ତାରିଖ ମୃତ୍ୟୁ ହୋଇଯାଇଛି। ତେବେ ମୃତ ବ୍ୟକ୍ତି ଜଣକ କିପରି ଭାବେ ଦସ୍ତଖତ କରି ଟଙ୍କା ନେଲେ। ଠିକ ସେହିପରି ପଞ୍ଚମ ଶ୍ରେଣୀ ଛାତ୍ର ଦେବାଶିଷ ପ୍ରଧାନ ୧୯।୮।୨୦୨୧ ତାରିଖ ଛାତ୍ର ବୃତ୍ତି ଟଙ୍କା ଗ୍ରହଣ ସମୟରେ ଛାତ୍ର କିମ୍ବା ଅଭିଭାବକଙ୍କ ଦସ୍ତଖତ ଥିବା କଥା ସେଠାରେ ରାଜେଶ ଖଡ଼ିଆ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦସ୍ତଖତରେ ଟଙ୍କା ଉଠାଯାଇଛି। ସେହିପରି ଯାଦବ ଦନସେନା ନାମକ ଛାତ୍ରଙ୍କ ଛାତ୍ରବୃତ୍ତି ଟଙ୍କା ଉଠାଣରେ ପୃଥକ ରାଜ କିଷାନ ନାମକ ଅନ୍ୟ ଜଣେ ବ୍ୟକ୍ତିଙ୍କ ଦସ୍ତଖତ ରହିଛି। ଏହିପରି ଭାବରେ ଏହି ଆଶ୍ରମ ସ୍କୁଲରେ ଛାତ୍ରବୃତ୍ତି ଟଙ୍କା ହଡ଼ପ ହୋଇଛି। ତଥ୍ୟ ଅନୁଯାଇ କରୋନା ସମୟରେ ସରକାର ଏକ ବର୍ଷ ମଧ୍ୟରେ ୮ଟି କିସ୍ତିରେ ମୋଟ ୨୪ଲକ୍ଷ ୧୫ ହଜାର ୪୦୦ ଟଙ୍କା ଉଭୟ ଏସ୍‌ଟି ଏସସି ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ପାଇଁ ଛାତ୍ରବୃତ୍ତି ଟଙ୍କା ସରକାର ପ୍ରଦାନ କରିଥିଲେ। ତଥ୍ୟ ଆଧାରରେ ଆଶ୍ରମ ସ୍କୁଲ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ୨୧ ଲକ୍ଷ ୯୬ ହଜାର ୯୦୦ ଟଙ୍କା ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ବଳକା ୨ ଲକ୍ଷ ୧୮ ହଜାର ୫୦୦ ସହ ଟଙ୍କା ଗଲା କୁଆଡେ। ଜଣ ଜଣ ଛାତ୍ରଛାତ୍ରୀଙ୍କୁ ଗୋଟିଏ ତାରିଖରେ ଦୁଇ ଥରରୁ ତିନି ଥର ଟଙ୍କା ତାଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି ଅଥବା ନଗଦ ଦିଆଯାଇଥିବା ତଥ୍ୟରେ ଦର୍ଶାଯାଇଛି। ଯେତେବେଳେ ଏହି ତଥ୍ୟ କୁ ନେଇ ତ୍ରିଲୋଚନ ଦନସେନା ସେଇ ସମୟରେ ଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଟଙ୍କା ହେରଫେର କଥା ପଚାରିବାରୁ ଦନସେନାଙ୍କୁ ମାରପିଟ କରିଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଥିଲା ଏବଂ ଥାନାରେ ମଧ୍ୟ ଏକ କେସ ରୁଜୁ ହୋଇଥିଲା। ଅନ୍ତେବାସୀ ଛାତ୍ରମାନଙ୍କ ମାସକୁ୭୫୦ ଟଙ୍କା ହିସାବରେ ପ୍ରଥମ ତିନି ମାସରେ ୨୨୫୦ ଟଙ୍କା ଓ ଛାତ୍ରୀମାନଙ୍କ ୮୦୦ ହିସାବରେ ୨୪୦୦ ଟଙ୍କା। ଦ୍ୱିତୀୟ କିସ୍ତିରେ ଛାତ୍ରମାନଙ୍କ ଚାରି ମାସର ୩୦୦୦ ଟଙ୍କା ଓ ଛାତ୍ରୀମାନଙ୍କ ୩୨୦୦ ଟଙ୍କା। ତୃତୀୟ କିସ୍ତିରେ ଛାତ୍ରମାନଙ୍କ ପାଞ୍ଚ

### ଜାଲ୍ ଦସ୍ତଖତରେ ଟଙ୍କା ହଡ଼ପ ଅଭିଯୋଗ

ମାସର ୩୭୫୦ ଟଙ୍କା ଓ ଛାତ୍ରୀମାନଙ୍କ ୪୦୦୦ ଟଙ୍କା ୧୫।୦୯।୨୦୨୧ ତାରିଖ ଦିନ ପ୍ରଦାନ କରାଯାଇଥିବା ଦର୍ଶାଯାଇଛି। ହେଲେ ମିଳିଥିବା ଆରଟିଆଇ ତଥ୍ୟ ଅନୁଯାଇ ଅନେକ ଛାତ୍ରୀଛାତ୍ରଙ୍କୁ ତୃତୀୟ ଥରର କିସ୍ତି ଦୁଇରୁ ତିନି ଥର ପ୍ରଦାନ କରାଯାଇଛି ବୋଲି ଦର୍ଶାଯାଇଛି। ଜଣେ ଛାତ୍ରଛାତ୍ରୀ ଗୋଟିଏ କିସ୍ତି ଥରେ ପାଇବା କଥା ହେଲେ କେମିତି ସେମାନଙ୍କୁ ଦୁଇରୁ ତିନି ଥରରେ ଟଙ୍କା ପ୍ରଦାନ କରାଯାଉଛି। ଏହି ତଥ୍ୟ ଓ କଥାରୁ ଜଣାପଡୁଛି ଯେ ଗତ କରୋନା ସମୟରେ ଏହି ଆଶ୍ରମ ସ୍କୁଲରେ ଟଙ୍କା ହେରଫେର ହୋଇଛି। ଏହି ଦୁର୍ନୀତିକୁ ନେଇ ଶୁକ୍ରବାର ଝାରସୁଗୁଡା ଜିଲା ସମ୍ମିଳିତ ଆଦିବାସୀ ସମାଜ ଓ ଦେବାଡ଼ିହି ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଝାରସୁଗୁଡା ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦାଖଲ ସମୟରେ ସ୍କୁଲ ପରିଚାଳନା କମିଟିର ପୂର୍ବତନ ସଭାପତି ତ୍ରିଲୋଚନ ଡନସନା, ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ, ଉପଦେଷ୍ଟା ପ୍ରଭାକର ଓରାମ, ଅଭିଭାବକ ବିଜୟ କିଷାନ, ନିରାକାର ପ୍ରଧାନ, ସଞ୍ଜୁ କଣ୍ଡରା, ତୋଫାନ ନାଏକ, ସୁଜିତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ୨୧୦୦ ଦୀପଦାନ କଲେ ମହିଳା



ମହିଳାମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଟିଟିଲାଗଡ,୨୭।୪(ଶରତ ମିଶ୍ର)**

ନିର୍ବାଚନ ଯେତେ ପାଖେଇ ଆସୁଛି ନିର୍ବାଚନୀ ଉଷ୍ମତା ସେତେ ବଢିବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଶନିବାର ସ୍ଥାନୀୟ ଅଞ୍ଚଳର ୧ ହଜାରରୁ ଉର୍ଦ୍ଧ୍ୱ ମହିଳା ଏକତ୍ରିତ ହୋଇ ଟିଟିଲାଗଡ଼ ସହରରେ ଶୋଭାଯାତ୍ରା କରିଥିଲେ। ଏଥିସହ ମା' ଘଣ୍ଟାଶୁଣି ମନ୍ଦିରରେ ଏକୋଇଶି ଶହ ଦୀପ ଦାନ କରିବା ସହ ବିଜେଡି ପ୍ରାର୍ଥିନୀ ଟୁକୁନି ସାହୁଙ୍କ ବିଜୟ ନେଇ ପୂଜାର୍ଚ୍ଚନା କରିଛନ୍ତି। ମହିଳାମାନେ ଟିଟିଲାଗଡ଼ ସହରସ୍ଥିତ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସହରର ପୁରୁଣା ବ୍ୟାଙ୍କ ଛକ, ମାଉସୀ ମା' ମନ୍ଦିର ଛକ, ଡେଲି ମାର୍କେଟ, ସୁଭାଷ ଚନ୍ଦ୍ର ବୋଷ ଛକ , ହାଟପଦାପଡା ଦେଇ ମା' ଘଣ୍ଟାଶୁଣି ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ

### ବିଜେଡି ପ୍ରାର୍ଥୀ ଟୁକୁନୀ ସାହୁଙ୍କ ବିଜୟ ପ୍ରାର୍ଥନା

ଭଜନ, କୀର୍ତ୍ତନ ସାଙ୍ଗକୁ ଘଣ୍ଟବାଦ୍ୟରେ ସହରରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ମହିଳାମାନେ ମା' ଘଣ୍ଟାଶୁଣି ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ବିଜେଡି ପ୍ରାର୍ଥିନୀ ତଥା ମନ୍ତ୍ରୀ ଟୁକୁନି ସାହୁଙ୍କ ହ୍ୟାଟ୍ରିକ ବିଜୟ କାମନା କରିଥିଲେ। ଟିଟିଲାଗଡ଼ ପୋଲିସ ତରଫରୁ ସହରର ଟ୍ରାଫିକ ନିୟନ୍ତ୍ରଣ ତଥା ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଉପସ୍ଥିତ ମହିଳାଙ୍କ ସହ ପ୍ରାର୍ଥିନୀ ଟୁକୁନି ସାହୁ ମଧ୍ୟ ହାତରେ ଦୀପ ନେଇ ସହର ପରିକ୍ରମା କରିବା ଦୃଶ୍ୟ ଅତି ନିଆରା ରହିଥିଲା।



ଶନିବାର ସମ୍ବଲପୁର ମହାନଦୀ ନନ୍ଦପଡା ଘାଟରେ ପ୍ରଦୂଷିତ ପାଣିରେ ୨ଜଣ ବ୍ୟକ୍ତି ଗାଧୋଉଛନ୍ତି।

# ଖାଉଟିଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପୁଷ୍ଟିକର ଖାଦ୍ୟଦ୍ରବ୍ୟ ପ୍ରସ୍ତୁତି

**ପଦ୍ମପୁର, ୨୭।୪ (ପ୍ରଦୀପ୍ତ ଦାଶ)**

ପଦ୍ମପୁରଠାରେ ଭିତ୍ତିଭୂମି ଦ୍ୱାରା ପରିଚାଳିତ କ୍ରୋପ୍ସଫରଏଚଡି ପ୍ରକଳ୍ପ ଦ୍ୱାରା ଅଞ୍ଚଳରେ ଥିବା ଆରୋଗ୍ୟ ଅମୃତତୂଲ୍ୟ ଚା ସେଣ୍ଟରଠାରେ ପୃଷ୍ଟିକର ମାଣ୍ଡିଆରୁ ପ୍ରସ୍ତୁତ ଚା, କଫି, କେକ, ଏବଂ ପ୍ରଚଣ୍ଡ ଖରାରୁ ମୁକ୍ତି ପାଇବା ପାଇଁ ମାଣ୍ଡିଆ ଚଲ୍ହା, ମାଣ୍ଡିଆ ଲସି ଭଳି ସୁସ୍ୱାଦୁ ଦ୍ରବ୍ୟ ପ୍ରସ୍ତୁତି ଏବଂ ବିକ୍ରୟ କରିବାର ଯୋଜନା କରି ଏକ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦେସିକାଫେ, ବରଗଡ଼ର ପ୍ରଭାସିନୀ ମେହେର ସମସ୍ତ ଖାଦ୍ୟଦ୍ରବ୍ୟର ପ୍ରସ୍ତୁତ ପ୍ରଣାଳୀ ବିଷୟରେ ତାଲିମ ଦେଇଥିଲେ। ପରିଚାଳକ ଶୁଭଶ୍ରୀ ଦେବତା ଏବଂ ମିଳନ ପାଣିଗ୍ରାହୀ, ମିଲେଟ ମିଶନ କାଫେ ପରିଚାଳକ ସଦସ୍ୟା ତାଲିମ ନେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୱାସନର ଜିଲା ପ୍ରକଳ୍ପ ପରିଚାଳକ ସବ୍ୟସାଚୀ ହନୁମାନ ସମେତ ବିମଳ କୃଷି ଉତ୍ପାଦକ କମ୍ପାନୀର ସି.ଇ.ଓ ତରଣୀ ଦାରୀ, ମିଲେଟ ମିଶନର ବ୍ଲକ ପରିଚାଳକ ଟୁଲେଶ୍ୱର ବୈକାର ମାଣ୍ଡିଆର ଉପକାରିତା ବିଷୟରେ ଖାଉଟିଙ୍କୁ ବୁଝାଇ ଥିଲେ। କାର୍ଯ୍ୟକ୍ରମରେ ଭିତ୍ତିଭୂମିର କାହ୍ନୁ ମିଶ୍ର, ବାବୁଲୁ ବର୍ଗତି, ଶୁକଦେବ ସ୍ୱାଇଁ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ସ୍ୱାଧୀନ ପ୍ରାର୍ଥୀଙ୍କୁ ସମର୍ଥନ କଲା ବିଶ୍ୱାବସୁ ଶବର ସମାଜ



ସ୍ୱାଧୀନ ପ୍ରାର୍ଥୀ ଭୋଟ ଭିକ୍ଷା କରୁଛନ୍ତି।

**ନୂଆପଡ଼ା,୨୭।୪ (ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ସିଳଭା ପଞ୍ଚାୟତ ପଟପରପାଲି ଗାଁଠାରେ ଶନିବାର ବିଶ୍ୱବସୁ ଅଶୀଘର ଶବର ସମାଜ ପାଞ୍ଚପାଲି ଗୁଡା ସର୍କଲ ସିଳଭା କେନ୍ଦ୍ରର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବରେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ଘାସିରାମ ମାଝିଙ୍କୁ ଶବର ସମାଜ ସମର୍ଥନ ଜଣାଇଛି। ଶବର ସମାଜ ଜିଲା ସଭାପତି ସୋମନାଥ ଖମାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ସ୍ୱାଧୀନ ପ୍ରାର୍ଥୀ ଘାସିରାମ ମାଝି, ଖାମସିଂ ମାଝି, ଭାନୁ ପ୍ରତାପ ସିଂ ମାଝି, ବାଲକୃଷ୍ଣ ଶବର, ଜୟରାମ ଶବର, ଗୋଣ୍ଡ ସମାଜ ଜିଲା ସଭାପତି ଦିବ୍ୟସିଂ ମାଝି, ଅଖିଳ ଶବର, ଗରିବସେନା ଆବାହକ ରବି ମଙ୍ଗରାଜ, ଗୋବର୍ଦ୍ଧନ ଶବର, ସିଦ୍ଧେଶ୍ୱରୀ ଠାକୁର, ସରୋଜିନୀ ମାଝି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। କର୍ମକର୍ତ୍ତାମାନେ ଦର୍ଶାଇଥିଲେ, କେନ୍ଦ୍ର ତଥା ରାଜ୍ୟ ସରକାର ଆଦିବାସୀ, ହରିଜନ ଓ ପଛୁଆ ବର୍ଗର ଲୋକଙ୍କୁ ଅଣଦେଖା କରୁଛନ୍ତି। ପଶ୍ଚିମ ଓଡିଶାକୁ ଅଣଦେଖା କରି ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଅର୍ଥନୈତିକ, ରାଜନୈତିକ କ୍ଷେତ୍ରରେ ମଧ୍ୟ ଅବହେଳା କରିଆସୁଛନ୍ତି। ଫଳରେ ଆଦିବାସୀମାନେ ବହୁ ପଛରେ ପଡିଯାଇଛନ୍ତି। ଅଞ୍ଚଳର ଜଣେ ଆଦିବାସୀ ସମ୍ପ୍ରଦାୟର ନେତାଙ୍କୁ ବିଧାୟକ କରି ବିଧାନସଭାକୁ ପଠାଇଲେ ଆଦିବାସୀଙ୍କ ବିକାଶ ହେବ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଆସିଥିବା ଘାସିରାମ ମାଝିଙ୍କୁ ସମର୍ଥନ କରିଥିବା କହିଛନ୍ତି ।

# ଜଙ୍ଗଲ ଜମିରେ ରାସ୍ତା କାମକୁ ବନ ବିଭାଗର ବିରୋଧ

**ଖୁଣ୍ଟିଗୋରା,୨୭।୪( ମକରନ୍ଦ ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ନାରାୟଣ ପ୍ରସାଦରୁ ନାଦେନ,କଲରାକୁଠା ଓ ଖୁଣ୍ଟିଗୋରାକୁ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର ହୋଇ ରାସ୍ତା କାମ ପାଇଁ କାର୍ଯ୍ୟାଦେଶ ଦିଆଯାଇଥିଲା । ଏହି ୧୪ କିମି ରାସ୍ତା ଜଙ୍ଗଲ ମଧ୍ୟ ଦେଇ ଯାଇଥିବା ବେଳେ

### ଗ୍ରାମବାସୀ ବନ କର୍ମଚାରୀଙ୍କୁ ରଖିଲେ ଅଟକ

ରାସ୍ତା ନିର୍ମାଣ ପାଇଁ ଅଞ୍ଚଳବାସୀ ବହୁ ଉତ୍ସାହିତ ଥିଲେ। ଗତ ଶୁକ୍ରବାର ଦିନ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରାସ୍ତା ଜଙ୍ଗଲ ମଧ୍ୟରେ ଥିବାରୁ ଜଙ୍ଗଲ ବିଭାଗର ଅନୁମତି ନ ଥିବାରୁ ବନ ବିଭାଗ ପକ୍ଷରୁ ରାସ୍ତା କାମକୁ ବନ୍ଦ କରି ଦିଆଯାଇଥିଲା। ଫଳରେ ନାଦେନ ଗ୍ରାମବାସୀ ରାସ୍ତା କାମ ବନ୍ଦ ପରେ ଉତ୍ତ୍ୟକ୍ତ ହୋଇ ଯାଇଥିଲେ ଓ ମନା କରିବାକୁ ଯାଇଥିବା ଫରେଷ୍ଟ ଗାର୍ଡଙ୍କୁ ଅଟକ ରଖିଥିଲେ। ଗାର୍ଡଙ୍କୁ ଅଟକ ରଖିବା ପରେ ଘଟଣାସ୍ଥଳରେ ରେଞ୍ଜର କ୍ଷୀରାବ୍ଧି ପ୍ରଧାନ, ଫରେଷ୍ଟର ରଞ୍ଜନ କୁମାର ସେଠୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଇଥିଲେ। କିନ୍ତୁ ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଥିଲେ। କିଛି ସମୟ ପରେ ଘଣ୍ଟାପଡା ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଲୋକେ ଆଦୌ ଶୁଣି ନ ଥିଲେ। ଶେଷରେ ବନ କର୍ମଚାରୀମାନେ ଘଟଣାରୁ ପଳାଇ ଆସିଥିଲେ। ଅଟକ ରଖାଯାଇଥିବା ଫରେଷ୍ଟ ଗାର୍ଡଙ୍କୁ ପରେ ଛାଡି ଦିଆଯାଇଥିବା ଜଣାପଡିଛି।

# ବିଜେଡି ସ୍ୱାଭିମାନ ମଞ୍ଚର କର୍ମୀ ସମ୍ମିଳନୀ

**ଲୋଇସିଂହା,୨୭।୪(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଆଦିବାସୀ ଭବନ ପ୍ରାଙ୍ଗଣରେ ଲୋଇସିଂହା ନିର୍ବାଚନମଣ୍ଡଳୀ ବିଜେଡି ସ୍ୱାଭିମାନ ମଞ୍ଚର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସ୍ୱାଭିମାନ ମଞ୍ଚର ପ୍ରତିବାଦ ସତ୍ତ୍ୱେ ଲୋଇସିଂହା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲୋଇସିଂହା, ଆଗଲପୁର ଓ ପୁଇଁତଲା ବ୍ଲକ କର୍ମୀଙ୍କୁ ପ୍ରାର୍ଥୀ ନ କରି ବାହାର ଅଞ୍ଚଳର ବ୍ୟକ୍ତିଙ୍କୁ ଦଳ ବିଧାୟକ ପ୍ରାର୍ଥୀ କରିଥିବାରୁ ସମ୍ମିଳନୀରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଆଗାମୀ ରଣନୀତି କ'ଣ ରହିବ ଏନେଇ ଉପସ୍ଥିତ କର୍ମୀଙ୍କ ମତାମତ ଲୋଡା ଯାଇଥିଲା। ଝସକେତନ ମହାନନ୍ଦଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀର ସଭାପତି ସୀତାକାନ୍ତ ସାଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ବିଜେଡରୁ ଆଶାୟୀ ଥିବା ନବକିଶୋର ନାଏକ, ପ୍ରହଲ୍ଲାଦ ସୁନା, ବିଜ୍ଞାନ କମ୍ଭାରଙ୍କ ସମେତ ଶାନ୍ତନୁ ହୋତା, ଶେଷଦେବ ପାଢୀ ,ଅନନ୍ତ ସାହୁ , ସୁବଳ ଖାମରୀ ପ୍ରମୁଖ ମଞ୍ଚାସୀନ ହୋଇ ବକ୍ତବ୍ୟ ରଖିଥିଲେ। ୨୦୧୯ ନିର୍ବାଚନରେ ଇଂ ପ୍ରଦୀପ ବେହେରା ବିଜେଡିରୁ ଟିକେଟ ପାଇ ନିର୍ବାଚନ ଲଢିଥିଲେ। ହେଲେ ସେତେବେଳେ ଆଶାୟୀ ଥିବା କେତେକ ଦଳ ବିରୋଧୀ କାର୍ଯ୍ୟ କରିଥିବା ସେମାନେ ଅଭିଯୋଗ କରିଛନ୍ତି। ଦଳ ବିରୋଧୀ କାର୍ଯ୍ୟ ଯୋଗୁ ବିଜେଡି ପ୍ରାର୍ଥୀ ପରାଜୟ ହୋଇଥିବା ସେମାନେ ଅଭିଯୋଗ କରିଥିଲେ। ସେଭଳି ବ୍ୟକ୍ତିଙ୍କୁ ମଧ୍ୟ ଏହି ନିର୍ବାଚନରେ ଉପଯୁକ୍ତ ଜବାବ ଦେବାକୁ ସେମାନେ ସମ୍ମିଳନୀରେ ଶପଥ ନେଇଥିବା ଜଣାଯାଇଛି । ଏହି ଅଭିଯାନକୁ ଜୋରଦାର କରିବା ପାଇଁ ବଡଧରଣର କର୍ମୀ ସମାବେଶ କରିବାକୁ ନିଷ୍ପତ୍ତି ନିଆଯାଇଛି।



ଆଦିବାସୀ ଭବନଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀ।

# ପଦ୍ମପୁରର ଅଜୁବା ଇଲେଭେନ୍ ଚାମ୍ପିୟନ

**ପାଇକମାଳ,୨୭।୪(ବଡ ଶତପଥି)**

ବରଗଡ ଜିଲା ପାଇକମାଳ ହାଇସ୍କୁଲ ଖେଳପଡିଆଠାରେ ଚାରି ଦିନ ଧରି ଚାଲିଥିବା ୪ତମ ଆର.ଆଇଫ୍ଲଡ଼ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ଓଡ଼ିଶାର ବଛାବଛା ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବାବେଳେ ସମସ୍ତଙ୍କୁ ପଛରେ ପକାଇ ଏମୟୁସିସି, ଭୁବନେଶ୍ୱର ଓ ଅଜୁବା ଇଲେଭେନ ପଦ୍ମପୁର ଫାଇନାଲକୁ ପ୍ରବେଶ କରିଥିଲେ। ଫାଇନାଲ ମ୍ୟାଚ ତିନି ଗୋଟି ଫର୍ମାଟ ଯଥା ୮, ୬, ୫ ଓଭର୍‌ର କରାଯାଇଥିଲା। ପ୍ରଥମ ଫାଇନାଲ ମ୍ୟାଚରେ ଏମ୍‌ୟୁସିସି, ଭୁବନେଶ୍ୱର ୨୮ ରନରେ ବିଜୟ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ଅଜୁବା ଇଲେଭେନ ପଦ୍ମପୁର ୧୦ ଉଇକେଟରେ ବିଜୟ ଲାଭ କରିଥିଲା। ଉଭୟ ଦଳ ଗୋଟିଏ ଗୋଟିଏ ମ୍ୟାଚ ଜିତି ସମାନ ସ୍ଥିତି ୧-୧ ରେ ରହିଥିଲେ। ତୃତୀୟ ତଥା ଅନ୍ତିମ ମ୍ୟାଚରେ ଏମୟୁସିସି, ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫ ଓଭରରେ ୭ଉଇକେଟ ହରାଇ ୪୯ ରନ ସଂଗ୍ରହ କରିଥିଲା। ୫୦ ରନର ଲକ୍ଷ୍ୟ ପିଛା କରୁଥିବା ଅଜୁବା ଇଲେଭେନ ପଦ୍ମପୁର ଦଳ




ଆର.ଆଇଫ୍ଲଡ଼ଲାଇଟ କ୍ରିକେଟ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

### ୪ତମ ଆର.ଆଇ ଫ୍ଲଡ଼ଲାଇଟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

୪.୧ ଓଭରରେ ସମସ୍ତ ରନ ସଂଗ୍ରହ କରି ୧୦ ଉଇକେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚକୁ ମାନସ ରଞ୍ଜନ ନାୟକ, ଗପୁ ଅଗ୍ରୱାଲ, ଚନ୍ଦନ ପ୍ରଧାନ ଓ ଦିଲ୍ଲୀପ ପ୍ରଧାନ ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ଅଜିତ ନାଏକ ରହିଥିଲେ। ଏହି ଟୁର୍ନାମେଣ୍ଟର ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ବ୍ଲକ କଂଗ୍ରେସ ସଭାପତି ମୁଜାଫର୍ ହୁସେନ, ପାଇକମାଳ ବ୍ଲକ କଂଗ୍ରେସ ସଭାପତି ବିଜୟାନନ୍ଦ ପଟ୍ଟନାୟକ, ଯୁବ ସଭାପତି ବିକାଶ ବହିଦାର ଓ ମଙ୍ଗଳ ଟିଭିଏସର ମାଲିକ ସୁମିତ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ସୁମିତ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ଲଳିତ ଅଗ୍ରୱାଲ, ମୁଜାଫର ହୁସେନ ଓ ଆରଆଇ କ୍ଲବର ମାର୍ଗଦର୍ଶକ ଆକାଶ ପାଣିଗ୍ରାହୀ ଉପସ୍ଥିତ ରହିଥିଲେ। ପିଣ୍ଟୁ ପାଣିଗ୍ରାହୀ ପୁରସ୍କାର ବିତରଣ ଉତ୍ସବକୁ ପରିଚାଳନା କରିଥିଲେ। ଅତିଥିମାନେ ଏହି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପଦ୍ମପୁର ଦଳର ଛଟୁ ଆକାଶକୁ ପୁରସ୍କୃତ କରିଥିବାବେଳେ ବିଜୟୀ ଅଜୁବା ଇଲେଭେନ, ପଦ୍ମପୁର ଦଳକୁ ୬୦ ହଜାର ନଗଦ ଟଙ୍କା ସହ ଏକ ଟ୍ରଫି ଏବଂ ଉପବିଜେତା ଏମୟୁସିସି, ଭୁବନେଶ୍ୱରକୁ ୪୦ ହଜାର ନଗଦ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।

**ସଂକ୍ଷେପରେ**

## ଟୁଇଟ୍‌କରି ସରକାରଙ୍କ ଦୃଷ୍ଟିକୁ ଆଣୁଛନ୍ତି ଲୋକଙ୍କ ସମସ୍ୟା

ରିଷିଡ଼ା,୨୭।୪(ସୁଶାନ୍ତ ମଲ୍ଲିକ)

ଟୁଇଟର ମାଧ୍ୟମରେ ଲୋକଙ୍କ ସମସ୍ୟା ସରକାରଙ୍କ ଦୃଷ୍ଟିକୁ ଆଣି ପ୍ରଶଂସା ସାଉଁଟୁଛନ୍ତି କଳାହାଣ୍ଡି ଜିଲାର ପଦ୍ମନାଭ ନାଏକ। ମଦନପୁର ରାମପୁର ବ୍ଲକ ଗୋଛାଡେଙ୍ଗେନ ଗ୍ରାମପଞ୍ଚାୟତ ଅଧୀନ ତାଳକୁନା ଗ୍ରାମର ପଦ୍ମନାଭ ୨ଦଶନ୍ଧି ହେଲାଣି ଏହି କାର୍ଯ୍ୟ କରିଆସୁଛନ୍ତି। ସକାଳ ହେଲେ ଖବରକାଗଜ କ୍ଲିପ୍ କରି ଲୋକଙ୍କ ସମସ୍ୟା ସମାଧାନ କରିଆସୁଛନ୍ତି। କୌଣସି ଅଞ୍ଚଳରେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା, ପାନୀୟ ଜଳ ସମସ୍ୟା ଦେଖିବା ମାତ୍ରେ ସେ କ୍ୟାମେରାରେ ଫଟୋ ଉଠାଇ ସରକାରଙ୍କ ଦୃଷ୍ଟିକୁ ଆଣୁଛନ୍ତି। ସେ ଏ ପର୍ଯ୍ୟନ୍ତ ୫ହଜାରରୁ ଅଧିକ ସମସ୍ୟା ସରକାରଙ୍କ ନିକଟରେ ଉପସ୍ଥାପନ କରିଛନ୍ତି। ଏଥିରୁ ୩ ହଜାରରୁ ଅଧିକ ସମସ୍ୟା ସମାଧାନ ହୋଇଥିବା ଜଣାପଡ଼ିଛି। ତାଙ୍କର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରୁଛନ୍ତି।

## ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କଲା ବିଏସ୍‌ପି

ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)

ବହୁଜନ ସମାଜ ପାର୍ଟି(ବିଏସ୍‌ପି) ଶନିବାର ରାଜ୍ୟର ୧୭ଟି ବିଧାନସଭା ଆସନ ପାଇଁ ପାର୍ଥୀ ଘୋଷଣା କରିଛି। ବହୁଜନ ସମାଜ ପାର୍ଟିର ସୁପ୍ରିମୋ ମାୟାବତୀଙ୍କ ଅନୁମୋଦନ କ୍ରମେ ପଶ୍ଚିମ ଓଡିଶାର ଘୋଷିତ ପ୍ରାର୍ଥୀମାନେ ହେଲେ ଦେବଗଡ଼ ବିଧାନସଭା ଆସନ ପାଇଁ ଅଶ୍ୱିନୀ ସାଗର, ଛେଣ୍ଡିପଦାରେ ଶରତ ଚନ୍ଦ୍ର ନାଏକ, ଆଠମଲ୍ଲିକରେ କ୍ଷୀରୋଦ ମଲ୍ଲିକ, ଓ ସମ୍ବଲପୁର ଜିଲାର ଚାରି ବିଧାନସଭା ଆସନ କୁଚିଣ୍ଡାରେ ସାଧୁ ମିର୍ଦ୍ଧା, ରେଙ୍ଗାଲିରେ ଆନନ୍ଦିନୀ ବେସନ, ରେଢ଼ାଖୋଲରେ ପ୍ରଭାକର ରଣଜିତ ଓ ସମ୍ବଲପୁର ବିଧାନସଭା ଆସନରେ ଅନୀଲ ନାୟକଙ୍କୁ ପାର୍ଥୀ ଘୋଷଣା କରାଯାଇଛି। ସମ୍ବଲପୁର ବିଧାନସଭା ପ୍ରାର୍ଥୀ ଘୋଷଣା ହେବା ପରେ ଶନିବାର ସନ୍ଧ୍ୟାରେ ଅନୀଲ ନାଏକଙ୍କୁ ମୁଦିପଡ଼ା ଆମ୍ବେଦକର ଛକରେ ଦଳ ପକ୍ଷର ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଅନୀଲଙ୍କୁ ଦଳର ବହୁ ସଂଖ୍ୟକ କର୍ମୀ ଓ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ଆମ୍ବେଦକର ନଗରରୁ ମୁଦିପଡ଼ା ଆମ୍ବେଦକର ଛକ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ଅନୀଲ ଡ. ବିଅର୍ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ଚୋରି ବାଇକ୍ ରାସ୍ତା କଡ଼ରୁ ଉଦ୍ଧାର

ଭେଡେନ,୨୭।୪(ସୁଦନ ମହକୁର)

ବରଗଡ଼ ଜିଲା ଭେଡେନ ଥାନା ଅନ୍ତର୍ଗତ ଗୋଡଭଗା- ସୋନପୁର ୫୪ ନମ୍ବର ରାଜ୍ୟ ରାଜପଥର ମହୁଲପାଲି ପେଟ୍ରୋଲ ପମ୍ପ ନିକଟ ରାସ୍ତା କଡ଼ରୁ ପୋଲିସ ଶନିବାର ଏକ ବାଇକ୍‌କୁ ଜବତ କରିଛି। ତେବେ ଏହି ବାଇକ ଭାଇପାଲି ଗ୍ରାମର ଚୂଡ଼ାମଣି ସାହୁଙ୍କ ବୋଲି ଜଣାପଡ଼ିଛି। ପ୍ରକାଶଯେ, ଗତ ଶୁକ୍ରବାର ସନ୍ଧ୍ୟାରୁ ଓଡି ୧୭ଏଫ ୧୪୫୫ ନମ୍ବର ବିଶିଷ୍ଟ ବାଇକ ପେଟ୍ରୋଲ ପମ୍ପ ନିକଟସ୍ଥ ଚାଷ ଜମି କଡ଼ରେ ଛିଡ଼ାହୋଇଥିଲା। ଏପରିକି ବାଇକ ଲକ୍ ମଧ୍ୟ କରାଯାଇ ନ ଥିଲା। ଲୋକେ ଏହା ଦେଖିବାକୁ ପାଇ ରଷୁଡା ଫାଣ୍ଡି ପୋଲିସକୁ ସନ୍ଦେହରେ ଫୋନ କରିଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବାଇକ ଜବତ କରିଥିଲା।

# ନିର୍ମାଣର ୧୫ଦିନରେ ରାସ୍ତା ଫାଟି ଆଁ

ଖଡ଼ିଆଳ,୨୭।୪(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଖଡ଼ିଆଳ-ଭବାନୀପାଟଣା ୨୧୬ ନଂ. ରାଜ୍ୟ ରାଜପଥ ୧୫ଦିନ ମଧ୍ୟରେ ଫାଟି ଆଁ କରିଛି। ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ଖଡ଼ିଆଳଠାରୁ ୩୦ କି.ମି. ରାସ୍ତାକୁ ୮ କୋଟି ୩୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ବେଳେ ୩ବର୍ଷ ଗ୍ୟାରେଣ୍ଟି ରହିଛି। ଏହି ରାସ୍ତାର ପିଚୁ କାର୍ଯ୍ୟ ପାଇଁ ୪ କୋଟି ୩୦ ଲକ୍ଷ ଓ ରାସ୍ତା ସୌନ୍ଦର୍ଯ୍ୟକରଣ, ମୋରମ ସିଞ୍ଚନ ଆଦି ପାଇଁ ୪ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ସମ୍ପୃକ୍ତ ଠିକାସଂସ୍ଥା ୩୦ କି.ମି.ପିଚୁ କାର୍ଯ୍ୟ କରିଥିବା ବେଳେ ଖଡ଼ିଆଳଠାରୁ ଡୁକୁଲା ଗ୍ରାମ ପର୍ଯ୍ୟନ୍ତ ୯କି.ମି. ମଧ୍ୟରେ ୧୦ରୁ



ରାସ୍ତାମଝିରେ ଫାଟ ସୃଷ୍ଟି ହୋଇଛି।

ଅଧିକ ସ୍ଥାନରେ ନିର୍ମାଣର ଅଳ୍ପଦିନ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ଫଳରେ ଠିକାସଂସ୍ଥା ଏହାର ମରାମତି କରିଥିଲା। ବର୍ତ୍ତମାନ ମଧ୍ୟ ସେହି ୯କି.ମି. ରାସ୍ତା ମଧ୍ୟରେ ୮ରୁ ଅଧିକ ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାସ୍ତାର ଉଭୟ ପାର୍ଶ୍ୱରେ ମୋରମ ବଦଳରେ ମାଟି ସିଞ୍ଚନ ହୋଇଛି। ଏହାଦ୍ୱାରା ବର୍ଷା ସମୟରେ କାଦୁଅ ହୋଇଥିବା ରାସ୍ତାପାର୍ଶ୍ୱକୁ ଯାନବାହନ ଖସିଲେ ଦୁର୍ଘଟଣାର ଶିକାର ହେଉଥିବା ନଜରକୁ ଆସୁଛି। ଏ ନେଇ ଅଭିଯୋଗ ପରେ ରାସ୍ତାର କେତେକ ସ୍ଥାନରେ ସମ୍ପୃକ୍ତ ଠିକାସଂସ୍ଥା ପକ୍ଷରୁ ପଥରଗୁଣ୍ଡ ସିଞ୍ଚନ କରାଯାଇଛି। ବିଭାଗୀୟ ଅଧିକାରୀ ଉପସ୍ଥିତ ନ ରହିବା କାରଣରୁ ଠିକାସଂସ୍ଥା ଏଭଳି ନିମ୍ନମାନର କାର୍ଯ୍ୟ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଶଶାଙ୍କ ଶେଖର ଶୁକ୍ଲାଙ୍କୁ ପଚାରିବାରୁ ସେ କହିଥିଲେ, ସମ୍ପୃକ୍ତ କାର୍ଯ୍ୟର ବିଲ୍ ହୋଇନାହିଁ। ରାସ୍ତା ପାର୍ଶ୍ୱରେ ସିଞ୍ଚନ ହୋଇଥିବା ମାଟି ଉଠାଇବାକୁ ଠିକାସଂସ୍ଥାକୁ କୁହାଯାଇଛି। ଏହାସହ ରାସ୍ତା କାର୍ଯ୍ୟର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

# ଗୃହପାଳିତ ପ୍ରାଣୀଙ୍କ ପାଇଁ ପାଣିକୁଣ୍ଡ ନିର୍ମାଣ ଦାବି



କେସିଙ୍ଗା ବ୍ଲକ୍ ବାଲସି ପଞ୍ଚାୟତ କଛାରପଦର ଗ୍ରାମ ରୁଗୁଡିମୁଣ୍ଡା ପୋଖରୀ ଶୁଖିଲା ପଡ଼ିଛି।

କେସିଙ୍ଗା,୨୭।୪(ତୁମେଶ୍ୱର ସାହୁ)

ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଥିରୁ ଗୃହପାଳିତ ପ୍ରାଣୀ ବି ବାଦ୍ ପଡୁନାହାନ୍ତି। ଏପରି ସମୟରେ ମଣିଷ ଓ ପ୍ରାଣୀସମ୍ପଦ ପାଇଁ ଜଳ ଜରୁରୀ ହୋଇପଡିଛି। ହେଲେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଞ୍ଚଳରେ ଜଳାଶୟ ଶୁଷ୍କ ପଡ଼ିଥିବାରୁ ଗୃହପାଳିତ ପ୍ରାଣୀ ଜଳ ପାଇଁ ଡହଳବିକଳ ହେଉଛନ୍ତି। ସୂଚନାକ୍ରମେ ଏହି ବ୍ଲକ ସମେତ କେସିଙ୍ଗା ଏନ୍‌ଏସି ଓ ୧୩ଟି ଏଲ୍‌ଆଇ ସେଣ୍ଟରରେ ୨୫ ହଜାର ୬୩୫ଟି ଗାଈ, ବଳଦ ଓ ମଇଁଷି ଥିବାବେଳେ ଛେଳିମେଣ୍ଢା ୨୫,୬୬୮ ରହିଛନ୍ତି। ଏହିସବୁ ଗୃହପାଳିତ ପ୍ରାଣୀଙ୍କ ପାଇଁ ଜଳର କିଛି ବି ସୁବିଧା ନାହିଁ। ଚାଷୀମାନେ ନିକଟରେ ଥିବା ପୋଖରୀ, ନଈ, ନାଳରୁ ସେମାନଙ୍କୁ ପାଣି ପିଇବା ସୁବିଧା କରିଥାନ୍ତି। ଗ୍ରୀଷ୍ମପ୍ରବାହ ଯୋଗୁ ଏସବୁ ଜଳାଶୟ ଶୁଖିଯାଇଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ପାଣିକୁଣ୍ଡ ନିର୍ମାଣ ପାଇଁ ଚାଷୀମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗାସ୍ଥିତ ବ୍ଲକ ଭେଟେରିନାରି ଅଫିସର ଡ. ଆଭାମଞ୍ଜରୀ ନାୟକ କହନ୍ତି, ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତରୁ ରକ୍ଷା କରିବା ପାଇଁ ଆମ ପାଖରେ ସାଲାଇନ ଗଚ୍ଛିତ ଅଛି। ଯେଉଁ ଚାଷୀଙ୍କ ଗୋରୁ ଅଂଶୁଘାତରେ ଆକ୍ରାନ୍ତ ହେଉଛନ୍ତି ଟୋଲ୍ ଫ୍ରି ନମ୍ବର ୧୯୬୨ରେ ଫୋନ୍ କଲେ ଆମ ଷ୍ଟାଫ୍ ପହଞ୍ଚି ଚିକିତ୍ସା କରୁଛନ୍ତି। ହେଲେ ଗୃହପାଳିତ ପ୍ରାଣୀଙ୍କ ପାଇଁ ପାଣିକୁଣ୍ଡ ନିର୍ମାଣ ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ପ୍ରକାଶ କରିଥିଲେ।

# ବିଜେଡି ବିଧାୟକ ପ୍ରାର୍ଥିନୀଙ୍କ ପଦଯାତ୍ରା



ବାଲସି ଗ୍ରାମରେ ଲଳିତାଙ୍କୁ ମହିଳା ଭୋଟରଙ୍କ ସ୍ୱାଗତ ସମ୍ବର୍ଦ୍ଧନା।

କେସିଙ୍ଗା,୨୭।୪(ତୁମେଶ୍ୱର ସାହୁ)

ଭବାନୀପାଟଣା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥିନୀ ଲଳିତା ନାଏକ ପଦଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ଲଳିତା ବାଲସି ଗ୍ରାମପଞ୍ଚାୟତର କୋକୋଡ଼ମାଲ ଗ୍ରାମରୁ ପଦଯାତ୍ରା ଆରମ୍ଭକରି ମଶାଣିବନ୍ଧ ଗ୍ରାମ ଦେଇ ବାଲସି ଗ୍ରାମ ଶ୍ରୀଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ ସେ ନିର୍ବାଚନରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ତାଙ୍କୁ ଜିତାଇବା ପାଇଁ ଅନୁରୋଧ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଅଞ୍ଚଳର ବହୁ ମହିଳା ପୁରୁଷ, ଯୁବତୀ ଯୁବକ ଏଥିରେ ଯୋଗଦେଇଥିଲେ। ଏହି ପଦଯାତ୍ରାରେ ପୂର୍ବତନ ସରପଞ୍ଚ ଠାକୁର ସାହୁ, ୨ନମ୍ବର ଜୋନ୍ ଜିଲା ପରିଷଦ ସଭ୍ୟ ନରୋତ୍ତୋ ଭାଟି, ପୂର୍ବତନ ସରପଞ୍ଚ ଗୋପାଳ ସାହୁ, ବିରଞ୍ଚି ସାହୁ, ଡିସେମ୍ବର ସାହୁଙ୍କ ସମେତ ବିଜେଡିର ଶତାଧିକ କର୍ମୀ ଯୋଗଦେଇଥିଲେ। ପରେ ସେଠାରୁ ପୁଣି ପଦଯାତ୍ରା ବାହାରି ବାଲସି ଉପରପଡ଼ାରେ ଶେଷ ହୋଇଥିଲା। ଏହି ଅବସରରେ ମହିଳା ଭୋଟରମାନେ ଲଳିତାଙ୍କୁ ଫୁଲମାଳ ଦେଇ ସ୍ୱାଗତ କରିଥିଲେ।

## ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ

କେସିଙ୍ଗା,୨୭।୪(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ସହରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ୯ଦିନ ବ୍ୟାପୀ ଅନୁଷ୍ଠିତ ଶ୍ରୀରାମଚରିତ ମାନସ ପାରାୟଣ ଓ ପ୍ରବଚନ ଶୁକ୍ରବାର ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ପ୍ରବଚକ ଭାବେ ପରିକ୍ଷିତ ଜୀ ମହାରାଜ ଉପସ୍ଥିତ ରହି ରାମକଥା ପ୍ରବଚନ ଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତ୍ର ୯ଘଣ୍ଟା ପର୍ଯ୍ୟନ୍ତ ପ୍ରବଚନ ଅନୁଷ୍ଠିତ ହେଉଥିଲା। ସେହିପରି ପ୍ରତ୍ୟହ ସକାଳ ୮ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଶ୍ରୀଜଗନ୍ନାଥ ମନ୍ଦିର ପୂଜକ ଜନାର୍ଦ୍ଦନ ଦାସ ପାରାୟଣ କରୁଥିଲେ। କର୍ତ୍ତା ଭାବେ ରାମଚନ୍ଦ୍ର ସାହା ଓ ତାଙ୍କ ସହଧର୍ମିଣୀ ଜୟ କୁମାରୀ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ଡ. ହେମସାଗର ସାହା, ହରିଶଙ୍କର ଭୋଇ, ଖଗପତି ସାହା ସହଯୋଗ କରିଥିଲେ। ଅଞ୍ଚଳର ବହୁ ଶ୍ରଦ୍ଧାଳୁ ରାମକଥା ଶ୍ରବଣକରି ପ୍ରଭୁକୃପା ଲାଭ କରିଥିଲେ।

# ସୀତା ଚୋରି, ଜଟାୟୁ ମରଣ ସମ୍ପନ୍ନ



ବଲାଙ୍ଗୀର ଜଗନ୍ନାଥପଡା ରାମଲୀଳାରେ ରାବଣର ସୀତା ଚୋରି ଦୃଶ୍ୟ।

ବଲାଙ୍ଗୀର,୨୭।୪(ବୀରେନ୍ଦ୍ର କୁମାର ଝାଙ୍କର)

**ବଲାଙ୍ଗୀରର ପ୍ରସିଦ୍ଧ ରାମଲୀଳା**

ବଲାଙ୍ଗୀର ରାମଜୀ ନାଟ୍ୟ ସଂସଦର ପ୍ରସିଦ୍ଧ ରାମଲୀଳାର ସପ୍ତମ ରଜନୀରେ ସୀତାଚୋରି ଓ ଜଟାୟୁ ମରଣ ଅଧ୍ୟାୟ ମଞ୍ଚସ୍ଥ ହୋଇଛି। ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କୁ ସୁନା ହରିଣୀ ମାୟାରେ ଛନ୍ଦି ରାବଣ ଋଷିବେଶରେ ସୀତାଙ୍କୁ କୁଟୀରରୁ ଚୋରାଇ ନେଇଥିଲା। ଏହି ସମୟରେ ରାବଣ ସହ ଜଟାୟୁ ପକ୍ଷୀର ଯୁଦ୍ଧ, ପୁଷ୍ପକ ବିମାନରୁ ମାତା ସୀତା ତାଙ୍କ ଅମ୍ଳାନ ବସ୍ତ୍ର ଓ ଅଳଙ୍କାର ଫିଙ୍ଗିବା ଦୃଶ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ରାବଣ ସୀତାଙ୍କୁ ଚୋରି କରିନେବା ପରେ ଅଶୋକ ବାଟିକାରେ ଅସୁରୁଣୀଙ୍କ ଗହଣରେ ରଖିବା ଦୃଶ୍ୟ ବେଶ ମନଛୁଆଁ ହୋଇଥିଲା। ରାମଲୀଳା ନାଟକରେ ରାମ ଭୂମିକାରେ ଶୈଳିନ କୁମାର ବାବୁ, ସୀତା ଭୂମିକାରେ ମାନସ ରଞ୍ଜନ ସାହୁ, ଲକ୍ଷ୍ମଣ ଭୂମିକାରେ ଆନନ୍ଦ ମିଶ୍ର, ରାବଣ ଭୂମିକାରେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲର ସ୍ତ୍ରୀ ଓ ପ୍ରସୂତି ବିଭାଗର ଡା. ରୁଦ୍ର ନାରାୟଣ ପଟେଲ, ଋଷି ରାବଣ ଭୂମିକାରେ ଚିଦାନନ୍ଦ ବେହେରା, ଜଟାୟୁ ଭୂମିକାରେ ଘନଶ୍ୟାମ ସାଏ, ମାୟା ମୃଗ ଭୂମିକାରେ ସୁଦର୍ଶନ ନାଏକ, ଅସୁରୁଣୀ ଭୂମିକାରେ ଚୈତନ୍ୟ ମଟାରୀ, ଦୁଷ୍ମନ୍ତ ପଟେଲ ଓ ଝସକେତନ ବେହେରା ଅଭିନୟ କରିଥିଲେ। ଇନ୍ଦ୍ର ଭୂମିକାରେ ସତ୍ୟ ନାରାୟଣ ମାଝିଙ୍କ ଅଭିନୟକୁ ଲୋକେ ପସନ୍ଦ କରିଥିଲେ। ଗୁରୁଶ୍ରୀ ବାଳମୁକୁନ୍ଦ ବେହେରାଙ୍କ ତତ୍ତ୍ୱାବଧାନ ଏବଂ ନିର୍ଦ୍ଦେଶନାରେ ଶ୍ରୀୟା ପଟେଲଙ୍କ କଣ୍ଠରେ ଏ ବନଗିରି, ଲତା ଗିରି ଗୀତ ଦର୍ଶକଙ୍କୁ ବେଶ ଆମୋଦିତ କରିଥିଲା। ପ୍ରତିଦିନ ରାତିରେ ରାମଲୀଳା ନାଟକରେ ଦର୍ଶକଙ୍କ ପ୍ରବଳ ଭିଡ ଦେଖାଯାଉଛି। ରବି ନରାୟଣ ନାଏକ ଏବଂ ତାଙ୍କ ସାଥୀଙ୍କ ବୈଷୟିକ ସହାୟତା ରାମଲୀଳାକୁ ଆକର୍ଷଣୀୟ କରିଛି। ବିଶେଷକରି ରାବଣ ଭୂମିକାରେ ଡା. ରୁଦ୍ର ନାରାୟଣ ପଟେଲଙ୍କ ଅଭିନୟ ଦର୍ଶକଙ୍କ ମୁଖ୍ୟ ଆକର୍ଷଣ ପାଲଟିଛି।

# ଆଜି ବି ବୌଦ୍ଧ ଜିଲା ବିକାଶର ବହୁ ପଛରେ




ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଓ ଦୁଇ ବିଧାୟକ ପ୍ରାର୍ଥୀ।

- ଜିଲା ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ
- ଶାସନକୁ ଆସିଲେ ଧାନ ଦର ୩୧୦୦ ଓ ଭତ୍ତା ୩୦୦୦ ହେବ

ବୌଦ୍ଧ,୨୭।୪(ଅଜିତ କୁମାର ବାରିକ)

ଆଗାମୀ ସାଧାରଣ ନିର୍ବାଚନ ଲାଗି ବୌଦ୍ଧ ଜିଲାରେ ତିନି ପ୍ରମୁଖ ରାଜନୈତିକ ଦଳ ଭାଜପା, କଂଗ୍ରେସ ଓ ବିଜେଡି ବୌଦ୍ଧ ଓ କଣ୍ଟାମାଳ ବିଧାନସଭା ପାଇଁ ପ୍ରାର୍ଥୀ ଘୋଷଣା କରି ସାରିଛି। ତିନି ପ୍ରମୁଖ ରାଜନୈତିକ ଦଳ ପ୍ରଚାରକୁ ଜୋରଦାର କରିବା ସହ ନିର୍ବାଚନରେ ବିଜୟୀ ହେଲେ କ'ଣ କରିବେ ସେ ନେଇ ଇସ୍ତାହାର ଜାରି କରିଛନ୍ତି। ଏନେଇ ଶନିବାର ଦିନ ଜିଲା ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ବିଜେଡି ସରକାର ବିରୋଧରେ ଚାର୍ଜସିଟ ଦାଖଲ କରିବା ସହ ମୋଦି ଗ୍ୟାରେଣ୍ଟି ନେଇ ସୂଚନା ଦିଆଯାଇଥିଲା। ଜିଲା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ କଣ୍ଟାମାଳ ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ ଓ ବୌଦ୍ଧ ବିଧାୟକ ପ୍ରାର୍ଥୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଜିଲା ସଭାପତି ମହାନ୍ତି କେନ୍ଦ୍ର ସରକାରର ୯ ବର୍ଷ ଶାସନରେ ହୋଇଥିବା ଲୋକାଭିମୁଖୀ କାର୍ଯ୍ୟ ନେଇ କହିଥିଲେ। ଦଳ ଶାସନକୁ ଆସିଲେ ଚାଷୀଙ୍କ ପାଇଁ ଧାନ କୁଇଣ୍ଟାଲ ପିଛା ଦର ୩୧୦୦ ଟଙ୍କା ଓ ଭତ୍ତା ୩୦୦୦ ଟଙ୍କା କରିବାକୁ ପ୍ରକାଶ କରିଥିଲେ। ରାଜ୍ୟରେ ସରକାର ବଦଳିବା ଦରକାର ବୋଲି କହିବା ସହ ଗାଁରେ ଗାଁରେ ସଭା କରି ଲୋକଙ୍କ ପାଖରେ ବିଜେଡି ସରକାର ବିରୋଧରେ ଦାଖଲ ଚାର୍ଜସିଟ ପହଞ୍ଚିବାକୁ କହିଥିଲେ। ସମ୍ମିଳନୀରେ ବୌଦ୍ଧ ଭାଜପା ବିଧାୟକ ପ୍ରାର୍ଥୀ ସରୋଜ ପ୍ରଧାନ ବୌଦ୍ଧ ବିଜେଡି ପ୍ରାର୍ଥୀ ପ୍ରଦୀପ କୁମାର ଅମାତଙ୍କ ଉପରେ ବର୍ଷିଥିଲେ। ପ୍ରଧାନ କହିଥିଲେ ବର୍ତ୍ତମାନ ବିଧାୟକ ଅମାତ ୫ ଥର ବିଧାୟକ ହେବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଆସିଥିବା ବେଳେ ଆଜି ବି ବୌଦ୍ଧ ଜିଲା ବିକାଶ କ୍ଷେତ୍ରରେ ବହୁ ପଛରେ ରହିଛି। ଜିଲାରେ କୃଷି , ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ପାନୀୟଜଳ ଯୋଗାଣ କ୍ଷେତ୍ରରେ ସମସ୍ୟା ଲାଗି ରହିଛି । ବୌଦ୍ଧ ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଚାଷୀଙ୍କ ପାଇଁ ଗୋଟିଏ ହେଲେ ନୂତନ ପ୍ରୋଜେକ୍ଟ କରି ନ ଥିବା ନେଇ ପ୍ରାର୍ଥୀ ପ୍ରଧାନ ଅଭିଯୋଗ କରିଥିଲେ। କଣ୍ଟାମାଳ ବିଧାୟକ ପ୍ରାର୍ଥୀ କହ୍ନେଇ ଚରଣ ଡାଙ୍ଗ କଣ୍ଟାମାଳ ବ୍ଲକରେ ଅଫିସର ରାଜ ଚାଲିଥିବା କହିଥିଲେ। ବିଭିନ୍ନ ସମସ୍ୟା ନେଇ ବିଡିଓଙ୍କୁ ଜଣାଇଥିଲେ ମଧ୍ୟ କାର୍ଯ୍ୟକାରୀ ହେଉନାହିଁ। ଗରିବ ହିତାଧିକାରୀମାନେ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହାଛଡା କେନ୍ଦ୍ର ଦେଉଥିବା ଅନୁଦାନକୁ ରାଜ୍ୟ ସରକାର ଠିକ ଭାବରେ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ କରିଥିଲେ। ଏହି ଅବସରରେ ବୌଦ୍ଧ ଜିଲାରେ ଥିବା ଦୁଇଟି ଯାକ ବିଧାନସଭା ଓ କନ୍ଧମାଳ ସଂସଦୀୟ କ୍ଷେତ୍ରରେ ଦଳ ଏଥର ବିଜୟ ହେବ ବୋଲି ଜିଲା ସଭାପତି ମହାନ୍ତି ଦୃଢୋକ୍ତି ପ୍ରକାଶ କରିଥିଲେ।

# ରାମଲୀଳା: ସୀତା ଚୋରି ଓ ବାଳିବଧ ମଞ୍ଚସ୍ଥ

ରିଷିଡା,୨୭।୪ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଜଗନ୍ନାଥ ସାଂସ୍କୃତିକ ସଂସଦ କୁମ୍ଭାରପଡ଼ାରେ ଚାଲିଥିବା ରାମଲୀଳା ଯାତ୍ରାର ନବମ ରଜନୀରେ ସୀତା ଚୋରି ଓ ବାଳିବଧ ମଞ୍ଚସ୍ଥ ହୋଇଛି। ସମସ୍ତ କଳାକାରଙ୍କ ଅଭିନୟ ଜୀବନ୍ତ ହୋଇଥିଲା। ବାଦ୍ୟଯନ୍ତ୍ରରେ ତୋଫାନ ମଲ୍ଲିକ, ଶାନ୍ତନୁ ଦାସ ସହାୟତା କରୁଛନ୍ତି। ମୋହନ ଲାଲ ରଣା ପୁରାଣ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। ସଭାପତି ସୀତାରାମ ରଣା, ସମ୍ପାଦକ ପୀତବାସ ରଣା, ଉପସଭାପତି ପ୍ରଦୀପ ରଣା, ସହ ସମ୍ପାଦକ ସୁଜିତ ରଣା ପ୍ରମୁଖ ସହଯୋଗ କରୁଛନ୍ତି। ରାମଲୀଳା ପାଇଁ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି।



ସୀତା ଚୋରି ନାଟକର ଦୃଶ୍ୟ।

# ସମସ୍ତ ବେଆଇନ କ୍ଲିନିକ ଉପରେ ରୋକ ଲଗାଯାଉ

ଲାଠୋର,୨୭।୪(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ବେଆଇନ ଭାବେ ଚାଲିଥିବା ପାଢୀ ପାଥୋ କ୍ଲିନିକ ଉପରେ ଶୁକ୍ରବାର ବଲାଙ୍ଗୀର ଡ଼ିଏଚଏଚ ସୁପରିଣ୍ଟେଣ୍ଡେଣ୍ଟ ଡ଼ା. ପ୍ରଭାତ କୁମାର ଦାସ ଏବଂ ଟିମ୍ ଲାଠୋର ପୋଲିସ ସହ ମିଳିତ ଭାବେ ଚଢାଉ କରି କାଗଜପତ୍ର ଯାଞ୍ଚ କଲା ପରେ ସିଲ୍ କରିଥିଲେ। ଏହା ପ୍ରଚାରିତ ହେବା ପରେ ଏବେ ଚର୍ଚ୍ଚାର ବିଷୟ ହୋଇଛି ଯେ ଲାଠୋର ଗ୍ରାମରେ କେବଳ ଏହି ଗୋଟିଏ ବେଆଇନ କ୍ଲିନିକ ଥିଲା ନା ଆହୁରି ରହିଛି। ପ୍ରକୃତ ପକ୍ଷେ ଦେଖିବାକୁ ଗଲେ ଲାଠୋର ତଥା ଆଖପାଖ ଅଞ୍ଚଳରେ ଆହୁରି ଅନେକ ପାଥୋ କ୍ଲିନିକ ଏବଂ ଘରୋଇ ଚିକିତ୍ସା କେନ୍ଦ୍ର ରହିଛି। ଅଞ୍ଚଳର ବେନ୍ଦେର, ସୁନାମୁଦି ଏବଂ ରେଙ୍ଗାଲି ଗ୍ରାମରେ ମଧ୍ୟ ଘରୋଇ ଚିକିତ୍ସା କେନ୍ଦ୍ର ରହିଛି। ସେମାନେ ସରକାରୀ ନିୟମ ପାଳନ କରି କାମ କରୁଛନ୍ତି ନା ବେଆଇନ ଭାବେ କାରବାର ଚଲାଇଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଲାଠୋର ଅଞ୍ଚଳରେ ଥିବା ଚିକିତ୍ସା କେନ୍ଦ୍ରଗୁଡିରେ ଯେଉଁମାନେ ଲାବରେଟୋରି ଟେକ୍ନିସିଆନ ଅଛନ୍ତି କିମ୍ବା ରୋଗୀ ଦେଖି ଚିକିତ୍ସା କରୁଛନ୍ତି ସେମାନେ କେଉଁଠୁ ପାଠ ପଢି ଆସିଛନ୍ତି,ତାଙ୍କର ଯୋଗ୍ୟତା କ'ଣ ରହିଛି,ସେମାନେ ସରକାରୀ ଭାବେ ପଞ୍ଜୀକୃତ ହୋଇଛନ୍ତି ନା ନାହିଁ ଏସବୁ ଉପରେ ଯାଞ୍ଚ ହେବା କଥା ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। ହେଲେ ବର୍ଷ ବର୍ଷ ଧରି ଏହି ଅଞ୍ଚଳରେ କ୍ଲିନିକମାନ ଖୋଲି ବିଭିନ୍ନ ରୋଗ ପାଇଁ ପରୀକ୍ଷା କରିବା ସହ ଚିକିତ୍ସା କରାଯାଉଥିଲେ ମଧ୍ୟ ଏହା ଉପରେ ଅଙ୍କୁଶ ଲଗାଯାଉ ନାହିଁ। ଫଳରେ ସେମାନେ ଲୋକଙ୍କ ଜୀବନ ସହ ଖେଳ ଖେଳୁଛନ୍ତି। ଏହାକୁ ନେଇ ସାବାସ ସାମାଜିକ ପରିବର୍ତ୍ତନ ସଂଗଠନ ସଭାପତି ଲାଏବାନ ସୁନା କହିଛନ୍ତି , ଆଖପାଖରେ ଯେତେ କ୍ଲିନିକ ରହିଛି ସମସ୍ତଙ୍କର କାଗଜପତ୍ର ଯାଞ୍ଚ କରାଯିବା ଆବଶ୍ୟକ। ସେହିପରି ଓଡ଼ିଆ ବଣିକ ସଂଘ ସଭାପତି ସୁବାଷ ମେହେର କହିଛନ୍ତି, ଆମ ଅଞ୍ଚଳରେ ଦୀର୍ଘ ଦିନରୁ କ୍ଲିନିକମାନ ଚାଲୁଛି। ଏଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ନଜର ଦେବାର ଆବଶ୍ୟକତା ରହିଛି। ଗ୍ରାମବାସୀ ଦୁର୍ଗା ଚରଣ ବେହେରା କୁହନ୍ତି, ରୋଗ ପରୀକ୍ଷା କରି ରୋଗୀର ଚିକିତ୍ସା କରିବା ଏକ କଠିନ କାମ। ଏହାକୁ କେତେକ ଲୋକ ଅତି ସହଜ ମନେ କରି କାମ କରୁଥିବାରୁ ରୋଗୀଙ୍କ ଜୀବନ ପ୍ରତି ବିପଦ ରହୁଛି। ଏନେଇ ଖପ୍ରାଖୋଲ ମେଡ଼ିକାଲ ଅଫିସର ଇନଚାର୍ଜ ଡ଼ା.ସୁରଜ କୁମାର ଦୀପଙ୍କୁ ପଚାରିବାରେ ଆଗାମୀ ଦିନରେ ଏସବୁ ବେଆଇନ କାରବାର ଉପରେ ରୋକ ଲଗାଯିବ ବୋଲି କହିଛନ୍ତି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହାର ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ସଂକ୍ଷେପରେ

### ମେ ୧ ତାରିଖରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

■ **ନିଶୁଳ୍କ ତାଲମ ଦିଆଯିବ ଜୁଡୋ, କୁସ୍ତି, କରାଟେ, ଉଷୁ**

**ସମ୍ବଲପୁର,୨୭।୪(ବି.ଶଙ୍କର):** ସାଓଲିନ କୁଙ୍ଫୁ ଉଷୁ ଏସୋସିଏଶନ ପକ୍ଷରୁ ଆସନ୍ତ ମେ ୧ତାରିଖରୁ ଗ୍ରୀଷ୍ମକାଳୀନ ଖେଳ ପ୍ରଶିକ୍ଷଣ ଶିବିର ଆରମ୍ଭ ହେବ । ସମ୍ବଲପୁର ଜିଲା ଜିଲାର ବିଭିନ୍ନ ଅଞ୍ଚଳରୁ ଆସୁଥିବା ଛାତ୍ରୀଛାତ୍ରମାନଙ୍କୁ ଜୁଡୋ, କୁସ୍ତି, କରାଟେ ଏବଂ ଉଷୁ ଆତ୍ମରକ୍ଷା ନିଃଶୁଳ୍କ ତାଲିମ ପ୍ରଦାନ କରାଯିବ। ଏନେଇ ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲଠାରେ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ସୁବାସ ଚନ୍ଦ୍ର ବେହେରାଙ୍କ ପରିଚାଳନାରେ ବୈଠକ ହୋଇଥିଲା। ଗ୍ରୀଷ୍ମକାଳୀନ ଛୁଟି ଅବସରରେ ଶିବିର ୬୦ ଦିନ ଧରି ଚାଲିବ । ଏଥିରେ ୫ ବର୍ଷରୁ ୨୫ ବର୍ଷର ଛାତ୍ରୀଛାତ୍ରଙ୍କୁ ମାଗଣାରେ ତାଲିମ ପ୍ରଦାନ କରାଯିବ । ଶିବିର ଉଦ୍‌ଯାପନୀ ଉତ୍ସବରେ କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଦିଆଯିବ। କୁସ୍ତି, ଜୁଡୋ ପ୍ରଭୃତି ଅଲିମ୍ପିକ ଖେଳ ହୋଇଥିବାରୁ ଏହି ଶିବିରରୁ ଦେଶ ପାଇଁ ସଫଳ ଖେଳାଳି ମଧ୍ୟ ବାହାରି ପାରନ୍ତି । ତେଣୁ ସେହି ଖେଳାଳିଙ୍କୁ ଅନୁଷ୍ଠାନ ପକ୍ଷରୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ବୈଠକରେ ସ୍ଥିର ହୋଇଛି । ଏହି ବୈଠକରେ ଗାୟତ୍ରୀ ମିଶ୍ର, ପୁଷ୍ପାଞ୍ଜଳି ସାହୁ, ସ୍ୱାଗତ କୁମାର ଘଡାଇ, ଶାନ୍ତି ଗୋପ, ଦିବ୍ୟଲକ୍ଷ୍ମୀ ମାଝି, ଦିବ୍ୟ କରିଷ୍ମା ପୃଷ୍ଟି, ଶମ୍ଭୁ କୁଷ୍ଣା, ସମିର ବିଶ୍ୱାଳ, ପ୍ରିୟଙ୍କା ମିଓଲ, ସୋନୁ ପ୍ରସାଦ ସୋନାର, ଅରୁଣ କୁମାର ଅଜାଡିୱାଲ, ଆନନ୍ଦ ଦାଶ, ସଞ୍ଜିବ ପଟ୍ଟନାୟକ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର

### ସମସ୍ୟା ଘେରରେ ବୌଦ୍ଧ ଆଦର୍ଶ ମହାବିଦ୍ୟାଳୟ

**ବୌଦ୍ଧ,୨୭।୪(ଅଜିତ କୁମାର ବାରିକ):** ବୌଦ୍ଧ ଜିଲାରେ ଏକମାତ୍ର ସରକାରୀ ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଥିବା ବେଳେ ମହାବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି । ବୌଦ୍ଧ ସହରଠାରୁ ମାତ୍ର ୬ କିମି ଦୂର ବାମଣ୍ଡାଠାରେ ଆଦର୍ଶ ମହାବିଦ୍ୟାଳୟ ରହିଛି । କିନ୍ତୁ ମହାବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା, ବିଦ୍ୟୁତ କାଟ, ଅଣଛାତ୍ରଙ୍କ ଅବାଧ ପ୍ରବେଶ ଯୋଗୁ ଛାତ୍ର ଅଶାନ୍ତି ଲାଗି ରହିଛି। ଏ ନେଇ ଅଭିଯୋଗ କରି ଆସୁଥିଲେ ମଧ୍ୟ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆଦୌ ପଦକ୍ଷେପ ନେଉ ନ ଥିବା ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି । ଏହାର ପ୍ରତିବାଦରେ ଶନିବାର ଦିନ ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା । ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଅଗାମୀ ଦିନରେ ସମାଧାନ ପାଇଁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା ।



ଛାତ୍ରୀଛାତ୍ରମାନେ ଜାତୀୟ ରାଜପଥ ଅବରୋଧ କରିଛନ୍ତି ।



ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଧନୁପାଲି ଛକସ୍ଥିତ ଷ୍ଟାଣ୍ଡପୋଷ୍ଟରେ ପାଣି ନେବାକୁ ଭିଡ।

# ମହାନଗର ଭିତରେ ଥାଇ ମଧ୍ୟ ପାଣି ମିଳୁନି

**ସମ୍ବଲପୁର,୨୭।୪(ବି.ଶଙ୍କର)**

ସମ୍ବଲପୁର ମହାନଗର ନିଗମ ଅର୍ନ୍ତଗତ ଧନୁପାଲି, ଭତ୍ରା, ସପନେଶ୍ୱର ନଗର, ପୁଟିବନ୍ଧ ଅଞ୍ଚଳରେ ପାନୀୟ ଜଳ ସଂକଟ ଦୀର୍ଘଦିନ ହେବ ଲାଗି ରହିଛି । ଅଞ୍ଚଳବାସୀ ଜଳ ସକାଶେ ଉହକ ବିକଳ ହେଉଛନ୍ତି। ଗ୍ରୀଷ୍ମ ଋତୁ ଆରମ୍ଭ ପୂର୍ବରୁ ଅଞ୍ଚଳବାସୀ ମହାନଗର ନିଗମ କର୍ତ୍ତୃପକ୍ଷ ଓ ଜନସ୍ୱାସ୍ଥ୍ୟ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ ସମସ୍ୟା ସମାଧାନ ହୋଇପାରି ନାହିଁ। ଯଦ୍ୱାରା ପାନୀୟ ଜଳ ପାଇଁ ସକାଳୁ ପ୍ରାୟ ଦେଢ଼ କିଲୋମିଟର ଦୂରରୁ ଡବା, ବାଲଟି, ଗରା ଧରି ସାଇକଲ ଯୋଗେ ଧନୁପାଲି ଛକ କୁ ଆସି ପାଣି ସଂଗ୍ରହ ପାଇଁ ଲାଇନ ଲାଗୁଛନ୍ତି । ସେମାନଙ୍କ ଅଭିଯୋଗ କରିଛନ୍ତି ଯେ, ଆଜକୁ ପ୍ରାୟ ସାତ ଦିନ ହେଲା ସେମାନଙ୍କ ବସତି ଭତ୍ରା ବେତ୍ରା ପଡାକୁ ନଳ ଯୋଗେ ପାଣି ଆସୁନାହିଁ । ଗତ ମାସ ରୁ ଟେଙ୍କର ଯୋଗେ ମଧ୍ୟ ପାଣି ଯୋଗାଣ ବନ୍ଦ ଅଛି। ପ୍ରଚଣ୍ଡ ଗ୍ରୀଷ୍ମ ସାଙ୍ଗକୁ ପାଣି ର ଅଭାବ ଲୋକଙ୍କୁ ଅତିଷ୍ଠ କରୁଛି । କୋଟି କୋଟି ଟଙ୍କା ବ୍ୟୟରେ ପ୍ରସ୍ତୁତ ଜଳ ଯୋଗାଣ ଯୋଜନା ସମ୍ପୂର୍ଣ୍ଣ ଫେଲ ମାରିଛି । ଅପରପକ୍ଷେ ଦୁଃଖ ଶୁଣିବାକୁ କେହି ନାହାନ୍ତି । ଅଭିଯୋଗ କଲେ ମଧ୍ୟ ନିଷ୍ଫଳ କହି ନିରାଶା ଭାବ ପୋଷଣ କରି ଦୁଃଖର ସହ ପ୍ରକାଶ କରିଛନ୍ତି । ଜଳ ସଂଗ୍ରହ କରୁଥିବା ବେତ୍ରା ପଡା ବାସିନ୍ଦା ଫକୀର ଗୋଛେତ, ପିତାମ୍ବର ଗୁରୁ, ସାଧୁ ଗୁରୁ, ରାହସ ଗୋଛେତ ଓ ଝରା ବାଗ, ସୁରେଶ ଚନ୍ଦ୍ର ନାଥ ପ୍ରମୁଖ ତୁରନ୍ତ ଏହାର ସମାଧାନ ପାଇଁ ସେମାନେ ଦାବି କରୁଛନ୍ତି।

### ଜାଗେଶ୍ୱର ବାବା ଶୀତଳଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି

**ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ମୁଦିପଡା ଜାଗେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଯାତ୍ରା ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଯାତ୍ରା କମିଟି ସଭାପତି ଜଗଦୀଶ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗତବର୍ଷର ଆୟବ୍ୟୟର ସମୀକ୍ଷା କରାଯିବା ସହ ଚଳିତବର୍ଷ ଯାତ୍ରାକୁ ଆହୁରି ଆକର୍ଷଣୀୟ କରିବାକୁ ଆଲୋଚନା ହୋଇଥିଲା। ଏହାସହିତ ଚଳିତବର୍ଷ ପାଇଁ ଯାତ୍ରା କମିଟିର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ଏଥିରେ ଜଗଦୀଶ ପଣ୍ଡା ପୁଣିଥରେ ସଭାପତି ମନୋନୀତ ହୋଇଛନ୍ତି। ଉପସଭାପତିଭାବେ ଗତିକୃଷ୍ଣ ଷଡଙ୍ଗୀ, ବିନୋଦ ପଣ୍ଡା, ହିମାଂଶୁ ପାଣିଗ୍ରାହୀ, ଲକ୍ଷ୍ମୀନାରାୟଣ ପଟେଲ, ଦୁର୍ଗାପ୍ରସାଦ ପଟ୍ଟନାୟକ ସାଧାରଣ ସମ୍ପାଦକ, ଦେବାଶିଷ ପଣ୍ଡା, ସୁଶାନ୍ତ ପଟେଲ, ଗଙ୍ଗାଧର ଭୋଇ ସହ ସମ୍ପାଦକ, ଖଡିରନ୍ ବେହେରା କୋଷାଧ୍ୟକ୍ଷ, କୃଷ୍ଣଚନ୍ଦ୍ର ପରିଡ଼ା ଓ ଅମୂଲ୍ୟ ପଟେଲ ସହ କୋଷାଧ୍ୟକ୍ଷ, ଜିତୁ କର୍ଣ୍ଣ ମୁଖ୍ୟ ସାଙ୍ଗଠନିକ ସମ୍ପାଦକ, ସତ୍ୟକାନ୍ତ ମହାପାତ୍ର, ସୁଦୀପ୍ତ କୁମାର ପଣ୍ଡା, ହିତେଶ ଟଙ୍କ ସାଙ୍ଗଠନିକ ସମ୍ପାଦକ, ସହ-ସାଙ୍ଗଠନିକ ସମ୍ପାଦକଭାବେ ରାକେଶ ମୁନସି, ସୁମନ କର୍ଣ୍ଣ, କୈଳାଶ ପ୍ରଧାନ ଏବଂ ବ୍ୟୋମକେଶ ପଣ୍ଡାଙ୍କୁ ମିଡିଆ ପ୍ରଭାରୀଭାବେ ମନୋନୀତ କରାଯାଇଛି। ସେହିପରି ନୃସିଂହ ଦାଶ, ବନମାଳୀ ପଟେଲ, ଆନନ୍ଦ ଜେନା, ଈଶ୍ୱର ନନ୍ଦ, ଅଶୋକ ପଟେଲ, ଶାନ୍ତନୁ ପାଣିଗ୍ରାହୀ, ଅଭିରାମ ପଟେଲ, ଗଣ୍ଡା ପାଣ୍ଡେ, ଅକ୍ଷୟ ପ୍ରଧାନ ଓ ସୁନୀଲ ସାହାଣୀ ପ୍ରମୁଖ ଉପଦେଷ୍ଟା ଦାୟିତ୍ୱରେ ରହିଛନ୍ତି । ହିମାଂଶୁ ପାଣିଗ୍ରାହୀ ଓ ସଞ୍ଜୀବ ଷଡଙ୍ଗୀ ଆଇନ୍ ପରାମର୍ଶଦାତା ଭାବେ ମନୋନୀତ ହୋଇଛନ୍ତି।

# ପୁଅ ପାଇଁ ଭୋଟ ମାଗିଲେ ଅନଙ୍ଗ



ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ବିଧାୟକ ପ୍ରାର୍ଥୀ କଲିକେଶଙ୍କ ପାଇଁ ଭୋଟ ମାଗୁଛନ୍ତି।

**ବଲାଙ୍ଗୀର,୨୭।୪ (ବୀରେନ୍ଦ୍ର କୁମାର ଝାଙ୍କର)**

### ବଲାଙ୍ଗୀର ସହରରେ ବିଜେଡିର ନିର୍ବାଚନୀ ପ୍ରଚାର

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଖରାକୁ ଖାତିର ନ କରି ବିଜେଡ଼ିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ ବିଜେଡି ବିଧାୟତ ପ୍ରାର୍ଥୀ ତଥା ତାଙ୍କ ବଡ ପୁଅ କଲିକେଶ ନାରାୟଣ ସିଂଦେଓଙ୍କ ପାଇଁ ବଲାଙ୍ଗୀର ସହରରେ ବିଭିନ୍ନ ପଡାର ଘରକୁ ଘର ବୁଲି ଭୋଟ ମାଗିଛନ୍ତି। ଅନଙ୍ଗ ଉଦୟଙ୍କ ସହ ବଲାଙ୍ଗୀର ପୌର ପରିଷଦ ଅଧକ୍ଷା ଲିକା ସାହୁ, ୮ ନମ୍ବର ୱାର୍ଡ କାଉନସିଲର ନନ୍ଦିନୀ ପୋଡ ଏବଂ ଶତାଧିକ ବିଜେଡ଼ି ନେତା ଓ କାର୍ଯ୍ୟକର୍ତ୍ତା ସହରର ବ୍ରାହ୍ମଣପଡାରେ ଘରକୁ ଘର ବୁଲି ନିର୍ବାଚନ ପ୍ରଚାର କରିଛନ୍ତି। ବ୍ରାହ୍ମଣପଡାରେ ବିଜେଡ଼ି ବିଧାୟକ ପ୍ରାର୍ଥୀ କଲିକେଶ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀରରେ ବିକାଶମୂଳକ କାର୍ଯ୍ୟ ଜାରି ରଖିବା ଏବଂ ଏହାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠାକୁ ଟାଣ କରିବାକୁ ସେ ଲୋକଙ୍କୁ ଅନୁରୋଧ କରିଥିଲେ। ବଲାଙ୍ଗୀରର ଯାହା ବିକାଶ ହୋଇଛି ତାହା ମୁଖ୍ୟମନ୍ତ୍ରୀ କରିଛନ୍ତି ବୋଲି କହିଥିଲେ। କଲିକେଶ ଏବଂ ସୁରେନ୍ଦ୍ର ନିର୍ବାଚିତ ହେଲେ ଜିଲାର ବିକାଶ ତ୍ୱରାନ୍ୱିତ ହେବ ବୋଲି ପୂର୍ବତନ ମନ୍ତ୍ରୀ ସିଂହଦେଓ କହିଥିଲେ।





ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଗ୍ରୀଷ୍ମ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର।

# ବିକାଶରେ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

କ୍ରୀଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ଆବାସିକ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଉଦ୍‌ଘାଟିତ ହୋଇଛି। ଏହି ଶିବିରରେ ଯୋଗ, ସନ୍ତରଣ, ଆତ୍ମରକ୍ଷା କୌଶଳ, ନୃତ୍ୟ, କଳା, ଗୀତ, କ୍ରିକେଟ, ଫୁଟବଲ, ବ୍ୟାଡ଼ମିଣ୍ଟନ, ବାସ୍କେଟବଲ, ଦର୍ଶନୀୟ ସ୍ଥାନ ପରିଭ୍ରମଣ, ଲାଇଫ ସ୍କିଲ, ପ୍ରେରଣାଦାୟକ ବକ୍ତବ୍ୟ, ଦୁଃସାହସିକ କାର୍ଯ୍ୟକ୍ରମ ଆଦି ରହିଛି। ଏଥିରେ ବିଭିନ୍ନ ସ୍କୁଲର ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ବିକାଶ କ୍ରୀଡ଼ା ଓ ସିସିଏ ବିଭାଗର ସହଯୋଗରେ କ୍ୟାମ୍ପ କୋଅର୍ଡ଼ିନେଟର ପୀତାମ୍ବର ପ୍ରଧାନ ଶିବିର ପରିଚାଳନା କରୁଛନ୍ତି। ଉଦଘାଟନୀ ଉତ୍ସବରେ କ୍ରୀଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ରନାଥ ପଣ୍ଡା, ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ (ସିନିଅର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ମଇ ମାସ ୭ତାରିଖ ପର୍ଯ୍ୟନ୍ତ ଏହି ଶିବିର ଚାଲିବାର କାର୍ଯ୍ୟକ୍ରମ ରହିଛି। କ୍ରୀଷ୍ଣା ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୂରଲୀ କ୍ରୀଷ୍ଣା ଉକ୍ତ ଶିବିର ପାଇଁ କାର୍ଯ୍ୟ କରୁଥିବା କ୍ରୀଡ଼ା ଓ ସିସିଏ ବିଭାଗର ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ପ୍ରଶଂସା କରିବା ସହିତ ଶିବିରରେ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ ସାଧୁବାଦ ଜଣାଇଛନ୍ତି ।

### ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

**ବାଲେଶ୍ୱର, ୨୭।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ସହରର ଓଟି ରୋଡ୍‌ର ଆଇଟିଆଇ ଛକ ନିକଟସ୍ଥ ଘରୋଇ ନିଦାନ କେନ୍ଦ୍ର (ଡାଏଲିସିସ୍ ସେଣ୍ଟର)ରେ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଦେଖାଦେଇଛି। ଭୁଲ୍ ଇଞ୍ଜେକ୍ସନ ଏବଂ ତ୍ରୁଟିପୂର୍ଣ୍ଣ ଚିକିତ୍ସା ପାଇଁ ଯୁବକଙ୍କ ଜୀବନ ଯାଇଥିବା ଅଭିଯୋଗ କରି ପରିବାର ଲୋକେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଓଟି ରୋଡ଼ରେ ବସି ଆନ୍ଦୋଳନ କରିବା ସହ ନ୍ୟାୟ ଦାବି କରିଥିଲେ।

# ମଞ୍ଚସ୍ଥ ହେଲା ନାଟକ କୁମ୍ଭକର୍ଣ୍ଣ ବଧ

**ବୌଦ୍ଧ,୨୭।୪(ଅଜିତ କୁମାର ବାରିକ)**

ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ଶନିବାର ଏକାଦଶ ଦିବସରେ ପହଞ୍ଚିଥିଲା । ପୌରାଣିକ କଥାବସ୍ତୁ ଆଧାରରେ ଯାତ୍ରାରେ ଶ୍ରୀରାମ ଲକ୍ଷ୍ମଣ ଓ ବାନରସେନା ସହିତ ଇନ୍ଦ୍ରଜିତ ବୀରତ୍ୱର ସହିତ ଯୁଦ୍ଧ କରି ଶେଷରେ ନାଗଫାଶ ବନ୍ଧନରେ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ବାନ୍ଧି ମୂର୍ଚ୍ଛିତ କରି ଦେଇଥିଲା । ନାଗଫାଶରୁ ହନୁମାନ ସ୍ୱର୍ଗଲୋକକୁ ଯାତ୍ରା କରି ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ନାଗଫାଶରୁ ଉଦ୍ଧାର ପାଇଁ ଗରୁଡଙ୍କୁ ନିବେଦନ କରିଥିଲା। ଗରୁଡ ପହଞ୍ଚି ନାଗଫାଶରୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଉଦ୍ଧାର କରିଥିଲା । ଇନ୍ଦ୍ରଜିତର ନାଗଫାଶରୁ ଶ୍ରୀରାମ ଲକ୍ଷ୍ମଣ ମୁକ୍ତି ପାଇବା ପରେ ଇନ୍ଦ୍ରଜିତ ଫେରି ଯାଇଥିବା ବେଳେ ଅନ୍ୟ ପୁତ୍ର ଓ ନାତିଙ୍କୁ ହରାଇ ରାବଣ ଚିନ୍ତାଗ୍ରସ୍ତ ହୋଇ ପଡିଛନ୍ତି। ରାବଣ ନିଜର ସାନଭାଇ କୁମ୍ଭକର୍ଣ୍ଣଙ୍କୁ ଯୁଦ୍ଧ କରିବାକୁ ଉଠାଇବା ସହ ଶୋଇଥିବା ଅବସ୍ଥାରେ ଉଠାଇଛି । କୁମ୍ଭକର୍ଣ୍ଣ ଛଅ ମାସ ଶୋଇଥାଏ । ଛଅ ମାସ ପରେ ଉଠିବା ପରେ ଯୁଦ୍ଧ କରିଗଲେ ତାର ସମକକ୍ଷ କେହି ହୋଇ ନ ଥାନ୍ତି । କିନ୍ତୁ ଅଦିନରେ ଉଠିଲେ ମରଣ ତାର ସୁନିଶ୍ଚିତ। ଶେଷରେ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା କୁମ୍ଭକର୍ଣ୍ଣର ବଧ ହୋଇଛି । କୁମ୍ଭକର୍ଣ୍ଣ ବଧ ନାଟକକୁ ନିଖୁଣ ଭାବେ ଅନୁଷ୍ଠାନର କଳାକାରମାନେ ପ୍ରଦର୍ଶିତ କରିଥିଲେ। ନାଟକକୁ ହୃଦାନନ୍ଦ ମେହେର ରଚନା କରିଥିବା ବେଳେ ଭବାନୀ ଶଙ୍କର ମହାପାତ୍ର ନିର୍ଦ୍ଦେଶନା ଓ ତୁଷାରକାନ୍ତ ପଟ୍ଟନାୟକ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ନାଟକରେ ଶ୍ରୀରାମ ଭୂମିକାରେ ଶିରିଶ ବେହେରା,ସୀତା ବିଶ୍ୱାମିତ୍ର ସାହୁ, ଲକ୍ଷ୍ମଣ ଦନାର୍ଦ୍ଦନ ମିଶ୍ର, ହନୁମାନ ଶାନ୍ତନୁ ବେହେରା, ସୁଗ୍ରୀବ ଦିବାକର ଜେନା, ଅଙ୍ଗଦ ଭୂମିକାରେ ସତ୍ୟଜିତ ମିଶ୍ର, ବିଭୀଷଣ ପ୍ରମୋଦ ପ୍ରଧାନ, ରାବଣ ସୁଦାମ ବେରିହା, କୁମ୍ଭକର୍ଣ୍ଣ ଜୟନାରାୟଣ ମହାନ୍ତି, କାଳନେମୀ ଚକ୍ରଧର ସାହୁ ଓ ମନ୍ଦୋଦରୀ ଭୂମିକାରେ ଜଗଦୀଶ ବାରିକ ଅଭିନୟ କରିଥିଲେ । ନାଟକ ଦେଖିବାକୁ ବିଳମ୍ବିତ ରାତିପର୍ଯ୍ୟନ୍ତ ଦର୍ଶକଙ୍କ ଭିଡ ଲାଗି ରହିଥିଲା।

# ସ୍କୁଟିରେ ଗଞ୍ଜେଇ ଚୋରା ଚଲାଣ, ୩ ଗିରଫ

**ସମ୍ବଲପୁର,୨୭।୪(ପ୍ରମୋଦ ବହିଦାର)**

ବିଜୁ ଏକ୍ସପ୍ରେସ୍ ୱେରେ ଏକ ସ୍କୁଟରେ ଚୋରା ଚାଲାଣ ବେଳେ ୨୩.୭୦୦ କେଜି ଗଞ୍ଜେଇକୁ ଠେଲକୋଲେଇ ପୋଲିସ ଜବତ କରିଛି। ଏହା ସହିତ ଗଞ୍ଜେଇ ଚୋର ଚାଲାଣରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି ପୋଲିସ। ଅଭିଯୁକ୍ତମାନେ ହେଲେ ଝାରସୁଗୁଡ଼ା ପାହାଡ଼ିମନ୍ଦିର ବସ୍ତିର ରାକେଶ ଓରାମ(୩୧), ଲଳିତା ଜାଲ(୩୫) ଓ ରାଜେଶ ବର୍ମା(୪୫)। ଏସମ୍ପର୍କରେ ସୂଚନା ଦେଇଛନ୍ତି ସଦର ଏସ୍‌ଡିପିଓ ତୋଫାନ ବାଗ। ତାଙ୍କ ସୂଚନା ଅନୁସାରେ ବିଜୁ ଏକ୍ସପ୍ରେସ୍ ୱେରେ ବେଆଇନ ଭାବେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଠେଲକୋଲେଇ ଥାନା ପୋଲିସକୁ ଖବର ମିଳିଥିଲା। ଖବର ପାଇ ଠେଲକୋଲେଇ ପୋଲିସ ବିଜୁ ଏକ୍ସପ୍ରେସ୍ ୱେରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ନିକଟରେ ଛକି ରହିଥିଲା। ଏହି ସମୟରେ ସେହି ରାସ୍ତା ଦେଇ ଗୋଟିଏ ସ୍କୁଟି(ଓଡି-୨୩-ଆର୍-୨୦୧୩)ରେ ଜଣେ ମହିଳାଙ୍କ ସହ ତିନିଜଣ ଯାଉଥିବା ଦେଖି ପୋଲିସ ସେମାନଙ୍କୁ ଅଟକ ରଖି ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସ୍କୁଟିରେ ଥିବା ଚୋରାରେ ଚାଲାଣ ହେଉଥିବା ଗଞ୍ଜେଇକୁ ପୋଲିସ ଜବତ କରିଥିଲା। ଗଞ୍ଜେଇକୁ ଚୋରା ଚାଲାଣରେ ବ୍ୟବହୃତ ସ୍କୁଟିକୁ ଜବତ କରିଛି ପୋଲିସ।



ଜବତ ଗଞ୍ଜେଇ ଓ ସ୍କୁଟି ସହିତ ଅଭିଯୁକ୍ତମାନେ।

# ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଯାପିତ

**ଅମରପାଲି,୨୭।୪(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଯୁବରାଜପୁର ଗ୍ରାମରେ ଚାଲିଥିବା ଶ୍ରୀ ରାମଲୀଳା ମହୋତ୍ସବ ଶୁକ୍ରବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଚଳିତ ବର୍ଷ ଏଠାକାର ଶ୍ରୀରାମଲୀଳା ନାଟକ ୪୦ ବର୍ଷରେ ପହଞ୍ଚିଛି। ଚଳିତ ବର୍ଷ ଉକ୍ତ ମହୋତ୍ସବ ପାଇଁ ସର୍ବସମ୍ମତିକ୍ରମେ ଗଠିତ ହୋଇଥିଲା ଏକ ପରିଚାଳନା କମିଟି। ଏଥିରେ ସର୍ବସମ୍ମତି କ୍ରମେ ବ୍ରଜବିହାରୀ ପଧାନ ସଭାପତି, କୃଷ୍ଣଚନ୍ଦ୍ର ଧଳ ଉପ ସଭାପତି,ଏକାଦଶୀ ଧଳ ସମ୍ପାଦକ ଓ ହେମନ୍ତ ସାହୁଙ୍କୁ ସ ସମ୍ପାଦକ ଭାବେ ଚୟନ କରାଯାଇଥିଲା। ଶ୍ରୀରାମ ନବମୀଠାରୁ ଗ୍ରାମରେ ଏକ ପ୍ରକାର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ନିଷ୍ପତ୍ତିକ୍ରମେ ଗ୍ରାମରେ ଆମିଷ ଓ ନିଶାଦ୍ରବ୍ୟ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଗ୍ରାମର ଶ୍ରୀରାମ ମନ୍ଦିରରେ ପ୍ରତ୍ୟହ ପୂଜାର୍ଚ୍ଚନା କରାଯାଉଥିଲା। ପ୍ରାୟ ୯୦ରୁ ଅଧିକ ବ୍ରତାଧାରୀ ନିଷ୍ଠା ଓ କାଷ୍ଠାର ସହିତ ବ୍ରତ ଧାରଣା କରି ପୂଜାର୍ଚ୍ଚନା କରିଥିଲେ। ମନ୍ଦିରରେ ଭୋଗ ଲାଗିଲା ପରେ ସମୂହ ପ୍ରସାଦ ସେବନ କରୁଥିଲେ। ସନ୍ଧ୍ୟାରେ ଆଳତି କରାଯାଉଥିଲା । ଗ୍ରାମର ରଘୁନାଥ ନାଟ୍ୟ ସାଂସଦ ଆନୁକୁଲ୍ୟରେ ପ୍ରତ୍ୟହ ରାତ୍ରରେ ପରିବେଷଣ ହେଉଥିଲା ଶ୍ରୀରାମ ଲୀଳା ନାଟକ। ରାମ ଜନ୍ମ, ସୀତା ବିବାହ, ସୀତା ଚୋରି, ସୀତା ଠାବ, ବାଳି ବଧ, ଶେଷରେ ଲଙ୍କାପୋଡି ଓ ରାମ ରାଜ୍ୟାଭିଷେକ ଆଦି ଲୀଳା ନାଟକ ପରିବେଷଣ ହୋଇଥିଲା। ଶ୍ରୀରାମ ଭୂମିକାରେ ସନ୍ତୋଷ ପଧାନ, ଲକ୍ଷ୍ମଣ ଭୂମିକାରେ ଭକ୍ତ ଚରଣ ଧଳ, ସୀତା ଭୂମିକାରେ ପ୍ରମୋଦ ଧଳ , ରାବଣ କିଶୋର ପଧାନ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ଏହା ସହିତ କୈଳାଶ ପଧାନ, କେତନ ଧଳ, ସୁଶାନ୍ତ ପଧାନ, ଦେବେନ୍ଦ୍ର ଧଳ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଏହା ଦେଖିବାକୁ ଅଞ୍ଚଳର ଶତାଧିକ ଦର୍ଶକଙ୍କ ସମାଗମ ହୋଇଥିଲା। ଏହି ମହୋତ୍ସବ ପାଳନ ଦ୍ୱାରା ଗ୍ରାମରେ ଆଧ୍ୟାତ୍ମିକ ପ୍ରତି ଲୋକେ ଆକର୍ଷିତ ହେବା ସହିତ ଗ୍ରାମବାସୀ ଏକତା ସୂତ୍ରଦ୍‌ରେ ବାନ୍ଧି ହେଉଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହା ସହିତ ଆଧୁନିକ ପିଲାଙ୍କୁ ପୌରାଣିକ କଥା ବସ୍ତୁ ଉପରେ ଆଧାରିତ ଶ୍ରୀରାମ ଲୀଳା ନାଟକ ମାଧମରେ ଶ୍ରୀରାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଚେତନ କରାଯାଉଥିବା ସମ୍ପାଦକ ଏକାଦୁଶୀ ଧଳ ପ୍ରକାଶ କରିଛନ୍ତି।



ଅନ୍ତିମ ରଜନୀରେ ପରିବେଷିତ ଶ୍ରୀରାମ ଲୀଳା ନାଟକର ଏକ ଦୃଶ୍ୟ।

## ସଂକ୍ଷେପରେ

### ସ୍ୱାମୀଙ୍କ ପାଇଁ ସ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବିଧାନସଭା ଆସନ ପାଇଁ ବିଜେଡ଼ି ପୁଣିଥରେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଏଠାରେ ଦଳୀୟ ପ୍ରାର୍ଥୀଭାବେ ନିର୍ବାଚନ ମଇଦାନକୁ ଛାଡ଼ିଛି। ବିଧାୟକ ଆଚାର୍ଯ୍ୟ ନିଜ ସମର୍ଥକ ଏବଂ ଦଳୀୟ କର୍ମୀଙ୍କୁ ନେଇ ପ୍ରଚାରକୁ ଜୋରଦାର୍ କରି ଆସୁଥିବାବେଳେ ନିର୍ବାଚନୀ ପ୍ରଚାରରେ ତାଙ୍କ ସ୍ତ୍ରୀ ମାହେଶ୍ୱତା ମଧ୍ୟ ବାହାରିଛନ୍ତି । ତେବେ ମାହେଶ୍ୱତା ଅଞ୍ଚଳର ନାରୀନେତ୍ରୀ, ମହିଳା ଜନ ପ୍ରତିନିଧିଙ୍କୁ ଧରି ବିଭିନ୍ନ ଗ୍ରାମକୁ ପ୍ରଚାରରେ ଯାଉଥିବା ପରିଲକ୍ଷିତ ହେଉଛି। ମୁଖ୍ୟତଃ ସେ ଅଞ୍ଚଳର ମହିଳାମାନଙ୍କୁ ଭେଟି ତାଙ୍କ ସ୍ୱାମୀଙ୍କ ସପକ୍ଷରେ ମତଦାନ କରି ପୁଣି ସେବା କରିବାର ସୁଯୋଗ ଦେବା ପାଇଁ ମତଦାତାଙ୍କୁ ନିବେଦନ କରୁଛନ୍ତି। ତାଙ୍କ ସହିତ ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁ ପଣ୍ଡା ମଧ୍ୟ ସାମିଲ ଅଛନ୍ତି। ସେ ଇତିମଧ୍ୟରେ ଡୁମଗାଁ ସମେତ ବିଭିନ୍ନ ଗ୍ରାମକୁ ପ୍ରଚାରରେ ଯାଇଥିବା ଜଣାପଡ଼ିଛି ।



ଡୁମଗାଁରେ ବରଗଡ଼ ବିଧାୟକଙ୍କ ସ୍ତ୍ରୀ ମାହେଶ୍ୱତା ଆଚାର୍ଯ୍ୟଙ୍କ ନିର୍ବାଚନୀ ପ୍ରଚାର ।

### ଭାଜପା ପ୍ରାର୍ଥୀଙ୍କ ଗାଁରେ ମାରାଥନ ପ୍ରଚାର

**ପଦ୍ମପୁର ୨୭।୪ (ପ୍ରଦୀପ୍ତ ଦାଶ):** ପଦ୍ମପୁର ନିର୍ବାଚନମଣ୍ଡଳୀ ଭାରତୀୟ ଜନତା ପାର୍ଟି ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୋଏ ଗାଁଗାଁକୁ ଯାଇ କାର୍ଯ୍ୟକର୍ତ୍ତା ଏବଂ ଗ୍ରାମର ବିଭିନ୍ନ ବର୍ଗର ଲୋକଙ୍କୁ ଭେଟୁଛନ୍ତି। ସବୁ ଲୋକଙ୍କ ପାଖକୁ ଯାଇ ପ୍ରିୟ ହେବାକୁ ପ୍ରୟାସ କରୁଛନ୍ତି। ଶନିବାର ସେ ପଦ୍ମପୁର ବ୍ଲକର ବୁଢ଼ାମାଲ, ଖଇରପାଲି, ବାନ୍ଧୁପାଲି, କଂସର ଗ୍ରାମରେ ଘର ଘର ଯାଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଠନ ପାଇଁ ଆଶୀର୍ବାଦ ଭିକ୍ଷା ମାଗିଲେ। ନିର୍ବାଚନ ମଣ୍ଡଳୀର ଆବାହକ ସରୋଜ ସାମଲ, କଂସର ସରପଞ୍ଚ ଆନନ୍ଦ ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ଜନକ ସାହୁ, ବିକ୍ରମ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

**ବାଲେଶ୍ୱର,୨୭।୪(ମାନସ ବିଶ୍ୱାଳ)-** ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରସ୍ଥିତ ମସଜିଦ୍ ଗଳିରୁ ଜଣେ ମହିଳାଙ୍କଠାରୁ ପୋଲିସ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସହଦେବଖୁଣ୍ଟା ପୋଲିସ ମସଜିଦ୍ ଗଳିର ଜଣେ ୫୦ ବର୍ଷୀୟ ମହିଳାଙ୍କ ଘରେ ଚଢ଼ାଉ କରିଥିଲା। ମହିଳାଜଣକ ଠାରୁ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୬୪/୨୪) ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତ ମହିଳାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି।



ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ

# ଭୋଟର ସଚେତନତାକୁ ପ୍ରଶାସନର ଗୁରୁତ୍ୱ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

- ସଂକଳ୍ପ ନେଲେ ଜିଲାସ୍ତରୀୟ ଅଧିକାରୀ, କଲେଜ ଛାତ୍ରୀଛାତ୍ର
- ୱାକଥନ, ସେଲ୍ଫି, ଦସ୍ତଖତ ଅଭିଯାନରେ ସଚେତନତା ବାର୍ତ୍ତା

ଭୋଟରଙ୍କୁ ସଚେତନ କରିବା ସହିତ ମତଦାନର ମହାନ ପର୍ବରେ ବରଗଡ଼ ଜିଲାର ସମସ୍ତ ଭୋଟରଙ୍କ ଶତପ୍ରତିଶତ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ବିଭିନ୍ନ ଅଭିନବ ପ୍ରୟାସ ଜାରି ରଖିଛି । ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ଛାତ୍ରୀଛାତ୍ର ମିଳିମିଶି ହେମା ଯୋଟ୍, ସଭେ ଆସ ଦେମା ଭୋଟ୍ ନାରା ଦେଇ ବରଗଡ଼ବାସୀଙ୍କ ସଚେତନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଜିଲା ପ୍ରଶାସନ ଦ୍ୱାରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ତଥା ୱାକଥନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ କଲେଜ ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ରଙ୍ଗୋଲୀ, ଦସ୍ତଖତ ଅଭିଯାନ, ୱାକଥନ୍ ଏବଂ ସେଲ୍ଫି ମାଧ୍ୟମରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ।

କାର୍ଯ୍ୟକ୍ରମରେ ସମସ୍ତେ ଏକ ସଚେତନ ମତଦାତାଭାବେ ଦେଶର ଗଣତାନ୍ତ୍ରିକ ପରମ୍ପରା ମର୍ଯ୍ୟାଦା ବଜାୟ ରଖିବା ସହିତ ମୁକ୍ତ ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା କିମ୍ବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନ ହୋଇ ଆସନ୍ତା ମଇ ୨୦ତାରିଖ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହା ପରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଭୋଟର ସଚେତନତା ନାରା ଦେଇ ୱାକଥନ ମାଧ୍ୟମରେ ମତଦାତାଙ୍କୁ ସଚେତନ କରାଯାଇଥିଲା।

ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଦିତ୍ୟ ଗୋୟଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଏବଂ ଭୋଟର ସଚେତନତା କାର୍ଯ୍ୟକ୍ରମର ନୋଡ଼ାଲ ଅଫିସର ତଥା ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁଶାନ୍ତ କୁମାର ସିଂ, ବରଗଡ଼ ଉପଜିଲାପାଳ କୁମାର ନାଗଭୂଷଣ, ବରଗଡ଼ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ହରପ୍ରସାଦ ଭୋଇ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲା ଏବଂ ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

## ବରଗଡ଼ରେ ବିଜେଡ଼ିର ମିଶ୍ରଣ ପର୍ବ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**



ବିଧାୟକଙ୍କ ଗହଣରେ ବିଜେଡ଼ିରେ ନୂତନଭାବେ ଯୋଗଦେଇଥିବା କାର୍ଯ୍ୟକର୍ତ୍ତା ।

ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପରିସରରେ ଶନିବାର ବିଜେଡ଼ିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଟାଉନ ବିଜେଡି ସଭାପତି କିଶୋର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବରଗଡ଼ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ଦେହେରୀ ପୂର୍ବରୁ ଆମ ଆଦମୀ ପାର୍ଟି(ଏଏପି)ରେ ଥିଲେ ଏବଂ ଦିନକ ପୂର୍ବରୁ ସେ ଏଏପିରୁ ଇସ୍ତଫା ଦେଇଥିଲେ। ସେହିପରି ମହମ୍ମଦ ଅଲିମ, କେ.ବି କର୍ଣ୍ଣାଲ, ପାଷ୍ଟର ବୁଲୁ କୁମ୍ଭାର, ବିଜୟ ସୁନା, କୁନା କୁମ୍ଭାର, ତିତୁସ ନନ୍ଦ, ମହମ୍ମଦ ୟାସିମ, ମିକୁ ନାଗ, ମହମ୍ମଦ ଅସିଫ, ମହମ୍ମଦ କଲିମ ପ୍ରମୁଖ ବିଜେଡ଼ିରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ବରଗଡ଼ ବିଧାୟକ ଆଚାର୍ଯ୍ୟଙ୍କ ବ୍ୟକ୍ତିତ୍ୱରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡ଼ିରେ ଯୋଗଦେଇଥିବା କହିଛନ୍ତି। ମିଶ୍ରଣ ପର୍ବରେ ବିଜେଡ଼ିର ବରିଷ୍ଠ ନେତା ଏମଡ଼ି ଶବଦର, ମହମ୍ମଦ ଜମିର, କାଉନସିଲର ଉମାଚରଣ ରାଉତ, ଭରତ ମହାନ୍ତି, ଲିପୁ ସାହୁ, କମଳ ତାଣ୍ଡି, ଶୟନ ପଣ୍ଡା, ଅନୁପ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍-ବୋଲେରୋ ମୁହାଁମୁହିଁ ଧକ୍କା, ଜଣେ ମୃତ

**ବରଗଡ଼,୨୭।୪(ପ୍ରେମାନନ୍ଦ ଖମାରୀ)**

ବରଗଡ଼-ଅମ୍ବାଭୋନା ରାସ୍ତାର ଭଟଲି ବ୍ଲକ ଅନ୍ତର୍ଗତ ସୁଲସୁଲିଆ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣା ଘଟିଛି। କାର୍ ଏବଂ ବୋଲେରୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ, ଅମ୍ବାଭୋନା ଥାନା ରୁଚିଦା ଗ୍ରାମର ଅର୍ପଣ ଦେହେରୀ(୩୫)। ସେହିପରି ଅନ୍ୟ ୨ଜଣ ହର ପ୍ରଧାନ(୩୦) ଏବଂ ଆଶିଷ ପ୍ରଧାନ(୩୦) ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରୁ ଭୀମସାର୍, ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ମୃତାହତମାନେ ଓଡ଼ି ୦୨ବିଏ ୩୩୮୭ କାର୍ ଯୋଗେ ସୋହେଲା ଥାନା ବନ୍ଦଲା ଗ୍ରାମକୁ ସେମାନଙ୍କ ସମ୍ପର୍କୀୟଙ୍କ ଦଶାହ କାର୍ଯ୍ୟରେ ଯୋଗଦେବା ପାଇଁ ଯାଉଥିଲେ। ତେବେ ଦିନ ପ୍ରାୟ ୧୧ଟା ୩୦ରେ ସୁଲସୁଲିଆ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବୋଲେରୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ କାର୍‌ରେ ବସିଥିବା ଉପରୋକ୍ତ ମୃତାହତଙ୍କୁ ସେଠାରୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇଥିଲା। ମାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଅର୍ପଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଅର୍ପଣ ଅମ୍ବାଭୋନା ବ୍ଲକ ରୁଚିଦା ଗ୍ରାମର ଜଣାଶୁଣା କୀର୍ତ୍ତନ ଗାୟିକା ଅଞ୍ଜନାଙ୍କ ସ୍ୱାମୀ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି।



ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

## ରେଲୱେ ଓଭର ବ୍ରିଜ୍ ପାଇଁ ପୁଣି ଉଚ୍ଛେଦ

### ସାଧାରଣରେ ତୀବ୍ର ପ୍ରତିକ୍ରିୟା

**ବରପାଲି, ୨୭।୪(ଚିତ୍ତରଞ୍ଜନ ସାହୁ)**

ବରପାଲିର ଅର୍ଦ୍ଧନିର୍ମିତ ରେଲୱେ ଓଭର ବ୍ରିଜ ଏବେ ବରପାଲିବାସୀଙ୍କ ପାଇଁ ଅଭିଶାପରେ ପରିଣତ ହୋଇଛି। ବରପାଲି ରାମପୁର ଜଗନ୍ନାଥ ସଡ଼କରେ ହାଇସ୍କୁଲ ନିକଟରେ ଥିବା ରେଳ ଫାଟକ ଟ୍ରେନ ଚଳାଚଳ ଯୋଗୁ ପ୍ରାୟ ସମୟ ବନ୍ଦ ରହୁଥିବାରୁ ଟ୍ରାଫିକ ବହୁଳ ରାସ୍ତାରେ ଜନସାଧାରଣ ଅକଥନୀୟ ଅବସ୍ଥାର ଶିକାର ହେଉଥିଲେ। ଯେତେବେଳେ ଏହି ବ୍ରିଜ ନିର୍ମାଣ ଆରମ୍ଭ ହେଲା ଲୋକେ ବହୁ ଖୁସିରେ ସବୁ ଦିନର ଦୁଃଖ ଗଲା ବୋଲି ଭାବିଥିଲେ। ହେଲେ କଣ ହେଲା ବ୍ରିଜ ତ ଅର୍ଦ୍ଧନିର୍ମିତ ହୋଇ ପଡ଼ିରହିଛି। ଅନ୍ୟ ପକ୍ଷରେ ଜଗନ୍ନାଥ ନଗରବାସୀ ଏଥିରେ ବହୁ କ୍ଷତିଗ୍ରସ୍ତ। ସେଠାରେ ଭଲ ମାର୍କେଟ ହୋଇ ସାରିଥିଲା। ହେଲେ ବ୍ରିଜ ଓ ସର୍ଭିସ ରୋଡ ପାଇଁ କିଛି ମାସ ପୂର୍ବେ ସରକାରଙ୍କ ପକ୍ଷରୁ ଜବରଦଖଲ ତଥା ରୟତି ଜମି ନେଇ କ୍ଷତିପୂରଣ ଦିଆଯାଇଥିଲା। ସେତେବେଳେ ମଧ ବ୍ୟାପକ ଅସନ୍ତୋଷ ଦେଖାଦେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ବାଧହୋଇ ଜଗନ୍ନାଥ ନଗରବାସୀ ସରକାରଙ୍କ କଥାରେ ରାଜି ହୋଇ ନିଜ ଘର ଦ୍ୱାର ଭାଙ୍ଗିବାକୁ ରାଜି ହୋଇଥିଲେ। କେତେକ ନିଜେ ଭାଙ୍ଗି ଥିଲେ ତ ଅଳ୍ପ କେତେକଙ୍କ ସରକାରଙ୍କ ଦ୍ୱାରା ଭଙ୍ଗାଯାଇଥିଲା। ନିଜ ଭଙ୍ଗା ଘରକୁ ଲୋକେ ସଜାଡି ରହୁଥିବା ବେଳେ ଏବେ ପୁଣି କୁଆଡେ ଆଉ କେତେ ଫୁଟ ଲେଖାଏଁ ନିଆଯିବ ବୋଲି କୁହାଯାଉଛି। ଏପରିକି ସରକାରଙ୍କ ପକ୍ଷରୁ ପୁଣି ମାପ ଆରମ୍ଭ ହେଉଥିବାରୁ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରଥମରୁ ଥରକରେ ଯେତେ ଜମି ଦରକାର ନ ନେଇ ବାରମ୍ବାର ସର୍ଭିସ ରୋଡ ନାମରେ ଜନସାଧାରଣଙ୍କୁ ହଇରାଣ କରାଯାଉଛି ବୋଲି ଜଗନ୍ନାଥ ନଗରବାସୀ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଯେଉଁ ନିର୍ବାହୀ ଯନ୍ତ୍ରୀମାନେ ଉକ୍ତ ଦାୟିତ୍ୱରେ ଥିଲେ ସେମାନେ କେତେ ଫୁଟ ଜମି ଦରକାର ସେ ବିଷୟରେ ଅଜ୍ଞ ଥିଲେ। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଜନସାଧାରଣଙ୍କ ହିତଦୃଷ୍ଟିରୁ ବିହିତ ପଦକ୍ଷେପ ନ ନେଲେ ଜନଅସନ୍ତୋଷ ଏକ ବିରାଟ ଆନ୍ଦୋଳନ ରୂପ ନେବ ବୋଲି ସାଧାରଣରେ ଆଲୋଚନା ହେଉଛି।



ବରପାଲିର ଅର୍ଦ୍ଧନିର୍ମିତ ରେଲୱେ ଓଭର ବ୍ରିଜ୍।

## ପାଣି ବୁନ୍ଦାଏ ପାଇଁ ସରାହାଲବାସୀ ହନ୍ତସନ୍ତ

**ଝାରସୁଗୁଡ଼ା, ୨୭।୪ (ସଞ୍ଜୟ ମାଲି)**

ସହରର ସରାହାଲ ଅଞ୍ଚଳବାସୀ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଥିବା ଅଭିଯୋଗ ହେଉଛି। ସରାହାଲ ଅଞ୍ଚଳର କିସାନପଡା, ଗୌଡପଡା ପିଏକ ଦାସ ରାସ୍ତା, ତଳିପଡା, ଚମାର ପଡା, ବ୍ରାହ୍ମଣ ପଡା, ସମେତ ବିଭିନ୍ନ ରାସ୍ତାର ପିଏଚଡ଼ି ପାଇପ ଦୀର୍ଘ ବର୍ଷରୁ ବିଛା ଯାଇଥିବା ବେଳେ ଦୀର୍ଘ ଦିନରୁ ପାଇପ ଫାଟିବାରୁ ରାସ୍ତା ଉପରେ ପାଣି ବୋହୁ ଥିବାର ଦେଖିବାକୁ ମିଳୁଛି। ଅନ୍ୟପଟେ ଗତ ଦୁଇଦିନ ତଳେ ଝାରସୁଗୁଡ଼ା ଜିଲାର ତାପମାତ୍ରା ୪୩ ଡିଗ୍ରୀ ପାର ହୋଇଥିବାବେଳେ ସରାହାଲବାସୀ ପାଣି ବୁନ୍ଦାଏ ପାଇଁ ଡହଳବିକଳ ହେଉଛନ୍ତି। ସକାଳ ଓ ସନ୍ଧ୍ୟାରେ ପ୍ରତିଦିନ ପିଏଚଡ଼ି ପାଣି ଆସୁ ନ ଥିବାରୁ ପାଣି ବୁନ୍ଦାଏ ପାଇଁ ଲୋକେ ହଇରାଣ ହେଉଛନ୍ତି। ଅନେକ ଲୋକ ପାଣିମୋଟର ଲଗାଇ ପାଣି ନେଉଥିବା ଅଭିଯୋଗ ହୋଇଛି। ମୋଟର ଯୋଗୁ ପାଣି ନେଉଥିବାରୁ ପିଏଚଡ଼ି ପାଣି ଧିମା ହେଉଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ସରାହାଲ ହାଇପର ସୁପରମାର୍ଟ ସମ୍ମୁଖ ପୁରୁଣା ବସଷ୍ଟାଣ୍ଡ, ହନୁମାନ ମନ୍ଦିର ପଛପଟ ପିଏକ ଦାସ ରାସ୍ତା, ତଳିପଡା ଚମାରପଡା ନଳକୂପରୁ ନାଳ ପାଣି ଆସୁଥିବା ଦେଖାଦେଇଛି। ପିଇବା ଯୋଗ୍ୟ ପାଣି ଆସୁ ନ ଥିବାରୁ ଲୋକେ ହନ୍ତସନ୍ତ ହେଉଛନ୍ତି।

## ଭଇଁଷାଦର୍ହାରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନ ପ୍ରଚାର

**ଝାରବନ୍ଧ/ପଦ୍ମପୁର,୨୭।୪ (ଦେବେନ୍ଦ୍ର ସାହୁ, ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ଝାରବନ୍ଧ ବ୍ଲକ ଅନ୍ତର୍ଗତ ଭଇଁଷାଦର୍ହାରେ ବିଜୁ ଜନତା ଦଳର ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ବିଧାୟିକା ପ୍ରାର୍ଥୀ ବର୍ଷା ସିଂ ବରିହା ଯୋଗଦେଇ ଦଳୀୟ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିବା ସହିତ ବୟୋଜ୍ୟେଷ୍ଠଙ୍କ ଆର୍ଶୀବାଦ ଲାଭ କରିଥିଲେ। ରାଜ୍ୟ ସରକାରଙ୍କ ଲୋକାଭିମୁଖି ଜନକଲ୍ୟାଣ ଯୋଜନା ବିଷୟରେ ଅବଗତ କରାଇ ଚଳିତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳକୁ ଭୋଟ ଦେବା ପାଇଁ ନିଜ ପ୍ରଚାରରେ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ତଥା ନେତୃବୃନ୍ଦ ଉପସ୍ଥିତ ଥିଲେ।



ଭଇଁଷାଦର୍ହାରେ ବର୍ଷା ସିଂ ବରିହା ନିର୍ବାଚନ ପ୍ରଚାର କରୁଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

**ପଦ୍ମପୁର,୨୭।୪(ପ୍ରଦୀପ୍ତ ଦାଶ)**

ସ୍ଥାନୀୟ ବିଜୁ ଜନତା ଦଳ (ବିଜେଡି) କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବର୍ଷା ସିଂ ବରିହାଙ୍କ ନୀତିଆଦର୍ଶ ଓ ବିକାଶଧାରାରେ ଅନୁପ୍ରାଣିତ ହୋଇ ଉମେଶ ଚନ୍ଦ୍ର ସାହୁ ଓ ରବୀନ୍ଦ୍ର ମେହେରଙ୍କ ନେତୃତ୍ୱରେ ବୁଡାମାଲ ପଞ୍ଚାୟତ ଖଇରପାଲି ଗ୍ରାମର ଭାଜପା କର୍ମୀ ଜୟଦେବ ସାହୁ, କୁନୁ ମେହେର, ବୃନ୍ଦାବନ ମେହେର, ଶଙ୍କର ମେହେର, ଦିନ ମେହେର, ମକରନ୍ଦ ମଟାରୀ ପ୍ରମୁଖ ବିଧିବଦ୍ଧ ଭାବରେ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ଯୁବନେତା ଭୋଜରାଜ ସିଂ ବରିହା, ରାଜ୍ୟ ସମ୍ପାଦକ ରାଜୁ ଘିବେଲା, ପ୍ରଫୁଲ୍ଲ ମେହେର, ବୁଡାମାଲ ସରପଞ୍ଚ ପ୍ରତିନିଧି ଅଶୋକ ସେଠ ପ୍ରମୁଖ ଉପସ୍ଥିତ ରହି ନୂତନ ବିଜେଡି କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱାଗତ କରିଥିଲେ।



ବିଜେଡିର ମିଶ୍ରଣ ପର୍ବରେ ଉପସ୍ଥିତ କର୍ମକର୍ତ୍ତା।

## ମଞ୍ଚସ୍ଥ ହେଲା ବାଳି ବଧ, ସୀତାଠାବ

**ଭେଡ଼େନ,୨୭।୪ (ସୁଦନ ମହାକୁର)**

### ଗଣ୍ଡତୁରୁମ ରାମଲୀଳା ଯାତ୍ରାର ଅଷ୍ଟମ ଦିବସ

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅର୍ନ୍ତଗତ ଗଣ୍ଡତୁରୁମ ଠାରେ ଚାଲିଥିବା ରାମଲୀଳା ଯାତ୍ରାର ଶନିବାର ଥିଲା ଅଷ୍ଟମ ଦିବସ। ନାଟ୍ୟାଭିନୟରେ ରାମ ଏବଂ ସୁଗ୍ରୀବଙ୍କ ମିତ୍ରତା ସ୍ଥାପନ ପରେ ଉଭୟେ ଉଭୟଙ୍କୁ ସାହାର୍ଯ୍ୟ କରିବାର ପ୍ରତିଶ୍ରୁତିବଦ୍ଧ ହୋଇଛନ୍ତି। ରାମଙ୍କ ଯୋଜନା ମୁତାବକ ସୁଗ୍ରୀବ ନିଜର ଅତ୍ୟାଚାରୀ ଭାଇଙ୍କୁ ଯୁଦ୍ଧଂ ଦେହି ଡ଼ାକରା ଦେଇଛି। କିନ୍ତୁ ତାଙ୍କ ଠାରୁ ଶୋଚନୀୟ ପରାସ୍ତ ହୋଇ ପଳାୟନ କରି ରାମଙ୍କ ଆଗରେ ଦୁଃଖ ପ୍ରକାଶ କରିଛନ୍ତି। ରାମ ଯୁଦ୍ଧ ସମୟରେ ସୁଗ୍ରୀବଙ୍କୁ ଚିହ୍ନିବା ପାଇଁ ଏକ ପୁଷ୍ପମାଳା ଧାରଣ କରିବାକୁ କହିଛନ୍ତି। ଯୋଜନା ମୁତାବକ ପୁଣି ସୁଗ୍ରୀବ ଏବଂ ବାଳିଙ୍କ ଯୁଦ୍ଧ ସମୟରେ ନିମମୂଳରେ ଲୁକ୍କାୟିତରେ ରହିଥିବା ରାମଚନ୍ଦ୍ର ବାଳି ଉପରକୁ ଶରାଘାତ କରି ବଧ କରିଛନ୍ତି। ବାଳିବଧ ପରେ ସୁଗ୍ରୀବଙ୍କୁ କିଷ୍କିନ୍ଧାର ରାଜ ସିଂହାସନରେ ଅଭିଷିକ୍ତ କରି ରାମ ସୀତାଙ୍କ ଅନ୍ୱେଷଣ ପାଇଁ ଚତୁର୍ଦ୍ଦିଗକୁ ବାନରସେନାଙ୍କୁ ପଠାଇବାକୁ ଅନୁରୋଧ କରିଛନ୍ତି। ଦକ୍ଷିଣ ଦିଗକୁ ଯାଇଥିବା ହନୁମାନ, ଜାମ୍ବବ, ନଳ, ନୀଳ, ସୁଶେଣ, ଅଙ୍ଗଦ ଆଦି ଅଷ୍ଟବୀର ସମୁଦ୍ର ତଟ ପର୍ଯ୍ୟନ୍ତ ପହଞ୍ଚି ଚିନ୍ତାରେ ପଡ଼ିଛନ୍ତି। କିପରି ସୁଗ୍ରୀବ ଦେଇଥିବା ଏକମାସ ମଧରେ ସୀତାଙ୍କ ସନ୍ଧାନ କରିବେ ସେ ନେଇ ହତାଶ ହୋଇ ପଡ଼ିଛନ୍ତି। ଏହି ସମୟରେ ଗୃଧ୍ରରାଜ ସମ୍ପାତି ଠାରୁ ରାବଣଙ୍କ ବିଷୟରେ ଜାଣିବାକୁ ପାଇଛନ୍ତି। କିନ୍ତୁ କିପରି ବରାନିଧି ପାର ହେବେ ଜାମ୍ବବଙ୍କୁ ପଚାରି ବୁଝିଛନ୍ତି। ଜାମ୍ବବ ପୂର୍ବ କଥା ହନୁମାନଙ୍କୁ ସ୍ମରଣ କରାଇବା ସହ ସମୁଦ୍ର ଲଂଘନ କରିବାକୁ ଉତ୍ସାହିତ କରିଛନ୍ତି। ହନୁମାନ ଆକାଶ ମାର୍ଗରେ ଲଙ୍କା ଅଭିମୁଖେ ଯାତ୍ରା କରିଛନ୍ତି। ବାଟରେ ସୁରସା,ମୈନାକ ପର୍ବତ ଏବଂ ଲଙ୍କାର ଅଧିଶ୍ୱରୀ ଲଙ୍କଦେବୀଙ୍କ ସହ ଯୁଦ୍ଧ କରି ଆଶୋକ ବନରେ ପ୍ରବେଶ କରିଛନ୍ତି। ସୀତାଙ୍କଠାରୁ ହନୁମାନ ସୀତାଙ୍କ ମଥାମଣି ଧରି ଫେରିବା ବାଟରେ ଅଶୋକ ବାଟିକାକୁ ଧ୍ୱଂସ ବିଧ୍ୱସ୍ତ କରିଛନ୍ତି। ଏହା ଦେଖି ରାବଣର ପୁତ୍ର ମନ୍ତ୍ରୀକୁମର ଏବଂ ଅକ୍ଷୟକୁମର ହନୁମାନଙ୍କ ସହ ଯୁଦ୍ଧ କରି ମୃତ୍ୟୁବରଣ କରିଛନ୍ତି । ଶେଷରେ ଇନ୍ଦ୍ରଜିତ ହନୁମାନଙ୍କୁ ବ୍ରହ୍ମାସ୍ତ୍ରରେ ବନ୍ଧନ କରି ରାଜ ଦରବାରକୁ ଆଣି ରାବଣର ସମ୍ମୁଖରେ ଛିଡ଼ା କରାଇଛନ୍ତି। ତେବେ ହନୁମାନଙ୍କ ଲାଞ୍ଜରେ ଅଗ୍ନି ସଂଯୋଗ କରି ପୋଡ଼ି ଦେବାକୁ ରାବଣ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଯୋଗରେ ହନୁମାନ ଲାଙ୍ଗୁଡ଼ ନିଆଁରେ ସମଗ୍ର ଲଙ୍କାପୁରୀକୁ ଭସ୍ମୀଭୂତ କରି ରାମଙ୍କ ନିକଟକୁ ଫେରି ସକଳ ବାରତା ଦେଇଛନ୍ତି। ନଳ,ନୀଳଙ୍କ ସାହାର୍ଯ୍ୟରେ ସମୁଦ୍ରରେ ସେତୁବନ୍ଧ ପ୍ରତିଷ୍ଠା କରି ଲଙ୍କା ଅଭିମୁଖେ ଯାତ୍ରା, ରାବଣ ନିଜର ଭ୍ରାତା ବିଭୀଷଣଙ୍କୁ ଦେଶଦ୍ରୋହୀ ଅପରାଧରେ ରାଜ୍ୟରୁ ବିତାଡ଼ିତ କରିବା ଦୃଶ୍ୟ ଆଦି ଅଭିନୀତ ହୋଇଥିଲା। ନାଟ୍ୟକାର ପରମେଶ୍ୱର ପଧାନଙ୍କ ରଚିତ ଓ ଗଡ଼ତିଆ ପଧାନଙ୍କ ନିର୍ଦ୍ଦେଶନା ଏବଂ ସୁଦନ ମହାକୁରଙ୍କ ସଙ୍ଗୀତ ପରିଚାଳନାରେ ନାଟକରେ ଶ୍ରୀରାମ ଦିଲ୍ଲୀପ ବିଶ୍ୱାଳ, ଲକ୍ଷ୍ମଣ ମନୋରଞ୍ଜନ ଦାଶ, ସୀତା ପ୍ରତାପ ପଧାନ, ବିଭୀଷଣ ରାଧେଶ୍ୟାମ ସାହୁ, ହନୁମାନ କୀର୍ତ୍ତିବାନ ନାଏକ, ସୁଗ୍ରୀବ ବୈଦ୍ୟନାଥ ଭୋଇ, ବାଳି ସଞ୍ଜିବ ପଧାନ, ଇନ୍ଦ୍ରଜିତ ବିଭୂତି ପଧାନ ଓ ରାବଣ ଭୂମିକାରେ ସୁଧିର କୁମାର ମିଶ୍ର ପ୍ରମୁଖ ଉଚ୍ଚକୋଟୀର ଅଭିନୟ କରିଥିଲେ। ରାମଲୀଳା ଯାତ୍ରାକୁ ଉପଭୋଗ କରିବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ପରିଲକ୍ଷିତ ହେଉଛି । ରାମେଶ୍ୱରୀ ନାଟ୍ୟ କଳାପରିଷଦ ପକ୍ଷରୁ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରତିଦିନ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।



ଗଣ୍ଡତୁରୁମରେ ଚାଲିଥିବା ରାମଲୀଳା ଯାତ୍ରା ନାଟକରେ ପ୍ରଦର୍ଶିତ ଏକ ଦୃଶ୍ୟ।

# ଇଣ୍ଡିଆ ବୁକ ଅଫ ରେକର୍ଡ ଆଚିଭର ସରିତଙ୍କୁ ସମ୍ବର୍ଦ୍ଧନା

**ସୁନ୍ଦରଗଡ,୨୭।୪(ଜୟ ନାରାୟଣ ମେଣ୍ଡୁଳ)**

ନିକଟରେ ଇଣ୍ଡିଆ ବୁକ ଅଫ ରେକର୍ଡରେ ଗୌରବ ଲାଭ କରିଥିବା ସୁନ୍ଦରଗଡ ମାଟିର ପୁଅ ତଥା ରିଭରଷ୍ଟୋନ ଇଣ୍ଟର ନ୍ୟାସନାଲ ସ୍କୁଲର କୃତି ଛାତ୍ର ସରିତ ଉପାଧ୍ୟାୟଙ୍କୁ ଶନିବାର ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସୁନ୍ଦରଗଡ ଏକ ହୋଟେଲଠାରେ ହେଲୋ କିଡ୍ସ ଓ ରିଭରଷ୍ଟୋନ ଇଣ୍ଟର ନ୍ୟାଶନାଲ ସ୍କୁଲ ତରଫରୁ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥିଭାବେ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପ୍ରଧାନ ଯୋଗଦେଇ ସରିତଙ୍କୁ ଅଭିନନ୍ଦନ ଜଣାଇ ଇଣ୍ଡିଆ ବୁକ ଅଫ ରେକର୍ଡର ମାନପତ୍ର ଓ ମେଡାଲ ପ୍ରଦାନ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସୁନ୍ଦରଗଡ ଉପ ଆରକ୍ଷୀ ଅଧିକ୍ଷକ ଅମୃତା ନନ୍ଦିନୀ ମହାନ୍ତି ସରିତଙ୍କ ସଫଳତା ପାଇଁ ବିଦ୍ୟାଳୟ ତଥା ପରିବାର ବର୍ଗଙ୍କୁ ଅଭିନନ୍ଦନ ଜଣାଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ଆନ୍ତଃ ରାଜ୍ୟ ବନ୍ୟପ୍ରାଣୀ ବିଶେଷଜ୍ଞ ବିପିନ ପ୍ରଧାନ ଯୋଗଦେଇ ସରିତଙ୍କ ଲୁକ୍କାୟିତ ପ୍ରତିଭା ତଥା ବନ୍ୟଜନ୍ତୁ ଉପରେ ଜ୍ଞାନ ଆହରଣ କରିବାର ଆହେତୁକ ଜିଜ୍ଞାସା ପାଇଁ ସେ ଏହି ସଫଳତା ହାସଲ କରିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସୁନ୍ଦରଗଡ ପୁନର୍ବାସ ସେବାର ନୋଡାଲ ଅଧିକାରୀ ଡ. ସି. ଏମ. ଶଙ୍କର ଯୋଗଦେଇ ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ସରିତଙ୍କ ପ୍ରତିଭା ଅତି କମ ବୟସରୁ ପ୍ରସ୍ଫୁଟିତ ହେଉଛି ତଥା ତାଙ୍କର ଏହି ଦକ୍ଷତା ଆଗାମୀ ଦିନରେ ଜୀବନର ଲକ୍ଷ୍ୟ ହାସଲ ଦିଗରେ ବରଦାନ ହେବ ବୋଲି କହିଥିଲେ। ସରିତ ନିଜ ଅଭିଭାଷଣରେ ନିଜର ସଂଘର୍ଷ, ବିଦ୍ୟାଳୟ ତଥା ପରିବାର ବର୍ଗଙ୍କ ସହଯୋଗ ଏବଂ ନିଜର ପରିଶ୍ରମର ଭାବପୂର୍ଣ୍ଣ ଉପସ୍ଥାପନା କରିଥିଲେ। ରିଭରଷ୍ଟୋନ ଇଣ୍ଟର ନ୍ୟାଶନାଲ ନିର୍ଦ୍ଦେଶକ ରୋଶନ ପଟେଲ ସ୍ୱାଗତ ଅଭିଭାଷଣ ଦେଇ ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିବା ସହ ନୂଆଁ କିଛି କରିବାର ଆଗ୍ରହ ତଥା ନିୟମିତ ଭାବେ ବିଭିନ୍ନ ପ୍ରକଳ୍ପରେ ସକ୍ରିୟ ଅଂଶଗ୍ରହଣ ପାଇଁ ଆଜି ସ୍ୱରିତ ଏହି ସଫଳତା ହାସଲ କରିପାରିଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଦବ୍ୟାସ ଧୂଆ ଓ ଅର୍ଚ୍ଚନା ଭିତ୍ରିଆ ପରିଚାଳନା କରିଥିଲେ।



ସରିତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।


ନାଟକ ଚିଠି ମଞ୍ଚସ୍ଥ ହେଉଛି।

# ଦର୍ଶକଙ୍କ ମନମୋହିଲା ନାଟକ ଚିଠି

**ସୁନ୍ଦରଗଡ,୨୬।୪(ଜୟ ନାରାୟଣ ମେଣ୍ଡୁଳି)**

**ନବଜୀବନର ୨୪ତମ ବସନ୍ତ ମହୋତ୍ସବ ଉଦଘାଟିତ**

ସୁନ୍ଦରଗଡର ଅନ୍ୟତମ ପୁରାତନ ସାଂସ୍କୃତିକ ଅନୁଷ୍ଠାନ ନବଜୀବନ ପ୍ରଯୋଜିତ ବହୁ ପ୍ରତିକ୍ଷୀତ ବସନ୍ତ ମହୋତ୍ସବର ଶୁଭାରମ୍ଭ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନରେ ହୋଇଯାଇଛି। ଏହା ୨୮ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମହୋତ୍ସବ ଆରମ୍ଭ ହୋଇଥିଲା ପ୍ରଖ୍ୟାତ ନାଟ୍ୟକାର, ନିର୍ଦ୍ଦେଶକ ଓ ପ୍ରଯୋଜକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ଦ୍ୱାରା। ସ୍ୱର୍ଗତ ଭୋଳଙ୍କ ଅବର୍ତ୍ତମାନରେ ନବଜୀବନ ଅନୁଷ୍ଠାନ ଏହି ପରମ୍ପରାକୁ ଜୀବିତ ରଖିଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଂସ୍କୃତି ଭବନରେ ଉଦ ଘାଟନୀ ଉତ୍ସବରେ ସୁନ୍ଦରଗଡ ସହରର ସୁନାମଧନ୍ୟ ଡା.ଦିଲୀପ ମିଶ୍ର ମୁଖ୍ୟ ଅତିଥି ଭାବରେ ଓ ଓଡ଼ିଆ ସିନେ ତାରକା ପ୍ରଦୀପ ଦତ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେଣ୍ଟ ଥେରେସା ଇଂରାଜୀ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଏକ ସୁନ୍ଦର ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭାପା ଅଧ୍ୟକ୍ଷ ଅମରେଶ ସାମଲଙ୍କ ଦ୍ୱାରା ପରିବେଷିତ ଭାଓଲିନ ବାଦନ ସମସ୍ତଙ୍କୁ ମୋହିତ କରିଥିଲା। ମଞ୍ଚରେ ଉପସ୍ଥିତ ଥିବା ସୁନାମଧନ୍ୟ ନିର୍ଦ୍ଦେଶକ ଡ.କୃଷ୍ଣ ଚନ୍ଦ୍ର ଦାଶ ନିକଟ ଅତୀତରେ ଦାମନଯୋଡି ଠାରେ ଅନୁଷ୍ଠିତ ପଞ୍ଚପଟମାଳୀ ଉତ୍ସବରେ ଶ୍ରେଷ୍ଠ ରଚନା ଭାବରେ ପୁରସ୍କୃତ ହୋଇଥିବା "ଚିଠି" ନାଟକର ଟ୍ରଫି ମୂଳସ୍ରଷ୍ଟା ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ସ୍ତ୍ରୀ ସ୍ନେହଲତା ଭୋଳଙ୍କୁ ପ୍ରଦାନ କରିଥିଲେ। ଭାରତର ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରିଥିବା କିଛି ସାଧୀନତା ସଂଗ୍ରାମୀଙ୍କ ଅଧୁନା ସମାଜରେ ଅବହେଳିତ ହେବାର କାହାଣୀ ହେଉଛି "ଚିଠି"। ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ହୋଇଥିଲା ଏହି ନାଟକ "ଚିଠି"। ବିଶିଷ୍ଟ ନାଟ୍ୟକାର,ନିର୍ଦ୍ଦେଶକ ଓ ସଂଳାପଲେଖକ ସ୍ୱର୍ଗତ ପ୍ରଦୀପ ଭୋଳଙ୍କ ମୂଳ ରଚନାର ଅନୁସୃଜନ ଓ ନିର୍ଦ୍ଦେଶନା ଦେଇଥିଲେ ଡ.କୃଷ୍ଣ ଚନ୍ଦ୍ର ଦାଶ। ନାଟ୍ୟ ଚରିତ୍ର ଚନ୍ଦ୍ରମଣି ଭୂମିକାରେ କୃଷ୍ଣ ଚନ୍ଦ୍ର ଦାଶ, ଶିବ ଚରିତ୍ରରେ କ୍ଷୀରୋଦ ପାତ୍ର,ଅବିନାଶ ଚରିତ୍ରରେ ମଣିରଞ୍ଜନ ପଟ୍ଟନାୟକ, ଉଷାରାଣୀ ଚରିତ୍ରରେ ସୁକାନ୍ତି ମହାପାତ୍ର, ବିନି ଚରିତ୍ରରେ ପ୍ରତିମା ପଣ୍ଡା ଓ ବିକ୍ରମ ଭୂମିକାରେ କୈଳାଶ ପାତ୍ରଙ୍କ ହୃଦୟସ୍ପର୍ଶୀ ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଏହି ଉତ୍ସବର ନବଜୀବନ ସଭାପତି ପ୍ରଭାତ ଭୋଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ଅଜୟ ବହିଦାର, କୋଷାଧ୍ୟକ୍ଷ ଶ୍ୟାମ ନନ୍ଦନ ସହାୟ, ବରିଷ୍ଠ ସଦସ୍ୟ ଚନ୍ଦ୍ରମଣି ମିଶ୍ର, କୁମୁଦ ପଣ୍ଡା, ଆଶିଷ ଦେ, ସମରେନ୍ଦ୍ର ଠାକୁର,ଦେବେନ ଅମାତ, ରାଜେନ୍ଦ୍ର ପଣ୍ଡା, ଗୋପକୃଷ୍ଣ ନାଏକ, ବିଜୁ ମହାରଣା, ଅଶିନୀ ନାଏକ, ବିଭୂରଞ୍ଜନ ମହାନ୍ତି, ଲକ୍ଷ୍ମୀପ୍ରିୟା ପତି, ରୀତା ସାହୁ, ଲତିକା ପଟ୍ଟନାୟକ ଓ ବୃନ୍ଦାବନ ଦାଶଙ୍କ ସହାୟତାରେ ଏବଂ ବିଶ୍ୱରଞ୍ଜନ ହୋତାଙ୍କ ମଞ୍ଚ ସଂଯୋଜନାରେ ସମ୍ପନ୍ନ ହୋଇଥିଲା।

# ମହିଳା ଶ୍ରମିକଙ୍କ ହକ୍ ଦାବିରେ ମେ ୧ରେ ମହାସଭା

**ରାଉରକେଲା,୨୭।୨(ବିପ୍ଳବ ରଞ୍ଜନ ଦାଶ)**

**ଶ୍ରମିକ ପ୍ରମାଣପତ୍ର ଅଭାବରୁ ପାରିଶ୍ରମିକ ମୁତାବକ ମିଳୁନି ପ୍ରାପ୍ୟ**

ରାଉରକେଲା ସହରର ବିକାଶର ମୁଖ୍ୟବିନ୍ଧାଣୀ ହେଉଛନ୍ତି ଶ୍ରମିକ। ମାତ୍ର ସହରର ଗୃହ ଶ୍ରମିକଙ୍କ ସର୍ବାଙ୍ଗୀନ ବିକାଶ ଏଯାଏଁ ହୋଇପାରି ନାହିଁ। ସୂଚନା ଥାଉକି, ରାଉରକେଲା ସହରାଞ୍ଚଳ ଓ ଶିଳ୍ପାଞ୍ଚଳରେ ୨୦ହଜାରରୁ ଉର୍ଦ୍ଧ୍ୱ ଗୃହ ଶ୍ରମିକ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ମହିଳା ବର୍ଗର। ମାତ୍ର ଏହି ମହିଳାଙ୍କୁ ଶ୍ରମିକ ପ୍ରମାଣପତ୍ର ମିଳି ନ ଥିବାରୁ ସେମାନଙ୍କ ପାରିଶ୍ରମିକ ମୁତାବକ ପ୍ରାପ୍ୟ ମିଳୁ ନ ଥିବା ନିଖିଳ ଓଡିଶା ଗୃହ ଶ୍ରମିକ ସଂଘ ସଭାନେତ୍ରୀ ଚନ୍ଦ୍ରା ରାଓ କହିଛନ୍ତି। ଅନ୍ୟପଟେ ନିଖିଳ ଓଡିଶା ଗୃହଶ୍ରମିକ ସଂଘରେ ୫ହଜାର ୮ଶହ ଗୃହ ଶ୍ରମିକଙ୍କ ସଦଶ୍ୟତା ଥିବା ବେଳେ ୪ଶହଙ୍କୁ ଶ୍ରମିକ ପ୍ରମାଣପତ୍ର ମିଳିଥିବା ହିନ୍ଦୁ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗାମ୍ବର ମହାନ୍ତି କହିଛନ୍ତି। ରାଜ୍ୟ ସରକାର ଶ୍ରମିକଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଅନେକ ଯୋଜନା କରୁଛନ୍ତି। କେନ୍ଦ୍ର ସରକାର ଗୃହ ଶ୍ରମିକଙ୍କ ସପକ୍ଷରେ ଅନେକ ଶ୍ରମ ବିଲ ମଞ୍ଜୁର କରୁଛନ୍ତି। ମାତ୍ର ପ୍ରଶାସନିକ ଅବହେଳାରୁ ୨୦୦୮ରେ ଅଣସଂଗଠିତ ଶ୍ରମିକ ବିଲ ପାସ ହୋଇଥିଲେ ମଧ ଗୃହ ଶ୍ରମିକଙ୍କ ପାଇଁ ଉର୍ଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କ ସହରାଞ୍ଚଳ ବାସଗୃହ ଯୋଜନା ସହ ସର୍ବନିମ୍ନ ମଜୁରୀ ମୁତାବକ କାମ କରିବା ସମୟ ସାରଣୀ ଏପର୍ଯ୍ୟନ୍ତ ଧାର୍ଯ୍ୟ ହୋଇ ନାହିଁ। ଫଳରେ ଏହି ବର୍ଗର ଶ୍ରମିକ ଦିନ ତମାମ କାମ କଲେ ବି ଉଚିତ ପାରିଶ୍ରମିକ ପାଉନାହାଁନ୍ତି। ମହିଳା ଗୃହ ଶ୍ରମିକ ତଥା ଅନ୍ୟାନ୍ୟ ଶ୍ରମିକଙ୍କ ବିଭିନ୍ନ ହକ ଦାବିରେ ଆସନ୍ତା ୧ତାରିଖରେ ହିନ୍ଦୁ ମଜଦୁର ସଭା ତରଫରୁ ଏକ ବିଶାଳ ମହାସଭା ହେବା ନେଇ ନିଷ୍ପତ୍ତି ନିଆଯାଇଛି। ଏହି ମହାସଭାରେ ମହିଳା ଶ୍ରମିକଙ୍କ ହକ ନେଇ ବିଭିନ୍ନ ଦାବି ଉପସ୍ଥାପନା କରାଯିବ ବୋଲି ହିନ୍ଦୁ ମଜଦୁର ସଭା ରାଜ୍ୟ ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି।

# ନେତୃତ୍ୱ ବିକାଶ, ପ୍ରବନ୍ଧକ ଉତ୍ପାଦକତା କର୍ମଶାଳା


କର୍ମଶାଳାରେ ଭାଗ ନେଇଥିବା ଅଧିକାରୀଙ୍କ ସହିତ ଅତିଥିମାନେ।

**ରାଉରକେଲା,୨୭।୪(ବିପ୍ଳବ ରଞ୍ଜନ ଦାଶ)**

ଆରଏସପି ଏଚଆରଡି କେନ୍ଦ୍ରରେ ମହିଳା ଅଧିକାରୀଙ୍କ ନେତୃତ୍ୱ ବିକାଶ ଏବଂ ପ୍ରବନ୍ଧନ ଉତ୍ପାଦକତା ବିଷୟିକ କର୍ମଶାଳା ୩ଦିନ ଧରି ଚାଲିଥିଲା। ଏହାକୁ ଆରଏସପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଓ ସେଲର ପୂର୍ବତନ ନିର୍ଦ୍ଦେଶକ ଡ. ସୋଏବ ଅହମ୍ମଦ ଉଦ୍‌ଘାଟନ କରିଥିଲେ। ଏଚଆରଡି ବିଭାଗର ସିଜିଏମ ସୁଶ୍ରୀ ରାଜଶ୍ରୀ ବାନାର୍ଜୀ ଓ ଫେକଲ୍ଟି ସଦଶ୍ୟ ଆର.ଆଇ ଜୋସେଫ ଏବଂ ଏ ଜୋସେଫ ଉଦ୍‌ଘାଟନୀ ସମାରୋହରେ ଅତିଥିଙ୍କ ସହିତ ସମ୍ମିଳିତ ଥିଲେ। କର୍ମଶାଳାରେ ୨୫ଜଣ ମହିଳା ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଡ. ସୋଏବ ଅହମ୍ମଦ ନେତୃତ୍ୱ ନୂତନ ପନ୍ଥା ଅନ୍ୱେଷଣ ବିଶେଷ ଉପଯୋଗୀ ବିଷୟ ବସ୍ତୁ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ କର୍ମଶାଳାର ଶ୍ରେଷ୍ଠ ଉପାଦେୟତା ଆହରଣ କଲେ ଉତ୍ତମ ନେତୃତ୍ୱ ବିକଶିତ ହେବା ସୁନିଶ୍ଚିତ ବୋଲି ଦର୍ଶାଇ ଅଧିକାରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଆୟୋଜିତ କର୍ମଶାଳା ଏଚଆରଡି ବିଭାଗ ଏଜିଏମ କେ.କେ ଯଶଔଳ ସଂଯୋଜନା କରିଥିବା ବେଳେ କର୍ମଶାଳାରେ ନେତୃତ୍ୱ ବିକାଶ ଏବଂ ପ୍ରବନ୍ଧକ ଉତ୍ପାଦକତା ଭିତ୍ତିକ ଗୁରୁତ୍ୱପୂର୍ଣ୍ଣ ଦିଗାଦି ଉପରେ ସମୀକ୍ଷା ହେବାର ଅନ୍ତର୍ଭୁକ୍ତ ରହିଛି।

# ସୁଗ୍ରୀବଙ୍କ ସହ ମିତ୍ରତା, ବାଳିବଧ ଓ ସୁଗ୍ରୀବଙ୍କ ରାଜାଭିଷେକ ମଞ୍ଚସ୍ଥ

**ବଡ଼ଗାଁ,୨୭।୪(ଅଶୋକ ଷଡ଼ଙ୍ଗୀ)**

**ବଡ଼ଗାଁ ରାମଲୀଳା ଯାତ୍ରା**

ସୁନ୍ଦରଗଡ଼ ଜିଲା ବଡ଼ଗାଁରେ ଚାଲିଥିବା ପ୍ରସିଦ୍ଧ ରାମଲୀଳା ଯାତ୍ରାର ନବମ ଓ ଦଶମ ଦିନରେ ସୁଗ୍ରୀବଙ୍କ ସହ ମିତ୍ରତା, ବାଳିବଧ ଓ ସୁଗ୍ରୀବଙ୍କ ରାଜାଭିଷେକ ମଞ୍ଚସ୍ଥ ହୋଇଥିଲା। ଶ୍ରୀରାମଚନ୍ଦ୍ର ଓ ଲକ୍ଷ୍ମଣ କିସ୍କିନ୍ଦା ଯିବା ବାଟରେ ରାବଣଙ୍କ ଦ୍ୱାରା ବଧ ହୋଇଥିବା ଅର୍ଦ୍ଧମୃତ ଜଟାୟୁ ପକ୍ଷୀ ଶ୍ରୀରାମଚନ୍ଦ୍ରଙ୍କୁ ରାବଣ ସୀତାଙ୍କୁ ହରଣ କରିନେଇଥିବା ଜଣାଇଲା ପରେ ଦେହତ୍ୟାଗ କରିଥିଲେ। ରାମଚନ୍ଦ୍ର ଜଟାୟୁଙ୍କ ମୃତଦେହକୁ ଦହନକରି ମୁକ୍ତି ଦେଇଥିଲେ। ସେଠାରୁ ବନସ୍ତରେ ଗଲାବେଳେ ଦୀର୍ଘବର୍ଷରୁ ଅପେକ୍ଷାରେ ଥିବା ଶବରୀଙ୍କ କୁଟୀରରେ ରାମଚନ୍ଦ୍ର ବିଶ୍ରାମ ନେଇଥିଲେ। ଶବରୀ ରାମ ଓ ଲକ୍ଷ୍ମଣଙ୍କୁ ମିଠାଫଳ ଖାଇବାକୁ ଦେଇଥିଲେ। ସେଠାରୁ ଶ୍ରୀରାମଚନ୍ଦ୍ର ଋଷ୍ୟମୁକ ପର୍ବତରେ ରହୁଥିବା ହନୁମାନଙ୍କୁ ସାକ୍ଷାତ କଲା ପରେ ହନୁମାନ ସୁଗ୍ରୀବଙ୍କ ସହ ରାମଚନ୍ଦ୍ରଙ୍କ ଭେଟ କରାଇଥିଲେ। ଶ୍ରୀରାମ ଓ ସୁଗ୍ରୀବଙ୍କ ମଧ୍ୟରେ ମିତ୍ରତା ସ୍ଥାପନ ହୋଇଥିଲା। ସୁଗ୍ରୀବଙ୍କ ସ୍ତ୍ରୀ ତାରାଙ୍କୁ ଜ୍ୟେଷ୍ଠ ଭ୍ରାତା ବାଳି ହରଣ କରିନେଇଥିବା ରାମଚନ୍ଦ୍ର ଜାଣିବା ପରେ ସୁଗ୍ରୀବଙ୍କୁ ଯୁଦ୍ଧ କରିବାକୁ ପ୍ରବର୍ତ୍ତାଇଥିଲେ। ଏହାପରେ ବାଳି ଓ ସୁଗ୍ରୀବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା। ରାମଚନ୍ଦ୍ର ଲୁଚିରହି ବାଳିଙ୍କୁ ବଧ କରିଥିଲେ। ମୃତ୍ୟୁ ପୂର୍ବରୁ ବାଳି ତାଙ୍କ ପୁତ୍ର ଅଙ୍ଗଦଙ୍କୁ ଶ୍ରୀରାମଙ୍କ ସେବାରେ ରହିବାକୁ ପରାମର୍ଶ ଦେଇଥିଲେ। ରାମଚନ୍ଦ୍ର ସୁଗ୍ରୀବଙ୍କୁ କିସ୍କିନ୍ଦାର ରାଜ୍ୟ ଭାର ଦେଇ ରାଜାଭିଷେକ କରାଇଥିଲେ। ଯାତ୍ରାରେ କଳାକାରମାନେ ଶ୍ୟାମାକାଳୀ, ଗଣେଶ, ଶିବ ପାର୍ବତୀ, ରାଧାକୃଷ୍ଣ, ନୃସିଂହ ରୂପରେ ପ୍ରଦର୍ଶିତ ହୋଇଥିଲେ। ବିଷୟବସ୍ତୁର ରାମ, ଲକ୍ଷ୍ମଣ, ଶବରୀ, ସୁଗ୍ରୀବ, ହନୁମାନ, ବାଳି, ତାରା ଭୂମିକାରେ ଲୁଲୁ ପାଣିଗ୍ରାହୀ, ଦୀପକ ପୃଷେଟ, ଭିକାରୀ ଚରଣ ସା, ରାଜେଶ ଚକ୍ରବର୍ତ୍ତୀ, ବାବୁଲୁ ପ୍ରଧାନ, ପିକଲୁ ପାଣିଗ୍ରାହୀ, ପ୍ରକାଶ ସାହୁ ଅଭିନୟ କରିଥିଲେ। ପରଭା ବୋହୁଥିବା ବନ୍ଦଢିପା, ଲିଟିପଡା ଓ ଗିରିପଡ଼ାର ୨୪ ଜଣ ରାମ ସେବକ ଓ ବାଜା ବଜାଉଥିବା ୩୫ ଜଣ ରାମ ସେବକଙ୍କୁ ଯାତ୍ରା ସଂସଦ ସଭାପତି ସତ୍ୟନାରାୟଣ ନାୟକ ବସ୍ତ୍ର ଦେଇ ସମ୍ମାନିତ କରିଥିଲେ। ଦଶମ ରଜନୀରେ ମା' ସମଲେଇଙ୍କ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରାଯାଇଥିଲା।



# ଡହ ଡହ ଖରାରେ ରାସ୍ତାରୋକୋ କଲେ ଗ୍ରାମବାସୀ

**ବାଲିଆପାଳ, ୨୭।୪(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତର ନଟାକଟା, ବଡ଼ ଚାରିଗାଁ ଶ୍ୟାମସୁନ୍ଦରପୁର ଗ୍ରାମରେ ୪ ବର୍ଷରୁ ଉର୍ଦ୍ଧ୍ୱ ବର୍ଷ ଧରି ପିଇବା ପାଣି ସମସ୍ୟା ଲାଗି ରହିଛି। ଏନେଇ ବାରମ୍ବାର ଗ୍ରାମବାସୀ ନେତା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଶନିବାର ଏହି ଡହଡହ ଖରାରେ ଏହି ତିନୋଟି ଗ୍ରାମର ଶତାଧିକ ଲୋକେ ଅମର୍ଦ୍ଦାରୋଡ୍ ବାଲିପାଦା ରାସ୍ତାର ଫାଣ୍ଡି ବଜାରଠାରେ ରାସ୍ତାରୋକୋ କରିଥିଲେ। ଘଟଣାସ୍ଥଳରେ ନଟାକଟା ସରପଞ୍ଚ ପହଞ୍ଚି ପାଣିର ବ୍ୟବସ୍ଥା କରିବା ସହିତ ଅଚଳ ହୋଇପଡ଼ିଥିବା ନଳକୂପ ମରାମତି ଆରମ୍ଭ କରିବା ପରେ ରାସ୍ତାରୋକୋ ହଟିଥିଲା। ଏହି ଗ୍ରାମରେ ପିଇବା ପାଣି ଲାଗି ସ୍ଥାୟୀ ସମାଧାନ ନ କରି କେବଳ ଆନ୍ଦୋଳନ ହେଲେ ବିଭାଗୀୟ ଅଧିକାରୀ ଅସ୍ଥାୟୀ କାର୍ଯ୍ୟ କରି ଚୁପ୍ ବସୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ଶହୀଦ ଗଙ୍ଗାନାରାୟଣଙ୍କ ଜୟନ୍ତୀ

**ଖୁଣ୍ଟା, ୨୭।୪(ଦେବରଞ୍ଜନ ବେହେରା):** ଖୁଣ୍ଟା ବ୍ଲକର ଲକ୍ଷ୍ମଣସାହି ପଞ୍ଚାୟତ ଅଧୀନ ମହାଲିବସା ଗ୍ରାମରେ ଭୂମିଜ ସମାଜ କଲ୍ୟାଣ ସମିତିର ଖୁଣ୍ଟା ଶାଖା ପକ୍ଷରୁ ଶହୀଦ ଗଙ୍ଗାନାରାୟଣ ସିଂଙ୍କ ୨୩୫ତମ ଜୟନ୍ତୀ ପାଳନ କରାଯାଇଛି।

# ଭାଜପାରେ ମିଶିଲେ ବିଜେଡି ସମିତି ସଭ୍ୟା, କର୍ମୀ

**କୁଆଁରମୁଣ୍ଡା,୨୭।୪(ମହେନ୍ଦ୍ର କୁମାର ସାହୁ)**

କୁଆଁରମୁଣ୍ଡାସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଜେଡି କର୍ମୀଙ୍କ ସହ ସମିତି ସଭ୍ୟା ତିଳୋତ୍ତମା ତନ୍ତୀ ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଛନ୍ତି। ଏନେଇ ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ବୀରମିତ୍ରପୁର ବିଧାୟକ ତଥା ଚଳିତ ବିଧାନସଭା ନିର୍ବାଚନରେ ବୀରମିତ୍ରପୁର ବିଧାନସଭା କ୍ଷେତ୍ର ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ହୋଇଥିବା ଶଙ୍କର ଓରାମ ସମିତି ସଭ୍ୟା ତିଳୋତ୍ତମାଙ୍କ ସହ ଅନ୍ୟ ମହିଳା ଯୁବକଙ୍କୁ ଉତ୍ତରୀୟ ପିନ୍ଧାଇ ଦଳରେ ମିଶାଇଛନ୍ତି। ଏହି ଅବସରରେ ଦଳର ନୀତି, ଆଦର୍ଶ ଓ ବିଧାୟକଙ୍କ ସାଧୁତା ଓ ନମ୍ରତା ଯୋଗୁ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିବା ସଭ୍ୟା ତିଳୋତ୍ତମା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବରେ ଭାଜପାର ନାରୀ ନେତ୍ରୀ ରିନା ମେହେର,ଦିଲ୍ଲୀପ ପଟେଲ,ବୀରମିତ୍ରପୁର ବିଧାନସଭା କ୍ଷେତ୍ରର ଭାଜପା ପର୍ଯ୍ୟବେକ୍ଷକ ଦୋଳଗୋବିନ୍ଦ ଦାସ,ପଦମପୁର ସମିତି ସଭ୍ୟ ଖଗେଶ୍ୱର ଅମାତ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


କୁଆଁରମୁଣ୍ଡା ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବ।

# ସନ୍ଧ୍ୟାରେ ଜମୁଛି ନେତାଙ୍କ ପ୍ରଚାର

## ସଦର ନିର୍ବାଚନମଣ୍ଡଳୀରେ ଯୋଗେଶଙ୍କ ନିର୍ବାଚନୀ ପ୍ରଚାର

**ସୁନ୍ଦରଗଡ,୨୭।୪(ଜୟ ନାରାୟଣ ମେଣ୍ଡୁଳି )**

ସୁନ୍ଦରଗଡ଼ ସଦର ନିର୍ବାଚନୀ ମଣ୍ଡଳୀରେ ଶନିବାର ସନ୍ଧ୍ୟାରେ ବିଜୁଜନତା ଦଳର ବିଧାୟକ ପ୍ରାର୍ଥୀ ଯୋଗେଶ କୁମାର ସିଂହ ପ୍ରଚାର କରିଥିଲେ। ମଝାପଡା ପଞ୍ଚାୟତର ସୁନାମୁଣ୍ଡା, ଅଲାଜୋର୍, ବୁଦେଲକାନି, ମେଢ଼ା, ତେଲିମାଲ, ମଝାପଡା, ଅମସରଙ୍ଗା, ତୁମେଲବୁଡଠାରେ ପ୍ରଚାର ସମୟରେ ଗ୍ରାମବାସୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ଯୋଗେଶ ସମସ୍ତ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ ଏବଂ ନବୀନ ସରକାରଙ୍କ ବିକାଶ ତାଲିକା ଉପସ୍ଥାପନ କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ଲୋକସଭା ଏବଂ ବିଧାନସଭାରେ ଇଭିଏମରେ ବଟନ ଟିପି ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଅନୁରୋଧ କରିଥିଲେ। ମହିଳା ଏବଂ ପୁରୁଷ ଯୋଗେଶଙ୍କୁ ସମର୍ଥନ ଜଣାଇଥିଲେ। ଏହି ପ୍ରଚାର ସମୟରେ ସଦର ବ୍ଲକ ସଭାପତି ତଥା ଜିଲା ପରିଷଦ କ ଜୋନ ସଭ୍ୟ ଅଶ୍ୱିନୀ କୁମାର ନାଏକ, ଜିଲା ପରିଷଦ ଖ ଜୋନ ସଭ୍ୟା ମଞ୍ଜୁଲତା ନାଏକ, ଯୁବ ନେତା ଡା. ହିମାଂଶୁ ଶେଖର ଷଡ଼ଙ୍ଗୀ, ଅମୃତ ଶେଖର ଦେଓ, ନନ୍ଦଲାଲ ଶେଖର ଦେଓ, ନବୀନ ସା, ଲେଢ଼ିମଙ୍ଗ ସରପଞ୍ଚ ଅନିରୁଦ୍ଧ ଠେମରିଆ, ବସନ୍ତ ଶେଖର ଦେଓ ପ୍ରମୁଖ ସାମିଲ ହୋଇ ଯୋଗେଶଙ୍କ ବିଜୟ ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ।



## ମହିଳା ଭୋଟରଙ୍କ ନିକଟତର ହେଉଛନ୍ତି କୁସୁମ

**ସୁନ୍ଦରଗଡ଼,୨୭।୪(ଜୟ ନାରାୟଣ ମେଣ୍ଡୁଳି)**

ଭାଜପା ପ୍ରାର୍ଥୀ ତଥା ବିଧାୟିକା କୁସୁମ ଟେଟେ ନିଜର ଜନ ସମ୍ପର୍କ ଆଧାରରେ ଲୋକପ୍ରିୟତା ବଜାୟ ରଖିଥିବାରୁ ଏଥର ସେ ବିଜୟୀ ହେବା ପାଇଁ ଆଶା ବାନ୍ଧିଛନ୍ତି। କୁସୁମ ପ୍ରଚାରରେ ନିଜର ଦମ ଦେଖାଇ ପ୍ରତିଦ୍ୱନ୍ଦୀ ପ୍ରାର୍ଥୀଙ୍କୁ କଡା ଟକ୍କର ଦେଉଛନ୍ତି। ନିଜର ୫ବର୍ଷ ବିଧାୟିକା ଭିତରେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟ କରି ଭୋଟରଙ୍କ ନିକଟତର ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଟାଙ୍ଗରପାଲି ବ୍ଲକ ଡମବାହାଲ ଓ ଗୁଲଠା ଗ୍ରାମରେ ପ୍ରଚାର ଓ ବିଭିନ୍ନ ସାମାଜିକ କାର୍ଯ୍ୟରେ ଯୋଗଦେବା ଅବସରରେ ଭୋଟର ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ପାଛୋଟି ନେଇଥିଲେ। ସନ୍ଧ୍ୟାରେ ସୁନ୍ଦରଗଡ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ମାରାଥନ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ବିଶେଷ କରି ମହିଳାଭୋଟରମାନେ କୁସୁମଙ୍କ ପ୍ରଚାର ମଙ୍ଗ ଧରିଛନ୍ତି।



## ସଂକ୍ଷେପରେ

### ବନ୍ଧମୁଣ୍ଡାରେ ଦ୍ୱିତୀୟ ଥର ବାହାରିଲା ଫ୍ଲାଗ ମାର୍ଚ୍ଚ

ବନ୍ଧମୁଣ୍ଡା,୨୭।୪(ସୁବ୍ରତ ଦେ): ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଶାସନିକ ଅଧିକାରୀମାନେ ଶାନ୍ତିପୂର୍ଣ୍ଣ ଭୋଟ ପାଇଁ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର ଡିଏସପି ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏବଂ ବନ୍ଧମୁଣ୍ଡା ଥାନା ଅଧିକାରୀ ଅଶୋକ କୁମାର ଦାଶଙ୍କ ସହାୟତାରେ ଦ୍ୱିତୀୟ ଥର ପାଇଁ ଅଞ୍ଚଳରେ ଫ୍ଲାଗ ମାର୍ଚ୍ଚ ହୋଇଥିଲା। କେନ୍ଦ୍ରୀୟ ଫୋର୍ସ ଏବଂ ଜିଲା ପୋଲିସ କର୍ମୀମାନେ ନିର୍ଭୟରେ ଭୋଟ ଦେବାକୁ ଲୋକଙ୍କୁ ସଚେତନ କରିଥିଲେ। ଏହି ଫ୍ଲାଗ ମାର୍ଚ୍ଚରେ ବହୁ ସଂଖ୍ୟକ ପୋଲିସ ବାହିନୀ ସାମିଲ ହୋଇଥିଲେ। ଡିଏସପି ମହାପାତ୍ର ବିନା ଭୟରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ। ଥାନା ଅଧିକାରୀ ଦାଶ କହିଛନ୍ତି, ଯଦି କୌଣସି ଲୋକ କିଛି ଗୁଜବ ପ୍ରଚାର କରନ୍ତି, କାହାକୁ ଭୟଭୀତ କରିବାକୁ ଚେଷ୍ଟା କରନ୍ତି ତେବେ ତୁରନ୍ତ ପୋଲିସକୁ ଏ ବିଷୟରେ ଜଣାନ୍ତୁ। ଏହି ଅବସରରେ ବନ୍ଧମୁଣ୍ଡା ଥାନାର ସବ୍ ଇନ୍ସପେକ୍ଟର ମନସା ସାହୁ, ଏଏସଆଇ ଶ୍ରୀନିବାସ ଶେଠୀ ପ୍ରମୁଖ ମୁଖ ଉପସ୍ଥିତ ଥିଲେ।

### ଆଭାସୀ ଜରିଆରେ ପୋଲିଂ ଅଧିକାରୀଙ୍କୁ ପ୍ରଶିକ୍ଷଣ

ସୁନ୍ଦରଗଡ଼,୨୭।୪ (ଜୟ ନାରାୟଣ ମେଣ୍ଡୁଲି): ପୋଲିଂ ଅଧିକାରୀଙ୍କୁ ଆଭାସୀ ମାଧ୍ୟମରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସ୍ଥିତ ଭର୍ଚୁଆଲ ଷ୍ଟୁଡିଓଠାରେ ଶନିବାର ପୋଲିଂ ଅଧିକାରୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣରେ ତାଲିମ ନେଇଥିବା ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂ ଅଧିକାରୀ ଯୋଗ ଦେଇଥିଲେ। ୧୩୫ ବିଦ୍ୟାଳୟରେ ଥିବା ଭର୍ଚୁଆଲ ଷ୍ଟୁଡିଓ ଗୁଡିକରେ ମୋଟ ୨୨୩୩ ଜଣ ପ୍ରିଜାଇଡିଂ ଅଫିସର ଏବଂ ୨୨୩୩ ଜଣ ପ୍ରଥମ ପୋଲିଂ ଅଧିକାରୀ ଉପସ୍ଥିତ ଥିଲେ। ଏହି ପରୀକ୍ଷଣ କାର୍ଯ୍ୟକ୍ରମରେ ଜିଲାପାଳ ଡ. ପରାଗ ଗଭାଲି, ଅତିରିକ୍ତ ଜିଲା (ସାଧାରଣ) ରବି ନାରାୟଣ ସାହୁ ଏବଂ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝି ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଭାବେ ନିଯୋଜିତ ହୋଇଥିବା ପିଏଆଇଟିଡିଏ ସୁନ୍ଦରଗଡ଼ ଧୀରେନ୍ଦ୍ର ସେଠୀ, ଟାଙ୍ଗରପାଲି ତହସିଲଦାର ରାଜୀବ ହାଁସଦା, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ମତଦାନ ସମୟରେ ବୁଥ ପରିଚାଳନା କିଭଳି କରିବେ ସେନେଇ ତାଲିମ ଦେଇଥିଲେ। ବୁଥରେ ପ୍ରିଜାଇଡିଂ ଅଫିସରଙ୍କ ଭୂମିକା କ'ଣ ରହିବ, ସେ କେଉଁ କେଉଁ ଫର୍ମ ଆଦି ପୂରଣ କରିବେ ତାହା ଉପରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯାଇଥିଲା। ସେହିଭଳି ବୁଥରେ ପ୍ରଥମ ପୋଲିଂ ଅଧିକାରୀଙ୍କ କ'ଣ ସବୁ ଭୂମିକା ରହିବ ତାହା ନେଇ ଆଲୋଚନା କରାଯାଇଥିଲା।

### ତେଲ ଟ୍ୟାଙ୍କର ଧକ୍କାରେ ମହିଳା ଗୁରୁତର

କୁଆଁରମୁଣ୍ଡା,୨୭।୪(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ହାତିବାରି ରୋଡର ଭୋଲଟମ ଛକରେ ଗୁରୁବାର ପୂର୍ବାହ୍ନରେ ଏକ ତେଲ ଟ୍ୟାଙ୍କର ସିଜି-୨୨- ଏକ୍ସ -୯୫୦୬ ଜଣେ ମହିଳାଙ୍କୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱରେ ଥିବା ଏକ ରାସନ ଦୋକାନ ଭିତରେ ପଶି ଯାଇଥିଲା। ଫଳରେ ଉକ୍ତ ଦୋକାନ ସମେତ ପାଖରେ ଥିବା ଅନ୍ୟ ଏକ ଦୋକାନ ଭାଙ୍ଗି ଚୁରମାର୍ ହୋଇଯାଇଛି। ଏ ନେଇ ରାସନ ଦୋକାନ ମାଲିକ ଶନିବାର କୁଆଁରମୁଣ୍ଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ଏକ ମାମଲା ନଂ. ୧୫୫/୨୪ ରୁଜୁ କରିଛନ୍ତି। ଘଟଣାର ତଦନ୍ତ ଦାୟିତ୍ୱ ଏଏସଆଇ ଶ୍ରୀନିବାସ ଦାସଙ୍କୁ ଦେଇଛନ୍ତି। ଅନ୍ୟ ପକ୍ଷରେ ଉକ୍ତ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା କୁଆଁରମୁଣ୍ଡାର ନମିତା ଲୁଗୁନ ରାଉରକେଲାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ସେହିପରି ଘଟଣାକୁ ୨ ଦିନ ବିତି ଯାଇଥିଲେ ମଧ୍ୟ ଦୁର୍ଘଟଣା ସ୍ଥଳରୁ ତେଲ ଟ୍ୟାଙ୍କର ହଟାଯାଇ ନାହିଁ। ଫଳରେ ରାସ୍ତାରେ ଯାତାୟତରେ ଅନ୍ୟ ଗାଡ଼ି ଚାଳକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

# ଅପରାଧପ୍ରବଣ ରାଉରକେଲା ରେଳଷ୍ଟେଶନ

■ ୨ ମାସରେ ୨ ଛୁରାମାଡ଼ ଘଟଣା
■ ନାବାଳକ ଅପରାଧୀଙ୍କ ସଂଖ୍ୟା ଅଧିକ
■ ସୁରକ୍ଷା ବଳ କର୍ମଚାରୀ ଅଭାବ

ରାଉରକେଲା,୨୭।୪(ସଙ୍ଗୀତା ଜେନା)

ଦକ୍ଷିଣ ପୂର୍ବ ରେଳପଥ ଅଧୀନରେ ଥିବା ରାଉରକେଲା ରେଳ ଷ୍ଟେଶନର ପ୍ରମୁଖତା ରହିଆସିଛି। ଦୂରଦୂରାନ୍ତକୁ ଯାତ୍ରା କରିବା ପାଇଁ ପ୍ରତିଦିନ ଏହି ଷ୍ଟେଶନକୁ ହଜାର ହଜାର ଯାତ୍ରୀ ଆସିଥାନ୍ତି। ହେଲେ ପ୍ଲାଟ୍‌ଫର୍ମରେ ସୁରକ୍ଷା ଅବହେଳା ଯୋଗୁ ଏହା ଦିନକୁ ଦିନ ଅପରାଧପ୍ରବଣ ହେଉଥିବା ଅଭିଯୋଗ ହୋଇଛି। ଏଠାରେ ନିଶାସକ୍ତ ଅବସ୍ଥାରେ ନାବାଳକମାନେ ଯାତ୍ରୀଙ୍କୁ ଛୁରାମାଡ଼କରି ଲୁଟପାଟ କରୁଛନ୍ତି। ଏହି ନାବାଳକଙ୍କ ଟାର୍ଗେଟରେ ଦୂରଗାମୀ ଟ୍ରେନ୍‌ଯାତ୍ରୀମାନେ ରହିଛନ୍ତି। ସନ୍ଧ୍ୟା କିମ୍ବା ରାତି ସମୟରେ ଟ୍ରେନ୍‌ଗୁଡ଼ିକ ପ୍ଲାଟ୍‌ଫର୍ମ ୪ ଓ ୫ରେ ରହିଲେ ଯାତ୍ରୀମାନେ ଚଳପ୍ରଚଳ ପାଇଁ ଓହ୍ଲାଇଥାନ୍ତି। ଏହାର ସୁଯୋଗ ନେଇ ସେମାନ ଯାତ୍ରୀଙ୍କୁ ଆକ୍ରମଣକରି ମୋବାଇଲ, ଟଙ୍କା, ସୁନାଗହଣା ଲୁଟ୍ କରୁଥିବା ରାଉରକେଲା ରେଳବାଇ ସୁରକ୍ଷା ବଳ ଓ ଜିଆର୍‌ପି ଥାନାରେ ଅଭିଯୋଗ ହୋଇଛି। ମାର୍ଚ୍ଚ ୨୩ରେ ଉତ୍ତରପ୍ରଦେଶର ୪ ଜଣ ଯୁବକ ବିହାର ଯାତ୍ରା କରୁଥିଲେ। ରାଉରକେଲା ଷ୍ଟେଶନରେ ଟ୍ରେନ୍ ରହିବା ପରେ ଜଣେ ଯୁବକ ପରିସ୍ରା କରିବା ପାଇଁ ପ୍ଲାଟ୍‌ଫର୍ମର ଅନ୍ଧାରୁଆ ସ୍ଥାନକୁ ଯାଇଥିଲେ। ସେଠାରେ ଉକ୍ତ ଯାତ୍ରୀଙ୍କୁ ସଂଘବଦ୍ଧ ଭାବେ କେତେଜଣ



ଛୁରାମାଡରେ ଆହତ ହୋଇଥିବା ଜଣେ ଯୁବକ।

ନାବାଳକ ଛୁରାମାଡ଼ କରିଥିଲେ। ଏନେଇ ସେ ଜିଆର୍‌ପିରେ ଅଭିଯୋଗ କରିଥିଲେ। ସେହିପରି ୨ ଦିନ ପୂର୍ବେ ସମାନ ପ୍ଲାଟ୍‌ଫର୍ମରେ ଝାଡ଼ଖଣ୍ଡର ଜଣେ ଯାତ୍ରୀଙ୍କୁ ଛୁରିରେ ଆକ୍ରମଣକରି ତାଙ୍କଠାରୁ ଦାମୀ ମୋବାଇଲ ଓ ଟଙ୍କା ଲୁଟ୍‌କରି ନେଇଛନ୍ତି। ଏହାର ଅଭିଯୋଗ ପରେ ପୋଲିସ ୨ ଜଣ ନାବାଳକଙ୍କ ସମେତ ୨ ଯୁବକଙ୍କୁ ଗିରଫ କରିଥିଲା। ଅଧିକ ସଂଖ୍ୟାରେ ମୋବାଇଲ ଛିନ୍ତାଇ କରାଯାଉଥିବା ଅଭିଯୋଗ ମଧ୍ୟ ହୋଇଛି। ରାଉରକେଲା ରେଳବାଇ ସୁରକ୍ଷା ବଳର ସୂଚନା ଅନୁଯାୟୀ, ଚଳିତ ବର୍ଷ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୧୬ରୁ ଊର୍ଦ୍ଧ୍ୱ ମୋବାଇଲ ଓ ଦାମୀ ସାମଗ୍ରୀ ଛିନ୍ତାଇ ହୋଇଛି। ଏହାର ଅଦ୍ୟାବଧି ତଦନ୍ତ ଜାରି ରହିଛି। ପ୍ଲାଟ୍‌ଫର୍ମରେ ଥିବା ବ୍ୟବସାୟୀଙ୍କ ମତରେ ପ୍ଲାଟ୍‌ଫର୍ମ ୧,୨ ଓ ୩ ରେ କମ୍ ଅପରାଧ ହେଉଥିବା ବେଳେ ଅଧିକ ଆପରାଧିକ ମାମଲା ୪ ଓ ୫ ପ୍ଲାଟ୍‌ଫର୍ମରେ ହେଉଛି। ଏ ସମ୍ପର୍କରେ ଷ୍ଟେଶନର ସୁରକ୍ଷା ବଳ (ଆର୍‌ପିଏଫ୍) ଅଧିକାରୀ ଗୌତମ ପ୍ରସାଦ ଗାନ୍ଧୀଙ୍କୁ ପଚାରିବାରୁ, ପ୍ଲାଟ୍‌ଫର୍ମ ୪ ଓ ୫ ବନ୍ଧମୁଣ୍ଡା ଓ ଚକ୍ରଧରପୁର ଡାଉନ୍‌ଲାଇନରେ ରହିଛି। ଉକ୍ତ ପ୍ଲାଟ୍‌ଫର୍ମର ୪୦-୫୦ ମିଟର ପରେ ବିସ୍ତୀର୍ଣ୍ଣ ପଡ଼ିଆ। ରେଳବାଇ ସେଡ୍ ଓ ସିଆଇଏସ୍‌ଏଫ୍‌ର ଅବ୍ୟବହୃତ ଗୋଦାମ ରହିଛି। ଏହା ଶୂନ୍‌ଶାନ ଅଞ୍ଚଳ। ଏଠାରେ ରେଳ ବିଭାଗର ପାଚେରି ଥିଲେ ମଧ୍ୟ ତାହାକୁ ସ୍ଥାନୀୟ ଲୋକେ ଭାଙ୍ଗି ସେହି ରାସ୍ତାରେ ଯା'ଆସ କରୁଛନ୍ତି। ଅପରପକ୍ଷରେ, ଡେନ୍‌ଡ୍ରାଇଟ୍ ଓ ଡ୍ରଗ୍ସ ସେବନ କରୁଥିବା ନାବାଳକମାନେ ଏହି ପ୍ରକାର ଅପରାଧ ଘଟାଉଛନ୍ତି। ନିୟମିତ ପାଟ୍ରୋଲିଂ ହେଉଛି। ଷ୍ଟେଶନ ପରିସର ଓ ଟ୍ରେନ୍‌ଗୁଡ଼ିକରେ ସୁରକ୍ଷା ଦିଆଯାଉଛି। କର୍ମଚାରୀ ଅଭାବ ଯୋଗୁ ପ୍ଲାଟ୍‌ଫର୍ମରେ କର୍ମଚାରୀ ଅଧିକ ସମୟ ପାଟ୍ରୋଲିଂ କରୁପାରୁନାହାନ୍ତି। ପ୍ଲାଟ୍‌ଫର୍ମ ସଂଲଗ୍ନ ଜନବସତିରେ ମାଷ୍ଟରମାଇଣ୍ଡ ଅପରାଧୀମାନେ ନାବାଳକଙ୍କୁ ବିଭିନ୍ନ ଅପରାଧ କାର୍ଯ୍ୟରେ ନିୟୋଜିତ କରୁଛନ୍ତି। ଅନେକ ସମୟରେ ଜିଆର୍‌ପି ଓ ଆର୍‌ପିଏଫ୍ ପକ୍ଷରୁ ମିଳିତ ଅଭିଯାନ କରାଯାଉଛି। ତେବେ ନାବାଳକ ଅପରାଧୀଙ୍କ ସଂଖ୍ୟା ଅଧିକ ରହିଛି। ସେମାନଙ୍କ ନାମରେ ଏକାଧିକ ମାମଲା ରହିଛି ବୋଲି ଆର୍‌ପିଏଫ୍ ଅଧିକାରୀ ଗାନ୍ଧୀ କହିଥିଲେ।

## ଓରାମଙ୍କ ଉପସ୍ଥିତିରେ ଦଳରେ ମିଶିଲେ ସମର୍ଥକ




ଦଳରେ ସାମିଲ ହୋଇଥିବା ସମର୍ଥକ।

ରାଉରକେଲା,୨୭।୪(ବିପ୍ଳବ ରଞ୍ଜନ ଦାଶ)

ସାଧାରଣ ନିର୍ବାଚନ ପାଇଁ ଶୁକ୍ରବାରଠାରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ ଏବଂ ନାମାଙ୍କନ ପତ୍ର କିଣିବା ଆରମ୍ଭ ହୋଇଯାଇଛି। ଅନ୍ୟପଟେ ରାଉରକେଲା ଏବଂ ରଘୁନାଥପାଲି ନିର୍ବାଚନମଣ୍ଡଳୀରେ ହାଇଭୋଲ୍‌ଟେଜ ରାଜନୈତିକ ମିଶ୍ରଣ ପ୍ରକ୍ରିୟା ଜୋର୍‌ସୋର ଚାଲିଛି। ଉଭୟ ନିର୍ବାଚନମଣ୍ଡଳୀରେ ବହୁ ଛାମୁଆଁ ନେତା ନିଜ ସମର୍ଥକଙ୍କୁ ନେଇ ରୋଡ୍ ଶୋ କରି ଭାଜପା ଓ ବିଜେଡିର ମିଶ୍ରଣ ପର୍ବରେ ସାମିଲ ହୋଇଚାଲିଛନ୍ତି। ପ୍ରକାଶ ଥାଉକି, ଦିଲୀପ ରାୟ ଭାଜପାରୁ ଟିକେଟ ପାଇବା ପରଠାରୁ ପ୍ରତ୍ୟେକ ଦିନ ମିଶ୍ରଣ ପର୍ବ ହେଉଥିବା ବେଳେ ସପ୍ତାହେ ମଧ୍ୟରେ ସହରର ବିଭିନ୍ନ ଅନୁଷ୍ଠାନ,ସଙ୍ଗଠନ ଓ ରାଜନୈତିକ ଦଳର ଛାମୁଆଁ ନେତା ଦଳରେ ମିଶି ସାରିଛନ୍ତି। ଏହି ପରିପ୍ରେକ୍ଷୀରେ ଭାଜପା ଏମ୍‌ପି ପ୍ରାର୍ଥୀ ଜୁଏଲ ଓରାମ ଓ ରଘୁନାଥପାଲି ବିଧାୟକ ପ୍ରାର୍ଥୀ ଦୁର୍ଗା ତନ୍ତୀଙ୍କୁ ସମର୍ଥନ ଜଣାଇ ଉଦିତନଗର ଓ ଛେଣ୍ଡରୁ ବହୁମାତ୍ରାରେ ଲୋକ ଜିଲା ଭାଜପା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଉପସ୍ଥିତିରେ ଜିଲା ସମ୍ପାଦକ ଦୀପକ ତିୱାରୀ ଓ ଉଦିତନଗରର ଅର୍ଜୁନ ଅଗ୍ରବାଲାଙ୍କ ନେତୃତ୍ୱ କ୍ରମେ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରମିଳା ଦାସଙ୍କ ସହଯୋଗରେ ଓରାମଙ୍କୁ ଭେଟି ଦଳରେ ଯୋଗଦେଇଛନ୍ତି। ଏହା ଉଭୟ ନିର୍ବାଚନମଣ୍ଡଳୀରେ ରାଜନୀତି ପାଣିପାଗକୁ ଆହୁରି ସରଗରମ କରିବ ବୋଲି ରାଜନୈତିକ ସମୀକ୍ଷକଙ୍କ ମହଲରେ ଆଲୋଚନା ହେଉଛି।




ଅତିଥିଙ୍କ ଗ୍ରହଣରେ ପ୍ରତିଯୋଗୀ ।

## କଂଗ୍ରେସର କର୍ମୀ ସମ୍ମିଳନୀ

ବଡ଼ଗାଁ,୨୭।୪( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଏକମା ଗ୍ରାମର ମହକୁଲପଡ଼ା ଆମ୍ବତୋଟାଠାରେ ଶନିବାର ପୂର୍ବାହ୍ନରେ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଏକମା, ବମଡେରା ଓ ଟିମନା ପଞ୍ଚାୟତର କର୍ମୀମାନେ ଯୋଗଦେଇଥିଲେ। ବ୍ଲକ କଂଗ୍ରେସ ସଭାପତି ଚିନ୍ତାମଣି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କର୍ମୀ ସମ୍ମିଳନୀରେ କଂଗ୍ରେସ ପ୍ରାର୍ଥୀ ଦେବେନ୍ଦ୍ର ଭିତ୍ରିଆ, ବମଡେରା ପଞ୍ଚାୟତ ସଭାପତି ଉଇଲିୟମ ଖେସ, ଟିମନା ପଞ୍ଚାୟତ ସଭାପତି ଆନନ୍ଦ କୁଜୁର, ଏକମା ପଞ୍ଚାୟତ ସଭାପତି ବିର୍ସା ଭେଂଗ୍ରା, ବରିଷ୍ଠ କର୍ମୀ ମାର୍ଟିନ କୁଜୁର, ଦିଲୀପ କୁଜୁର, ଜେରମ ମିଞ୍ଜ, ଆଣ୍ଟୋନି କୁଜୁର, ଲାଜରୁସ୍ ଏକ୍କା, ସୂର୍ଯ୍ୟମଣି ନାଏକ, ଲଳିତ ଏକ୍କା, ସନ୍ତୋଷ ମହାକୁଲ, ଅଶୋକ ବେହେରା, ହରିହର ବାରିକ, ସୁଧୀର କେର୍‌କେଟାଙ୍କ ସହିତ ଶତାଧିକ କର୍ମୀ ଯୋଗଦେଇଥିଲେ। କେନ୍ଦ୍ରର ମୋଦି ସରକାର ଓ ରାଜ୍ୟରେ ନବୀନ ସରକାରଙ୍କ ବିଫଳତା, ଗରିବ ମାରଣ ନୀତି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। କଂଗ୍ରେସ ସରକାରକୁ ଆସିଲେ ଗରିବ, ଆଦିବାସୀ, ମହିଳା, କୃଷକ, ଯୁବକ ଯୁବତୀଙ୍କ ସହିତ ସମସ୍ତ ବର୍ଗର ଲୋକଙ୍କୁ ସୁହାଇଲା ଭଳି ଦେଇଥିବା ଇସ୍ତାହାରକୁ କାର୍ଯ୍ୟକାରୀ କରାଯିବ ବୋଲି କଂଗ୍ରେସ ନେତା ବୁଝାଇଥିଲେ। ଏହି ବାର୍ତ୍ତାକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନେତାମାନେ କର୍ମୀଙ୍କୁ କହିଥିଲେ। ଲୋକ ସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀ ଓ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ଭିତ୍ରିଆଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ନିବେଦନ କରିଥିଲେ।

## ଖରାରେ କାମ କରୁଛନ୍ତି ଶ୍ରମିକ

ରାଉରକେଲା,୨୭।୨(ବିପ୍ଳବ ରନ ଦାଶ)

**ନିୟମକୁ ଅଣଦେଖା**

ପ୍ରବଳ ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଶ୍ରମ ବିଭାଗ ଏପ୍ରିଲରୁ ମେ ମାସ ଯାଏଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ଯାଏଁ ଶ୍ରମିକଙ୍କୁ କାମ ନ କରିବା ପାଇଁ ଆଦେଶ ଦେଇଛି। ହେଲେ ନିୟମକୁ ବେଖାତିର କରି ଟାଣ ଖରାରେ ଶ୍ରମିକମାନେ କାମ କରୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାଉରକେଲା ସହରରେ। ଏଠାରେ ତାପମାତ୍ରା ୪୩ ଡିଗ୍ରୀ ଟପିଲାଣି। ହେଲେ ଶନିବାର ଉହଡହ ଖରାରେ ରାଉରକେଲା ରେଳ ଷ୍ଟେଶନ ପଛପଟେ ଶ୍ରମିକମାନେ କାମ କରୁଥିଲେ। ଏନେଇ ରେଳଷ୍ଟେଶନ ପରିଚାଳକ ପ୍ରଭାସ ଦାଶଙ୍କୁ ପଚାରିବାରୁ, ସଙ୍ଗେ ସଙ୍ଗେ ରେଳ ବିଭାଗୀୟ ଆଇଓଡବ୍ଲୁଙ୍କୁ ଜଣାଇଥିଲେ। ହେଲେ ଏହାପରେ ବି କାମ ଚାଲିଥିଲା। ପରେ ରାଉରକେଲା ୱେଲଫେୟାର ବିଭାଗୀୟ ଶ୍ରମ ଅଧିକାରୀ ଜଶୋବନ୍ତ ଅମାତଙ୍କୁ ଯୋଗାଯୋଗ କରିବାରୁ, ସେ ତୁରନ୍ତ ଏହି ବିଷୟରେ ଶ୍ରମ ବିଭାଗୀୟ ଦଳକୁ ଅବଗତ କରାଇଥିଲେ। ମହିଳା ଶ୍ରମିକଙ୍କୁ କାମରୁ ନିବୃତ କରାଇ ସଂପୃକ୍ତ ଠିକାଦାରଙ୍କୁ ଆଦେଶ ଉଲଘଂନ ନ କରିବାକୁ ବିଭାଗ ନିର୍ଦ୍ଦେଶ ଦେଇଥିଲା।



ଖରାରେ ଶ୍ରମିକମାନେ କାମ କରୁଛନ୍ତି।

## ଖେଳ ବୌଦ୍ଧିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ

ରାଉରକେଲା, ୨୭।୪(ସଙ୍ଗୀତା ଜେନା)

**ପ୍ରଥମ ରୟାଲ ଓପେନ୍ କରାଟେ ଚାମ୍ପିୟନ୍‌ଶିପ୍ ଉଦ୍‌ଘାଟିତ**

ଓଡ଼ିଶା ସିତାରିୟୁ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ୍ ପକ୍ଷରୁ ସେକ୍ଟର-୫ ଭଞ୍ଜଭବନ ଠାରେ ଶନିବାର ପ୍ରଥମ ରୟାଲ ଓପେନ୍ କରାଟେ ଚାମ୍ପିୟନ୍‌ଶିପ୍ ଉଦଘାଟିତ ହୋଇଯାଇଛି। ଏଥିରେ ଉଦଘାଟକ ଭାବେ ଶ୍ରମ ମନ୍ତ୍ରୀ ସାରଦା ନାୟକ, ମୁଖ୍ୟ ଅତିଥି ରାଉରକେଲା ଏସ୍‌ପି ବ୍ରିଜେଶ ରାୟ, ବରିଷ୍ଠ ଆଇନଜୀବୀ ସୁଦାମ ଦାଶ, ଅନୁଷ୍ଠାନର ମୁଖ୍ୟ ନିର୍ଦ୍ଦେଶକ (ଓଡ଼ିଶା) ତଥା ପରୀକ୍ଷକ ଧର୍ମେନ୍ଦର ସିଂହ, ସଭାପତି ରାଜେଶ ପ୍ରସାଦ ଦାସ, ସମ୍ପାଦକ ଶିବପ୍ରସାଦ ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମନ୍ତ୍ରୀ ନାୟକ ନିୟମିତ ପରିଶ୍ରମ, ଅଧ୍ୟବ୍ୟବସାୟ ତଥା ଅଭ୍ୟାସ ଖେଳାଳି ପାଇଁ ଅତ୍ୟନ୍ତ ଜରୁରୀ। ବିପରୀତ ପରିସ୍ଥିତିରେ ଖେଳ ପ୍ରତି ଡଳି ରହିବା ହିଁ ପ୍ରକୃତ ଖେଳାଳୀର ପରିଚୟ ଅଟେ ବୋଲି ନାୟକ କହିଥିଲେ। ସେହିପରି ମୁଖ୍ୟ ଅତିଥି ଏସ୍‌ପି ରାୟ କହିଥିଲେ, ଖେଳ ଦ୍ୱାରା ମଣିଷ ଜୀବନକୁ ଶୃଙ୍ଖଳିତ କରାଯାଇ ପାରେ। ଖେଳ କେବଳ ଶାରୀରିକ ନୁହେଁ ବରଂ ବୌଦ୍ଧିକ ଅଭିବୃଦ୍ଧିରେ ବେଶ ସହାୟକ ହୋଇଥାଏ ବୋଲି ଏସ୍‌ପି ରାୟ ମତବ୍ୟକ୍ତ କରିଥିଲେ। ଉକ୍ତ ଦ୍ୱିଦିବସୀୟ କରାଟେ ପ୍ରତିଯୋଗୀତାରେ ରାଜଗାଙ୍ଗପୁର, ସୁନ୍ଦରଗଡ଼, ରାଉରକେଲା, ଜାମସେଦପୁର, ଭୁବନେଶ୍ୱର, ଟିଟିଲାଗଡ଼, ବଲାଙ୍ଗୀର ଆଦିରୁ ୧୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ସବ୍ ଜୁନିଅରବର୍ଗରେ ୨୦ଜଣ, ଜୁନିଅର ବର୍ଗରେ ୭୦ ଜଣ, ସିନିଅର ବର୍ଗରେ ୫୦ ଜଣ ଓ କ୍ୟାଡେଟ୍ ବର୍ଗରେ ୧୦ ଜଣ ଅଂଶ ଗ୍ରହଣ କରିଛନ୍ତି। ଏଥିରେ ଶାରୀରିକ କୌଶଳ ଓ ଯୁଦ୍ଧକଳା ପ୍ରଦର୍ଶନ କରାଯାଇଥିଲା। ପରୀକ୍ଷକ ଧର୍ମେନ୍ଦର ସିଂହ ଏହାକୁ ପରିଚାଳନା କରିଥିବା ବେଳେ ସୁରେଶ ଷଣ୍ଢ, ରାଜେଶ ମେହେର, ରେହନ କାପାଡିଆ, ଆନନ୍ଦ ମଲ୍ଲିକ , ଆୟନ ପାତ୍ର, ସୁଶାନ୍ତ ବିଶ୍ୱାଳ, ଦେବୀଦତ୍ତା ମହାନ୍ତି , ନାରାୟଣ ପ୍ରଧାନ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗୀତାକୁ ପରିଚାଳନାରେ ସହଯୋଗ କରିଥିଲେ। ରବିବାର ଏହାର ଫାଇନାଲ ରାଉଣ୍ଡ ଓ ପୁରସ୍କାର ବିତରଣ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି।

## ବାଇକ୍ ଦୁର୍ଘଟଣା, ୩ ଗୁରୁତର

ବଡ଼ଗାଁ,୨୭।୪(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ସାହାଜବାହାଲ ପଞ୍ଚାୟତ ମଚାମରା ଗ୍ରାମ ନିକଟରେ ଶନିବାର ସକାଳେ ବାଇକ ଦୁର୍ଘଟଣାରେ ୩ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମଚାମରା ଗ୍ରାମର ସିପ୍ରୀୟାନ ଟେଟେ, ବିରାଜ କେରକେଟା ଓ ବିନୟ ଟେଟେ। ୩ ଜଣ ବାଇକ ଯୋଗେ ବଡ଼ଗାଁକୁ ରାମଲୀଳା ଦେଖିବାକୁ ଯାଇଥିଲେ। ସେଠାରୁ ସକାଳ ୬ଟାରେ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ପାର୍ଶ୍ୱରେ ଥିବା ହିଡରେ ଧକ୍କା ଦେଇ ଛିଟିକି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ବଡ଼ଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ସୁନ୍ଦରଗଡ ମେଡିକାଲକୁ ନିଆଯାଇଛି।

## ବୌଦ୍ଧିକ ସମ୍ପତ୍ତିର ଅଧିକାର ସମ୍ପର୍କରେ ଆଲୋଚନା ଚକ୍ର

ରାଉରକେଲା,୨୭।୪(ଦିନେଶ ମିଶ୍ର)

ସେକ୍ଟର-୧୨ ସ୍ଥିତ ରାଉରକେଲା ଆଇନ ମହାବିଦ୍ୟାଳୟ ପରିସରରେ ବୌଦ୍ଧିକ ସମ୍ପତ୍ତିର ଅଧିକାର ଦିବସ ପାଳନ ଅବସରରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଭୂରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗର ମୁଖ୍ୟ ଡ. ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବୌଦ୍ଧିକ ସମ୍ପତ୍ତିର ବିକାଶ କିପରି ଜାତୀୟ ସମ୍ପତ୍ତି ତଥା ଜ୍ଞାନ ବିକାଶରେ ସହାୟକ ହୋଇଥାଏ ଉକ୍ତ ବିଷୟରେ ଅତିଥି ସାହୁ ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅଧ୍ୟକ୍ଷ ଡ. ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନା ସଭାରେ ଆଲୁମିନୀ ଆସୋସିଏଶନର ସଭାପତି ଡ. ସୁମନ ଦତ୍ତ, ଲୋକସମ୍ପର୍କ ଅଧିକାରୀ କୁଞ୍ଜବିହାରୀ ରାଉତ, ସ୍ୱାହା ରାୟ, ସୁମାରାଣୀ ଗିରି, ଅଧାପିକା ଡ. ସମ୍ପାଦିକା ମହାନ୍ତି, ଡ.ପଞ୍ଚାପାରମିତା ପଣ୍ଡା, ତନ୍ମୟରାଜ ପାଢୀ, ଅମିତା ଜେନା, ସୁଜାତା ନାୟକ, ଅକ୍ଷୟ ଦାଶ, ଲକ୍ଷ୍ମୀପ୍ରିୟା ସାହୁ, ନିତ୍ୟାନନ୍ଦ ବିଶୋଇ, ନନ୍ଦକିଶୋର ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଛାତ୍ର ଦେବାଶିଷ ପାଣି ସଂଯୋଜନା କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ବୃନ୍ଦ।

## ଜୀବନରେ ଲକ୍ଷ୍ୟ ପୂରଣ ପାଇଁ ନିରନ୍ତର ପ୍ରୟାସ ଆବଶ୍ୟକ

ରାଉରକେଲା,୨୭।୪(ସଙ୍ଗୀତା ଜେନା)




**ସିଭିଲ ସର୍ଭିସ କୃତୀ ଛାତ୍ରୀଛାତ୍ର ସମ୍ବର୍ଦ୍ଧିତ**

ୟୁପିଏସ୍‌ସି ସିଭିଲସର୍ଭିସ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪ଜଣ ଏନ୍‌ଆଇଟି ରାଉରକେଲାର ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାନୁଷ୍ଠାନ ପରିସରରେ ଥିବା ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ସନ୍ଧ୍ୟାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ସଭା ସହିତ ଅଭିଜ୍ଞତା ଓ ମତବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୨୦୨୧ କମ୍ପ୍ୟୁଟର ସାଇନ୍ସର ଛାତ୍ର ତଥା ସର୍ବଭାରତୀୟ ସ୍ତରରେ ସିଭିଲ ସର୍ଭିସରେ ଦ୍ୱିତୀୟ ସ୍ଥାନରେ ଥିବା ଅନିମେଶ ପ୍ରଧାନ, ୨୦୧୮ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଛାତ୍ର ତଥା ସିଭିଲସର୍ଭିରେ ୧୭୬ ର୍‍ୟାଙ୍କ ରଖିଥିବା ପଦ୍ମନାଭ ମିଶ୍ର, ୨୦୧୬ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ତଥା ସର୍ବଭାରତୀୟ ସ୍ତରରେ ୩୪୩ ର୍‍ୟାଙ୍କ ରଖିଥିବା ବିଶ୍ୱଜିତ୍ ପଣ୍ଡା, ୨୦୧୯ ବ୍ୟାଚର ମାନବିକତା ଓ ସାମାଜିକ ବିଜ୍ଞାନ ଛାତ୍ରୀ ତଥା ସର୍ବଭାରତୀୟ ସ୍ତରରେ ୪୨୬ ର୍‍ୟାଙ୍କ ରଖିଥିବା ଅନୁଷ୍କା ସରକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହେଲେ ଅନ୍ୟ ଜଣେ ଛାତ୍ରୀ କଲୋଲ ହଜାରିକା ଅନୁପସ୍ଥିତ ଥିଲେ। ପ୍ରାରମ୍ଭରେ ଡିନ୍ ଆଲୁମିନି ପ୍ରଫେସର ହିମାଂଶୁ ଭୂଷଣ ସାହୁ ସମ୍ବର୍ଦ୍ଧିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ କହିଥିଲେ, ଏହି ପରି ଛାତ୍ରୀଛାତ୍ର ଏନ୍‌ଆଇଟି ରାଉରକେଲାର ଅତୀତ ଓ ଭବିଷ୍ୟତ ଉଜ୍ଜ୍ୱଳ କରିଛନ୍ତି। ଅନିମେଶ ପ୍ରଧାନ କହିଥିଲେ, ଏନ୍ ଆଇଟିର ଇକୋସିଷ୍ଟମ ଆଜି ସଫଳତାର ମୁଖ୍ୟ ଅଂଶୀଦାର ଅଟେ। ସବୁବେଳେ ପ୍ଲାନ୍-ଏ ସହିତ ପ୍ଲାନ୍ -ବି କୁ ଯୋଗାଡ଼ କରିବା ଦରକାର। ଜୀବନରେ ଲକ୍ଷ୍ୟ ପୂରଣ ପାଇଁ ନିରନ୍ତର ପ୍ରୟାସ ଓ ସର୍ବଶ୍ରେଷ୍ଠ ପ୍ରଦର୍ଶନ ଆବଶ୍ୟକ ବୋଲି ପ୍ରଧାନ କହିଥିଲେ। ଗତବର୍ଷ ସିଭିଲସର୍ଭିସରେ କୃତକାର୍ଯ୍ୟ ହୋଇଥିବା ତଥା ଏନ୍‌ଆଇଟି ୨୦୧୯ ବ୍ୟାଚ କସ୍ତୁରୀ ପଣ୍ଡାଙ୍କ ପ୍ରଦତ୍ତ ସନ୍ଦେଶ ପାଠ କରାଯାଇଥିଲା। ସିଭିଲସର୍ଭିସ କୃତୀ ଛାତ୍ରୀଛାତ୍ର ନିଜର ଅଭିଜ୍ଞତା ବାଣ୍ଟିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କ ସହ ମତବିନିମୟ କରିଥିଲେ। ଶେଷରେ ଡିନ୍ ପ୍ରଫେସର ପଙ୍କଜ ସା ଧନ୍ୟବାଦ ଅର୍ପଣ କରିଥିଲେ।

## ଏ ସପ୍ତାହର ପ୍ରଶ୍ନ

୧– ସିଏମ୍‌ଏଫ୍‌ଆର୍‌ଆଇର ଫୁଲ୍‌ଫର୍ମ .................... ?
୨– ୱାର୍ଲ୍ଡ ଇମ୍ୟୁନାଇଜେଶନ୍ ୱିକ୍‌ର ଥିମ୍................. ?
୩– ପୃଥିବୀର ସର୍ବାଧିକ ସୈନ୍ୟବାହିନୀ ଥିବା ଦେଶ ............. ?
୪– ନିକଟରେ ପ୍ରଧାନମନ୍ତ୍ରୀ ଭଗବାନ ମହାବୀର ନିର୍ବାଣ ମହୋତ୍ସବ .........ଠାରେ ଉଦ୍‌ଘାଟନ କରିଥିଲେ ?
୫– ପୃଥିବୀର ସବୁଠାରୁ ଲୋକପ୍ରିୟ ଭିଡିଓ ଗେମ୍ .............. ?

## ଗତ ଥରର ଉତ୍ତର

୧ ଥିରୁଭାନନ୍ତପୁରମ୍ ସିଟି
୨ ଏସ୍. ଜୟଶଙ୍କର
୩ ହିମାଚଳ ପ୍ରଦେଶ
୪ କ୍ରିକେଟ୍
୫ ସୈଦ୍ ଅମୀର୍ ଅଲି

## ଉତ୍ତରଦାତା


କିଶୋର ଚନ୍ଦ୍ର ପାଣି, ଭୁବନେଶ୍ୱର


ମାନସ ରଞ୍ଜନ ପଟ୍ଟନାୟକ, ଭୁବନେଶ୍ୱର


ସରୋଜ କୁମାର ସାହୁ, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ କରାଟେ ଖେଳାଳି

୧........ ଲ୍ୟୋଟୋ ମାଚିଡା
୨........ ଜର୍ଜ ସେଣ୍ଟ ପିରେ
୩........ ଷ୍ଟିଫେନ୍ 'ଓଣ୍ଡରବଏ' ଥମ୍‌ସନ୍
୪........ ଚକ୍ ଲିଡେଲ୍
୫........ ବାସ୍ ରୁଟନ୍
୬........ କ୍ୱୋଜି ହୋରିଗୁଚି
୭........ ରୋବର୍ଟ ହ୍ୱିଟାକର୍
୮........ ଗୁନାର୍ ନେଲ୍‌ସନ୍
୯........ ଫ୍ରାଙ୍କ୍ ମିର୍
୧୦........ ଗାଏ ମେଜ୍‌ଗର୍


ଲ୍ୟୋଟୋ ମାଚିଡା

# ପ୍ରତିବନ୍ଧକ ନ ସାଜୁ ଭୟ

**କେବଳ ଭଲ ପାଠପଢ଼ା ନୁହେଁ, କୌଣସି କ୍ଷେତ୍ରରେ ସଫଳ ହେବାକୁ ହେଲେ ଇଣ୍ଟରଭ୍ୟୁ ବା ଓରାଲ୍ ଟେଷ୍ଟରେ ଭଲ ପ୍ରଦର୍ଶନ କରିବା ବି ଗୁରୁତ୍ୱପୂର୍ଣ୍ଣ। ହେଲେ ଅନ୍ୟ ସମ୍ମୁଖରେ କିଛି କହିବାର ଭୟ କେତେକଙ୍କୁ ସଫଳତାର ସ୍ୱାଦ ଚାଖିବାରୁ ବଞ୍ଚିତ କରିଥାଏ। ତେଣୁ ଜୀବନରେ ଆଗକୁ ବଢ଼ିବାକୁ ହେଲେ ଦୃଢ଼ ମନୋବଳ ଓ ଆତ୍ମପ୍ରଚେଷ୍ଟା ବଳରେ ନିଜ ଭିତରୁ ଏହି ଭୟ ଦୂର କରିବା ଜରୁରୀ...**



ଭଲ ପାଠ ପଢ଼ିବା, କ୍ଲାସ୍ ପରୀକ୍ଷା ହେଉ ଅବା ଜବ୍ ପାଇଁ ରିଟିନ୍ ଟେଷ୍ଟରେ ସବୁ ଉତ୍ତର ଠିକ୍ ଭାବେ ଲେଖିବା ହୁଏତ ଅନେକ ଯୁବପିଢ଼ିଙ୍କ ପାଇଁ ସହଜ ହୋଇପାରେ। ହେଲେ ସେମାନଙ୍କ ମଧ୍ୟରୁ ଅନେକ ଏଭଳି ବି ଥାଆନ୍ତି, ଯିଏ ସର୍ବସାଧାରଣଙ୍କ ସମ୍ମୁଖରେ କିଛି କହିବାକୁ ହେଲେ ଭୟରେ ଭୁଲ୍ କହିଦିଅନ୍ତି ଅବା ଚୁପ୍ ରୁହନ୍ତି, ଯାହାକି ସେମାନଙ୍କ ଉନ୍ନତି ପଥରେ ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଥାଏ। ତେଣୁ ସଫଳ ହେବାକୁ ହେଲେ ମନ ଭିତରେ ଥିବା ଏହି ଭୟ ଦୂର କରିବା ପାଇଁ ଦୃଢ଼ ଆତ୍ମବିଶ୍ୱାସ ଓ ବାରମ୍ବାର ପ୍ରଚେଷ୍ଟା କରିବା ଆବଶ୍ୟକ...

**ଜରୁରୀ ପୂର୍ବ ପ୍ରସ୍ତୁତି:** କୌଣସି ଇଣ୍ଟରଭ୍ୟୁ ଅବା କାର୍ଯ୍ୟକ୍ରମରେ ଯୋଗ ଦେବା ପୂର୍ବରୁ ପ୍ରଥମେ ନିଜକୁ ଭଲ ଭାବେ ପ୍ରସ୍ତୁତ କରିବା ଆବଶ୍ୟକ। ଏହାର ଉଦ୍ଦେଶ୍ୟ ଏବଂ ବିଷୟବସ୍ତୁକୁ କ'ଣ ଜାଣି ଭଲ ଭାବେ ପଢ଼ିବା ସହ କିପରି କହିବେ ସେନେଇ ପୂର୍ବ ପ୍ରସ୍ତୁତି କଲେ ଭୟ ଦୂର ହୋଇପାରିବ।

**ଆତ୍ମବିଶ୍ୱାସ ବୃଦ୍ଧି କରନ୍ତୁ:** ଜବ୍ ଇଣ୍ଟରଭ୍ୟୁ ହେଉ ଅବା ସଭାସମିତିରେ ଭାଷଣ ଦେବାକୁ ହେଲେ ଅନେକେ ଭୟରେ ପଛଘୁଞ୍ଚା ଦିଅନ୍ତି। ଏହି ଭୟର ମୁଖ୍ୟ କାରଣ ହେଉଛି ଆତ୍ମବିଶ୍ୱାସର ଅଭାବ, ଯାହାକୁ ବୃଦ୍ଧି କରିବା ଲାଗି ସର୍ବପ୍ରଥମେ ମନରୁ 'ମୁଁ କହିପାରିବି ନାହିଁ, ଭୁଲ କହିଲେ ଅନ୍ୟମାନେ କ'ଣ ଭାବିବେ, ଯଦି ନ କହିପାରିବି ବିଫଳ ହୋଇଯିବି କି' ଭଳି ନକାରାତ୍ମକ ଭାବନା ଦୂର କରିବା ଆବଶ୍ୟକ। ମନରେ ସକାରାତ୍ମକ ଭାବନା ଓ ଦୃଢ଼ ଆତ୍ମବିଶ୍ୱାସ ରଖିଲେ ନିଜ କଥା ଅନ୍ୟମାନଙ୍କ ସମ୍ମୁଖରେ ଉପସ୍ଥାପନା କରିପାରିବେ।





**ଜାରି ରଖନ୍ତୁ ଅଭ୍ୟାସ:** କଥାରେ ଅଛି ଅଭ୍ୟାସ ବଳେ କାର୍ଯ୍ୟ ସିଦ୍ଧି। ତେଣୁ ସର୍ବସମ୍ମୁଖରେ କହିବାକୁ ନେଇ ନିଜ ମନରେ ଥିବା ଭୟ ଦୂର କରିବା ଲାଗି ବାରମ୍ବାର ଅଭ୍ୟାସ କରିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଦର୍ପଣ ଆଗରେ ପରିବାର ସଦସ୍ୟ କିମ୍ବା ବନ୍ଧୁମାନଙ୍କୁ ଦର୍ଶକ ଭାବେ ବସାଇ ସେମାନଙ୍କ ଆଗରେ କହିବା ଅଭ୍ୟାସ କରନ୍ତୁ। ଏହାଦ୍ୱାରା ନା କେବଳ ଆପଣଙ୍କ ସାହସ ବଢ଼ିବ ବରଂ ସେମାନଙ୍କଠାରୁ ମତାମତ ନେଇ କୌଣସି ତ୍ରୁଟି ଥିଲେ ଏହାକୁ ସୁଧାରିବାର ମଉକା ମିଳିବ ଏବଂ ଆପଣ ଏଥିନେଇ ଆପଣଙ୍କ ମନ ଭିତରେ ଥିବା ଭୟ ବି ଦୂର ହେବ।

**କରନ୍ତୁ ସ୍କିଲ୍ ଡେଭଲପ୍‌ମେଣ୍ଟ :** ଅନେକଙ୍କଠାରେ ଜନସାଧାରଣ ବା ଅଧିକ ଲୋକଙ୍କ ଆଗରେ କିଛି କହିବା କଥା ଶୁଣିବାମାତ୍ରେ ଦେହ ଥରିବା, ବ୍ୟସ୍ତ ହୋଇପଡ଼ିବା, ଝାଳ ବୋହିବା, ଭୟରେ ଓଠ ଶୁଖିଯିବା, ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ିବା, ବାରମ୍ବାର ମନା କରିବା ଭଳି ଲକ୍ଷଣ ଦେଖିବାକୁ ମିଳିଥାଏ। ଏମିତିକି ପବ୍ଲିକ୍‌ରେ ନିଜକୁ କିଛି କହିବାକୁ ହେବ ଜାଣିବାମାତ୍ରେ କାହା କାହାକୁ ଭୟରେ ଝାଡ଼ା, ପରିସ୍ରା ମଧ୍ୟ ଲାଗିଥାଏ। ତେବେ ଏହି ଭୟକୁ ମେଡିକାଲ ସାଇନ୍ସରେ ଗ୍ଲୋସୋଫୋବିଆ ବୋଲି କୁହାଯାଇଥାଏ, ଯାହାକୁ ଦୂର କରିବା ଲାଗି ନିଜସ୍ୱ ଚେଷ୍ଟା ନିତାନ୍ତ ଆବଶ୍ୟକ। ଏହା ବ୍ୟତୀତ ବର୍ତ୍ତମାନ ବିଭିନ୍ନ ସ୍ଥାନରେ ଖୋଲା ଯାଇଥିବା କମ୍ୟୁନିକେଶନ ସ୍କିଲ୍ ଡେଭଲପ୍‌ମେଣ୍ଟ, ଗ୍ରୁପ୍ ଡିସ୍କଶନ୍ ଭଳି ଟ୍ରେନିଂ ନେଇପାରିବେ।

**ହୁଅନ୍ତୁ ପ୍ରେଜେଣ୍ଟେବଲ୍:** ଅନେକ ଯୁବତୀଯୁବକ ସମସ୍ତଙ୍କ ସମ୍ମୁଖରେ କହିବା ସମୟରେ ଭୟକୁ ଲୁଚାଇବା ଆଳରେ ଏତେ ଯତ୍ନଶୀଳ ହୋଇଉଠନ୍ତି ଯେ, ଅପରପକ୍ଷେ ତାଙ୍କ ଉତ୍ତର ବା ବକ୍ତବ୍ୟ ଶୁଣୁଥିବା ବ୍ୟକ୍ତିଙ୍କ ନଜରରେ ତାଙ୍କ ଭୟ ସ୍ପଷ୍ଟ ବାରି ହୋଇଯାଉଛି ବୋଲି ସେମାନେ ଜାଣିପାରନ୍ତି ନାହିଁ। ଫଳସ୍ୱରୂପ ସେମାନେ ନିଜ ଉପସ୍ଥାପନାରେ ଅନ୍ୟମାନଙ୍କୁ ପ୍ରଭାବିତ କରିବାରେ ବିଫଳ ହୁଅନ୍ତି। ତେଣୁ ମନ ଭିତରେ ଡର ଥିଲେ ସୁଦ୍ଧା ଆପଣ ନିଜ ମତକୁ ଏଭଳି ଭାବେ ରଖନ୍ତୁ, ଯେପରି ତାହା ଅନ୍ୟକୁ ପ୍ରଭାବିତ କରିପାରିବ। ନିଜର ଉପସ୍ଥାପନା ଶୈଳୀକୁ ହୃଦୟସ୍ପର୍ଶୀ କରନ୍ତୁ ଏବଂ ନିଜର ବଡିଲାଙ୍ଗୁଏଜ୍ ଏବଂ ଫେସିଆଲ୍ ଏକ୍ସପ୍ରେଶନ୍ ପ୍ରତି ସଜାଗ ରୁହନ୍ତୁ।







## ୟୁଥ୍ ଆଲର୍ଟ

# ଖାଇବା ପୂର୍ବରୁ, ପରେ ପାଣି ପିଉଥିଲେ...

**ପିଲାବେଳେ ଖାଇବା ପୂର୍ବରୁ କିମ୍ବା ସରିବାମାତ୍ରେ ପାଣି ପିଇବା ବେଳେ ମା' କିମ୍ବା ପରିବାରର ଅନ୍ୟ ଗୁରୁଜନଙ୍କଠାରୁ ଅନେକେ ଗାଳି ମଧ୍ୟ ଶୁଣିଥିବେ ନିଶ୍ଚୟ। ହେଲେ କେତେଜଣ ଏକଥାକୁ ମାନି ଚଳିଥିବେ ? ତେବେ ଆପଣ ଜାଣନ୍ତିକି, ଖାଇବା ପୂର୍ବରୁ ଅବା ପରେ ପାଣି ପିଇଲେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ...**



⏭ଖାଇବା ପୂର୍ବରୁ ପାଣି ପିଇଲେ ଭଲ ବୋଲି ଅନେକଙ୍କ ମନରେ ଧାରଣା ରହିଛି। ହେଲେ ବାସ୍ତବରେ ଖାଇବା ପୂର୍ବରୁ ପାଣି ପିଇଲେ ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରୁଥିବା ଗ୍ୟାଷ୍ଟ୍ରିକ୍ ଜୁସ୍ ପାଣିରେ ମିଶି ପତଳା ହୋଇଯାଏ। ଫଳରେ ଖାଦ୍ୟ ଭଲ ଭାବେ ହଜମ ହୋଇପାରେ ନାହିଁ।

⏭ଖାଦ୍ୟ ଖାଇବା ପରେ ଶରୀର ଗରମ ଥାଏ। ଏ ସମୟରେ ପାଣି ପିଇଲେ ଶରୀରର ତାପମାତ୍ରାରେ ହଠାତ୍ ପରିବର୍ତ୍ତନ ହୋଇଥାଏ। ଫଳରେ ହଜମକ୍ରିୟା ପ୍ରଭାବିତ ହେବା ସହ ମେଟାବୋଲିଜମ୍ ପ୍ରଭାବିତ ହୋଇଥାଏ। ଏହା ମଧ୍ୟ ପରବର୍ତ୍ତୀ ସମୟରେ ମେଦବହୁଳତାର କାରଣ ସାଜିଥାଏ। ତେଣୁ ଖାଇବାର ଅତି କମ୍‌ରେ ଅଧଘଣ୍ଟା ପୂର୍ବରୁ ପାଣି ପିଇବା ଠିକ୍ ନୁହେଁ।

⏭ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇଲେ ଏସିଡିଟି, ଗ୍ୟାସ୍, ବ୍ଲୋଟିଂ ଭଳି ସମସ୍ୟା ବି ଦେଖାଦେଇଥାଏ। ତେଣୁ ଖାଇବା ଅଧ ଘଣ୍ଟା ପରେ ପାଣି ପିଅନ୍ତୁ।

⏭ଖରାଦିନେ ଥଣ୍ଡା ପାଣି ପିଇବାକୁ ଅନେକେ ଭଲ ପାଆନ୍ତି। ହେଲେ ଖାଇବା ପରେ ଥଣ୍ଡା ପାଣି ପିଇବା ଦ୍ୱାରା ଖାଦ୍ୟରେ ଥିବା ତେଲ, ଚର୍ବି ବା ଫ୍ୟାଟ୍ ଜମା ହୋଇ ରହିଯାଏ। ଫଳରେ ମେଦବହୁଳତା ପରିମାଣ ବୃଦ୍ଧି ପାଇଥାଏ।

## ୟୁଥ୍ ଫ୍ୟାଶନ

# ଅଜବ ରିଙ୍ଗ୍

**ସର୍ବଦା ଡିଫରେଣ୍ଟ ଷ୍ଟାଇଲ୍ ଫଲୋ କରି ଅନ୍ୟଠୁ ୟୁନିକ୍ ଲାଗିବା ଆଜିର ଯୁବପିଢ଼ିଙ୍କ ପାଇଁ ଯେମିତି ଏକ ଫ୍ୟାଶନ୍ ଷ୍ଟେଟ୍‌ମେଣ୍ଟ ପାଲଟି ଗଲାଣି। ଆଉ ଏହି ନିଶାରେ ସେମାନେ ଅନେକ ଅଜବ ଫ୍ୟାଶନ୍ ଆପଣେଇବାକୁ ବି ପଛାଉନାହାନ୍ତି। ସେମିତି ବର୍ତ୍ତମାନ ଅନେକ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଟ୍ରେଣ୍ଡ ପାଲଟିଛି ଅଜବ ରିଙ୍ଗ୍...**



**ୱାଚ୍ ରିଙ୍ଗ୍:** ମୁଦି ଉପରେ ଷ୍ଟୋନ୍ କିମ୍ବା ଭଳିକି ଭଳି ଡିଜାଇନ୍ ତ ସମସ୍ତେ ଦେଖିଥିବେ। ହେଲେ ମୁଦି ଉପରେ ଛୋଟ ଘଣ୍ଟା, ଅଜବ ଲାଗୁଥିଲେ ବି ବର୍ତ୍ତମାନ ଏହା ଅଧିକାଂଶ ଯୁବପିଢ଼ିଙ୍କ ପାଇଁ ଲାଟେଷ୍ଟ ଫ୍ୟାଶନ୍ ପାଲଟିଛି। ବଡ଼ ବଡ଼ ନାମୀଦାମୀ କମ୍ପାନୀ ଏଭଳି ୱାଚ୍ ରିଙ୍ଗ୍ ପ୍ରସ୍ତୁତ କରୁଛନ୍ତି, ଯାହା ଷ୍ଟାଇଲିଶ୍, ଟ୍ରେଣ୍ଡି ଏବଂ ୟୁନିକ୍ ଲାଗୁଛି। ଏହା ଉଭୟ ମୁଦି ଏବଂ ହାତଘଣ୍ଟାର କାମ କରୁଛି।

**ସ୍କଲ୍ ରିଙ୍ଗ୍:** ଏହି ମୁଦି ଦେଖିବାକୁ ଖୁବ୍ ଅଜବ। କାରଣ ଏହା ଉପରେ ମଣିଷର ସ୍କଲ୍ ବା ଖପୁରି ଆକାରର ଡିଜାଇନ୍ ରହିଛି। ହଠାତ୍ ଏହାକୁ ଦେଖିଲେ



ଭୟ ଲାଗିଥାଏ। ତେବେ ସିଲ୍‌ଭର ଅକ୍ସିଡାଇଜ୍‌ଡ ସ୍କଲ୍ ରିଙ୍ଗକୁ ଯୁବକମାନେ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।

**ମାଉସ୍ ରିଙ୍ଗ୍:** ମୂଷା ମୁହଁ ପରି ଡିଜାଇନ୍ କରାଯାଇଥିବା ଏହି ମୁଦି ଦେଖିବାକୁ ଆଇକ୍ୟାଚି ଓ ଫନି ହୋଇଥିବାରୁ ଯୁବପିଢ଼ି ଏହାକୁ ବେଶ୍ ପସନ୍ଦ କରୁଛନ୍ତି। କମ୍ ଟଙ୍କିଆ ଆର୍ଟିଫିସିଆଲ୍ ମ୍ୟାଟେରିଆଲ୍‌ଠୁ ଆରମ୍ଭ କରି ସୁନା, ରୁପା, ପ୍ଲାଟିନମ୍ ଆଦିର ମାଉସ୍ ରିଙ୍ଗ୍ ବି ମାର୍କେଟ୍‌ରେ ସହଜରେ ମିଳିଯାଉଛି। ।

**ବଟଲ ଓପ୍‌ନର ରିଙ୍ଗ୍:** ଏହି ମୁଦି ଦେଖିବାକୁ ନା କେବଳ ଟ୍ରେଣ୍ଡି ବରଂ ଏହାର କାମ ବି ଟୁ–ଇନ୍–ୱାନ୍ । ଅର୍ଥାତ୍ ଏଗୁଡ଼ିକ ଡିଫରେଣ୍ଟ ତଥା ଫଙ୍କି ଲୁକ୍ ଦେଉଥିବା ସହ କୋଲ୍ଡଡ୍ରିଙ୍କ୍ସ ଆଦି ବଟଲର୍ କ୍ୟାପ୍ ଖୋଲିବାରେ ସାହାଯ୍ୟ କରୁଥିବାରୁ ଯୁବକମାନେ ଏହାକୁ ଅଧିକ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି।





Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ